# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୪/୨୦୨୧ (୧୬ ପୃଷ୍ଠା) | Bhubaneswar, Friday, September 24/2021 | ★★★★

୪୭ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ଦ୍ୱିତୀୟ ଡୋଜ୍ ନେଉନାହାନ୍ତି

**କରୋନା ମହାମାରୀରୁ ବର୍ତ୍ତିବା ପାଇଁ ଟିକାକରଣକୁ ବିଶ୍ୱବ୍ୟାପୀ ଗୁରୁତ୍ୱ ଦିଆଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ ନେଇ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଏବେ ଲୋକମାନଙ୍କ ମଧ୍ୟରେ ଦ୍ୱିତୀୟ ଡୋଜ୍ ଟିକା ନେବାକୁ ସେତେଟା ଆଗ୍ରହ ପ୍ରକାଶ ପାଉନାହିଁ। ଟିକା ନେବା ପରେ ବି ଲୋକମାନେ ସଂକ୍ରମିତ ହେଉଛନ୍ତି ଏବଂ କେତେକ କ୍ଷେତ୍ରରେ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ଏହା ଲୋକଙ୍କ ମନରେ ଟିକାକୁ ନେଇ ନକାରାତ୍ମକ ଭାବନା ବଢ଼ୁଛି। ଆମେରିକା ସମେତ କେତେକ ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏପରିକି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସେଠାକାର ଜନସାଧାରଣଙ୍କୁ ଟିକା ନେବାକୁ ଅନୁରୋଧ କରୁଛନ୍ତି। ଭାରତ ତଥା ଓଡ଼ିଶାରେ ମଧ୍ୟ ଟିକାକୁ ନେଇ ଲୋକମାନଙ୍କ ମଧ୍ୟରେ ସେହିପରି ଭାବନା ସୃଷ୍ଟି ହେଉଛି। ରାଜ୍ୟରେ ପ୍ରାୟ ୨୮% ଲୋକ ଏପର୍ଯ୍ୟନ୍ତ ଦ୍ୱିତୀୟ ଡୋଜ୍ ନେବାକୁ ଆସୁ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି।**



ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କିଛିଦିନ ହେବ ୧୭୪ଟି କେନ୍ଦ୍ର ବୃଦ୍ଧି କରିଛନ୍ତି। ଏବେ ରାଜ୍ୟରେ ମୋଟ୍ ୧,୭୭୪ଟି କେନ୍ଦ୍ରରେ ଟିକାକରଣ ଚାଲିଛି। ଏପରିକି ଦୈନିକ ୪ଲକ୍ଷ ଡୋଜ୍ ଟିକାକରଣ ଲକ୍ଷ୍ୟ ରଖାଯାଇଥିବାବେଳେ ଗତ ୩ଦିନ ଧରି ରାଜ୍ୟରେ ୪ଲକ୍ଷ ଉପରେ ଟିକାକରଣ ହେଉଛି। ତାହା କେବଳ ପ୍ରଥମ ଡୋଜ୍ ଟିକାକରଣ ଯୋଗୁ ସମ୍ଭବ ହୋଇପାରିଛି। ଦ୍ୱିତୀୟ ଡୋଜ୍ ଟିକାକରଣରେ ସେତେଟା ତତ୍ପରତା ଦେଖିବାକୁ ମିଳୁନାହିଁ। ଦ୍ୱିତୀୟ ଡୋଜ୍ ନେବାକୁ ଥିବା ଲୋକେ ତାହା ନେବାକୁ ଭୁଲି ଯାଉଛନ୍ତି। ପୂର୍ବରୁ ରାଜ୍ୟରେ ଟିକାର ଅଭାବ ଥିଲା। କିନ୍ତୁ ଏବେ ପର୍ଯ୍ୟାପ୍ତ ପରିମାଣର ଟିକା ଥିଲେ ମଧ୍ୟ ଲୋକେ ଟିକା ନେବାକୁ ଆସୁନାହାନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩କୋଟି କୋଭିଡ୍ ଟିକାକରଣ ହୋଇସାରିଲାଣି। ଏମାନଙ୍କ ମଧ୍ୟରେ ୨ କୋଟି ୧୦ ଲକ୍ଷ ଲୋକଙ୍କୁ ପ୍ରଥମ ଡୋଜ୍ ଟିକା ଦିଆସରିଛି। କିନ୍ତୁ ଲୋକେ ଦ୍ୱିତୀୟ ଡୋଜ୍ ନେବା ପାଇଁ ଭୁଲି ଯାଉଛନ୍ତି। ଦ୍ୱିତୀୟ ଡୋଜ୍ ନେବା ପାଇଁ ୧କୋଟି ୩ଲକ୍ଷ ୭୯ହଜାର ୯୩୭ ଲୋକଙ୍କ ସମୟ ହୋଇଥିବା ବେଳେ ଟିକା ନେଇଛନ୍ତି ୭୨ପ୍ରତିଶତ। ଅର୍ଥାତ୍ ପ୍ରାୟ ୨୮,୪୬୦ହଜାରରୁ ଊର୍ଦ୍ଧ୍ୱ ଲୋକ ଦ୍ୱିତୀୟ ଡୋଜ୍ ନେଇନାହାନ୍ତି। ବିଶେଷକରି ନୂଆପଡ଼ା, ବୌଦ୍ଧ, ରାୟଗଡ଼ା, ନବରଙ୍ଗପୁର ଜିଲା ଦ୍ୱିତୀୟ ଡୋଜ୍ ଟିକାକରଣରେ ପଛରେ ଥିବା ଦେଖାଯାଇଛି। ☞ପୃଷ୍ଠା-୪


USHA TRAVELS
www.flyusha.in
OFFER PRICE
BHUBANESWAR ⇌

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply
CALL US! 1800 890 3566


୨ୟ ଡୋଜ୍ ଟିକା ନେବାକୁ ଭୁଲିଯାଉଛନ୍ତି ଲୋକେ




## ସ୍ତ୍ରୀଙ୍କ ଆତ୍ମହତ୍ୟାର ଭିଡିଓ ରେକର୍ଡ କଲେ ସ୍ୱାମୀ

**ନେଲୋର, ୨୩।୯:** ଆନ୍ଧ୍ରପ୍ରଦେଶର ନେଲୋର ଜିଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ଆତ୍ମହତ୍ୟା କରୁଥିବାବେଳର ଦୃଶ୍ୟକୁ ତାଙ୍କ ସ୍ୱାମୀ ଭିଡିଓ ଶୁଟିଂ କରିଛନ୍ତି। ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ ଭିଡିଓକୁ ଅଭିଯୁକ୍ତ ସ୍ୱାମୀ ତାଙ୍କ ଶ୍ୱଶୁର ଘରକୁ ପଠାଇବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ, ମୃତା କୋନ୍ଦାମ୍ମା (୨୯) ପେଞ୍ଚାଲାଇଆଙ୍କୁ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ଉଭୟଙ୍କର ୨ଟି ସନ୍ତାନ ରହିଛନ୍ତି। କୋନ୍ଦାମ୍ମା ଆଉ କାହା ସହ ସମ୍ପର୍କ ରଖିଥିବା ସନ୍ଦେହ କରି ପେଞ୍ଚାଲାଇଆ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ମଙ୍ଗଳବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅତିଷ୍ଠ ହୋଇ କୋନ୍ଦାମ୍ମା ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନୂଆ ବିଜ୍‌ନେସ ମଡେଲ**

# ତଦନ୍ତ କରିବ ବୈଷୟିକ କମିଟି

## ପେଗାସସ୍ ମାମଲା: ଆସନ୍ତା ସପ୍ତାହରେ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୩।୯



ପେଗାସସ୍ ସ୍ପାଏୱେର ବ୍ୟବହାରରେ କେନ୍ଦ୍ର ସରକାରଙ୍କ ଭୂମିକା ସମ୍ପର୍କରେ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟରେ ଆଗତ ଏକାଧିକ ଆବେଦନର ଶୁଣାଣି ଗୁରୁବାର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏକ ବୈଷୟିକ ଟିମ୍ ଗଠନ କରିବେ, ଯାହାର ରାୟ ଆସନ୍ତା ସପ୍ତାହରେ ପ୍ରକାଶ ପାଇବ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନା ବରିଷ୍ଠ ଆଇନଜୀବୀ ତଥା ଆବେଦନକାରୀ ଉଦୟ ସିଂଙ୍କୁ କହିଛନ୍ତି। ଏହି ସପ୍ତାହରେ ରାୟ ପ୍ରକାଶ ପାଇବାର ଥିଲା। ମାତ୍ର ବୈଷୟିକ ଟିମ୍‌ରେ ସାମିଲ ହେବାକୁ ଥିବା କେତେଜଣ ସଦସ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ସମୟ ଚାହୁଁଥିବାରୁ ସେମାନଙ୍କ ଅନୁରୋଧକୁ ରକ୍ଷା ☞ପୃଷ୍ଠା-୪

# କଳିଙ୍ଗରେ ହେବ ଜୁନିୟର ହକି ବିଶ୍ୱକପ୍

## ନଭେମ୍ବର ୨୪ରୁ ଡିସେମ୍ବର ୫

**ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବ ଜୁନିୟର ହକି ବିଶ୍ୱକପ। ଏହା ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିବା ସହ ଟୁର୍ନାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚନ କରିଛନ୍ତି।**

ଭୁବନେଶ୍ୱର, ୨୩।୯(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ମେଗା ଇଭେଣ୍ଟ। ଆଉ ଠିକ୍ ଦୁଇମାସ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବ। ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଘୋଷଣା କରିଛନ୍ତି। ସେ ବିଶ୍ୱକପ ଟ୍ରଫି ଓ ଲୋଗୋ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଫ୍‌ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ଧ୍ରୁବ ବାତ୍ରା, ହକି ଇଣ୍ଡିଆ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ, ଓଡ଼ିଶା ହକି ଡେଭଲପମେଣ୍ଟ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ଉନ୍ମୋଚନ ଅବସରରେ ଏଫ୍‌ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ଧ୍ରୁବ ବାତ୍ରା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଏହି ମେଗା ଇଭେଣ୍ଟ ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖରେ ଶେଷ ହେବ। ୫ଟି କନ୍‌ଫେଡେରେଶନରୁ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ। ଗତଥରର ଚାମ୍ପିୟନ ☞ପୃଷ୍ଠା-୪





R C PLASTO TANKS & PIPES PVT. LTD.
D-2/A, Hingna MIDC, Near Wadi Toll Plaza, Wadi Road, Nagpur-440028

• Sundargarh, Sambalpur, Debagarh, Jharsuguda, Bargarh, Boudh, Balangir, Nuapada, Kalahandi - 9130076921 • Kandhamal, Ganjam, Rayagada, Gajapati, Koraput, Nabarangapur, Malkangiri - 9337225857 • Mayurbhanj, Kendujhar, Baleshwar, Bhadrak, Angul, Dhenkanal, Jajpur, Cuttack, Nayagarh, Kendrapara, Khordha, Puri, Jagatsinghpur - 9130011507, 9337225857

Follow us on : R C Plasto Tanks & Pipes | Web: www.plasto.in

aaamedia.in

**ଅଯୋଧ୍ୟା ମନ୍ଦିରରୁ ୮ ମୂର୍ତ୍ତି ଚୋରି**

ଅଯୋଧ୍ୟାର ଏକ ଶହେ ବର୍ଷର ମନ୍ଦିରରୁ ୮ ପୁରାତନ ମୂର୍ତ୍ତି ଚୋରି ହୋଇଛି। ହାଇଦରଗଡ଼ ପୋଲିସ ସର୍କଲରେ ଚୋରି ମାମଲା ରୁଜୁ ହୋଇଛି। ରାମ ଜାନକୀ ଟ୍ରଷ୍ଟ ନାମରେ ଏକ ଘରୋଇ ନ୍ୟାସ ଉକ୍ତ ମନ୍ଦିର ପରିଚାଳନା କରୁଛି। ଏକ ରାଜ ପରିବାର ଉକ୍ତ ମନ୍ଦିର ନିର୍ମାଣ କରିଥିଲା। ବୁଧବାର ମନ୍ଦିରର ତାଲା ଭଙ୍ଗାଯିବା ସହ ମୂର୍ତ୍ତିଗୁଡ଼ିକ ନ ଥିବା ପୂଜକ ଦେଖିବାକୁ ପାଇଥିଲେ। ଚୋର ଧରିବା ପାଇଁ ପୋଲିସ ଦୁଇଟି ଟିମ୍ ଗଠନ କରିଛି।

## ସଂକ୍ଷେପରେ

### ୟୁଏନ୍ଏସ୍‌ସିରେ ସୁଧାର ଜରୁରୀ

**ନ୍ୟୁୟର୍କ, ୨୩।୯:** ବିଶ୍ୱବ୍ୟାପୀ ସମ୍ପ୍ରତି ଉପୁଜୁଥିବା ଜଟିଳ ଆହ୍ୱାନର ସାମ୍ନା କରିବାକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି) ଅଧିକ ପ୍ରଭାବୀ ହେବା ଜରୁରୀ। ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଏଥିରେ ସୁଧାର ଆଣିବାର ଆବଶ୍ୟକତା ରହିଛି ବୋଲି ଜି-୪ର ସଦସ୍ୟ ଭାରତ, ବ୍ରାଜିଲ, ଜର୍ମାନୀ ଏବଂ ଜାପାନର ବହିର୍ବ୍ୟାପାର ମନ୍ତ୍ରୀ ନ୍ୟୁୟର୍କରେ ଜାତିସଂଘର ୭୬ତମ ସାଧାରଣ ସଭାରେ ଗୁରୁତ୍ୱାରୋପ କରିଛନ୍ତି। ଭାରତ ବହର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ବ୍ରାଜିଲର କାର୍ଲୋସ୍ ଆଲ୍‌ବର୍ଟୋ ଫ୍ରାନ୍‌କୋ ଫ୍ରାନ୍‌କା, ଜର୍ମାନୀର ହେଇକୋ ମାସ୍ ଏବଂ ଜାପାନର ମୋତେଗି ତୋଶିମିତ୍‌ସୁ ଏହି ଆଲୋଚନାରେ ଭାଗ ନେଇଥିଲେ। ୟୁଏନ୍ଏସ୍‌ସି ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ସିଟ୍‌ର ବିସ୍ତାର କରିବାର ଆବଶ୍ୟକତା ଥିବା ଏଥିରେ ଦର୍ଶାଯାଇଛି। ବିକାଶଶୀଳ ଦେଶ ତଥା ପ୍ରମୁଖ ଯୋଗଦାନକାରୀଙ୍କ ସମେତ ସାମ୍ପ୍ରତିକ ବାସ୍ତବତାକୁ ପ୍ରତିଫଳିତ କରି ସୁରକ୍ଷା ପରିଷଦକୁ ଅଧିକ ଆଇନଗତ, ପ୍ରଭାବଶାଳୀ କରିବା ଜରୁରୀ ହୋଇପଡ଼ିଛି ବୋଲି ମିଳିତ ବିବୃତିରେ ଜି-୪ର ବହିର୍ବ୍ୟାପାର ମନ୍ତ୍ରୀମାନେ ପ୍ରକାଶ କରିଛନ୍ତି।

### ନାବାଳିକାଙ୍କୁ ଗଣବଳାତ୍କାର: ୨୪ ଗିରଫ

**ମୁମ୍ବାଇ, ୨୩।୯:** ମୁମ୍ବାଇ ନିକଟରେ ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ୯ ମାସ ହେଲା ଗଣବଳାତ୍କାର କରାଯାଉଥିଲା। ଏଥିରେ ୨ ନାବାଳକଙ୍କ ସମେତ ୨୯ ଜଣ ସମ୍ପୃକ୍ତ ଥିଲେ। ମୁମ୍ବାଇ ପୋଲିସ ଏହି ଭୟଙ୍କର ଅପରାଧର ପର୍ଦ୍ଦାଫାଶ୍ କରିବା ସହ ବୁଧବାର ରାତିରେ ଆଇପିସି ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ୨୪ ଜଣଙ୍କୁ ଗିରଫ କରାଯିବା ସହ ୨ ନାବାଳକଙ୍କୁ ଅଟକ ରଖାଯାଇଛି। ପୋଲିସ ସୂଚନା ଅନୁଯାୟୀ ନାବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଗତ ଜାନୁୟାରୀରେ ବଳାତ୍କାର କରିବା ସହ ଏହାର ଭିଡିଓ ଶୁଟିଂ କରିଥିଲେ। ଉକ୍ତ ଭିଡିଓକୁ ଅନ୍ୟ ଅଭିଯୁକ୍ତମାନେ ବ୍ୟବହାର କରି ନାବାଳିକାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ଗଣ ବଳାତ୍କାର କରିଥିଲେ। ଏହି ଅପରାଧରେ ନାବାଳିକାଙ୍କ ପୁରୁଷ ବନ୍ଧୁ ଓ ତାଙ୍କ ସାଙ୍ଗ ତଥା ପରିଚିତ ଲୋକେ ସମ୍ପୃକ୍ତ। ସେମାନେ ବିଭିନ୍ନ ସମୟରେ ନାବାଳିକାଙ୍କୁ ଡୋମ୍ବିଭିଲି, ବଦ୍‌ଲାପୁର, ମୁର୍‌ବାଦ ଏବଂ ରାବାଲେକୁ ନେଇ ଗଣବଳାତ୍କାର କରିଥିବା ପୋଲିସ କହିଛି।

### ଗୋଦାମ ଘରେ ବିସ୍ଫୋରଣ: ୩ ମୃତ

**ବେଙ୍ଗାଲୁରୁ, ୨୩।୯:** କର୍ନାଟକର ବେଙ୍ଗାଲୁରୁ ସହରରେ ଏକ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସହରର ରୋୟାନ ସର୍କଲ ନିକଟବର୍ତ୍ତୀ ନ୍ୟୁ ଥରାଗୁପେଟସ୍ଥିତ ଗୋଦାମରେ ଏହି ବିସ୍ଫୋରଣ ହୋଇଥିବା ପୋଲିସ କହିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ମୃତଦେହ ଗୋଦାମରୁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲା। ୧୦ଟି ବାଇକ ଓ ଗୋଟିଏ ଟ୍ରକ୍ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣର ପ୍ରଭାବ ୧୦୦ ମିଟର ଦୂରରେ ଥିବା ବିଲ୍ଡିଂରେ ମଧ ଅନୁଭୂତ ହୋଇଥିଲା। ଏହା ଏଲ୍‌ପିଜି ସିଲିଣ୍ଡର, ଗ୍ୟାସ୍ କମ୍ପ୍ରେସର କିମ୍ବା ବିଦ୍ୟୁତ୍ ଶର୍ଟସର୍କିଟ ଜନିତ ବିସ୍ଫୋରଣ ନୁହେଁ। ଗୋଦାମରେ ବାଣ ରହିଥିଲେ ମଧ ତାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ସାରା ଭାରତ ପ୍ରଦୂଷିତ

## ବାୟୁ ପ୍ରଦୂଷଣକୁ ନେଇ ଗାଇଡ୍‌ଲାଇନ ଜାରି କଲା ଡବ୍ଲ୍ୟୁଏଚ୍‌ଓ



**ସାରା ବିଶ୍ୱରେ ବଢ଼ିବାରେ ଲାଗିଛି ବାୟୁ ପ୍ରଦୂଷଣ। ଏଥିଯୋଗୁ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ଓ ଶ୍ୱାସରୋଗରେ ପୀଡ଼ିତ ହୋଇ ବର୍ଷକୁ ୭୦ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ପ୍ରଦୂଷଣଜନିତ ମୃତ୍ୟୁ ରୋକିବା ପାଇଁ ୨୦୦୫ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରଥମ ଥର ପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ୧୯୪ ସଦସ୍ୟ ରାଷ୍ଟ୍ରଙ୍କ ଉଦ୍ଦେଶ୍ୟରେ ଜାରି ନିର୍ଦ୍ଦେଶାବଳୀ ଭାରତ ପାଇଁ ମଧ ପ୍ରଯୁଜ୍ୟ। କାରଣ ଏବେ ଭାରତର ପ୍ରାୟ ଅଧିକାଂଶ ଅଞ୍ଚଳ ପ୍ରଦୂଷିତ ହୋଇଯାଇଛି।**

### ବିଶ୍ୱରେ ବର୍ଷକୁ ଯାଉଛି ୭୦ ଲକ୍ଷ ଜୀବନ

ଜେନେଭା/ନୂଆଦିଲ୍ଲୀ, ୨୩।୯

ଜନସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ନକାରାତ୍ମକ ପ୍ରଭାବ ନେଇ କିଛି ବର୍ଷ ଧରି ଚାଲିଥିବା ବୈଜ୍ଞାନିକ ଗବେଷଣାରୁ ଅନେକ ତଥ୍ୟ ସାମ୍ନାକୁ ଆସିଥିଲା। ପୂର୍ବରୁ ୨୪ ଘଣ୍ଟା ଭିତରେ ୨୫ ମାଇକ୍ରୋଗ୍ରାମର ପିଏମ୍୨.୫ ସାନ୍ଦ୍ରତାକୁ ସୁରକ୍ଷିତ ବିବେଚନା କରାଯାଉଥିଲା। କିନ୍ତୁ ଏବେ ଏହି ସାନ୍ଦ୍ରତା ୧୫ ମାଇକ୍ରୋଗ୍ରାମ ଭିତରେ ସୀମିତ ରହିବା ଦରକାର ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଲାଣି। ବୁଧବାର ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଜାରି କରାଯାଇଥିବା ବାୟୁ ଗୁଣବତ୍ତା ଗାଇଡ୍‌ଲାଇନ୍‌ରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏମ୍‌ପି୨.୫ର ତାତ୍ପର୍ଯ୍ୟ ହେଉଛି ୨.୫ ମାଇକ୍ରୋମିଟର (ମଣିଷ କେଶଠାରୁ ୧୦୦ ଗୁଣା ପତଳା)ରୁ କମ୍ ପରିଧିର ପାର୍ଟିକିଲ ମ୍ୟାଟରକୁ ବୁଝାଏ। ଇନ୍ଧନ ତୈଳ ଜଳିଲେ ଏବଂ ବାୟୁମଣ୍ଡଳରେ ରାସାୟନିକ ପ୍ରତିକ୍ରିୟା ଯୋଗୁ ଏହି କଣିକା ସୃଷ୍ଟି ହୋଇଥାଏ। ପିଏମ୍୨.୫ ଏବଂ ପିଏମ୍୧୦କୁ ଶ୍ୱାସଜନିତ ରୋଗର ମୁଖ୍ୟ କାରକ ଭାବେ ଏଥିରେ ଦର୍ଶାଯାଇଛି। ଏହି ଗାଇଡ୍‌ଲାଇନ୍ ଅନୁସାରେ ଭାରତର ପ୍ରାୟ ଅଧିକାଂଶ ଅଞ୍ଚଳ ପ୍ରଦୂଷଣ କବଳରେ। ଏଥିରେ ସବୁଠୁ ବିପଜ୍ଜନକ କୁହାଯାଉଥିବା ପ୍ରଦୂଷଣର ୬ କାରକ ଏମ୍‌ପି୨.୫, ଏମ୍‌ପି୧୦, ଓଜୋନ୍, ନାଇଟ୍ରୋଜେନ୍, ଡାଇଅକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ୍ ଓ କାର୍ବନ ମନୋକ୍ସାଇଡ୍‌ର ସ୍ତର ବାୟୁମଣ୍ଡଳରେ କେତେ ରହିଲେ ଚଳିବ ତାହା ଧାର୍ଯ୍ୟ କରାଯାଇଛି। ୨୦୦୫ରେ ନିର୍ଦ୍ଧାରିତ ମାତ୍ରାଠାରୁ ଏଥର ଏହାକୁ ହ୍ରାସ କରିବାକୁ କୁହାଯାଇଛି। କାରଣ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ କାରଣରୁ ବର୍ଷକୁ ୭୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବା ଡବ୍ଲ୍ୟୁଏଚ୍‌ଓର ନିଜସ୍ୱ ଆକଳନରୁ ଜଣାପଡ଼ିଛି। ବିଶ୍ୱର ୯୦% ଜନସଂଖ୍ୟା ୨୦୦୫ର ପ୍ରଦୂଷଣ ମାନକ ପୂରଣ କରୁ ନ ଥିବା ଅଞ୍ଚଳରେ ବସବାସ କରନ୍ତି। ଦକ୍ଷିଣ ଏସିଆ ବିଶେଷକରି ଭାରତ ବିଶ୍ୱର ସର୍ବାଧିକ ପ୍ରଦୂଷିତ ଅଞ୍ଚଳରେ ଆସୁଛି। ଏଠାରେ ପ୍ରଦୂଷଣ ସ୍ତର ନିର୍ଦ୍ଧାରିତ ସ୍ତରଠାରୁ ବହୁଗୁଣ ଅଧିକ। ଉଦାହରଣ ଭାବେ ଦିଲ୍ଲୀକୁ ନିଆଯାଇପାରେ। ଗ୍ରୀନ୍‌ପିସ୍ ଅଧ୍ୟୟନ ଅନୁସାରେ ୨୦୨୦ରେ ଏମ୍‌ପି୨.୫ ସାନ୍ଦ୍ରତା ଥିଲା, ଯାହାକି ନିର୍ଦ୍ଧାରିତ ସ୍ତରଠାରୁ ୧୭ ଗୁଣ ଅଧିକ। ମୁମ୍ବାଇରେ ପ୍ରଦୂଷଣ ସ୍ତର ୮ ଗୁଣ ଅଧିକ ଥିବାବେଳେ କୋଲକାତାରେ ୯ ଓ ଚେନ୍ନାଇରେ ୫ ଗୁଣ ଅଧିକ ଥିଲା।

# ଭାରତରେ ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ ସୁଯୋଗ: ମୋଦି



ୱାଶିଂଟନ ଡିସିରେ ପ୍ରବାସୀ ଭାରତୀୟମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରୁଛନ୍ତି।

- ଆମେରିକାରେ ପ୍ରଧାନମନ୍ତ୍ରୀ
- ୫ କମ୍ପାନୀ ସିଇଓଙ୍କୁ ଭେଟିଲେ

**ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୱାଶିଂଟନ ଡିସିରେ ଭବ୍ୟ ସ୍ୱାଗତ କରାଯାଇଛି। ବର୍ଷା ସତ୍ତ୍ୱେ ବହୁସଂଖ୍ୟାରେ ପ୍ରବାସୀ ଭାରତୀୟ ଓ ଅନ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସିଇଓମାନଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସହ ଆଲୋଚନା କରିଛନ୍ତି।**

ୱାଶିଂଟନ, ୨୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆମେରିକା ଗସ୍ତର ପ୍ରଥମ ଦିନରେ ସେଠାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେକ୍ଟରର ୫ ଜଣ ସିଇଓଙ୍କୁ ଭେଟିଛନ୍ତି। କ୍ୱାଲକମ୍, ଆଡୋବେ, ଫାର୍ଷ୍ଟ ସୋଲାର, ଜେନେରାଲ ଆଟମିକ୍ସ ଏବଂ ବ୍ଲାକ୍‌ଷ୍ଟୋନ୍ କମ୍ପାନୀର ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀ ୱାନ୍-ଅନ୍-ୱାନ୍ ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରୁ ଆଡୋବେ ସିଇଓ ଶାନ୍ତନୁ ନାରାୟେନ ଏବଂ ଜେନେରାଲ ଆଟମିକ୍ସ ସିଇଓ ବିବେକ ଲାଲ୍ ଭାରତୀୟ ବଂଶୋଦ୍ଭବ। ଭାରତରେ ପୁଞ୍ଜିନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଜଣାଇଥିଲେ। ସିଇଓମାନଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ୫ଜି ଓ ଅନ୍ୟାନ୍ୟ ଡିଜିଟାଲ ଇଣ୍ଡିଆ ଉଦ୍ୟମରେ ଭାରତ ସହ କାର୍ଯ୍ୟ କରିବା ପାଇଁ କ୍ୱାଲ୍‌କମ୍ ସିଇଓ ଆଗ୍ରହ ପ୍ରକାଶ କରିଛନ୍ତି।

ଭାରତ ସରକାର ସୂଚନା ପ୍ରଯୁକ୍ତି ଓ ଡିଜିଟାଲକୁ ପ୍ରାଧାନ୍ୟ ଦେଉଥିବାରୁ ନାରାୟେନ୍‌ଙ୍କ ସହ ଆଲୋଚନାରେ ଉକ୍ତ ପ୍ରସଙ୍ଗ ଉପରେ ଚର୍ଚ୍ଚା ହୋଇଥିଲା। ସେହିପରି ବିଶ୍ୱର ସର୍ବଶ୍ରେଷ୍ଠ ଅତ୍ୟାଧୁନିକ ସାମରିକ ଡ୍ରୋନ୍ ପ୍ରସ୍ତୁତକାରୀ ଜେନେରାଲ ଆଟୋମିକ୍ସର ସିଇଓ ଲାଲ୍‌ଙ୍କ ସହ ଡ୍ରୋନ୍ ପ୍ରଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଭାରତ ଏହାର ତିନି ସୈନ୍ୟବାହିନୀ ପାଇଁ ବହୁସଂଖ୍ୟାରେ ଡ୍ରୋନ୍ କିଣିବା ଲାଗି ପ୍ରକ୍ରିୟା ଚଳାଇଛି। ଜେନେରାଲ ଆଟୋମିକ୍ସଠାରୁ ମଧ ଭାରତ କେତେକ ଡ୍ରୋନ୍ ଲିଜ୍‌ରେ ଆଣିଛି।

ଭାରତ ସୌରଶକ୍ତି ଉପରେ ଗୁରୁତ୍ୱ ଦେଉଥିବାରୁ ଫାର୍ଷ୍ଟ ସୋଲାର ସିଇଓ ମାର୍କ ୱିଡମାରଙ୍କ ସହ ଆଲୋଚନା ଗୁରୁତ୍ୱପୂର୍ଣ୍ଣ। ଉକ୍ତ କମ୍ପାନୀ ଫଟୋଭୋଲ୍ଟାଇକ୍ ସୋଲାର ସଲ୍ୟୁଶନ ଯୋଗାଇବାରେ ବିଶ୍ୱର ପ୍ରମୁଖ କମ୍ପାନୀ। ଭାରତର ୩.୩ ଗିଗାୱାଟ କ୍ଷମତା ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପରେ ୬୮୪ ନିୟୁତ ଡଲାର ନିବେଶ କରିବ ବୋଲି ପୂର୍ବରୁ ଆରିଜୋନାର ଉକ୍ତ କମ୍ପାନୀ ଘୋଷଣା କରିଥିଲା।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୩।୯:** ଜମ୍ମୁ-କଶ୍ମୀରର ଉରି ନିକଟବର୍ତ୍ତୀ ରାମପୁର ସେକ୍ଟରରେ ଗୁରୁବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ପାକ୍ ଅଧିକୃତ କଶ୍ମୀରରୁ ସୀମା ଅତିକ୍ରମ କରି ଅନୁପ୍ରବେଶ କରିଥିଲେ। ସେମାନଙ୍କଠାରୁ ୫ଟି ଏକେ-୪୭ ରାଇଫଲ, ୮ ପିସ୍ତଲ, ୭୦ ହ୍ୟାଣ୍ଡ ଗ୍ରେନେଡ୍ ସହ ଗୁଳିଗୋଳା ଜବତ ହୋଇଥିବା ଚିନାର କର୍ପସ୍ କମାଣ୍ଡର ଜେନେରାଲ ଡି.ପି. ପାଣ୍ଡେ ସୂଚନା ଦେଇଛନ୍ତି। ରାମପୁର ସେକ୍ଟର ଅନ୍ତର୍ଗତ ହାଥ୍‌ଲାଙ୍ଗା ଜଙ୍ଗଲ ମଧ୍ୟରେ ଗୁରୁବାର ଭୋର ସମୟରେ କେତେଜଣ ଆତଙ୍କବାଦୀଙ୍କ ଗତିବିଧି ସୁରକ୍ଷା ବଳ ନଜରରେ ପଡ଼ିଥିଲା। ସୁରକ୍ଷା ବଳର ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଥିଲେ।



ଢୋଲପୁର ଗୋରୁଖୁଟି ଅଞ୍ଚଳରେ ଗୁରୁବାର ଜବରଦଖଲ ଉଚ୍ଛେଦବେଳେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ।

**ଆସାମରେ ଜବରଦଖଲ ଉଚ୍ଛେଦ ବେଳେ ସଂଘର୍ଷ**

# ପୋଲିସ ଗୁଳିରେ ୨ ମୃତ

ଗୁଆହାଟୀ, ୨୩।୯

ଆସାମର ଢୋଲପୁର ଗୋରୁଖୁଟି ଅଞ୍ଚଳରେ ଗୁରୁବାର ବେଆଇନ ଜବରଦଖଲ ଉଚ୍ଛେଦ ଉଦ୍ୟମ ବେଳେ ସଂଘର୍ଷ ଘଟି ପୋଲିସ ଗୁଳିରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଜବରଦଖଲ ଉଚ୍ଛେଦକୁ ବିରୋଧ କରୁଥିବା ଲୋକେ ଓ ପୋଲିସ ମଧ୍ୟ ସଂଘର୍ଷ ଘଟିଥିଲା। ଟେକାମାଡ଼ରେ ୯ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି।

ଖବର ଅନୁଯାୟୀ ରାଜ୍ୟ ଫାର୍ମିଂ ପ୍ରୋଜେକ୍ଟର ଏକ ଜମିରୁ ବେଆଇନ ଜବରଦଖଲ ହଟାଇବା ପାଇଁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ ଗୁରୁବାର ମଧ୍ୟାହ୍ନ ସମୟରେ ପୋଲିସ ଟିମ୍ ସହ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହଜାର ହଜାର ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇ ଉଚ୍ଛେଦ ବିରୋଧରେ ସ୍ଲୋଗାନ ଦେଇଥିଲେ। କେତେକ ପ୍ରତିବାଦକାରୀ ପୋଲିସ ଉପରକୁ ଟେକାମାଡ଼ କରିବା ସହ ଆକ୍ରମଣ କରିଥିଲେ। ଫଳରେ ପୋଲିସ ଫାଙ୍କା ଗୁଳି ଚଳାଇବା ସହ ଲୁହବୁହା ବାଷ୍ପ ଛାଡ଼ିଥିଲା। ପୋଲିସ ଗୁଳିରେ ଆହତ ୨ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବା କଥା ଡାରଙ୍ଗ ଏସ୍‌ପି ସୁଶାନ୍ତ ବିଶ୍ୱ ଶର୍ମା କହିଛନ୍ତି।

ଢୋଲପୁର ବାସିନ୍ଦାଙ୍କ ଉପରେ ପୋଲିସର ଗୁଳିମାଡ଼ ଘଟଣାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିନ୍ଦା କରିଛନ୍ତି। ଏହା ଆସାମ ପ୍ରାୟୋଜିତ ଗୁଳିକାଣ୍ଡ ବୋଲି ସେ କହିଛନ୍ତି। କୋଭିଡ୍ ମହାମାରୀ ସମୟରେ ଜବରଦଖଲ ଉଚ୍ଛେଦ ଅମାନବୀୟ କାର୍ଯ୍ୟ ବୋଲି ଆସାମ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭୂପେନ କୁମାର ବୋରା ମତ ଦେଇଛନ୍ତି। ମହାମାରୀ ସମୟରେ ଉଚ୍ଛେଦ ନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧୯୭୦ରୁ ଉକ୍ତ ଜମିରେ ରହିଆସୁଥିବା ଲୋକଙ୍କୁ ଉଚ୍ଛେଦ କରିବା ଲାଗି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନିଷ୍ପତ୍ତିକୁ ବୋରା ନିନ୍ଦା କରିବା ସହ ଉଚ୍ଛେଦ ହେବାକୁ ଥିବା ଲୋକଙ୍କ ପାଇଁ ପ୍ରଥମେ ବିକଳ୍ପ ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ପିଏମ୍-କେୟାର୍ସ ସରକାରୀ ପାଣ୍ଠି ନୁହେଁ: କେନ୍ଦ୍ର

ନୂଆଦିଲ୍ଲୀ, ୨୩।୯

ଜରୁରିକାଳୀନ ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଏବଂ ରିଲିଫ୍ ଫଣ୍ଡ ବା ପିଏମ୍-କେୟାର୍ସ ପାଣ୍ଠି ସରକାରୀ ଅର୍ଥ ନୁହେଁ। ଏହା ଦ୍ୱାରା ସଂଗୃହୀତ ଅର୍ଥ ଭାରତର କନ୍‌ସୋଲିଡେଟେଡ୍ ଫଣ୍ଡକୁ ଯାଏ ନାହିଁ ବୋଲି ଗୁରୁବାର କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ପିଏମ୍-କେୟାର୍ସ ଫଣ୍ଡ ପରିଚାଳନାରେ ସ୍ୱଚ୍ଛତା ପାଇଁ ତାହାକୁ ସମ୍ବିଧାନର ଅନୁଚ୍ଛେଦ ୧୨ ଅଧୀନକୁ ଆଣି ସରକାରୀ ପାଣ୍ଠି ଭାବେ ଘୋଷଣା କରାଯିବାକୁ ହାଇକୋର୍ଟରେ ସମ୍ୟକ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ଆବେଦନ କରିଥିଲେ। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର, ପ୍ରତିରକ୍ଷା ଏବଂ ଅର୍ଥମନ୍ତ୍ରୀଙ୍କ ଭଳି ଟ୍ରଷ୍ଟିମାନଙ୍କ ଦ୍ୱାରା ସ୍ଥାପିତ ଏହି ପାଣ୍ଠିକୁ ସରକାରୀ ଘୋଷଣା କରାଯାଇଥିବାବେଳେ ଏଥିରେ ସରକାରୀ




ନିୟନ୍ତ୍ରଣ ନାହିଁ। ଏଥିସହ ପିଏମ୍-କେୟାର୍ସକୁ ସୂଚନା ଅଧିକାର ଆଇନ ପରିସରକୁ ଅଣାଯିବା କଥା ବୋଲି ଆବେଦନକାରୀ କହିଥିଲେ। ଏ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁସଚିବ ପ୍ରଦୀପ କୁମାର ଶ୍ରୀବାସ୍ତବ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି।

ଏଥିରେ ଦର୍ଶାଯାଇଛି, ପିଏମ୍-କେୟାର୍ସ ଫଣ୍ଡ୍ ଏକ ଚାରିଟେବୁଲ ସଂସ୍ଥା। ଏହି ଟ୍ରଷ୍ଟ ସ୍ୱଚ୍ଛତାର ସହ କାର୍ଯ୍ୟ କରେ। ଜଣେ ଅଡିଟରଙ୍କ ଦ୍ୱାରା ପାଣ୍ଠିର ଅଡିଟ୍ କରାଯାଏ। ଭାରତର ନିୟନ୍ତ୍ରକ ଏବଂ ଅଭିଲେଖା ସମୀକ୍ଷକ(ସିଏଜି)ଙ୍କ ଦ୍ୱାରା ଗଠିତ ପ୍ୟାନେଲର ଆକାଉଣ୍ଟାଣ୍ଟ ଅଡିଟର ଭାବେ କାମ କରିଥାନ୍ତି। ଟ୍ରଷ୍ଟକୁ ଅନ୍‌ଲାଇନ ପେମେଣ୍ଟ, ଡିମାଣ୍ଡ ଡ୍ରାଫ୍ଟ, ଚେକ୍ ଆଦି ମାଧ୍ୟମରେ ଅର୍ଥ ଆସିଥାଏ। ପାଣ୍ଠି ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଟ୍ରଷ୍ଟର ଅଫିସିଆଲ ୱେବସାଇଟ୍‌ରେ ଅଡିଟ୍ ହୋଇଥିବା ରିପୋର୍ଟ ଅପ୍‌ଲୋଡ୍ କରାଯାଏ। ଏଥିରେ ପାଣ୍ଠିରୁ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କାର ହିସାବ ରହିଥାଏ ବୋଲି ଶ୍ରୀବାସ୍ତବ କହିଛନ୍ତି। ମୁଖ୍ୟ ବିଚାରପତି ଡି. ଏନ୍. ପଟେଲ ଏବଂ ଜଷ୍ଟିସ୍ ଅମିତ ବଂଶଲଙ୍କୁ ଗଠିତ ଖଣ୍ଡପୀଠ ଆସନ୍ତା ୨୭ରେ ଏହାର ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।

# ୪ରେ କୋଭିଡ୍ କ୍ଷତିପୂରଣ ରାୟ

**ନୂଆଦିଲ୍ଲୀ, ୨୩।୯:** କୋଭିଡ୍ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଗୁରୁବାର ସନ୍ତୋଷ ବ୍ୟକ୍ତ କରିଛନ୍ତି। କରୋନା ମହାମାରୀର ମୁକାବିଲା ପାଇଁ ଭାରତ ଯାହା କରିଛି ତାହା ଅନ୍ୟ କୌଣସି ଦେଶ କରିନାହାନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ମୃତକଙ୍କ ପରିବାର ଆଖିରୁ ଲୁହ ପୋଛିବା ପାଇଁ କିଛି ପଦକ୍ଷେପ ନିଆଯିବା ଖୁସିର କଥା ବୋଲି ଏମ୍. ଆର୍. ଶାହା ଏବଂ ଏ. ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଏ ବାବଦରେ ଚୂଡ଼ାନ୍ତ ରାୟ ଆସନ୍ତା ଅକ୍ଟୋବର ୪ରେ ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ମହାମାରୀ ଆରମ୍ଭ ହେବାଠାରୁ ଏବେ ସୁଦ୍ଧା ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କୁ ଏହି ସହାୟତା ମିଳିବ ବୋଲି କେନ୍ଦ୍ର ସରକାର ବୁଧବାର ଏକ ସତ୍ୟପାଠ ଦାଖଲ କରିଥିଲେ। ଆଗକୁ ମଧ କୋଭିଡ୍ ମୃତକଙ୍କ ପରିବାରକୁ ଏହି ରାଶି ପ୍ରଦାନ କରାଯିବ। ରାଜ୍ୟ ସରକାରଗୁଡ଼ିକ ସେମାନଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଜରିଆରେ ଏହି ସହାୟତା ପ୍ରଦାନ କରିବେ ବୋଲି କେନ୍ଦ୍ର ସରକାର ଜଣାଇଥିଲେ।

### ଆତ୍ମହତ୍ୟା କରିଥିବା ଆକ୍ରାନ୍ତଙ୍କ ପରିବାର ପାଇବେ ସହାୟତା

କରୋନାରେ ଆକ୍ରାନ୍ତ ହେବାର ୩୦ ଦିନ ମଧ୍ୟରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ପରିବାରକୁ ମଧ ଆର୍ଥିକ ସହାୟତା ଦିଆଯିବ। ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଆଇସିଏମ୍‌ଆର ଗାଇଡଲାଇନ୍ ଅନୁସାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି।

# ବିଚାରପତିଙ୍କ ହତ୍ୟା ଯୋଜନାବଦ୍ଧ ଥିଲା






## ଝାଡ଼ଖଣ୍ଡ ହାଇକୋର୍ଟଙ୍କୁ ଜଣାଇଲା ସିବିଆଇ

**ବିଚାରପତିମାନଙ୍କୁ ବ୍ୟକ୍ତିଗତ ଭାବେ ଧମକ ଦିଆଯାଉଛି, ହ୍ୱାଟ୍ସଆପ୍ ତଥା ଫେସ୍‌ବୁକ୍‌ରେ ମଧ ଦୁର୍ବ୍ୟବହାରପୂର୍ଣ୍ଣ ମେସେଜ୍ ପଠାଯାଉଛି। କିନ୍ତୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିଛି କରୁନାହିଁ। ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ହୋଇ ସୁଦ୍ଧା ସିବିଆଇ ନ୍ୟାୟପାଳିକାକୁ ଆଦୌ ସାହାଯ୍ୟ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଧାନବାଦ ଜିଲା ଅତିରିକ୍ତ ବିଚାରପତି ଉତ୍ତମ ଆନନ୍ଦଙ୍କ ହତ୍ୟାକାଣ୍ଡ ପ୍ରସଙ୍ଗରେ ନିଜଆଡୁ ମାମଲା ରୁଜୁ କରି ଅଗଷ୍ଟ ୬ରେ ସିବିଆଇକୁ ଏଭଳି ଭର୍ତ୍ସନା କରିଥିଲେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା। ସୁପ୍ରିମକୋର୍ଟଙ୍କ ଉପରୋକ୍ତ ମନ୍ତବ୍ୟ ପରେ ସିବିଆଇ ପକ୍ଷରୁ ଗୁରୁବାର ଝାଡ଼ଖଣ୍ଡ ହାଇକୋର୍ଟରେ ଏକ ରିପୋର୍ଟ ଦାଖଲ କରାଯାଇଛି। ଉତ୍ତମ ଆନନ୍ଦଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିଲା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଇଛି। ଏଥିରୁ ବୁଝାପଡୁଛି ଯେ ସୁପ୍ରିମକୋର୍ଟ ତାଗିଦ କରି ନ ଥିଲେ ସମ୍ଭବତଃ ଅନ୍ୟ ମାମଲାଗୁଡ଼ିକ ଭଳି ବିଚାରପତିଙ୍କ ହତ୍ୟା ମାମଲା ପୋଲିସ ଓ ତଦନ୍ତକାରୀ ସଂସ୍ଥାର ଫାଇଲ ତଳେ ଲୁଚିଯାଇଥାଆନ୍ତା।**

ରାଞ୍ଚି, ୨୩।୯

ଝାଡ଼ଖଣ୍ଡର ଧାନବାଦ୍ ଜିଲା ଅତିରିକ୍ତ ଜଜ୍ ଉତ୍ତମ ଆନନ୍ଦ(୪୯) ଗତ ଜୁଲାଇ ୨୮ରେ ମର୍ନିଂ ଜଗିଙ୍ଗ୍‌ରେ ଯାଉଥିବାବେଳେ ଏକ ଅଟୋରିକ୍ସା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଜାଣିଶୁଣି ଅଟୋ ଡ୍ରାଇଭର ଧକ୍କା ଦେଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ଜୁଲାଇ ୩୦ରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲାକୁ ଗ୍ରହଣ କରିଥିଲେ। ଅଗଷ୍ଟ ୪ ତାରିଖରେ ସିବିଆଇ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ଅପରାଧର ଦିନକ ପରେ ଦୁଇ ଅଭିଯୁକ୍ତ ଅଟୋ ଡ୍ରାଇଭର ଲଖନ ବର୍ମା ଓ ତାଙ୍କ ହେଲ୍ପର ରାହୁଲ ବର୍ମାଙ୍କୁ ଗିରଫ କରାଯାଇଥିଲା। ବିଚାରପତି ଆନନ୍ଦ ଧାନବାଦର କେତେକ ମାଫିଆ ହତ୍ୟା ମାମଲାର ବିଚାର କରିଥିଲେ। ସେ ଦୁଇଜଣ ଗ୍ୟାଙ୍ଗଷ୍ଟରଙ୍କ ଜାମିନ ଆବେଦନ ଖାରଜ କରିବା ସହ ଜଣେ ବିଧାୟକଙ୍କ ଘନିଷ୍ଠ ସହଯୋଗୀ ସମ୍ପୃକ୍ତ ଥିବା ହତ୍ୟା ମାମଲାର ଶୁଣାଣି କରିଥିଲେ। ସେଥିପାଇଁ ବିଚାରପତିଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ସତ। ଅଟୋ ଡ୍ରାଇଭର ଜାଣିଶୁଣି ଧକ୍କା ଦେଇଥିଲେ ବୋଲି ସିବିଆଇ ଗୁରୁବାର ଝାଡ଼ଖଣ୍ଡ ହାଇକୋର୍ଟଙ୍କୁ ଜଣାଇଛି। ବିଚାରପତିଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିଲା ବୋଲି ଅପରାଧ ଦୃଶ୍ୟକୁ ଦୋହରାଇବା, ସିସିଟିଭି ଫୁଟେଜ୍ ଅନୁଧ୍ୟାନ, ୩ଡି ଆନାଲିସିସ୍ ଏବଂ ଫୋରେନ୍‌ସିକ ପ୍ରମାଣରୁ ସ୍ପଷ୍ଟ ହୋଇଥିବା ତଦନ୍ତକାରୀ ସଂସ୍ଥା ଉକ୍ତ ରିପୋର୍ଟରେ କହିଛି। ବିଚାରପତି ହତ୍ୟା ମାମଲା ପ୍ରମାଣର ଅନୁଧ୍ୟାନ ପାଇଁ ସିବିଆଇ ୪ଟି ଫୋରେନ୍‌ସିକ୍ ଟିମ୍‌କୁ ନିୟୋଜିତ କରିଥିଲା। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସିବିଆଇ ଏବେ ୨ ଅଭିଯୁକ୍ତଙ୍କ ବ୍ରେନ୍ ମ୍ୟାପିଙ୍ଗ, ନାର୍କୋ ଆନାଲିସିସ୍ ରିପୋର୍ଟ ଅନୁଧ୍ୟାନ କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ହତ୍ୟାକାଣ୍ଡ ପଛର ଷଡ଼ଯନ୍ତ୍ରକୁ ନେଇ ତଦନ୍ତ ଜାରି ରହିଛି।

ଧରିତ୍ରୀ DHARITRI
ଶୁକ୍ରବାର, ୨୪ ସେପ୍ଟେମ୍ବର, ୨୦୨୧



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୧୧,୧୧,୬୮୩ | ୪୭,୩୬,୩୩୮ | ୨୦,୭୮,୧୨,୭୫୫ |
| ଭାରତ | ୩,୩୫,୯୨,୨୧୪ | ୪,୪୬,୩୭୩ | ୩,୨୮,୩୮,୩୫୨ |
| ଓଡ଼ିଶା | ୧୦,୨୨,୫୯୪ | ୮୧୫୭(+୫୩) | ୧୦,୦୯,୦୮୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଲଘୁଚାପ: ୩ ଦିନ ବର୍ଷିବ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ଉତ୍ତର ପୂର୍ବ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ମ୍ୟାନ୍ମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବ। ୪୮ ଘଣ୍ଟା ସୁଦ୍ଧା ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରି ଓଡ଼ିଶା ଉପକୂଳରେ ପହଞ୍ଚିବ। ଏହାର ପ୍ରଭାବରେ ଆସନ୍ତା ୨୫ ରୁ ୨୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଏବଂ ରାୟଗଡ଼ା ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୬ରେ ପୁରୀ, ଗଞ୍ଜାମ, ଗଜପତି, ମାଲକାନଗିରି ଏବଂ କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ,ଜଗତ୍ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ରାୟଗଡ଼ା, କନ୍ଧମାଳ, କଟକ ଏବଂ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଆକଳନ କରିଛି ବିଭାଗ। ୨୭ ତାରିଖରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ବଲାଙ୍ଗୀର, ବୌଦ୍ଧ ଏବଂ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ନିଂ ଜାରି କରାଯାଇଛି।

# କୂଅରୁ ମିଳିଲା ବାପାଙ୍କ ମୃତଦେହ



କୂଅରୁ ଅଗ୍ନିଶମ କର୍ମଚାରୀ ନାରାୟଣଙ୍କ ମୃତଦେହ ଉଦ୍ଧାର କରୁଛନ୍ତି।

- ମା' ଓ ଦୁଇଝିଅଙ୍କୁ ହତ୍ୟାର ଦିନକ ପରେ
- ପରିବାର ମୂଳପୋଛ, କାରଣ ଅସ୍ପଷ୍ଟ

**ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର,୨୩।୯(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗାନଗର ଫାଟକପଡାରେ ଗତ ମଙ୍ଗଳବାର ରାତିରେ ଘଟିଥିଲା ଜଘନ୍ୟ ହତ୍ୟାକାଣ୍ଡ। ପରିବାରର ମା' ସୋନି ପୋଦାର(୩୦), ବଡ ଝିଅ ରାଧିକା(୫) ଓ ସାନ ଝିଅ ମୁସ୍କାନ(୩)ଙ୍କୁ ହତ୍ୟା କରାଯାଇଥିଲା। ବୁଧବାର ସକାଳେ ପୋଲିସ ପହଞ୍ଚି ୩ ମୃତଦେହ ଉଦ୍ଧାର କରିଥିଲା । ଏହି ଘଟଣାରେ ପୋଲିସ୍ ମୃତା ମହିଳାଙ୍କ ଦିଅର କଳାକାହ୍ନୁଙ୍କୁ ଅଟକରଖି ପଚରାଉଚରା କରୁଥିବାବେଳେ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିଲେ। ନାରାୟଣଙ୍କ ଉପରେ ପୋଲିସର ସନ୍ଦେହ ହେବାରୁ ତାଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା । ମୃତା ମହିଳାଙ୍କ ମା' ସଙ୍ଗୀତା ଗୋଣ୍ଡଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ୨୬୯/୨୧) ରୁଜୁ କରିଛି। ଏଭଳି ସ୍ଥିତିରେ ଘଟଣାର ଗୋଟିଏ ଦିନ ପରେ ଗୁରୁବାର ସକାଳେ ଘର ନିକଟ କୂଅରୁ ଲୋକେ ପାଣି କାଢୁଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ନାରାୟଣଙ୍କର ବୋଲି ଚିହ୍ନଟ କରିଥିଲା। ପରେ ଝାରସୁଗୁଡା ଅଗ୍ନିଶମ କର୍ମଚାରୀଙ୍କ ସାହାଯ୍ୟରେ କୂଅରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୩୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ପରିବାରର ସମସ୍ତେ ମୂଳପୋଛ ହୋଇଯାଇଥିବା ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି। ଏ ସମ୍ପର୍କରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ କହିଛନ୍ତି, ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ।

# ଦାୟିତ୍ୱରୁ ମୁହଁ ଫେରାଇ ହେବନାହିଁ

## ତାଲିବାନ୍ ସହ ମିଶି କାବୁଲ ଚଳାଉଛନ୍ତି ମେୟର ଦାଉଦ ସୁଲତାନଜୋୟ

*ପୁରୁଷ କର୍ମଚାରୀମାନେ ନିଜ କାମକୁ ଫେରନ୍ତୁ। କିନ୍ତୁ ମହିଳା କର୍ମଚାରୀ ଘରେ ରହିବେ ବୋଲି ନିକଟରେ କାବୁଲ ମ୍ୟୁନିସିପାଲିଟି ନିର୍ଦ୍ଦେଶ ଦେଇଛି। ତାଲିବାନ୍‌ର ଏହି ନିଷ୍ପତ୍ତି ଅନୁସାରେ ବିନା ଦରମାରେ ନିଜ ଦାୟିତ୍ୱ ତୁଲାଉଛନ୍ତି କାବୁଲ ମେୟର ଦାଉଦ ସୁଲତାନଜୋୟ। ଇତିମଧ୍ୟରେ କାବୁଲ ମ୍ୟୁନିସିପାଲିଟିରେ ତାଲିବାନ୍ ଆଉ ଜଣେ ମେୟରଙ୍କୁ ନିଯୁକ୍ତ କରିଥିବାରୁ ଅଫିସରେ ଦୁହେଁ ମିଶି କାମ କରୁଛନ୍ତି। ସେ ନିଜ କର୍ତ୍ତବ୍ୟରୁ ଓହରିଯାଇପାରିବେ ନାହିଁ ବୋଲି କହିଛନ୍ତି ଆମେରିକାରେ ତାଲିମପ୍ରାପ୍ତ ପାଇଲଟ୍ ସୁଲତାନଜୋୟ।*



**କାବୁଲ,୨୩।୯**

ଆଫଗାନିସ୍ତାନର ଅଶ୍ରଫ ଗନି ସରକାର ଅମଳରେ କାବୁଲ ମେୟର ଥିବା ଦାଉଦ ସୁଲତାନଜୋୟ ତାଲିବାନ୍ ଶାସନରେ ବି ରାଜଧାନୀକୁ ଚଳାଉଛନ୍ତି। ଏବେ ସେ ତାଲିବାନ୍ ନିଯୁକ୍ତ ନୂଆ କାମଚଳା ପ୍ରଶାସକ ହମିଦୁଲ୍ଲା ନୋମାନିଙ୍କ ସହ ମିଶି ଅଫିସ ପରିଚାଳନା କରୁଛନ୍ତି। ତାଲିବାନ୍‌ର ଅଗଷ୍ଟ ୧୫ କାବୁଲ ଦଖଲକୁ ମାସେରୁ ଅଧିକ ସମୟ ବିତିଲାଣି। ଆମେରିକା ସମର୍ଥିତ ପ୍ରାୟ ସମସ୍ତ ଅଧିକାରୀ ଆଫଗାନିସ୍ତାନ ଛାଡ଼ି ଚାଲିଯାଇଛନ୍ତି ଅଥବା ଭୟରେ ଆତଙ୍କବାଦୀଙ୍କ ନିକଟରେ ପଦବୀ ତ୍ୟାଗ କରିଛନ୍ତି। ତେବେ କାବୁଲର ୬୬ ବର୍ଷୀୟ ମେୟର ଦାଉଦ ସୁଲତାନଜୋୟ ଏବେ ମଧ୍ୟ ନିଜ ଅଫିସକୁ ଯାଇ କାମ କରୁଛନ୍ତି। ସୁଲତାନଜୋୟ ହେଉଛନ୍ତି ଆମେରିକାର ଜଣେ ପୂର୍ବତନ ନାଗରିକ। ତାଲିବାନ୍ ଶାସନରେ କାବୁଲ ମେୟର ଭାବେ ନିଯୁକ୍ତ ହୋଇଥିବା ନୋମାନିଙ୍କ ସହ ସେ ଅଫିସ ଶେୟାର କରି କାମ କରୁଛନ୍ତି। ତାଲିବାନ୍ କାବୁଲ ଦଖଲ କରିବାର ଦିନକ ପରେ ସୁଲତାନଜୋୟଙ୍କୁ ଯୋଗାଯୋଗ କରିଥିଲା। ସୁରକ୍ଷା ଗ୍ୟାରେଣ୍ଟି ଦେବା ସହ ସେ ନିଜ ପଦବୀରେ ରହି କାମ ଜାରି ରଖନ୍ତୁ ବୋଲି କହିଥିଲା। ତେଣୁ ସୁଲତାନଜୋୟ ମ୍ୟୁନିସିପାଲ ଅଫିସକୁ ଯାଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଏଥିଯୋଗୁ କାବୁଲରେ ଏହା ଭିତରେ ଅନେକ ଘଟଣା ଘଟିଯାଇଥିଲେ ସୁଦ୍ଧା ପରିମଳ ଓ ସଫେଇ ଭଳି ଜରୁରୀ କାମ ଅଟକି ଯାଇନାହିଁ। ପୂର୍ବରୁ ଅଶ୍ରଫ ଗନି ସରକାର ଦରମା ବିଳମ୍ବିତ କରିଥିଲେ ଆଉ ଏବେ କର୍ମଚାରୀଙ୍କୁ ଦରମା ଦେବା ପାଇଁ ତାଲିବାନ୍ ହାତରେ ପାଣ୍ଠି ନାହିଁ। ତେଣୁ ବିନା ଦରମାରେ ୩ ମାସ ହେଲା କାମ କରୁଛନ୍ତି।

୧୯୫୨ ସେପ୍ଟେମ୍ବର ୧୨ରେ କାବୁଲରେ ଜନ୍ମିତ ସୁଲତାନଜୋୟ ୧୯୮୦ ଦଶକ ଆଦ୍ୟଭାଗରେ ସୋଭିଏଟ୍ ୟୁନିୟନ ବିରୋଧରେ ଯୁଦ୍ଧ ଲଢ଼ିଥିଲେ। ଏହା ପୂର୍ବରୁ ସେ ଆମେରିକାର ୟୁନିଭର୍ସିଟି ଅଫ୍ ମିଆମିରେ ପ୍ରଫେସନାଲ ପାଇଲଟ ତାଲିମ ନେଇଥିଲେ। ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକା ପକ୍ଷରୁ ଆଫଗାନିସ୍ତାନ ଉପରେ ଆକ୍ରମଣ ହେବା ପରେ ସେ ଗଜନି ପ୍ରଦେଶକୁ ଫେରିଆସିଥିଲେ। ୨୦୧୪ରେ ସୁଲତାନଜୋୟ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ହାରିଯାଇଥିଲେ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ତାଙ୍କୁ ଆମେରିକାର ନାଗରିକତ୍ୱ ତ୍ୟାଗ କରିବାକୁ ପଡ଼ିଥିଲା। କିନ୍ତୁ ତାଙ୍କ ସ୍ତ୍ରୀ ଓ ପିଲାମାନେ ଏବେ ବି ଆମେରିକା ନାଗରିକ ଥାଇ କାବୁଲରେ ରହୁଛନ୍ତି। ୨୦୨୦ ଏପ୍ରିଲ ୧ରେ ତତ୍କାଳୀନ ରାଷ୍ଟ୍ରପତି ଅଶ୍ରଫ୍ ଗନି ସୁଲତାନଜୋୟଙ୍କୁ କାବୁଲ ମେୟର ନିଯୁକ୍ତ କରିଥିଲେ। ସୁଲତାନଜୋୟଙ୍କ ସ୍ତ୍ରୀ ୧୯୭୨ରେ ମିସ୍ ଆଫଗାନିସ୍ତାନ ମୁକୁଟ ବିଜୟିନୀ ହୋଇଥିଲେ। ତାଲିବାନ୍ ଶାସନରେ କାବୁଲ ମେୟର ଭାବେ କାର୍ଯ୍ୟ ଜାରି ରଖିବା ନିଷ୍ପତ୍ତିକୁ ତାଙ୍କ ପରିବାରର ସମର୍ଥନ ମିଳିଛି।

ୱାଲ୍ ଷ୍ଟ୍ରିଟ୍ ଜର୍ନାଲକୁ ଏକ ସାକ୍ଷାତ୍କାରରେ ସୁଲତାନଜୋୟ କହିଛନ୍ତି, ସେ ତାଲିବାନ୍‌ର ରାଜନୀତିରେ ସମ୍ପୃକ୍ତ ନୁହନ୍ତି। କାବୁଲ ବାସିନ୍ଦାଙ୍କ ପ୍ରତି ନିଜ ଉତ୍ତରଦାୟିତ୍ୱ ତୁଲାଇବା ପାଇଁ ସେ ଅଫିସ ଛାଡ଼ି ନାହାନ୍ତି। ଏହା ଏପରି ଏକ ଦାୟିତ୍ୱ, ଯହିଁରୁ ମୁହଁ ଫେରାଇ ଓହରିଯାଇ ହେବ ନାହିଁ। ତାଲିବାନ୍‌ମାନଙ୍କୁ ସେ ପସନ୍ଦ କରନ୍ତି ନାହିଁ। ତାଲିବାନ୍‌କୁ ସାହାଯ୍ୟ କରିଥିବାରୁ ନିଜ ଶାସନକୁ ବୈଧ କରିବାରେ ତାଲିବାନ୍ ସକ୍ଷମ ହୋଇଛି କି ବୋଲି ପ୍ରଶ୍ନ କରାଯିବାରୁ ସୁଲତାନଜୋୟ କହିଛନ୍ତି, ସେ ସାହାଯ୍ୟ କରୁନାହାନ୍ତି। କାବୁଲ ସିଟିରେ ସେବା କରୁଛନ୍ତି। ତାଲିବାନ୍ ପୂର୍ବାପେକ୍ଷା ଏବେ ସହିଷ୍ଣୁ ହୋଇଯାଇଛି। ସେ ଯାହାଙ୍କୁ ଭେଟିଥିଲେ ସେହି ବ୍ୟକ୍ତିଙ୍କ ଆଚରଣ ଅତ୍ୟନ୍ତ ଭଦ୍ର, ସେ ସବୁ ବୁଝୁଥିଲେ। ନୂଆ ମେୟର ନୋମାନି କହିଛନ୍ତି, ତାଲିବାନ୍‌କୁ ଦେଶ ଚଳାଇବା ପାଇଁ ସୁଲତାନଜୋୟଙ୍କ ଭଳି ପ୍ରଫେସନାଲଙ୍କ ଦକ୍ଷତା ଦରକାର।

# ପ୍ରଶ୍ନ ଉଠାଇଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

## ରୋଗୀଙ୍କୁ ଫାର୍ମାସିଷ୍ଟ ଔଷଧ ଦେବା ପ୍ରସଙ୍ଗ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ରୋଗୀଙ୍କୁ ଫାର୍ମାସିଷ୍ଟ ଔଷଧ ଦେବା ପ୍ରସଙ୍ଗ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଶ୍ନ ଉଠାଇଲେଣି। ବରିଷ୍ଠ ଡାକ୍ତର ତଥା ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସିଦ୍ଧାର୍ଥ ଦାସ କହିଛନ୍ତି, ରୋଗ ଚିହ୍ନଟ ନ କରି ଫାର୍ମାସିଷ୍ଟମାନେ କେମିତି ଔଷଧ ଦେବେ। ଡାକ୍ତରୀ ପାଠ ଓ ଫାର୍ମାସିଷ୍ଟ ପାଠ ଭିତରେ ପ୍ରଭେଦ ରହିଛି। କୋଭିଡ୍ ସଂକ୍ରମଣ ଭିତରେ ଜ୍ୱର ହେଲେ ସମସ୍ତଙ୍କୁ ପାରାସିଟାମଲ ଦେବା ଠିକ୍ ନୁହେଁ। ସେହିପରି ଆଣ୍ଟିବାୟୋଟିକ୍ ଦେବା ଆଦୌ ଠିକ୍ ନୁହେଁ। କିଛି ନିର୍ଦ୍ଦିଷ୍ଟ ଚର୍ମରୋଗ ପାଇଁ ଫାର୍ମାସିଷ୍ଟମାନେ ଔଷଧ ଦେଇପାରିବେ। ଫାର୍ମାସିଷ୍ଟମାନେ ଗୋଟିଏ ଔଷଧରେ କ'ଣ ଉପାଦାନ କେତେ ପରିମାଣରେ ଥାଏ ସେ ବାବଦରେ ପାଠ ପଢ଼ିଥାନ୍ତି। କିନ୍ତୁ ଫାର୍ମାସିଷ୍ଟଙ୍କ ପାଠ୍ୟକ୍ରମରେ ରୋଗ ଚିହ୍ନଟ ପାଇଁ କୌଣସି ବିଷୟବସ୍ତୁ ନ ଥାଏ। ତେଣୁ ଆଣ୍ଟିବାୟୋଟିକ ବାବଦରେ ଫାର୍ମାସିଷ୍ଟଙ୍କର ସେଭଳି କୌଣସି ଜ୍ଞାନ ନ ଥାଏ। ଏହାଛଡ଼ା ଆଣ୍ଟିବାୟୋଟିକ ଯିଏ କେହି ବି ମନଇଚ୍ଛା ଦେଇପାରିବେ ନାହିଁ ବୋଲି ଡା. ଦାସ ମତ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଫାର୍ମାସିଷ୍ଟମାନେ ଔଷଧ ଦେବା ପ୍ରସଙ୍ଗରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବହୁ ପୂର୍ବରୁ ପଞ୍ଚବ୍ୟାଧି ଚିକିତ୍ସା ସଂକ୍ରାନ୍ତରେ ଫାର୍ମାସିଷ୍ଟମାନଙ୍କୁ ଟ୍ରେନିଂ ଦିଆଯାଇଥିଲା। ଯେଉଁଠି ଡାକ୍ତର ନ ଥିଲେ, ସେଠାରେ ଔଷଧ ସୁପାରିଶ କରିବା ପାଇଁ ଫାର୍ମାସିଷ୍ଟଙ୍କୁ କୁହାଯାଉଥିଲା। ସେତେବେଳେ ଗୋଟିଏ ରୋଗ ପାଇଁ ଦୁଇଟି ଔଷଧ ଥିଲା, ଏବେ ତିନୋଟି ଔଷଧ ଆସିଛି। ଡ୍ରଗ କଣ୍ଟ୍ରୋଲରଙ୍କ ପରାମର୍ଶ ନେଇ ଏହି ସଂଖ୍ୟା ବଢ଼ାଯାଇଛି ବୋଲି ଡା. ମହାପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏଣିକି ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀ ଦେଖିପାରିବେ ଏବଂ ଔଷଧ ଦେଇପାରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଯେଉଁ ହସ୍ପିଟାଲରେ ଡାକ୍ତର ନାହାନ୍ତି, ସେଠାରେ ବୁଝାଶୁଝା କରୁଥିବା ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରିପାରିବେ। ଏଥିପାଇଁ ସରକାର ବିଧିବଦ୍ଧ ଅନୁମତି ଦେଇଛନ୍ତି। ଏଥିପାଇଁ ସେମାନେ କେଉଁ ରୋଗ ପାଇଁ କେଉଁ ଔଷଧ ଦେବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଲିକା ପ୍ରସ୍ତୁତ କରି ନିର୍ଦ୍ଦେଶନାମା ଜାରି କରାଯାଇଛି। ଫାର୍ମାସିଷ୍ଟମାନେ ଲକ୍ଷଣଯୁକ୍ତ ଜ୍ୱର ପାଇଁ ପାରାସିଟାମଲ, ଆର୍ଜିଥ୍ରୋମାଇସିନ୍, ସେଫିକ୍ସଜାଇମ୍, ଆମୋକ୍ସିସିଲିନ୍ ମେଡିସିନ୍ ଦେଇପାରିବେ। ସେହିପରି ମ୍ୟାଲେରିଆ, ଚର୍ମ ରୋଗ, ଝାଡ଼ାବାନ୍ତି ଓ ଅନ୍ୟରୋଗ ପାଇଁ ମଧ୍ୟ ଔଷଧ ତାଲିକା ଜାରି ହୋଇଛି। ଏହି ତାଲିକା ଅନୁସାରେ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ଦେଇପାରିବେ ବୋଲି ନିର୍ଦ୍ଦେଶ ରହିଛି।



**ଆଜିର ମନ୍ତବ୍ୟ**

"ଆସାମ ହିଂସା ଓ ଗୁଳିକାଣ୍ଡ ପ୍ରାୟୋଜିତ କାର୍ଯ୍ୟକ୍ରମ। ଦେଶବାସୀଙ୍କ ପ୍ରତି ଏପରି ବ୍ୟବହାର ଦୁର୍ଭାଗ୍ୟଜନକ।"
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ମୋନାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମନୋରଞ୍ଜନଙ୍କୁ ସର୍ତ୍ତମୂଳକ ଜାମିନ

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧା ଜିଲା କଡ଼ବ ଗ୍ରାମର ବାପ, ପୁଅଙ୍କୁ ମାଡ଼ ମାମଲାରେ ମାନବବାଦ ସଙ୍ଗଠନ ତଥା ରାଷ୍ଟ୍ରୀୟ ସୁରକ୍ଷା ମଞ୍ଚ ମୁଖ୍ୟ ମାନସ ଦାସଙ୍କ ପୁଅ ମନୋରଞ୍ଜନ ସର୍ତ୍ତମୂଳକ ଜାମିନ ପାଇଛନ୍ତି। ଗୁରୁବାର ଖୋର୍ଦ୍ଧା ଅତିରିକ୍ତ ଦ୍ୱିତୀୟ ଜିଲା ଦୌରାଜଜ୍ ଅଭିଯୁକ୍ତ ମନୋରଞ୍ଜନଙ୍କୁ ୨ ଜାମିନଦାର ଏବଂ ୫୦ ହଜାର ଟଙ୍କା ବଦଳରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ଓକିଲ ଶରତ ଚନ୍ଦ୍ର ମାନସିଂ କହିଛନ୍ତି। ଗୁରୁବାର ଜାମିନ ଅର୍ଡର ଆସିବା ପରେ ସନ୍ଧ୍ୟା ୬ଟା ୨୦ମିନିଟ୍‌ରେ ମନୋରଞ୍ଜନ ଖୋର୍ଦ୍ଧା ସବ୍‌ଜେଲରୁ ବାହାରିଥିଲେ। ସୂଚନା ଅନୁଯାୟୀ, କଡବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ମାଡ଼ ମାରିବା ଅଭିଯୋଗରେ ସେପ୍ଟେମ୍ବର ୨ରେ ମାନସ ଓ ତାଙ୍କ ପୁଅ ମନୋରଞ୍ଜନଙ୍କୁ ଖୋର୍ଦ୍ଧା ପୋଲିସ ଗିରଫ କରିଥିଲା। ସେପ୍ଟେମ୍ବର ୩ରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉଭୟଙ୍କ ଜାମିନ ପାଇଁ ସେମାନଙ୍କ ଓକିଲଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ଦୁହେଁ ପୁଣି ଏଡିଜେ-୧ କୋର୍ଟରେ ଆବେଦନ କରିଥିଲେ। ପ୍ରଥମ ଏଡିଜେ ଶୁଣାଣିକୁ ଦ୍ୱିତୀୟ ଏଡିଜେଙ୍କ କୋର୍ଟଙ୍କୁ ସ୍ଥାନାନ୍ତର କରିଥିଲେ। ବୁଧବାର ଜାମିନ ଶୁଣାଣି ହୋଇଥିଲା। ଗୁରୁବାର ଜାମିନ ଆଦେଶ ପ୍ରକାଶ ପାଇଛି। ଉଲ୍ଲେଖ ଥାଉ କି, ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳରେ ମାନସ ମାନବବାଦ ସଙ୍ଗଠନ ନାଁରେ ଏକଛତ୍ରବାଦ ଶାସନ ଚଳାଇ ଆସୁଥିଲେ। ଯିଏ ତାଙ୍କୁ ବିରୋଧ କଲା ତାଙ୍କୁ ଅକଥନୀୟ ଅତ୍ୟାଚାର ଓ ନିର୍ଯାତନା ଦିଆଯାଉଥିଲା।

### ବାପ, ପୁଅଙ୍କୁ ମାଡ଼ ମାମଲା

ଅଗଷ୍ଟ ୨ରେ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ମାନବବାଦ ସଙ୍ଗଠନର କର୍ମକର୍ତ୍ତା କରଡଗାଡ଼ିଆରେ ପିଟି ପିଟି ହତ୍ୟା କରିବା ପରେ ମୃତଦେହ ପୋଡ଼ିଦେଇଥିଲେ। ସଙ୍ଗଠନ ମୁଖ୍ୟ ମାନସଙ୍କ ଇଙ୍ଗିତରେ କର୍ମକର୍ତ୍ତାମାନେ ସତ୍ୟବ୍ରତଙ୍କୁ ହତ୍ୟା କରିଛନ୍ତି ବୋଲି ମୃତକଙ୍କ ପୁତୁରା ବସନ୍ତ ନାୟକ ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୪୯/୨୧) ରୁଜୁ କରି ୬ଜଣଙ୍କୁ ଗିରଫ କରିଥିଲା। ଅଗଷ୍ଟ ୨୭ରେ ମାଗୁଣି ନାୟକ ଓ ଆନନ୍ଦଙ୍କୁ ମାନବବାଦ ସଙ୍ଗଠନର ସଦସ୍ୟ ନିସ୍ଥୁକ ମାଡ଼ ମାରିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଦ୍ୱିତୀୟ ଡୋଜ୍...

ଏ ନେଇ ଭଦ୍ରକ ଜିଲାର ଜଣେ ହିତାଧିକାରୀ ସୂର୍ଯ୍ୟମଣୀ ମହାପାତ୍ର କହିଛନ୍ତି, ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ମନେପଡୁନାହିଁ। ଆଉ ଦୁଇଟିଯାକ ଡୋଜ୍ ଟିକା ନେଲେ ବି ଲୋକେ ଆକ୍ରାନ୍ତ ହେଉଛନ୍ତି ଓ ମୃତ୍ୟୁ ମଧ୍ୟ ହେଉଛି। ଏ ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ଏହି ଟିକାକରଣ କେବଳ ଗ୍ରାମାଞ୍ଚଳ ନୁହେଁ, ଅନେକ ଅଞ୍ଚଳକୁ ନେଇ ଗୋଟିଏ କଥା ଦେଖାଦେଇଛି। ଟିକା ୩ ମାସ ବ୍ୟବଧାନରେ ଦିଆଯାଉଥିବାରୁ ପ୍ରଥମ ଡୋଜ୍ ନେବା ପରେ ଦ୍ୱିତୀୟ ଡୋଜ୍ ନେବାକୁ ଲୋକେ ଭୁଲିଯାଉଛନ୍ତି। ଠିକ୍ ସମୟରେ ଟିକା ନେବା ପାଇଁ ସେମାନଙ୍କ ପାଖକୁ ଏସ୍‌ଏମ୍‌ଏସ୍ ପଠାଯାଉଛି। କିନ୍ତୁ ସେମାନେ ଆସୁନାହାନ୍ତି। ତେଣୁ ଯେଉଁମାନେ ଟିକା ପାଇନାହାନ୍ତି, ସେମାନଙ୍କ ଜିଲାସ୍ତରୀୟ ତାଲିକା ପ୍ରସ୍ତୁତ କରାଯାଇଛି। ତାଲିକା ଅନୁସାରେ ସମ୍ମୁଖ ଯୋଦ୍ଧାମାନେ ସେମାନଙ୍କୁ ଟିକାକରଣ କେନ୍ଦ୍ରକୁ ଆଣିବେ।

ସେହିପରି ରାଜ୍ୟରେ କରୋନା ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, କରୋନା ଖସୁଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିସାରିଛି। ଏହା ଭଲ ଖବର। କିନ୍ତୁ ସଚେତନ ରହିବାକୁ ଏବେ ବି ଆହ୍ୱାନ ରହିଛି। ତୃତୀୟ ଲହର କେଉଁଠି କ'ଣ ଆସିଲା, ତାହାର କିଛି ଅର୍ଥ ନାହିଁ। ଆମ ରାଜ୍ୟର ସ୍ଥିତି ଦେଖି ତୃତୀୟ ଲହର କଥା ସମୀକ୍ଷା କରାଯିବ ବୋଲି ମହାପାତ୍ର କହିଛନ୍ତି। ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୭୨,୧୯୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୪ଟି ଜିଲାରୁ ୬୪୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ୭୨ଜଣ ଆକ୍ରାନ୍ତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ କହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୮୩ ଜଣ ଥିବା ବେଳେ କଟକରୁ ୭୭ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୫୦ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୧୦,୨୨,୫୯୪ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଅନୁଗୋଳ, କଟକ, ଜଗତ୍‌ସିଂହପୁର, ନବରଙ୍ଗପୁର, ପୁରୀ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୧୫୭କୁ ବୃଦ୍ଧି ପାଇଛି।

## ତଦନ୍ତ କରିବ ବୈଷୟିକ...

କରି ଆସନ୍ତା ସପ୍ତାହରେ ସଦସ୍ୟଙ୍କ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ପରେ ଘୋଷଣା କରାଯିବ ବୋଲି ରମନା କହିଛନ୍ତି। ଗତ ୧୩ତାରିଖରେ ପ୍ରଧାନ ବିଚାରପତି ଏନ୍. ଭି. ରମନା, ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ସେତେବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପେଗାସସ୍ ବ୍ୟବହାର ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିବା ଉଚିତ ହେବ ନାହିଁ। ଏହା ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ଏହାକୁ ସର୍ବସାଧାରଣରେ ପ୍ରକାଶ ଯୋଗ୍ୟ ଭଳି ବିତର୍କ କରିବା ଠିକ୍ ନୁହେଁ। ସୁରକ୍ଷା ବ୍ୟବସ୍ଥା ପାଇଁ ସରକାର ପେଗାସସ୍‌କୁ ବ୍ୟବହାର କରିଛନ୍ତି କି ନାହିଁ ତାହା ପ୍ରକାଶ କରାଯାଇ ପାରିବ ନାହିଁ। ବିଶେଷକରି ଆତଙ୍କବାଦୀ ସଂଗଠନଗୁଡ଼ିକୁ ଏହା ସୁହାଇବ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଏହି ଘଟଣାର ତଦନ୍ତ ପାଇଁ ଏକ ନିରପେକ୍ଷ ବୈଷୟିକ କମିଟି ଗଠନ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ଉକ୍ତ କମିଟି ତା'ର ରିପୋର୍ଟ ସର୍ବୋଚ୍ଚ ଅଦାଲତରେ ଉପସ୍ଥାପନ କରିବେ ବୋଲି ମେହେଟ୍ଟା କହିଥିଲେ। ମେହେଟ୍ଟାଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ କହିଥିଲେ ଯେ, ଏହି ପ୍ରସଙ୍ଗ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ସମ୍ପର୍କିତ କି ନୁହେଁ ଆମେ ତାହା ଜାଣିବାକୁ ଚାହୁଁ ନାହୁଁ। କେବଳ ଏହା ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ଗୁପ୍ତରେ ନଜର ରଖିବା ନେଇ ଆଗତ ଅଭିଯୋଗ ସମ୍ପର୍କରେ ସ୍ପଷ୍ଟୀକରଣ ଚାହୁଁଛୁ। ସରକାର ଆଇନ ବାହାରକୁ ଯାଇ ଏହାକୁ ବ୍ୟବହାର କରିଛନ୍ତି କି ନାହିଁ ତାହା ଜାଣିବା ପାଇଁ ଖଣ୍ଡପୀଠ ଆଗ୍ରହୀ ବୋଲି ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ।

## କଳିଙ୍ଗରେ ହେବ ଜୁନିୟର...

ଭାରତ ସମେତ କୋରିଆ, ମାଲେସିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ବେଲଜିୟମ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ, ସ୍ପେନ, ଆମେରିକା, କାନାଡା, ଚିଲି ଓ ଆର୍ଜେଣ୍ଟିନା ଏଥିରେ ଭାଗନେବେ। ତେବେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଶକ୍ତିଶାଳୀ ଦଳ ଏହି ବିଶ୍ୱକପ୍‌ରୁ ଓହରିଯାଇଛନ୍ତି। ୨୧ ବର୍ଷରୁ କମ୍ ବର୍ଗରେ ଏହି ବିଶ୍ୱକପ୍ ଏବେ ପ୍ରତି ଦୁଇବର୍ଷରେ ଥରେ ଆୟୋଜନ ହେଉଛି। ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୬ରେ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା ଓ ଏଥିରେ ଭାରତ ଟାଇଟଲ ହାସଲ କରିଥିଲା।

ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଦ୍ୱାଦଶ ସଂସ୍କରଣର ଆୟୋଜନ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ। ଏହା ପ୍ରଥମେ ଗୁଆହାଟୀରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ୨୦୧୮ ପୁରୁଷ ହକି ବିଶ୍ୱକପ୍ ସମେତ ଏକାଧିକ ବିଶ୍ୱସ୍ତରୀୟ ହକି ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି। ଓଡ଼ିଶା ଏବେ ଜାତୀୟ ହକିର ପେଣ୍ଠସ୍ଥଳୀରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହକିର ପ୍ରଚାର, ପ୍ରସାର ଓ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିବେ। ବିଶ୍ୱସ୍ତରରେ ଭାରତ ହକିରେ ଆହୁରି ଉଲ୍ଲେଖନୀୟ ସଫଳତା ପାଇବା ପାଇଁ ରାଜ୍ୟ ସରକାର କ୍ଷମତା ଅନୁଯାୟୀ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶ୍ୱକପ୍ ଆୟୋଜନ କରିବାକୁ ଓ ଏଥିରେ ଅଂଶଗ୍ରହଣ କରିବାକୁ ଥିବା ୧୬ଟି ଦଳକୁ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଅଛୁ। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଆମେ ଏହି ବିଶ୍ୱକପ୍‌କୁ ଏକ ସୁରକ୍ଷିତ ପରିବେଶରେ ସଫଳତାର ସହ ଆୟୋଜନ କରିବାକୁ ପ୍ରାଧାନ୍ୟ ଦେବୁ। ହାତରେ ଖୁବ୍ କମ୍ ସମୟ ଥିବା ବେଳେ ବିଶ୍ୱକପ୍ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଦେଶର ସମ୍ମାନ ରକ୍ଷା କରିବାକୁ ଯାଇ ଆମେ ଏହି ପ୍ରସ୍ତାବ ଗ୍ରହଣ କରିଥିଲୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତ ପୁରୁଷ ଓ ମହିଳା ହକି ଦଳର ସଫଳତା ପଛରେ ଓଡ଼ିଶାର ଅବଦାନ କଥା ସେ ଉଲ୍ଲେଖ କରିଥିଲେ। ଭାରତୀୟ ପୁରୁଷ ଦଳ ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ ପଦକ ହାସଲ କରିଥିଲା ଓ ମହିଳା ଦଳ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରି ଇତିହାସ ସୃଷ୍ଟି କରିଥିଲା। ପୂର୍ବରୁ ମଧ୍ୟ ଓଡ଼ିଶା ୨୦୧୭ରେ ସମାନ ଢଙ୍ଗରେ ୨୨ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ ସଫଳତାର ସହ ଆୟୋଜନ କରିଥିଲା। ଆୟୋଜନରୁ ରାଞ୍ଚି ଶେଷ ମୁହୂର୍ତ୍ତରେ ଓହରିଯିବା ପରେ ଓଡ଼ିଶା ମାତ୍ର ୯୦ ଦିନ ମଧ୍ୟରେ ଏହି ମେଗା ଇଭେଣ୍ଟକୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ କରି ଉଦାହରଣ ସୃଷ୍ଟି କରିଥିଲା।

୨୧ ବର୍ଷରୁ କମ୍ ତଥା ଜୁନିୟର ବିଶ୍ୱକପ୍ ଏଫ୍‌ଆଇଏଚ୍ କ୍ୟାଲେଣ୍ଡରର ଏକ ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ। ଏହାକୁ ଆୟୋଜନ କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ଏହା ନିଶ୍ଚିତ ଭାବେ ଏକ ବଡ଼ କଥା ବୋଲି ବାତ୍ରା କହିଛନ୍ତି। ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି ଓ ଏଠାରେ କ୍ରୀଡ଼ା ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିଛି। ହକି ଓ କ୍ରୀଡ଼ାର ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସ ପ୍ରଶଂସନୀୟ। କୋଭିଡ୍-୧୯ ପ୍ରୋଟୋକଲ ଅନୁଯାୟୀ ଏହି ବିଶ୍ୱକପ୍ ସଫଳତାର ସହ ଆୟୋଜନ ହେବ ବୋଲି ବାତ୍ରା ଆଶା ପ୍ରକାଶ କରିଛନ୍ତି। ସେହିପରି କ୍ରମାଗତ ଦୁଇଟି ଜୁନିୟର ବିଶ୍ୱକପ୍ ଆୟୋଜନ କରିବା ଭାରତ ତଥା ହକି ଇଣ୍ଡିଆ ପାଇଁ ଏକ ଗୌରବର ବିଷୟ ବୋଲି ରାଜିନ୍ଦର କହିଛନ୍ତି। ପୂର୍ବରୁ ୨୦୧୬ରେ ଲକ୍ଷ୍ନୌରେ ବିଶ୍ୱକପ୍‌ର ଗତ ସଂସ୍କରଣ ସଫଳତାର ସହ ଆୟୋଜିତ ହୋଇଥିଲା। ଫାଇନାଲରେ ଶକ୍ତିଶାଳୀ ବେଲଜିୟମକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ପୁଣି ଥରେ ଏହି ବିଶ୍ୱକପ୍ ସଫଳତାର ସହ ଆୟୋଜନ ହେବ ବୋଲି ସେ କହିଛନ୍ତି। ହକି ଓ କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ତାଙ୍କ ପ୍ରୟାସକୁ ଆହୁରି ତ୍ୱରାନ୍ୱିତ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି।

## ସ୍ତ୍ରୀଙ୍କ ଆତ୍ମହତ୍ୟାର ଭିଡିଓ...

ନେଇଥିଲେ। ଘରେ ସ୍ୱାମୀ ଓ ପିଲାଙ୍କ ସାମ୍ନାରେ ସିଲିଂ ଫ୍ୟାନ୍‌ରେ ସେ ତାଙ୍କ ଶାଢ଼ିରେ ଝୁଲି ପଡ଼ିଥିଲେ। ସେହି ସମୟରେ ପେଞ୍ଚାଲାଇଆ ସ୍ତ୍ରୀଙ୍କୁ ରୋକିବା ପରିବର୍ତ୍ତେ ଆତ୍ମହତ୍ୟାର ଭିଡିଓ ରେକର୍ଡିଂ କରିଥିଲେ। ଉକ୍ତ ଭିଡିଓକୁ ସେ ଶ୍ୱଶୁର ଘରକୁ ପଠାଇ ମୃତଦେହ ସେଠାରୁ ନେଇଯିବାକୁ କହିଥିଲେ। ଏ ନେଇ କୋନ୍ଦାମ୍ମାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପେଞ୍ଚାଲାଇଆଙ୍କୁ ଗିରଫ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈରେ କୁମ୍ଭୀର ଗାତ
ନୂଆ ବୋହୂ ଦେଲା ପଖାଳ ଭାତଲୋ,
ଧରି ନେଲା ସନ୍ନିପାତ।**

ଅଦିନରେ ପଖାଳ ଭାତ ଖାଇଲେ ଦେହ ଖରାପ ହୋଇଯିବା ସାଧାରଣ କଥା ହୋଇଥାଏ। ପରୋକ୍ଷରେ ନୂଆ ବୋହୂର ସ୍ନେହର ଅଭିସନ୍ଧି ଓ ତା'ର ପ୍ରତ୍ୟକ୍ଷ ଫଳ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଶ ମୋଡା ମୋଡା
ଦରଶନ ଥୋଡା ଥୋଡା।**

ହାକିମି ଦେଖେଇବାର ଚେହେରା ଅଛି ଅଥଚ ସାହସ ନାହିଁ। କେତେଜଣ ବ୍ୟକ୍ତି ଆବଶ୍ୟକତାଠୁ ଅଧିକ ନିଜକୁ ଦେଖେଇ ହୁଅନ୍ତି। ଉପରେ ପଡି ସବୁ କିଛି ଅକ୍ଲେଶରେ କରିଦେଇପାରିବାର ଦୃଢ଼ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ଅସଲ ବେଳରେ ତାଙ୍କ ଦେଖା ମିଳିବା କଷ୍ଟକର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


# classifieds Everyday
0674-2580101, 2549302

real estate

**SALE**

2BHK with covered car parking for resale @ Hitech Plaza Apartment, Sunderapada, Bhubaneswar. Call owner : 9591500331. D-21735

2BHK North facing flat 1100sqft. at BMC Bhawani, Sahid Nagar, Bhubaneswar for immediate sale. Brokers Excuse. Contact: 9337192262, 9937889778. D-71166

**"2 Nos of Plots are for Sale. 2700sqft. at Godia Pokhri and 4600 sqft. near Jatni Gate 500mtr from NH. Contact 7077735599".** D-21736

3/2 BHK furnished flat available near V2 Showroom Patrapada, Bhubaneswar. 9861037729, 9040337729. D-71420

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ bypass ଠାରୁ 500ମି ଦୂରତାରେ 2BHK apartment ready to move ଅଛି। Price 17 lakhs. Contact: 7008384659. D-70959

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: **9861814701,** Dist.- Khordha. D-21646

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

ଭୁବନେଶ୍ୱର **Khordha NH side** ପିତାପଲ୍ଲୀ ଏବଂ **Sum Hospital 4 k.m. Ri Training Centre** ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। **Owner: 9090963952.** D-71703

construction

**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710

**ACCOMMODATION**

3000-4000 Sqft. Pucca Godown space required in Bhubaneswar. Contact: 9937493225. D-21703

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

healthcare

Ashirvaad Salon and SPA get good massage for your health tha best therapy. 7077181074. D-70487

Newly Open Saikrupa Panchakarma Spa positively health benefits with Expert. 8984068077. D-21717

Newly open full body massage ladies and gents. 8327740003. D-70486

**Refreshing your mind, your body with tha best therapy at Lotus Spa. 8018891951.** D-70488

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Swarna SPA newly open positively health benefits with expert therapist. 9556978408. D-71162

Take wellness relax massage trained ladies/ gents therapist 800/-, 7008773793. D-71417

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**

I am Kasinath Sarkar, S/o Durgapada Sarkar, village M.V. 9, Po. Goudaguda, Dist. Malkangiri That, Ashik Sarkar is my son , he is reading at Deepti Convent School, Malkangiri in Class X. That, my actual name is Kasinath Sarkar, but unfortunately my name is mentioned as Kasinath Sankar and my wife's name is Sabita Sankar in school Admission register of my son Ashik Sarkar. I want to rectify my surname and my wife's surname in the School record of my above named son as SARKAR instead of SANKAR. D-21737

**ନିରୁଦ୍ଦିଷ୍ଟ**



ନାମ: **କେଦାର ସାହୁ,** ବୟସ-୫୮, ଗ୍ରାମ- ମହାରଣା କଲୋନୀ, କୋଟୀନାଡା, ଆସିକା। ସେ ଘରୁ ଗଲାବେଳେ କଳା ଫୁଲ୍‌ପ୍ୟାଣ୍ଟ ଏବଂ ଧଳା ରଙ୍ଗର ଫୁଲ୍‌ଚେକ୍ ସାର୍ଟ ପିନ୍ଧିଛନ୍ତି। ଯଦି କେହି ଦେଖନ୍ତି ତେବେ କଲ୍ କରି ଶୀଘ୍ର ଜଣେଇବେ। 7673983497, 7008778370, 9337639686. D-21731

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶ୍ରୀଚନ୍ଦ୍ର ଯୋଗୁ ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ। ଶତ୍ରୁତାର ସମାଧାନ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସନ୍ତାନଙ୍କ କୃତି ଓ କୃତିତ୍ୱରେ ପାରିବାରିକ ସ୍ତରରେ ଖୁସି ହୋଇପାରନ୍ତି।

**ବୃଷ** – ବ୍ୟୟଭାବସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତାକୁ ବୃଦ୍ଧି କରିବାରେ ବନ୍ଧୁଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅନନ୍ୟ କାରଣ ହୋଇପାରେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍‌ଧ ହେବେ। ଅଫିସ୍‌ରେ ବ୍ୟସ୍ତ ବହୁଳ କର୍ମ ପାଇଁ ଅନୁଶୋଚନା କରିପାରନ୍ତି।

**ମିଥୁନ** – ବନ୍ଧୁଙ୍କ ପରାମର୍ଶରେ କିଛି ନୂତନ କାମ ଆରମ୍ଭ କରିବା ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପ୍ରିୟଜନମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାଂଗଠନିକ ସ୍ତରରେ ନେତୃତ୍ୱ ନେଲେ ପ୍ରଶଂସିତ ହେବାର ସମ୍ଭାବନା ରହିଛି।

**କର୍କଟ** – ଚତୁର୍ପାର୍ଶ୍ୱରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ସମ୍ପୂର୍ଣ୍ଣ ହେବ ନାହିଁ। ପୁଷ୍ୟା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ବ୍ୟବସାୟରେ ଲାଭକ୍ଷତିର ହିସାବ ନ କରି ଅଧିକାଂଶ କ୍ଷେତ୍ରରେ ମନକୁ ବୁଝାଇ ରହିବାକୁ ବାଧ ହେବେ। ବନ୍ଧୁମାନଙ୍କ ଦ୍ୱାରା ଆହୂତ ହୋଇ ଧର୍ମକାର୍ଯ୍ୟ କରିବା ସକାଶେ ମନ ବଳାଇପାରନ୍ତି।

**ସିଂହ** – ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସଭାସମିତିରେ ତଥା ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ରବି ଓ ମଙ୍ଗଳ ସଂଯୋଗରୁ ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ। ସ୍ୱଗୃହୀ ଶୁକ୍ର ପ୍ରଭାବରୁ କର୍ମକ୍ଷେତ୍ରରେ ସରକାରୀ ସ୍ତରରୁ ସମ୍ମାନିତ ହେବେ।

**କନ୍ୟା** – ଆଜି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ବୃହସ୍ପତି ଭୂମିପୁତ୍ର ନକ୍ଷତ୍ରସ୍ଥ ହେତୁ ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ପରିବାରରେ ଖର୍ଚ୍ଚ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ହେବେ। ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ବହୁ କଷ୍ଟରେ କାର୍ଯ୍ୟସିଦ୍ଧି ଘଟିବ।

**ତୁଳା** – ଧନାଧିପ ସହ କର୍ମାଧିପଙ୍କ ଷଡାଷ୍ଟକସ୍ଥିତି ହେତୁ ଅର୍ଥସଂକଟ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ମାନସିକ ଦୁଃଖ ଦେବ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ସରକାରୀସ୍ତରରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା** – ଅଶ୍ୱିନୀ ନକ୍ଷତ୍ରସ୍ଥ କେତୁ ଶାରୀରିକ ଓ ମାନସିକ ସୁସ୍ଥତାକୁ ବ୍ୟାହତ କରିପାରେ। ବନ୍ଧୁଙ୍କୁ ଆପଣେଇ ନେଇ ଲକ୍ଷ୍ୟ ପୂରଣ କରିପାରିବେ । ଆଜିର ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ, ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** – ବନ୍ଧୁଙ୍କୁ ମନାଇ କାମ ହାସଲ କରିବେ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ଆଧ୍ୟାତ୍ମିକ ଗ୍ରହ ଶନି ଯୁକ୍ତ ଗୁରୁଙ୍କ ସମ୍ବନ୍ଧ ହେତୁ ପରିଜନଙ୍କ ସହ ଦେବ ଦର୍ଶନ ସମ୍ଭାବନା ରହିଛି। ଆର୍ଥିକ ଅଭିବୃଦ୍ଧି ସହିତ ପାରିବାରିକ ସୌଖ୍ୟ ଜୀବନଚର୍ଯ୍ୟାକୁ ରସାଣିତ କରିବାରେ ସହାୟକ ହେବ।

**ମକର** – ବିବାଦୀୟ ପରିସ୍ଥିତି ଲାଗିରହିଥିବା କାରଣରୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଏହି କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅଷ୍ଟମାଧିପ ଭାଗ୍ୟସ୍ଥ ହେତୁ ଉଦ୍ୟମ ସଫଳତା କଷ୍ଟକର ହୋଇପାରେ। ଈର୍ଷାପରାୟଣ ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ।

**କୁମ୍ଭ** – ବୁଧ ସହ ଶୁକ୍ର ସଂଯୋଗରୁ ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ବନ୍ଧୁଙ୍କ ସହ ଯୁକ୍ତିତର୍କରୁ ଦୂରେଇ ରହନ୍ତୁ। ଆଜି ଶିଳ୍ପ, ବାଣିଜ୍ୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ। କର୍ମକ୍ଷେତ୍ରରେ କାମ ହାସଲ କରିବେ।

**ମୀନ** – କର୍ମକ୍ଷେତ୍ରରେ ସକାଳୁ ସକାଳୁ ଶୁଭ ଖବର ପାଇ ମନଟା ଖୁସୀ ହୋଇଯିବ। ନିଜର ଲୋକମାନଙ୍କ ଚାଲି ଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଆର୍ଥିକ ସ୍ଥିତିର ଉନ୍ନତି ଘଟିବ।

# ବୃଦ୍ଧଙ୍କ ମୃତଦେହ ଜବତ

**ବଲଙ୍ଗା,୨୩।୯(ଡି.ଏନ୍.ଏ.):** ବଲଙ୍ଗା ଥାନା ଝାଡୋସାହି ଗ୍ରାମର କପିଳ ସାହୁ (୭୦)ଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଧାନ ଜମିରୁ ପୋଲିସ ଗୁରୁବାର ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କପିଳ ପୂର୍ବାହ୍ନରେ ଘରୁ ଧାନ ଜମିକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଧାନ ଜମିରେ କପିଳ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପରିବାର ଲୋକଙ୍କୁ ଜଣାଇଥିଲେ। କପିଳଙ୍କୁ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା' ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ



# ନୂଆ ବିଜ୍‌ନେସ ମଡେଲ



ଆଞ୍ଜେଲ ଗୁରିଆ

ଦୀର୍ଘ ଅବଧି ଧରି ବିଶ୍ୱ ଅସମାନତା ବୃଦ୍ଧି, ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଉପଲବ୍ଧତାର ଅଭାବ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଆହ୍ୱାନଗୁଡ଼ିକୁ ସାମ୍ନା କରି ଆସୁଛି। ଏବେ କୋଭିଡ୍-୧୯ ମହାମାରୀ ଏହି ସବୁ ଆହ୍ୱାନଗୁଡ଼ିକ ଉପରେ ସଭିଙ୍କ ଧ୍ୟାନ କେନ୍ଦ୍ରିତ କରିବାକୁ ବାଧ୍ୟ କରିଛି। ମହାମାରୀର ବହୁ ପୂର୍ବରୁ ଜଗତୀକରଣ ଓ ପ୍ରଯୁକ୍ତିଗତ ପ୍ରଗତି ଉପରେ ଜଟିଳ ପ୍ରଶ୍ନ ଉଠିଥିଲା। ବିଗତ କିଛି ଦଶନ୍ଧିରେ ଲୋକଙ୍କୁ ରୋଜଗାର ଦେବା ସହ ସେମାନଙ୍କର ମୁଖ୍ୟ ଆବଶ୍ୟକତା ପୂରଣ ପାଇଁ ନିବେଶ କରାଯାଇଛି ଓ ଏହାଦ୍ୱାରା ବିଶ୍ୱରେ ଦାରିଦ୍ର୍ୟ ମଧ୍ୟ ହ୍ରାସ ପାଇଛି। ଏହା ସତ୍ତ୍ୱେ ଅନେକଙ୍କ ପାଇଁ ଆର୍ଥିକ ସୁଯୋଗ ଦୁଷ୍ପ୍ରାପ୍ୟ ହୋଇ ରହିଯାଇଛି। ପରିଣାମ ସ୍ୱରୂପ ଏଭଳି ସାମାଜିକ ବିଭାଜନ ଦୀର୍ଘମିଆଦୀ ବିଜନେସ୍ , ନାଗରିକ ଓ ଅର୍ଥ ବ୍ୟବସ୍ଥାଗୁଡ଼ିକ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଛି। ହେଲେ ସାମ୍ପ୍ରତିକ ସମୟରେ ବୈଶ୍ୱିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହାମାରୀ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅନେକେ ଅନୁଭବ କରିଛନ୍ତି। ଏହି ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ କିଛି ବୃହତ୍ ସିଦ୍ଧାନ୍ତ ପାଇଁ ବାଟ ଦେଖାଦେଇଛି। କହିବାକୁ ଗଲେ ମହାମାରୀ ସଙ୍କଟରେ ଏକ ସୁଯୋଗ ମଧ୍ୟ ରହିଛି। ମୁଖ୍ୟତଃ ଏକ ସ୍ଥାୟୀ ତଥା ପରିବେଶ ଅନୁକୂଳ, ସୁଖଦଃ ଏବଂ ସମ୍ମିଳିତ ଅର୍ଥବ୍ୟବସ୍ଥା ପାଇଁ ଏହା ଏକ ସୁଯୋଗ ଆଣିଛି। କିନ୍ତୁ ଏକ ସମ୍ମିଳିତ ଅର୍ଥବ୍ୟବସ୍ଥା ଏବଂ ସୁଖଦଃ ସମାଜ କିଭଳି ହେବା ଦରକାର ? ଆମେ ଗ୍ରହଣ କରିବାକୁ ଥିବା ଜଟିଳ ବିକଳ୍ପକୁ କେଉଁ ସିଦ୍ଧାନ୍ତଗୁଡ଼ିକ ମାର୍ଗଦର୍ଶନ କରିବ ? ପ୍ରତ୍ୟେକ ବ୍ୟକ୍ତି ଏଥିରେ ସାମିଲ ହୋଇଛନ୍ତି ବୋଲି ଆମେ କେମିତି ନିଶ୍ଚିତ ହେବା ?

ବିଜ୍‌ନେସ ଫର୍ ଇନ୍‌କ୍ଲୁସିଭ ଗ୍ରୋଥ୍( ବି'ଫର୍‌ଆଇଜି) ହେଉଛି ଅର୍ଗାନାଇଜେସନ ଫର୍ ଇକୋନୋମିକ କୋ-ଅପରେଶନ ଆଣ୍ଡ୍ ଡେଭ୍‌ଲପମେଣ୍ଟ (ଓଇସିଡି) ଏବଂ ୩୫ଟି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନୀର ଏକ ରଣନୈତିକ ଭାଗୀଦାରି ବା ମେଣ୍ଟ। ଏହା ଏକ ପ୍ରମୁଖ ଅଭିଯାନ, ଯାହା ବିଜ୍‌ନେସ ଧାରାରେ ପରିବର୍ତ୍ତନ ଆଣିବାକୁ ଚାହୁଁଛି। ୨୦୧୯ରେ ଜି-୭ ସମ୍ମିଳନୀରେ ଏହା ପ୍ରତିଷ୍ଠା କରାଯାଇଥିଲା। ଏହା ଅଧିକ ସମ୍ମିଳିତ ବିଜ୍‌ନେସ ମଡେଲ୍‌ର ବିକାଶ କ୍ଷେତ୍ରରେ ସହଯୋଗ କରିବାକୁ ଘରୋଇ ଓ ସରକାରୀ ସଂସ୍ଥାଗୁଡ଼ିକୁ ଏକାଠି କରିଥାଏ। ଅନ୍ୟ ଅର୍ଥରେ ଏହା ଏକ ଦୀର୍ଘମିଆଦୀ ପରିବେଶ ଅନୁକୂଳ ଆର୍ଥିକ ଢାଞ୍ଚାର ମୂଳଭିତ୍ତି। ଏଠାରେ ସମ୍ମିଳିତ କହିଲେ ଭଲ ଚାକିରି ଓ ପ୍ରଶିକ୍ଷଣ ସୁଯୋଗଗୁଡ଼ିକୁ ଉପଲବ୍ଧ କରାଇବା ତଥା ବିବଧତା, ଲିଙ୍ଗ ସମାନତା ଏବଂ ମାନବ ଅଧିକାର ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିବାକୁ ବୁଝାଏ। ଏସବୁ ପ୍ରତିବଦ୍ଧତା କର୍ମଚାରୀ, ଉପଭୋକ୍ତା ଏବଂ ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ଅଧିକ ବିଶ୍ୱସ ଆଣିପାରିବ ଓ କମ୍ପାନୀଗୁଡ଼ିକ ସହିତ ଜଡ଼ିତ କରିବାରେ ସାହାଯ୍ୟ କରିବ। ଏହା ମଧ୍ୟ ଦୀର୍ଘକାଳୀକ ମୂଲ୍ୟ ସୃଷ୍ଟି କରିପାରିବ,ଉପଯୋଗୀ ସାବ୍ୟସ୍ତ ହେବ। କମ୍ପାନୀର ପ୍ରଦର୍ଶନ ବା ସଫଳତା କେମିତି ଆକଳନ କରାଯିବ ତାହା ବିଜ୍‌ନେସ ଫର୍ ଇନ୍‌କ୍ଲୁସିଭ ଗ୍ରୋଥ୍ ପାଇଁ ପ୍ରାଥମିକତା ହେବା ଦରକାର। ଏହାସହ ଓଇସିଡିର ସେଣ୍ଟର ଅନ୍ ୱେଲ୍‌ବିଙ୍ଗ, ଇନ୍‌କ୍ଲୁଜନ, ସସ୍‌ଷ୍ଟେନବିଲିଟି ଆଣ୍ଡ୍ ଇକ୍ୱାଲ ଅପର୍ଚ୍ୟୁନିଟି (ଡବ୍ଲ୍ୟୁଆଇଏସ୍‌ଇ) ଓ ଏହି ମେଣ୍ଟ ମିଳିତ ଭାବେ ଅଣ ବିତ୍ତୀୟ ପ୍ରଦର୍ଶନ ମାନଦଣ୍ଡ (ଅଂଶୀଦାରଙ୍କ କଲ୍ୟାଣ ଏବଂ ପରିବେଶ ଉପରେ କମ୍ପାନୀର ପ୍ରଭାବ)କୁ କିଭଳି ବିଜ୍‌ନେସ ମଡେଲ୍‌ରେ ସାମିଲ କରାଯାଇପାରିବ ତାହା ସମୀକ୍ଷା କରୁଛନ୍ତି। ଏହି ମାନଦଣ୍ଡଗୁଡ଼ିକ ଗୃହ ଓ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଜ୍ଞାନ ଓ କୌଶଳ ଯାଏ, ସବୁକୁ ବିଚାରକୁ ନେଉଛି। ଏଗୁଡ଼ିକ କେବଳ କର୍ମଚାରୀ ଓ ଉପଭୋକ୍ତାଙ୍କ ପାଇଁ ଲାଗୁ ହେଉଛି ତାହା ନୁହେଁ, ବରଂ ଯୋଗାଣକାରୀ ଓ ସମାଜ କ୍ଷେତ୍ରରେ ମଧ୍ୟ ଲାଗୁ କରାଯାଉଛି।

ବର୍ଷେ କି ଦୁଇ ବର୍ଷ ହେବ ପରିବେଶ ଉପଯୋଗୀ ଅର୍ଥବ୍ୟବସ୍ଥାରେ ପୁଞ୍ଜିଯୋଗାଣ ଅଭିବୃଦ୍ଧି ପାଇଁ ବ୍ୟାପକ ପ୍ରୟାସ କରାଯାଇଛି। ବିଶ୍ୱରେ ୩୦ ଟ୍ରିଲିଅନ ଡଲାରରୁ ଅଧିକ ମୂଲ୍ୟର ସମ୍ପତ୍ତି ଏନ୍‌ଭାଇରନ୍‌ମେଣ୍ଟାଲ, ସୋସିଆଲ ଆଣ୍ଡ୍ ଗଭର୍ନାନ୍ସ (ଇଏସ୍‌ଜି) ବା ପରିବେଶଗତ, ସାମାଜିକ ଏବଂ ଶାସକୀୟ ମାନଦଣ୍ଡକୁ ପୂରଣ କରିଛି। ୨୦୧୬ ତୁଳନାରେ ଏହା ୩୦% ବୃଦ୍ଧି ପାଇଛି। ଇଏସ୍‌ଜିଜନିତ ନିବେଶ ବୃଦ୍ଧି ବିଶ୍ୱର ଅର୍ଥବ୍ୟବସ୍ଥାରେ ପୁଞ୍ଜି ଆବଣ୍ଟନ କ୍ଷେତ୍ରରେ ନନ୍ ଫାଇନାନ୍ସିଆଲ ମେଟ୍ରିକ୍ସ ବା ଅଣ ବିତ୍ତୀୟ ମାନକ ସାମିଲ କରିବା ପାଇଁ ଅର୍ଥଯୋଗାଣର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିପାଦିତ କରିଥାଏ।

ଏକ ବଳିଷ୍ଠ ସମ୍ମିଳିତ ଅର୍ଥବ୍ୟବସ୍ଥାକୁ ଫେରିବା ଏବଂ ଆମେ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ନିୟନ୍ତ୍ରଣ କରିବା ସକାଶେ ସରକାରୀ ଓ ଘରୋଇ ସହଭାଗିତା ଲୋଡ଼ା। ଏବକାର ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ହେଲେ ବିଜ୍‌ନେସ, ସରକାର ଏବଂ ସିଭିଲ ସୋସାଇଟିର ଭୂମିକା ସମ୍ପର୍କରେ ନୂତନ ସିଦ୍ଧାନ୍ତ ନେବା ଦରକାର। ଏଗୁଡ଼ିକ ଭଲ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସରକାର କେବଳ ନୀତିନିୟମରେ ବଜାର ନିୟନ୍ତ୍ରଣ କରିବା କି ଏଥିରୁ ଦୂରେଇ ରହିବା ଯଥେଷ୍ଟ ହେବ ନାହିଁ, ବରଂ ଏବକାର ବଜାରର ଆକାର ବଢ଼ାଇବା ସହ ନୂଆ ବଜାର ସୃଷ୍ଟି କରିବା ଉଚିତ। ପ୍ରୋତ୍ସାହନ ଯୋଗାଇ , ନିବେଶକୁ ବିପଦମୁକ୍ତ କରି, ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥାପନକୁ ସମର୍ଥନ ଯୋଗାଇ ଏବଂ ନିୟାମକ ଢାଞ୍ଚା ଦ୍ୱାରା ସରକାର ଏହା କରିବା ଉଚିତ। ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଘରୋଇ ସେକ୍ଟରର ଆବିଷ୍କାର ବହୁ ସମୟରେ ସରକାରଙ୍କ ବିନା ସହଯୋଗରେ ସମ୍ଭବ ହୋଇ ନ ଥାଏ। ଏଣୁ ଇଣ୍ଟରନେଟ, ଶୁଦ୍ଧ ଶକ୍ତି ଓ ଟିକା ଆବିଷ୍କାରକୁ ବାଟ ଦେଖାଇଥିବା ମୌଳିକ ଗବେଷଣା ପାଇଁ ଆମେ ସରକାରଙ୍କୁ ଧନ୍ୟବାଦ ଦେଇପାରିବା। ସବୁଜ ଓ ଡିଜିଟାଲ କାରବାରକୁ ସଞ୍ଚାଳନ କରିବା ସହ ଅଧିକ ଶ୍ରମିକଙ୍କ ଜାଗାରେ ମେଶିନ ଦ୍ୱାରା କାମ କରିବାର ଧାରା ଆପଣାଇବାକୁ ଶ୍ରମିକମାନଙ୍କୁ ନୂଆ ତଥା ଅତିରିକ୍ତ ଶିକ୍ଷା ଦେବାର ଆବଶ୍ୟକତା ପଡ଼ିବ। ୟୁରୋପୀୟ ସଂଘରେ ୭୫% କମ୍ପାନୀ ୧୦ରୁ ଅଧିକ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ଲାଗି ପାଣ୍ଠି ଯୋଗାଇ ସାରିଲେଣି। ଅଧିକରୁ ଅଧିକ କମ୍ପାନୀ ଏବଂ ସରକାର ଏହି ପଥ ଅନୁସରଣ କରିବା ସହ ଯେଉଁ କର୍ମଚାରୀମାନେ ପ୍ରଶିକ୍ଷଣ ନେବା ଜରୁରୀ ସେମାନଙ୍କୁ ତାହା ଯୋଗାଇ ଦେବା ଉଚିତ। ନିର୍ଦ୍ଦିଷ୍ଟ ଭାବେ କାର୍ଯ୍ୟ କରିବାର ଉପଯୁକ୍ତ କୌଶଳ ଅଭାବ ଏବଂ ଅର୍ଥାଭାବ ଥିବା ବୟସ୍କ କର୍ମଚାରୀମାନଙ୍କ ପାଇଁ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦେବା ଦରକାର। ଅନ୍ୟପକ୍ଷରେ, ବିଶ୍ୱ ସ୍ତରରେ ଅଧିକ ପ୍ରଭାବୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥା ନିଶ୍ଚିତ କରିବାରେ କମ୍ପାନୀ ମାଲିକ ବା ନିଯୁକ୍ତିଦାତାମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଭିନ୍ନ ଦେଶର ସରକାର ଏବଂ ନିଯୁକ୍ତିଦାତାମାନେ ଏକାଠି ଛାତ୍ରମାନେ କିଭଳି କର୍ମଭିତ୍ତିକ ଶିକ୍ଷାରୁ ଲାଭ ପାଇବେ, ସେଥିପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ହେବ। ଏହା ସ୍ଥାନୀୟ ସ୍କୁଲ୍ ଓ କମ୍ପାନୀ ମଧ୍ୟରେ ସହଭାଗିତା ବଢାଇ ଏବଂ ଅଧିକ ଗ୍ରହଣୀୟ ବ୍ୟବସ୍ଥା ସୃଷ୍ଟି କରି କରାଯାଇପାରିବ।

ନିଯୁକ୍ତିଦାତାମାନଙ୍କର ଏବକାର ଯୁବପିଢିଙ୍କ ପାଇଁ ମଧ୍ୟ ଦାୟିତ୍ୱ ରହିଛି। ଏକ କର୍ମଭିତ୍ତିକ ବିଶ୍ୱ ପାଇଁ ଯୋଗ୍ୟ ଭାବେ ଗଢ଼ିବାକୁ ସେମାନଙ୍କ କ୍ୟାରିୟରକୁ ମାର୍ଗଦର୍ଶନ କରିବାରେ ନିଯୁକ୍ତିଦାତାମାନେ ସକ୍ରିୟତା ପ୍ରକାଶ କରିବା ଆବଶ୍ୟକ। କମ୍ପାନୀଗୁଡ଼ିକ ମଧ୍ୟ ଲିଙ୍ଗଗତ ଅସମାନତା ଦୂର କରିବା ପାଇଁ ନିଜ ଆଡୁ କାର୍ଯ୍ୟ ଆରମ୍ଭ କରିବା ଉଚିତ। ପାରେଣ୍ଟାଲ ଲିଭ୍ ଓ ଶିଶୁ ଯତ୍ନ ପାଇଁ ଦରମା ଦେବାରେ ସ୍ୱଷ୍ଟ ନିୟମ ଗଢିବା ଏବଂ ଚାକିରି କ୍ଷେତ୍ରରେ ଭେଦଭାବଶୂନ୍ୟ ବିଜ୍ଞାପନ ଦେବା ଦ୍ୱାରା ଏହା ସମ୍ଭବ ହୋଇପାରିବ। ଏହିସବୁ ଆଧାରଶିଳା ଉପରେ ଆମେ କୋଭିଡ୍-୧୯ ମହାମାରୀ ପରେ ଏକ ସମୃଦ୍ଧ ତଥା ବିକଶିତ ଅର୍ଥନୀତି ପାଇଁ ନୂଆ ଭିତ୍ତି ସ୍ଥାପନ କରିପାରିବା। ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଅପ୍ରତ୍ୟାଶିତ। ପ୍ୟାରିସ ପିସ୍ ଫୋରମ୍ ଭଳି ବୈଶ୍ୱିକ ମଞ୍ଚରେ ଏ ସମ୍ପର୍କରେ ଆଲୋଚନା କରି ସମାଧାନ କରିବା ଉଚିତ। 'ବିଲ୍ଡ଼ ବ୍ୟାକ୍ ବେଟର' ସ୍ଲୋଗାନ୍ ଅନେକ ଗ୍ରହଣ କରିଛନ୍ତି। ଅର୍ଥାତ୍ ଆଗକୁ ଲୋକମାନଙ୍କୁ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ରଣନୀତି ଅପଣାଇବାକୁ ଚାହୁଁଛନ୍ତି। କିନ୍ତୁ ବିଗତ ଦିନର ସମାଧାନ ପନ୍ଥାକୁ ଫେରଯିବା ଦ୍ୱାରା ଏବେ ସମ୍ମୁଖରେ ଥିବା ସମସ୍ୟାଗୁଡ଼ିକୁ ଆମେ ସମାଧାନ କରିପାରୁନାହୁଁ। ଆମେ ଭବିଷ୍ୟତକୁ ଭଲ ଭାବେ ଗଢ଼ିବା ଲାଗି ନୂଆ ବିଜ୍‌ନେସ ମଡେଲକୁ ଆପଣାଇ ଆଗେଇଯିବା ଦରକାର।

**ପୂର୍ବତନ ସେକ୍ରେଟାରୀ ଜେନେରାଲ, ଓଇସିଡି**

# ବଢୁଛି ଡେଙ୍ଗୁ ଆକ୍ରାନ୍ତ ଅଞ୍ଚଳ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ମଶା ଅନେକ ରୋଗର ମୂଳ କାରଣ। ବିଭିନ୍ନ ଡାକ୍ତରୀ ତଥ୍ୟକୁ ଆଧାର କଲେ ଜଣାଯାଏ ଯେ, ବିଶ୍ୱରେ ପ୍ରତିବର୍ଷ ୧ ମିଲିୟନ ଲୋକ ବିଭିନ୍ନ ମଶାବାହିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଆମ ଦେଶରେ ମଶାବାହିତ ରୋଗ ବିଭିନ୍ନ ସମୟରେ ଲୋକଙ୍କ ପାଇଁ କାଳ ସାଜୁଛି। ବିଶେଷକରି ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଭଳି ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରୁଛି। ମାଈ ଏନୋଫିଲିସ୍ ମଶା ମ୍ୟାଲେରିଆ ରୋଗ, ଏଡିସ୍ ମଶା ଡେଙ୍ଗୁ ଓ କ୍ୟୁଲେକ୍ସ ମଶା ଫାଇଲେରିଆ ରୋଗର ବାହକ।

ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି, ମାତ୍ର ପ୍ରଭାବିତ ଅଞ୍ଚଳ ବଢୁଛି। ଅର୍ଥାତ୍ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଡେଙ୍ଗୁ ରୋଗୀ ବାହାରୁଥିଲେ। ମାତ୍ର ଏବେ ରୋଗୀଙ୍କ ସଂଖ୍ୟା କମୁଛି, ହେଲେ ବିଭିନ୍ନ ଅଞ୍ଚଳରୁ ଖେଳେଇ ହୋଇ ରୋଗୀ ମେଡିକାଲକୁ ଆସୁଛନ୍ତି। ସମଗ୍ର ବିଶ୍ୱରେ ୧୨୮ଟି ଦେଶ ଡେଙ୍ଗୁ ପ୍ରବଣ। ୨୦୧୫ରେ ବିଶ୍ୱରେ ୩୯୦ ମିଲିୟନ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ସୂଚନାଥାଉ କି ଡେଙ୍ଗୁ ରୋଗୀ ସଂଖ୍ୟାରେ ଗତବର୍ଷ ଓଡ଼ିଶା ଭାରତରେ ଦ୍ୱିତୀୟ ସ୍ଥାନରେ ରହିଛି। ଫାଇଲେରିଆ ରୋଗକୁ ସମୂଳେ ବିନାଶ କରିବା ପାଇଁ ସରକାର ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେଶନ ବ୍ୟବସ୍ଥା କରିଥିଲେ। ଅର୍ଥାତ୍ ଫାଇଲେରିଆ ରୋଗର ନିରାକରଣ ପାଇଁ ଚଳାଇଥିବା ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ମଧ୍ୟ ଚାଲୁରହିଛି। କଟକରେ ଦୁଇବର୍ଷ ହେବ ବନ୍ଦ ରହିଛି। କିନ୍ତୁ ଡେଙ୍ଗୁ ମୃତ୍ୟୁରେ ସମଗ୍ର ଦେଶରେ ଓଡ଼ିଶା ୧ ନମ୍ବର ସ୍ଥାନରେ ରହିଛି। ନ୍ୟାଶନାଲ ଭେକ୍ଟର ବର୍ନ ଡିଜିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ ପକ୍ଷରୁ ଜାରି କରାଯାଇଥିବା ତଥ୍ୟରେ ଏହା ଉଲ୍ଲେଖ ରହିଛି। ଜୁଲାଇ ସୁଦ୍ଧା ଏନ୍‌ଭିବିଡିସିପି ତଥ୍ୟ ଅନୁଯାୟୀ, ସମଗ୍ର ଦେଶରେ ଡେଙ୍ଗୁ ୧୫୦୯୯ ରୋଗୀ ଆକ୍ରାନ୍ତ ହୋଇଥିବାବେଳେ ୨୬ଜଣଙ୍କର ମୃତ୍ୟୁ ଘଟିଛି। କେରଳରେ ସର୍ବାଧିକ ୪୦୬୦ ରୋଗୀ ଥିବାବେଳେ ୫ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଓଡ଼ିଶାରେ ମୋଟ ୨୬୮୩ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ୬ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିବା ତଥ୍ୟରେ ଦର୍ଶାଯାଇଛି। ପରବର୍ତ୍ତୀ ସମୟରେ ଓଡ଼ିଶାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ସବୁପରେ ବି ଲୋକେ ସଚେତନ ହେବା ବଡ଼ କଥା। କାରଣ ଗୋଟିଏ ଡେଙ୍ଗୁ ମଶା ୪୪୨ ମିଟରରୁ ଅଧିକ ବାଟ ଉଡ଼ିପାରିବନି। ମାତ୍ର ଜଣେ ଡେଙ୍ଗୁ ରୋଗୀ ବମ୍ବେରୁ ଓଡ଼ିଶା, ମାଡ୍ରାସରୁ ଦିଲ୍ଲୀ ଯିବାରେ କିଛି ବି ଅସୁବିଧା ନାହିଁ। ତେଣୁ ଜଣେ ଡେଙ୍ଗୁରେ ଆକ୍ରାନ୍ତ ହେବା ପରେ ନିଜେ ଯଦି ସଚେତନ ହୋଇଯିବ ତେବେ ଅନ୍ୟମାନେ ଏଥିରେ ଆକ୍ରାନ୍ତ ହେବାର ଆଶଙ୍କା କମ୍।

ଆସନ୍ତୁ ପ୍ରଥମେ ଜାଣିବା ଡେଙ୍ଗୁ କିପରି ବ୍ୟାପେ ? ଡେଙ୍ଗୁ ଏକ ଭୂତାଣୁଜନିତ ରୋଗ। ଏଡିସ୍ ମଶା ଦ୍ୱାରା ଏହା ବ୍ୟାପିଥାଏ। ଏହି ମଶା ପରିଷ୍କାର ପାଣିରେ ଅଣ୍ଡା ଦେଇଥାଏ। ଟାୟାର, ନଡ଼ିଆ ଶଢ଼େଇ, ଭଙ୍ଗା ଟିଣ ଓ ପ୍ଲାଷ୍ଟିକ ପାତ୍ର, ଏସି, କୁଲର, ଫ୍ରିଜ୍ ରହୁଥିବା ସ୍ଥାନରେ ଏହି ମଶା ଅଣ୍ଡା ଦେଇଥାଏ। ଏସି, କୁଲର, ଫ୍ରିଜ୍‌ରେ ରହୁଥିବା ପାଣିକୁ ନିୟମିତ ବ୍ୟବଧାନରେ ସଫା କରାଯିବା ଦରକାର। ଯେଉଁ ସ୍ଥାନଗୁଡ଼ିକରେ ପାଣି ଜମୁଛି ସେଗୁଡ଼ିକୁ ସଫା କରିଦେଲେ ଏହି ମଶା ଆଉ ବଂଶ ବିସ୍ତାର କରିପାରିବ ନାହିଁ। ସେହିପରି ମଶାଜନିତ କାରଣରୁ ଆଉ ଗୋଟିଏ ରୋଗ ହେଉଛି ଚିକୁନ୍ ଗୁନିଆ। ଚିକୁନ୍ ଗୁନିଆର ଅର୍ଥ ଡବ୍‌ଲିଂ ଅଫ୍ ଅର୍ଥାତ୍ ଗଣ୍ଠି ଦରଜ ଦ୍ୱାରା ଚାଲି ନ ପାରିବା। ଏହା ଡେଙ୍ଗୁ ପରି ଏକ ଜ୍ୱର, ଯାହା କି ଗ୍ରୁପ୍-୬ ଭୂତାଣୁ ଦ୍ୱାରା ହୋଇଥାଏ। ଡେଙ୍ଗୁ ପରି ଜଣାପଡ଼େ। କଫି ରଙ୍ଗର ବାନ୍ତି ହୁଏ। ନାକରୁ ରକ୍ତ ପଡ଼ିବା ସହ ଗଣ୍ଠି ଫୁଲିଯାଏ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଥଣ୍ଡାପାଣି ପାରାସିଟାମଲ ଦ୍ୱାରା ଜ୍ୱର କମାଯାଇପାରିବ। କାଶ ପାଇଁ ଔଷଧ ଓ ଜଳ ଶୁଷ୍କତା ପାଇଁ ଓଆରଏସ୍ ଦ୍ରବଣ ଓ ସାଲାଇନ ଦିଆଯାଇପାରେ। ଆସ୍ପିରିନ୍ ଓ ଷ୍ଟେରଏଡ୍ ଏଥିପାଇଁ ମନା। ବିଶ୍ରାମ ନେବା ଓ ଶୋଇବା ମଧ୍ୟ ଜରୁରୀ। ଏହା ସାଧାରଣତଃ ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ହୋଇଥାଏ। ଖରାଦିନେ ଏହା କ୍ୱଚିତ୍ ହୁଏ। ତେବେ ଡେଙ୍ଗୁର ପ୍ରମୁଖ ଲକ୍ଷଣ ହେଉଛି- ଡେଙ୍ଗୁ ହେଲେ ଶରୀରର ତାପମାତ୍ରା ଅତ୍ୟଧିକ ବଢ଼ିଯାଏ। ଆଣ୍ଠୁ ଓ ଗଣ୍ଠି ଦରଜ ହୋଇଥାଏ। ଆଖି ଲାଲ ଦେଖାଯାଇଥାଏ। ଏହା ସାଧାରଣତଃ ୭ଦିନ ପର୍ଯ୍ୟନ୍ତ ରହିଥାଏ। ତେଣୁ ରୋଗୀ ଔଷଧ ଖାଇବା ସହ ପ୍ରଚୁର ପାଣି ପିଇବା ଦରକାର।

ସେହିପରି କିଛି ସଚେତନତାର କଥା ମଧ୍ୟ ଜାଣନ୍ତୁ। ସାଧାରଣତଃ ଦିନରେ ଏହି ମଶା କାମୁଡ଼ିଥାଏ। ଦିନରେ ବିଶ୍ରାମ ନେଲାବେଳେ ମଶାରି ଟଙ୍ଗେଇ ବିଶ୍ରାମ କରିବା ଉଚିତ। ଶରୀରକୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିବା ଭଳି ପୋଷାକ ପିନ୍ଧିବା ଦରକାର। ଜ୍ୱର ହେବାମାତ୍ରେ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇ ରକ୍ତ ପରୀକ୍ଷା କରାଇବା ଆବଶ୍ୟକ। ମ୍ୟାଲେରିଆ ପାଇଁ ଆର୍ଟିସୋନେଟ ଅବ୍ୟର୍ଥ ଔଷଧ ଭଳି କାମ ଦେଉଛି। ପ୍ରାଥମିକ ଅବସ୍ଥାରେ ମ୍ୟାଲେରିଆ ଧରାପଡ଼ିଗଲେ ରୋଗୀ ବିପଦ ମୁକ୍ତ ଏବଂ ଡେଙ୍ଗୁକୁ ନେଇ ଲୋକଙ୍କ ମଧ୍ୟରେ ଯେଉଁ ଭୟ ରହିଛି ତାହା ରହିବା ଅନାବଶ୍ୟକ।

**ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ମୋ:୯୪୩୭୧୨୪୦୭୪**

## ଏଇ ଭାରତରେ

ଜୈବିକ କୃଷିରେ ଉନ୍ନତି ଆଣିବାରେ ଉତ୍ତରପ୍ରଦେଶର ଗୀତା ସିଂଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ତାଙ୍କ ବୟସ ୪୮। ଗୋଣ୍ଡା ଜିଲାର ନିବାସୀ ଗୀତା ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ସ୍ୱାମୀ ସରକାରୀ ଚାକିରି ଛାଡି କୃଷିରେ ପ୍ରବେଶ କରିବା ପରେ ଗୀତା କୃଷି ପ୍ରତି ଆକୃଷ୍ଟ ହୋଇଥିଲେ। କୃଷକମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ଆଣିବା ଲକ୍ଷ୍ୟରେ ସେ ୨୦୧୯ରେ ଫାର୍ମର୍ସ ପ୍ରଡ୍ୟୁସର୍ସ କମ୍ପାନୀ ପ୍ରତିଷ୍ଠା କରିଥିଲେ। ପ୍ରଥମେ ଏଥିରେ ୧ ଲକ୍ଷ ଟଙ୍କା ନିବେଶ କରିବା ସହ ୧୦୦ ଜଣ କୃଷକଙ୍କୁ ସାମିଲ କରିଥିଲେ। ଏବେ ହଜାର ହଜାର କୃଷକ ତାଙ୍କ ସହ ସାମିଲ ହୋଇଛନ୍ତି। କୃଷକମାନଙ୍କୁ ଜୈବିକ ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ସେମାନଙ୍କଠାରୁ ସଂଗୃହୀତ ଉତ୍ପାଦରୁ ବିଭିନ୍ନ ମୂଲ୍ୟଯୁକ୍ତ ଜିନିଷ ଯଥା ମକା ବିସ୍କୁଟ, ମକା ଲଡ୍ଡୁ, ଜଡ଼ା ତେଲ ଏବଂ ବିଭିନ୍ନ ପ୍ରକାର ଆଚାର ପ୍ରସ୍ତୁତ କରୁଛନ୍ତି। ସେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ଆଚାର ପ୍ରସ୍ତୁତିରେ ଲଗାଇଛନ୍ତି। ଫଳରେ ସେମାନେ ମାସକୁ ୫,୦୦୦ ଅଧିକ ଟଙ୍କା ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି। କୃଷି ଉତ୍ପାଦ ଓ ଏଥିରୁ ପ୍ରସ୍ତୁତ ଜିନିଷଗୁଡ଼ିର ମାର୍କେଟିଂ ବ୍ୟବସ୍ଥା ଏମିତି କରିଛନ୍ତି ଯେ ମଧ୍ୟସ୍ଥମାନେ ସମ୍ପୂର୍ଣ୍ଣ ହଟିଯାଇଛନ୍ତି। ଫଳରେ କୃଷକମାନେ ପୂର୍ବାପେକ୍ଷା ୬ଗୁଣ ଲାଭ ପାଉଛନ୍ତି। ଜୈବିକ ଉତ୍ପାଦଗୁଡ଼ିକୁ ଲକ୍ଷ୍ନୌ ଓ ଆଲ୍ଲାହାବାଦ ସହରରେ ବିକ୍ରି କରାଯାଉଛି। ଗୀତା ଏକ ରାଇସ୍ ମିଲ୍ କରି ଏଥିରେ ୧୦ ଜଣ ନିୟମିତ ଓ ୪୦ ଜଣ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୬

- ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ମୁଲତାନଠାରେ ଅବସ୍ଥିତ ସୁନ୍ନି ମସଜିଦରେ କେତେକ ଅଜ୍ଞାତ ଆତତାୟୀ ମସଜିଦ ଭିତରକୁ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୨୦ ଜଣ ଲୋକଙ୍କ ପ୍ରାଣହାନି।
- କଂଗ୍ରେସର ବରିଷ୍ଠ ନେତା ସୀତାରାମ କେଶରୀ କଂଗ୍ରେସ ଦଳର ଅସ୍ଥାୟୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।
- ଦକ୍ଷିଣ ଭାରତର ଜଣାଶୁଣା ଅଭିନେତ୍ରୀ ସିଲ୍‌କ ସ୍ମିତାଙ୍କର ମୃତଦେହ ସାଲିଲଗ୍ରାମମ୍ ବାସଭବନରୁ ଉଦ୍ଧାର କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 9 | 4 | | 1 | 7 |
| | | | | | | 3 | | |
| | | | | 8 | | 4 | | |
| | | | | | | | 2 | |
| | 7 | | | | | | | |
| 1 | | 4 | | 2 | | 6 | 3 | |
| 2 | 9 | | 3 | | | | | |
| 8 | | 6 | 1 | | | | 5 | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 6 | 5 | 9 | 3 | 7 | 2 |
| 6 | 7 | 3 | 8 | 4 | 2 | 9 | 5 | 1 |
| 2 | 9 | 5 | 3 | 1 | 7 | 6 | 8 | 4 |
| 3 | 2 | 6 | 5 | 7 | 4 | 8 | 1 | 9 |
| 9 | 5 | 7 | 2 | 8 | 1 | 4 | 6 | 3 |
| 4 | 8 | 1 | 9 | 6 | 3 | 5 | 2 | 7 |
| 8 | 1 | 4 | 7 | 9 | 6 | 2 | 3 | 5 |
| 5 | 3 | 9 | 1 | 2 | 8 | 7 | 4 | 6 |
| 7 | 6 | 2 | 4 | 3 | 5 | 1 | 9 | 8 |

ଗତକାଲିର ଉତ୍ତର

# ରାସ୍ତାର ଦୁଇ ପାଖ



ପ୍ରକାଶ ତ୍ରିପାଠୀ

ରାଜଧାନୀର ଏକ ଓସାରିଆ ରାସ୍ତା। ରାସ୍ତାର ଗୋଟିଏ କଡେ ଧାଡ଼ିହୋଇ ଲମ୍ବିଛି ଭିନ୍ନ ଭିନ୍ନ ଡିଜାଇନର ଆଧୁନିକ କୋଠା। ସମ୍ଭ୍ରାନ୍ତ, ଆଭିଜାତ୍ୟ ଓ ଆଧୁନିକତାର ସ୍ୱାକ୍ଷର ବହନ କରୁଥିବା ସେହି ପ୍ରାସାଦଗୁଡ଼ିକରେ ରୁହନ୍ତି ଆମ ସମାଜର ଅନେକ ବିଶିଷ୍ଟ ଓ ଅତି ବିଶିଷ୍ଟ ମଣିଷ। ରାସ୍ତାର ଆରକଡେ ସମାନ୍ତରାଳ ଭାବେ ଗଢ଼ି ଉଠିଛି ଝୁମ୍ପୁଡ଼ି ଘର। ଆଧୁନିକ ଚଳଣିରେ ସେମାନେ ହେଉଛନ୍ତି ବସ୍ତିବାସିନ୍ଦା। ସମାଜର ତଳସ୍ତରର ମେହେନତି ମଣିଷ। ଅନ୍ୟଘରେ ଦିନଟିଏ କାମ ନ କଲେ ସେମାନଙ୍କର ଚୁଲି ଜଳେନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ସେମାନେ ହେଉଛନ୍ତି ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଅଭାବୀ ମଣିଷ। ରାସ୍ତାର ଦୁଇକଡ଼ରେ ଭିନ୍ନ ଭିନ୍ନ ଚଳଣିକୁ ସହଜରେ ଅନୁମାନ କରିହୁଏ। ଗୋଟିଏ ପଟେ ଭବ୍ୟ ରାଜପ୍ରାସାଦ ଭଳି କୋଠାଘରେ କୋଠରି ତ ଅନେକ, ହେଲେ ରହିବାକୁ ସେତିକି ମଣିଷ ନାହାନ୍ତି। ରାସ୍ତାର ଆରକଡେ ଗୋଟିଏ ଗୋଟିଏ ଝୁମ୍ପୁଡ଼ି ଘରେ ଅନେକ ମଣିଷ। ଗୋଟିଏ ପଟେ ଅଭାବର ଚିହ୍ନ ବର୍ଣ୍ଣ ନ ଥିବା ବେଳେ ଭାବର ଅଭାବ ଓ ଆରକଡେ ସବୁ ଅଭାବ ଭିତରେ ଭରପୂର ଭାବ। ରାସ୍ତାର ଗୋଟିଏ କଡ଼ରେ ଥିବା ଶୀତତାପ ନିୟନ୍ତ୍ରିତ କୋଠରିର ତୂଳୀତଳ୍ପ ଶଯ୍ୟାରେ ଶୋଇବାକୁ ନିଦବଟିକା ଲୋଡ଼ା ପଡୁଥିବା ବେଳେ ରାସ୍ତାର ଆରକଡ଼ ଘରେ ଭୂଇଁ ଉପରେ ମୁଣ୍ଡରେ ପିଢ଼ାରଖି ମଣିଷ ସୁଖନିଦ୍ରା ଯାଏ। କି ବିଚିତ୍ର ଏ ଦୁନିଆ, କି ବିଚିତ୍ର ଏ ମଣିଷ ? ଯେଉଁ ସୁଖ ଶାନ୍ତି ଟିକେ ପାଇବା ପାଇଁ ମଣିଷ ଅର୍ଥ ପଛରେ ଧାଇଁଛି, ସେତକ ପାଇବା ଭିତରେ ସୁଖ ଶାନ୍ତି ତକ ହଜାଇ ଦେଉଛି। ଯେଉଁ ପାର୍ଥିବ ବସ୍ତୁକୁ ଛାଡ଼ିକରି ଏ ସଂସାରରୁ ସେ ବିଦାୟ ନେବ, ତାହା ସହିତ ସେ ଅଧିକ ଯୋଡ଼ିହୋଇ ରହୁଛି,ମାତ୍ର ଦିବ୍ୟଗୁଣ, ଯାହା ସେ ସାଥିରେ ନେଇକରି ଯିବ, ତା ଠାରୁ ଦୂରେଇ ଯାଉଛି।

ନିଜର ଆଭିଜାତ୍ୟ ପ୍ରଦର୍ଶନ ପାଇଁ ମଣିଷ ଭବ୍ୟ ବଙ୍ଗଳା ତ ନିର୍ମାଣ କରି ରହୁଛି, ମାତ୍ର ସେ ଘରେ ସୁଖ ଶାନ୍ତି ଖୋଜୁ ଖୋଜୁ ତା' ବୟସ ସରିଯାଉଛି। କୁହାଯାଏ, ଘର ବଡ଼ ହେଉ ବା ଛୋଟ ହେଉ, ଯଦି ସେ ଘରେ ରହୁଥିବା ମଣିଷଙ୍କ ମଧ୍ୟରେ ସମ୍ପର୍କରେ ମଧୁରତା ନ ଥାଏ, ସେ ଘର ନର୍କ ସମାନ ହୋଇଯାଏ। ମଣିଷ କଥାରେ ଯଦି ମିଠା ନ ଥାଏ, ତେବେ ତା' ପାଖରେ ମଣିଷ ତ ଦୂରର କଥା, ପିମ୍ପୁଡ଼ି ବି ରୁହନ୍ତି ନାହିଁ। ବୁଦ୍ଧିମାନ ମଣିଷ ଅନ୍ୟର ବୁଦ୍ଧି ପ୍ରସାର କରିଥାଏ। ସୁନ୍ଦର ମଣିଷ ଅନ୍ୟର ଆଖି ଖୋଲିଥାଏ। କିନ୍ତୁ ପ୍ରେମରେ ବିଶ୍ୱାସ ରଖୁଥିବା ମଣିଷ ଅନ୍ୟର ହୃଦୟ ଖୋଲିଥାଏ। ପ୍ରେମରେ ସହଜରେ ବିଜୟୀ ହେବାର ଶକ୍ତି ଥିଲେ ମଧ ମଣିଷ ପ୍ରେମ ବଦଳରେ ହିଂସାର ପଥକୁ ଗ୍ରହଣ କରେ। କ୍ଷଣିକ ପଦ, ପଦବୀ, ପ୍ରତିଷ୍ଠାର ଅହଂରେ ବଳୀୟାନ ହୋଇ ଅନ୍ୟକୁ ହେୟ ମନେକରେ। ସଂସାରରେ ମନୁଷ୍ୟ ଏକମାତ୍ର ଏପରି ପ୍ରାଣୀ, ଯିଏ ଚାହିଁଲେ ପଶୁଠାରୁ ବି ଅଧିକ ତଳକୁ ଖସିଯାଇପାରେ ଓ ଚାହିଁଲେ ଦେବତାଙ୍କଠାରୁ ବି ଅଧିକ ଉଚ୍ଚକୁ ବି ଯାଇପାରେ। ମାତ୍ର ଦୁଃଖର କଥା ଦେବତା ଅପେକ୍ଷା ପଶୁ ହେବାକୁ ମଣିଷଠାରେ ବେଶି ଆଗ୍ରହ। ଏ ଦୁନିଆ ରହସ୍ୟ ଓ ଆଶ୍ଚର୍ଯ୍ୟରେ ଭରପୂର। ସବୁ ମଣିଷ ଚାହେଁ ତାକୁ ସମସ୍ତେ ପ୍ରଶଂସା କରନ୍ତୁ, ତାଙ୍କ ଗୁଣଗାନ କରନ୍ତୁ। ହେଲେ ଏ ଦୁନିଆ ବଡ଼ ବିଚିତ୍ର। ଦୁନିଆରେ ଥିବା ବେଳେ ମଣିଷର ଏ ଆଶା ପୂରଣ ହୋଇପାରେନା। ଏ ଦୁନିଆ ଛାଡ଼ିବା ପରେ ସେ ଆଶା ପୂରଣ ହୁଏ। ଦୁନିଆରେ ଥିବା ବେଳେ ତା'ର ଭଲଗୁଣ କାହା ନଜରକୁ ଆସେ ନାହିଁ। ତା' ଅନୁପସ୍ଥିତିରେ, ତା' ଉପସ୍ଥିତିର ମହତ୍ତ୍ୱ ଓ ଗୁରୁତ୍ୱକୁ ଦୁନିଆ ମନେ ପକାଏ।

ସମସ୍ତଙ୍କୁ ନିଜର ନିଜର ବୋଲି ମଣିଷ ତ ଡିଣ୍ଡିମ ପିଟିଥାଏ, ମାତ୍ର ପରିସ୍ଥିତିରେ ଅସଲ ନିଜର କିଏ ତାହା ଜଣାପଡ଼ିଯାଏ। ସୁଖବେଳେ ତ ସାରା ଦୁନିଆଟା ନିଜର ହୋଇଯାଏ, ମାତ୍ର ଦୁଃଖ ବେଳେ କେବଳ ନିଜେ ନିଜର ସାଥୀ ହେବାକୁ ପଡ଼ିଥାଏ। ସମୟକୁ ଦେଖିହୁଏ ନାହିଁ ସିନା, ହେଲେ ସମୟ ବହୁତ କିଛି ଦେଖାଇ ଦେଇଥାଏ। କିଏ ନିଜର, କିଏ ପର ତାହା ସେ ଚିହ୍ନାଇ ଦେଇଥାଏ। ଏ ସଂସାରରେ ଦୁଃଖ ଅଛି, ସୁଖ ବି ଅଛି। ଏଠି ବିଷାଦ ଅଛି, ଆନନ୍ଦ ବି ଅଛି। ମଣିଷ ଉପରେ ନିର୍ଭର କରେ ସେ ସୁଖକୁ ଚୟନ କରିବ ଅବା ଦୁଃଖକୁ ଗ୍ରହଣ କରିବ। ଯିଏ ସୁଖକୁ ଗ୍ରହଣ କରିବ ସେ ଦୁଇ ଦିନ ମଧ୍ୟରେ ଗୋଟିଏ ରାତି ଥିବା କହିବ। ଆଉ ଯିଏ ଦୁଃଖକୁ ଚୟନ କରିବ ସେ କହିବ ଦୁଇ ରାତି ଭିତରେ ଗୋଟିଏ ଦିନ ଅଛି। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଏକ ଅଭିନବ ସୃଷ୍ଟି। ପ୍ରତ୍ୟେକ ଜୀବ ଗୋଟିଏ ଗୋଟିଏ ଶ୍ରେଷ୍ଠ ଜୀବ। ସମସ୍ତଙ୍କ ଭିତରେ ନିଜର ଶକ୍ତି ଓ ଦୁର୍ବଳତା ରହିଥାଏ। ଉଭୟକୁ ନିୟନ୍ତ୍ରଣ କରି ମଣିଷ ଆଗକୁ ବଢ଼ିବା ଉଚିତ। ଯେପରି ଜଳଚର ଜୀବ ସ୍ଥଳଭାଗରେ ରହିପାରେନା, ସେହିପରି ସ୍ଥଳଚର ଜୀବ ଜଳରେ ରହିପାରେନା। ସମସ୍ତେ ନିଜ ନିଜ ସ୍ଥାନରେ ଶ୍ରେଷ୍ଠ। ଅଭାବ ଆସିଲେ ବିଶ୍ୱସ୍ତ ରହିବା, ଧନ ଅଧିକ ଆସିଲେ ସରଳ ରହିବା, ଅଧିକାର ଆସିଲେ ମୌନ ରହିବା, କ୍ରୋଧ ଆସିଲେ ଶାନ୍ତ ରହିବା ହେଉଛି ଅସଲ ଜୀବନର ମହାମନ୍ତ୍ର। ଏହାକୁ ଧାରଣ କଲେ ଏକ ମହତ୍ତର ଜୀବନକୁ ନିର୍ବାହ କରିହୁଏ। ଏ ସବୁ ଜାଣିଥାଇ ମଧ୍ୟ ମଣିଷ ଏହାକୁ ଧାରଣ କରିପାରେନା। ସ୍ରୋତର ଅନୁକୂଳରେ ନ ଯାଇ ପ୍ରତିକୂଳରେ ଆଗେଇବାକୁ ପସନ୍ଦ କରିଥାଏ ସତ, ହେଲେ ବେଶି ସମୟ ତିଷ୍ଠି ପାରେନା। ଦୁଃଖ, ଅଶାନ୍ତି ଓ ଉଦାସରେ ବିବଶ ହୋଇପଡେ। ସଂସାରକୁ ପଠାଇବା ପୂର୍ବରୁ ଈଶ୍ୱର ମଣିଷ ପାଇଁ ଆବଶ୍ୟକ ସବୁକିଛି ପ୍ରାବଧାନ କରିଥାନ୍ତି ଏଇ ପୃଥିବୀରେ। ହେଲେ ମଣିଷ ଆବଶ୍ୟକତାକୁ ଭୁଲି ଅନାବଶ୍ୟକ ପଛରେ ଧାଇଁଥାଏ। ଲୋଭର ବଶବର୍ତ୍ତୀ ହୋଇ ଅସୀମ ପ୍ରାପ୍ତି ଆଶାରେ ରୁହେ। ସେଥିପାଇଁ କୁହାଯାଏ ଯଦି ଇଚ୍ଛା ପୂରଣ ହୋଇ ନ ପାରି ମଣିଷର ପ୍ରାଣ ଚାଲିଯାଏ, ତେବେ ତାକୁ ମୃତ୍ୟୁ କୁହାଯାଏ। ମାତ୍ର ଯଦି ପ୍ରାଣ ରହିଥିବା ଅବସ୍ଥାରେ ଇଚ୍ଛା ଚାଲିଯାଏ ତେବେ ତାହା ହୁଏ ମୁକ୍ତି। ଲୋଭ, ମୋହ, ମାୟା ଓ ଆସକ୍ତିରେ ମଣିଷ ଛଟପଟ ହେଲେ ବି ମଣିଷ ବାହାରିପାରେନା ଏହା କବଳରୁ। ନିଜ ଭୁଲ ନ ଦେଖି ଦୋଷ ଦିଏ ଅନ୍ୟକୁ। ଯେଉଁ ଜିନିଷର ଆବଶ୍ୟକ ନ ଥାଏ, ସେ ଜିନିଷ ପଛରେ ଅର୍ଥ ଓ ସମୟ ବରବାଦ କରେ। ପ୍ରତିବଦଳରେ ଯେଉଁ ଜିନିଷ ଆବଶ୍ୟକ ତାକୁ ହତାଦର କରେ। ବୟସ ଥିବା ବେଳେ ସମସ୍ତ ବଳ ଓ ସମୟ ଖର୍ଚ୍ଚ କରି ଯାହା ପାଏ, ତାକୁ ଶେଷରେ ଭୋଗ କଲାବେଳକୁ ପାଖରେ ବୟସ ନ ଥାଏ। ଜୀବନଯାକ ପରିଶ୍ରମ କରି ଯାହା ଠୁଳ କରିଥାଏ, ଶେଷରେ ତାହା ମଧ୍ୟ ସେ ଏଠାରେ ଛାଡ଼ି ଚାଲିଯାଏ।

ବେଳେବେଳେ ହାରିଯିବାକୁ ଜୀବନର ଅନ୍ତ ବୋଲି ମଣିଷ ଭାବିନିଏ। ବୁଝିପାରେନି ପ୍ରତି ହାରିବା ପରେ ଜୀବନର ଶୁଭାରମ୍ଭ ହୁଏ। ଜିତିବାର ପୂର୍ବ ପାହାଚ ହେଉଛି ହାରିବା। ଯେତେବେଳେ ଈଶ୍ୱର ଆମଠାରୁ କିଛି ଛଡ଼ାଇ ନିଅନ୍ତି, ସେତେବେଳେ ଆମେ ଏହାକୁ ଈଶ୍ୱରଙ୍କ ଅବିଚାର ନ ଭାବି ବୁଝିବା ଦରକାର ଯେ ବୋଧହୁଏ ଈଶ୍ୱର ପୂର୍ବଠାରୁ କିଛି ଅଧିକ ଦେବା ପାଇଁ ଆମ ହାତ ଖାଲି କରିଛନ୍ତି। ଏହାକୁ ଜୀବନରେ ଗ୍ରହଣ କରି ଅନେକ ଲୋକ ସ୍ଥିତପ୍ରଜ୍ଞ ହୋଇଛନ୍ତି। ସେମାନଙ୍କୁ ଦେଖି କିଛି ଲୋକଙ୍କ ମନରେ ପ୍ରଶ୍ନ ଉଠେ, ଏ ଲୋକ ଏତେ ଦୁଃଖରେ ଭାଙ୍ଗି ନ ପଡ଼ି ଏତେ ଦମ୍ଭ ରହିପାରୁଛନ୍ତି କେମିତି। ସେମାନେ ବୁଝିପାରନ୍ତି ନାହିଁ ଯେ ସେହି ଲୋକଟି ଅନେକ ଦୁଃଖକୁ ସାମ୍ନା କରି କରି ନିଜକୁ ଦମ୍ଭ କରିପାରିଛନ୍ତି। ଜୀବନରେ ସବୁ ମଣିଷ ସବୁକିଛି ହାସଲ କରିପାରନ୍ତି ନାହିଁ, କିଛି ଅଧା ରହିଯାଏ, କିଛି ରହିଯାଏ ଅପୂର୍ଣ୍ଣ। ଯାହା ପାଇଥାନ୍ତି ତାହାକୁ ହିଁ ଜୀବନର ପ୍ରାପ୍ତି ଭାବି ଖୁସିରେ ରୁହନ୍ତି। ଜୀବନ ଯେମିତି ଯେଉଁଭଳି ଭାବରେ ସାମ୍ନାକୁ ଆସୁଛି ତାକୁ ଖୁସିରେ ଆଲିଙ୍ଗନ କର, ଗ୍ରହଣ କର। ଫେରିଯିବା ପୂର୍ବରୁ ଜଣେ ମଣିଷଙ୍କ ସହ ବି ଯେପରି ଶତ୍ରୁତା ନ ରହୁ। ଜୀବନ ଏକ ରାଜରାସ୍ତା। ଏହାର ଗୋଟିଏ କଡ଼ରେ ସୁଖ ଓ ଶାନ୍ତି ଥିବାବେଳେ ଅନ୍ୟ କଡ଼େ ଦୁଃଖ ଓ ବିଷାଦ ରହିଛି। ମଣିଷ ଉପରେ ନିର୍ଭର କରେ ସେ କେଉଁ କଡ଼ରେ ରହିବ।

**ମୋ:୯୪୩୭୨୩୨୪୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ୟାସ୍ ସିଲିଣ୍ଡର ଦିଆଯାଉ

ମହାଶୟ,

କେନ୍ଦ୍ର ସରକାର ବିପିଏଲ ବର୍ଗର ଲୋକଙ୍କୁ ଗ୍ୟାସ ସିଲିଣ୍ଡର ମାଗଣାରେ ବଣ୍ଟନ କରିଛନ୍ତି। ଏହା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହାଦ୍ୱାରା ଜଳବାୟୁ ପ୍ରଦୂଷଣ ମୁକ୍ତ ହେବା ସହିତ ଲୋକମାନେ ଜାଳେଣି ସମସ୍ୟାରୁ ମୁକ୍ତ ହେଲେ। ମୁଖ୍ୟତଃ ଗ୍ରାମାଞ୍ଚଳର ବିପିଏଲ ବର୍ଗର ଲୋକମାନେ ଉପକୃତ ହୋଇଛନ୍ତି। କିନ୍ତୁ ଏହି ସିଲିଣ୍ଡର ଗ୍ୟାସ ବଣ୍ଟନ ସମୟରେ ଗରିବ ଲୋକମାନଙ୍କର ଅଧିକାଂଶ ଆଧାରକାର୍ଡ ସଂଶୋଧନ ହୋଇପାରି ନ ଥିଲା। ଏପରି କି ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ସଂଶୋଧନ ଚାଲୁଅଛି। ତେଣେ ଆଧାରକାର୍ଡ ସଂଶୋଧନ ହୋଇପାରି ନ ଥିବାରୁ ଅନେକ ଗରିବ ଲୋକ ସିଲିଣ୍ଡର ମାଗଣାରେ ପାଇ ପାରିନାହାନ୍ତି। ଏହାଛଡା ସରକାର ବଣ୍ଟନ ସମୟ ଶେଷ କରିଦେଇଛନ୍ତି। ମୁଖ୍ୟତଃ ଆଧାର କାର୍ଡ ସଂଶୋଧନ ହୋଇ ପାରି ନ ଥିବାରୁ ଅନେକ ଗରିବ ଲୋକ ସିଲିଣ୍ଡର ଗ୍ୟାସ ବଣ୍ଟନ ବ୍ୟବସ୍ଥାରୁ ବଞ୍ଚିତ ହୋଇଛନ୍ତି। ଏଣୁ ଆସନ୍ତା ଆର୍ଥିକ ବର୍ଷରେ ବିପିଏଲ ବର୍ଗର ରହିଯାଇଥିବା ଲୋକମାନଙ୍କୁ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଉ।

**-ବିଶ୍ୱନାଥ ବରାଳ, ଚୁଆ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କମନୀୟ କମଳର
ସୁକୋମଳ ବୁକୁରେ
ଝଡ଼ିପଡ଼େ ନୀଳଜଳ-ମୁକୁରେ !
କାଶ ଫୁଲେ ହସିହାସି
ଝରାଇ ଶେଫାଳି ରାଶି
ଦୂରବନ- ସୁଚିକଣ ଚିକୁରେ
ଢଳିପଡ଼େ ନୀଳଜଳ ମୁକୁରେ ! -(ଶିଶିର-ହାସ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୨୦ ଦିନରେ ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ଚୋରା ମାଦକ ଦ୍ରବ୍ୟ ରୋକ୍ ପାଇଁ ପୋଲିସର ପ୍ରୟାସ
- ୩୫୦ ଲିଟର ମଦ, ୧୧ କେଜି ଗଞ୍ଜେଇ ଜବତ
- ୫୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଜଗତ୍‌ସିଂହପୁର ଅଫିସ, ୨୩।୯

ଜଗତ୍‌ସିଂହପୁର ଜିଲାରେ ବ୍ରାଉନସୁଗାର ବା ଧଳା ଜହର ର୍‌ୟାକେଟ୍ ସକ୍ରିୟ ରହିଛି। ଏଥିସହ ଚୋରା ମାଦକଦ୍ରବ୍ୟ କାରବାର ମଧ୍ୟ ଚିନ୍ତାର କାରଣ ପାଲଟିଛି। କରୋନା ସାଙ୍ଗକୁ ବେରୋଜଗାର ବଢ଼ୁଥିବାରୁ ଶିକ୍ଷିତ ଯୁବଗୋଷ୍ଠୀ ଏହି ନିଶା କବଳରେ ପଡି ବରବାଦ୍ ହେବାରେ ଲାଗିଛନ୍ତି। ଏପରି କି ନିଶା ପାଇଁ ଅର୍ଥାଭାବ କାରଣରୁ ଚୋରି, ଡକାୟତି, ଲୁଟ୍‌ସହ ନାନା ଅପରାଧ କରିବାକୁ ସେମାନେ ପଛାଉ ନାହାନ୍ତି। ଏହାଦ୍ୱାରା ପରିବାର ସହ ସମାଜରେ ଅଶାନ୍ତି, ଅସ୍ଥିରତା ଓ ଭୟର ବାତାବରଣ ସୃଷ୍ଟି ହେଉଛି। ଏ ପରିସ୍ଥିତିରେ ପୋଲିସ ଓ ଅବକାରୀ ବିଭାଗର ଦାୟିତ୍ୱ ବଢ଼ିଯାଇଛି। ଜିଲାରେ ଏସ୍‌ପି ଅଖିଳେଶ୍ୱର ସିଂହ ଯୋଗଦେବା ପରେ ଚୋରା ମାଦକଦ୍ରବ୍ୟ କାରବାର ରୋକିବାକୁ ତତ୍ପରତା ଦେଖାଇଛନ୍ତି। ୧ରୁ ୨୦ ତାରିଖ ମଧ୍ୟରେ ୨୪୯.୬୫୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି; ଯାହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ। ସେହିପରି ୧୧. ୧୮ କିଗ୍ରା ଗଞ୍ଜେଇ ସହ ପାଖାପାଖି ୩୫୦ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇଛି। ତେବେ ପୋଲିସ ଏହା ଉପରେ ଏକାଧିକ ମାମଲା ରୁଜୁ ସହ ମୋଟ ଉପରେ ୫୫ ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ଏସ୍‌ପି ସିଂହଙ୍କ ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଥାନା ପୋଲିସ ଗତ ୧ ତାରିଖରେ ସ୍ଥାନୀୟ ପାଣିଶାଳିଆସ୍ଥିତ ଉଗ୍ରତାରା ମନ୍ଦିର ନିକଟରୁ ୧୯.୧୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ସେହିପରି ୧୦ ତାରିଖରେ ଗୋପାଳସାଗର ଅଞ୍ଚଳରୁ ୫୦.୪୯ ଗ୍ରାମ, ଅନ୍ୟ ଏକ ମାମଲାରେ ମାର୍କଣ୍ଡେଶ୍ୱର ମନ୍ଦିର ନିକଟରୁ ୫୪.୫୯ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଉଭୟ ମାମଲାରେ ୪ ଜଣ ଗିରଫ ହୋଇଥିଲେ। ସେହିପରି ୧୧ରେ ଏହି ଥାନା ଅଞ୍ଚଳରୁ ପୁଣି ୨୪.୧୯ ଗ୍ରାମ, ୨୦ରେ ୧୫.୦୯ ଗ୍ରାମ ବ୍ରାଉନସୁଗାର ଜବତ ସହ ମୋଟ ୩ ଜଣ ଗିରଫ ହୋଇଥିଲେ। ଏରସମା ଥାନା ଅଞ୍ଚଳରୁ ଗତ ୨ ତାରିଖରେ ୧୨ ଗ୍ରାମ ବ୍ରାଉନସୁଗାର ସମେତ ବୋଲେରୋ, ୨୪୦୦ ଟଙ୍କା ଜବତ କରାଯାଇଥିଲା। ଏହି ମାମଲାରେ ୪ ଜଣ ଗିରଫ ହୋଇଥିଲେ। ୫ରେ ଅନନ୍ତପୁର ଆଉଟ ପୋଷ୍ଟ ଅଞ୍ଚଳରୁ ୫.୧୦ ଗ୍ରାମ ବ୍ରାଉନସୁଗାର, ଏକ ବାଇକ୍ ଜବତ ହୋଇଥିଲା। ଜଣେ ଗିରଫ ହୋଇଥିଲେ। ୭ରେ ତିର୍ତ୍ତୋଲ ଥାନା ଅଞ୍ଚଳରୁ ୧୧ ଗ୍ରାମ ଓ ୧୯ରେ ୧୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିଲା। ୩ ଜଣ ଗିରଫ ହୋଇଥିଲେ। ୮ରେ ନାଉଗାଁ ଥାନା ଅଞ୍ଚଳରୁ ୨୫ ଗ୍ରାମ, ୧୮ରେ ବାଲିକୁଦା ଥାନା ଅଞ୍ଚଳରୁ ୧୮.୫ ଗ୍ରାମ ବ୍ରାଉନସୁଗାର ଜବତ ସହ ମୋଟ ଉପରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ୨୦ରେ ପାରାଦୀପ ଲକ୍ ଥାନା ଅଞ୍ଚଳରୁ ୩ ଜଣଙ୍କୁ ଗିରଫ ସହ ୧୬.୨୧ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ବିରିଡି ଥାନା ଅଞ୍ଚଳରୁ ମଧ୍ୟ ଜଣେ ଗିରଫ ସହ ୬.୮୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଅନ୍ୟପକ୍ଷେ ଗତ ୮ ତାରିଖରେ ପାରାଦୀପ ମଡେଲ ଥାନା ଅନ୍ତର୍ଗତ ବୃନ୍ଦାବନ କଲୋନୀ ନିକଟ ସବ୍‌ଷ୍ଟେଶନ୍ ମାର୍କେଟରୁ ୯ କେଜି ଗଞ୍ଜେଇ, ୧୦,୬୪୦ ଟଙ୍କା ଓ ଗୋଟିଏ ମୋବାଇଲ ଜବତ ସହ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ୧୦ରେ ଏହି ଥାନା ଅଞ୍ଚଳରୁ ପୁଣି ୨ କେଜି ଗଞ୍ଜେଇ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଏରସମା, ବାଲିକୁଦା, ରଘୁନାଥପୁର, ପାରାଦୀପ ମଡେଲ, ପାରାଦୀପ ଲକ୍, ବିରିଡ଼ି, ଅଭୟଚାନ୍ଦପୁର, ଜଟାଧାର ମୁହାଣ ମେରାଇନ ଓ ନାଉଗାଁ ଆଦି ଥାନା ଅଞ୍ଚଳରୁ ମଧ୍ୟ ଚୋରା ଦେଶୀ ଓ ବିଦେଶୀ ୩୫୦ ଲିଟର ମଦ ଜବତ ସହ ୨୮ଜଣ ଗିରଫ ହୋଇଥିଲେ।

## ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ଚାଷୀଙ୍କୁ ତାଲିମ

ନାଉଗାଁ/ରଘୁନାଥପୁର, ୨୩।୯(ସ୍ୱ.ପ୍ର./ଡି.ଏନ୍.ଏ.)

ନାଉଗାଁ ଓ ରଘୁନାଥପୁର ବ୍ଲକରେ ଗୁରୁବାର ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ୨ ଦିନିଆ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଜଗତସିଂହପୁର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନାଉଗାଁ ବ୍ଲକର କୃଷି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ଚାଷୀଙ୍କୁ ମାଟି ପରୀକ୍ଷା, ମାଟିରେ ଥିବା ଉପାଦାନ, କେଉଁ ପ୍ରକାର ମାଟିରେ କି ସାର ପ୍ରୟୋଗ କରାଯିବ, ସମନ୍ୱିତ କୃଷି,ଅଣୁ ସାରର ଉପଯୋଗିତା ଓ ମାଟି କିପରି ସଂଗ୍ରହ କରାଯିବ ସେବିଷୟରେ ତାଲିମ ଦିଆଯାଇଥିଲା। ତାଲିମଦାତା ଭାବେ ଜିଲା କୃଷି କାର୍ଯ୍ୟାଳୟ ସ୍କିମ ଅଫିସର ପ୍ରଭାସ କୁମାର ପଣ୍ଡା, ଡିପିଡି ନିରଞ୍ଜନ ମହାନ୍ତି ଓ ବ୍ଲକ ସହକୃଷି ଅଧିକାରୀ ନିର୍ମାଲ୍ୟ ନାୟକ ଯୋଗଦେଇ ଚାଷୀଙ୍କୁ ତାଲିମ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର ୧୨ ରାଜସ୍ୱ ଗ୍ରାମର ୩୦ ଜଣ ଲେଖାଏ ଚାଷୀଙ୍କୁ ତାଲିମ ଦିଆଯାଉଛି ବୋଲି ସହକୃଷି ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

ସେହିପରି ରଘୁନାଥପୁର ବ୍ଲକ କୃଷି କାର୍ଯ୍ୟାଳୟରେ ୧୩ ରାଜସ୍ୱ ଗ୍ରାମର ୩୦ ଜଣ ଲେଖାଏ ଚାଷୀଙ୍କୁ ନେଇ ଶିବିର ଆରମ୍ଭ ହୋଇଛି। ତାଲିମପ୍ରାପ୍ତ ଚାଷୀମାନେ ମୃତ୍ତିକା ପରୀକ୍ଷା ଓ ସାର ପ୍ରୟୋଗପ୍ରଣାଳୀସମ୍ପର୍କରେ ସଚେତନ କରିପାରିବେ ବୋଲି ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ କହିଛନ୍ତି। ଏଠାରେ ସହକାରୀ କୃଷି ଅଧିକାରୀ ମନସ୍ୱିନୀ ଲେଙ୍କା, ଏଡିଓ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଓ ସ୍କିମ ଅଫିସର ଜନାର୍ଦ୍ଦନ ବଳ ପ୍ରମୁଖ ତାଲିମ ଦେଇଥିଲେ।

PARADIP PORT TRUST
e-TENDER CALL NOTICE
Name of the work : "Allotment of 09 (Nine) nos. of Manual Iron Ore/Iron Ore Pellet plots". License Fees : Rs.2,35,85,958/-. Wharfage Fees : Rs.6,17,041/-. Last date & time of submission of bid : Dt.06.10.2021 up to 15:00 hrs. Date and time of opening (technical bid) : Dt.06.10.2021 up to 16:00 hrs. Refer our website for details : https://eprocure.gov.in/eprocure/app
Traffic Manager (I/c)
PPT/PR/111/21-22 Dt-23.09.21

PARADIP PORT TRUST
Corrigendum-IV
To e-Tender Call Notice No. EM/WS-29/2021 for the work: "Grant of license for Installation, Operation & Maintenance of 04 nos. of 100Ton capacity HMC for a period of 05 years extendable to another 01 year".
The last date of Bid Submission and opening of the bid for the above e-Tender Call Notice are hereby extended as follows: 1. Last date and time of Bid Submission: 11.10.2021 up to 18:00 Hrs. 2. Opening of Technical Bid : 12.10.2021 at 11:00 Hrs. All other terms and conditions of the original tender, Addendum-I and Addendum-II will remain unchanged.
Executive Engineer(M), Workshop Division-I
PPT/PR/113/21-22 Dated: 23.09.2021

# ବର୍ଷାରେ ରାସ୍ତା ଧୋଇଗଲା, କଲଭର୍ଟ ଭାଙ୍ଗିଲା



ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା କଲଭର୍ଟ ।

- ନିମ୍ନମାନର କାମ ଅଭିଯୋଗ
- ବର୍ଷେ ପୂର୍ବେ ନିର୍ମାଣ କରାଯାଇଥିଲା

ନାଉଗାଁ, ୨୩।୯(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷାରେ ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତର ବାଲି ଚନ୍ଦ୍ରପୁରରେ ଏକ ରାସ୍ତା ଧୋଇଯିବା ସହ କଲଭର୍ଟ ଭାଙ୍ଗିଯାଇଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ୩ ପରିବାର ପାଇଁ ସମସ୍ୟା ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ଭଟଣା ନଦୀର ପାଟନାଳି ଉପରେ ବର୍ଷେ ତଳେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୧ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏକ କଲଭର୍ଟ ନିର୍ମାଣ କରାଯିବା ସହ ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରାଯାଇ ଏକ ରାସ୍ତା ନିର୍ମାଣ କରାଯାଇଥିଲା। କଲଭର୍ଟ ଦ୍ୱାରା ଜଳ ନିଷ୍କାସନ ହେଉଥିବା ବେଳେ ସଂଯୋଗୀକରଣ ରାସ୍ତାରେ ଜନସାଧାରଣ ଯାତାୟାତ କରୁଥିଲେ। ଏହି କଲର୍ଭଟଠାରୁ କିଛି ଦୂରରେ ୩ ପରିବାର ବସବାସ କରୁଥିବା ବେଳେ ଉକ୍ତ ସ୍ଥାନରେ ଗ୍ରାମର ଅନେକ ଲୋକଙ୍କ ଚାଷ ଜମି ରହିଛି। ନିର୍ମାଣ ହେବାର ମାତ୍ର ବର୍ଷକ ମଧ୍ୟରେ କଲଭର୍ଟ ଭାଙ୍ଗିଯିବାରୁ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ତୁରନ୍ତ ଉକ୍ତ ରାସ୍ତାକୁ ପୁନର୍ବାର ମରାମତି କରିବାକୁ ଗ୍ରାମର ଶିବ ଚରଣ ଦାସ, ଅଭୟ ବେହେରା, ବିଜୟ ବେହେରା, ଡମ୍ବରୁ ଦାସ, ଭୋଳି ମଲିକ, ରାକେଶ ମଲିକ, ଅନାମ ସେଠୀ ଓ କୈଳାସ ମଲ୍ଲିକ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସ୍ମୃତି ନାୟକ କୁହନ୍ତି, କଲଭର୍ଟ ଭାଙ୍ଗିବା ଓ ରାସ୍ତା ଧୋଇବା ବିଷୟରେ ମୋ ପାଖରେ ଖବର ନାହିଁ। କେବେ ଏହାକୁ ତିଆରି କରାଯାଇଥିଲା ତାହା ଦେଖିବା ପରେ ଆଗାମୀ ପଦକ୍ଷେପ ନିଆଯିବ।

# ମରାମତି କାର୍ଯ୍ୟ ନିମ୍ନମାନର

ନାଉଗାଁ, ୨୩।୯(ସ୍ୱ.ପ୍ର.)

**ମୁଣ୍ଡାଳରୁ ନାଉଗାଁ ବଜାର ରାସ୍ତା**

ନାଉଗାଁ ବ୍ଲକ ବାଲିଭଉଁରୀ–ଶିଖରଘାଟକୁ ସଂଯୋଗ କରୁଥିବା ରାସ୍ତା ମରାମତି କରାଯାଉଛି। ମାତ୍ର ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ରାସ୍ତାର ମୁଣ୍ଡାଳଠାରୁ ନାଉଗାଁ ବଜାର ପର୍ଯ୍ୟନ୍ତ ଖାଲଖମାରେ ପୂରିଯାଇଛି। ଏହା ନାଉଗାଁ ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାବେଳେ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ବାଟ ଦେଇ ପୁରୀ, କାକଟପୁର, ଜଗତସିଂହପୁର, ପାରାଦୀପ, କଟକ, ଭୁବନେଶ୍ୱର ଆଦିକୁ ଯାତ୍ରୀବାହୀ ଓ ମାଲବାହୀ ଗାଡି ଯାତାୟାତ କରିଥାଏ। ମାତ୍ର ଏବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ବିଶେଷ କରି ବର୍ଷାଦିନେ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ଅସୁବିଧା ହେଉଛି। ବହୁ ସମୟରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭାଗ ପକ୍ଷରୁ ଗୁରୁବାର ଏହି ଖାଲଖମା ରାସ୍ତାକୁ ମରାମତି କରାଯାଇଛି। ତେବେ ଏହିସମୟରେ ଠିକାଦାର ପକ୍ଷରୁ ବାଲି ଅଧିକ ପକାଯାଇ ଡଷ୍ଟ ଓ ମେଟାଲ ନାମକୁ ମାତ୍ର ପକାଯାଇଥିବା ଅଭିଯୋଗ ହୋଇଛି। ଅଧିକ ବର୍ଷା ହେଲେ ଏହି ରାସ୍ତା ପୁନର୍ବାର ଧୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତା ଭଲଭାବେ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ବଳରାମ ଜେନା କହିଛନ୍ତି, ଆଗକୁ ମରାମିତ କାର୍ଯ୍ୟ କିପରି ଠିକ୍‌ଭାବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି।



ରାସ୍ତା ମରାମତି ପାଇଁ ଆସିଥିବା ବାଲି, ମେଟାଲ ଓ ଡଷ୍ଟ ।

No. L-63
DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR
EXPRESSION OF INTEREST (EOI)
**Expression of Interest (EOI) for engagement of Cluster Level Community Based Organisations for setting of different agri-ventures (Bio-input Production Unit /Post Harvest & Primary Processing Unit / Cluster level aggregation and marketing facility) under Crop Diversification Programme in Mega lift irrigation Projects ( Pilot Project)**
**2021-22 of Govt. of Odisha**
Expression of Interest (EoI) is invited by the Director of Agriculture & Food Production, Odisha, Bhubaneswar from the experienced and interested Organisations for engagement of Cluster Level Community Based Organisations for setting of different agri-ventures (Bio-input Production Unit /Post Harvest & Primary Processing Unit / Cluster level aggregation and marketing facility) for selected clusters of Kalahandi, Koraput, Malkangiri & Nabarangpur district under Crop Diversification Programme in Mega lift irrigation Projects ( Pilot Project) 2021-22. Interested CBOs (Farmers groups/ Commodity Interest Group (CIG) / Farmers Producer Organisations/ Women Self Help Groups / Pani Panchayts / Co-operative or any other local community institutions) are required to submit the proposals in sealed envelope super scribed as ***Application for selection of cluster level CBOs for setting up of different agri ventures (Bio-input Production unit / Post Harvest and Primary Processing unit / Cluster Level Aggregation & Marketing Facility) under Crop Diversification Programme in Mega Lift Irrigation Projects (Pilot Project) 2021-22*** as per the enclosed application format by registered / speed post. Proposals in e-mail will not be entertained in this regard. The EOI should be addressed to the Office of Block Agriculture Officer, Kundra / Kotpad / Borigumma / Nandahandi / Nabarangpur / Mathili / Jayptana / Narla /Kesinga / M.Rampur/ Karlamunda. Last date of receipt of the proposal 5th October 2021 up to 1.00 PM and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.odisha.gov.in/ www.agrisnetodisha.ori.nic.in.**
The Authority shall not be responsible for any sort of postal delay and proposal received beyond scheduled date and time shall not be entertained & out right to be rejected. The authority reserves the right to cancel/reject any or all the EOI without assigning any reason thereof.
Sd/-
Director of Agriculture & Food Production, Odisha

DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR
EXPRESSION OF INTEREST (EOI)
**Expression of Interest (EOI) for engagement of Cluster Level Facilitating Agency under Crop Diversification Programme in Mega lift irrigation Projects ( Pilot Project)**
**2021-22 of Govt. of Odisha**
Expression of Interest (EoI) is invited by the Director of Agriculture & Food Production, Odisha, Bhubaneswar from the experienced and interested Organisations for engagement of Facilitating Agency for selected clusters of Kalahandi, Koraput, Malkangiri & Nabarangpur district under Crop Diversification Programme in Mega lift irrigation Projects( Pilot Project) 2021-22. Interested agencies / Organisations are required to submit the proposals in sealed envelope super scribed as ***Application for selection of cluster level Facilitating Agency under Crop Diversification Programme in Mega Lift Irrigation Projects (Pilot Project) 2021-22*** as per the enclosed application format by registered / speed post. Proposals in e-mail will not be entertained in this regard. The EOI should be addressed to the Office of Chief District Agriculture Officer, Koraput / Kalahandi / Malakangiri / Nabarangpur Last date of receipt of the proposal 5th October 2021 up to 1.00 PM and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.odisha.gov.in/ www.agrisnetodisha.ori.nic.in.**
The Authority shall not be responsible for any sort of postal delay and proposal received beyond scheduled date and time shall not be entertained & out right to be rejected. The authority reserves the right to cancel/reject any or all the EOI without assigning any reason thereof.
Sd/-
Director of Agriculture & Food Production, Odisha
OIPR-01034/11/0019/2122

# ମହିଳାଙ୍କୁ ଆକ୍ରମଣ: ଏସ୍‌ପିଙ୍କୁ ଅଭିଯୋଗ

ଏରସମା, ୨୩।୯(ସ୍ୱ.ପ୍ର.)

ଏରସମା ଥାନା କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟତୁଠ ଗ୍ରାମର ଜଣେ ଦଳିତ ମହିଳା ଆକ୍ରମଣର ଶିକାର ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ମାମଲା ରୁଜୁ ହୋଇନାହିଁ ବୋଲି ସେ ଗୁରୁବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ମହିଳା ହେଲେ ଅର୍ଚ୍ଚିତା ମଣ୍ଡଳ। ଅଭିଯୋଗ ଅନୁଯାୟୀ, ସେ ଖୁରାଣ୍ଟତୁଠ ଗ୍ରାମର ୧୭ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମୁଖ୍ୟ ସିଆର୍‌ପି ଭାବେ କାର୍ଯ୍ୟ କରୁଥିଲେ। ସେଥିରୁ ୪ ଏସ୍‌ଏଚ୍‌ଜି ମିଶନ ଶକ୍ତିରୁ ଅର୍ଚ୍ଚିତାଙ୍କ ମାଧ୍ୟମରେ ଋଣ ଆଣିଥିଲେ। ଏହି ଅର୍ଥ ସମ୍ପୃକ୍ତ ଏସ୍‌ଏଚ୍‌ଜିଗୁଡ଼ିକର ବ୍ୟାଙ୍କ ବହିରେ ଜମା ହୋଇଥିଲା। ଉକ୍ତ ଏସ୍‌ଏଚ୍‌ଜିର ସଭାନେତ୍ରୀ ଓ ସମ୍ପାଦିକାମାନେ ଜମା ଅର୍ଥକୁ ଉଠାଇ ବିଭିନ୍ନ କ୍ଷେତ୍ରରେ ବିନିଯୋଗ କରିଥିଲେ। ନିୟମ ଅନୁସାରେ ବିନିଯୋଗ କରାଯାଇଥିବା ସୁଧ ଟଙ୍କା ବ୍ୟାଙ୍କ ବହିରେ ଜମା କରି ରସିଦ ସିଆର୍‌ପିଙ୍କ ମାଧ୍ୟମରେ ଏମବିକେଙ୍କ ନିକଟରେ ଦାଖଲ କରିବା କଥା। ମାତ୍ର ଏସ୍‌ଏସ୍‌ଜି ବୈଠକ ହୋଇ ନ ପାରିବାରୁ ଏହି ଟଙ୍କା ଦାଖଲ ହୋଇ ନ ଥିଲା। ଏନେଇ ସେମାନଙ୍କ ସହ ଅର୍ଚ୍ଚିତାଙ୍କ ବାରମ୍ବାର ବଚସା ହେଉଥିଲା। ସମାଧାନ ପାଇଁ ଗତ ୭ ତାରିଖରେ ଏକ ବୈଠକ ଡକାଯାଇଥିଲେ। ଏଥିରେ ୪ ଜଣ ମହିଳା ଅର୍ଚ୍ଚିତାଙ୍କୁ ମାଡ଼ ମାରିଥିଲେ ବୋଲି ଏରସମା ଥାନାରେ ଅଭିଯୋଗ ହୋଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଅର୍ଚ୍ଚିତା କହିଛନ୍ତି।

ଏ ସମ୍ପର୍କରେ ଏରସମା ଥାନା ଆଇଆଇସି ଲିଜାରାଣୀ ବିଶ୍ୱାଳ କହିଛନ୍ତି, ତଦନ୍ତ ଚାଲିଛି। ବିଡିଓଙ୍କୁ ଘଟଣା ସମ୍ପର୍କରେ ସବିଶେଷ ବିବରଣୀ ମଗାଯାଇଛି। ତାହା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପରିବେଶଜନିତ ଜନଶୁଣାଣିକୁ ବିରୋଧ ଘଟଣା: ୨ ଗିରଫ

ରଘୁନାଥପୁର, ୨୩।୯(ଡି.ଏନ୍.ଏ.)

ରଘୁନାଥପୁର ତହସିଲ ଅନ୍ତର୍ଗତ ଛପଡା ପଞ୍ଚାୟତ ଜଇପୁର ଡାକବଙ୍ଗଳାକୁ ବୁଧବାର ପରିବେଶଜନିତ ଜନଶୁଣାଣି ପାଇଁ ଆସିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କୁ ବିରୋଧ କରଯିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏହି ଅଭିଯୋଗରେ ଗୁରୁବାର ରଘୁନାଥପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଇପୁର ଅଞ୍ଚଳର ମାନସ ଦାସ ଓ ନିରାକାର ଖୁଣ୍ଟିଆ। ତହସିଲଦାର ରୂପାଲିକା ଦାଶଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ବିରୋଧକାରୀଙ୍କ ବିରୋଧରେ ମାମଲା (ନଂ.୧୩୨/୨୧) ରୁଜୁ କରିଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲହାଜତକୁ ପଠେଇ ଦିଆଯାଇଛି।

ରଘୁନାଥପୁର ତହସିଲ ପକ୍ଷରୁ ଜଇପୁର ମହାନଦୀ ବାଲିଘାଟକୁ ନିଲାମ ଦିଆଯିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପରିବେଶଜନିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବାର ଥିଲା। ଏଥିପାଇଁ ଏଡିଏମ ଚିନ୍ମୟୀ ବିଶ୍ୱାଳ, ତହସିଲଦାର ରୂପାଲିକା ଦାଶ ଓ ପରିବେଶ ବିଭାଗ ଅଧିକାରୀମାନେ ଜଇପୁର ଡାକବଙ୍ଗଳାରେ ପହଞ୍ଚିଥିଲେ। ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା ଓ ରଘୁନାଥପୁର ଆଇଆଇସି ଦେବେନ୍ଦ୍ର ମହାପାତ୍ର ପୋଲିସ ଫୋର୍ସ ସହ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ଶତାଧିକ ମହିଳା ଓ ପୁରୁଷ ସେଠାରେ ପହଞ୍ଚି ଅଧିକାରୀମାନଙ୍କୁ ଡାକବଙ୍ଗଳା ଭିତରକୁ ଛାଡ଼ି ନ ଥିଲେ।

ଦୀର୍ଘଦିନ ଧରି ସ୍ଥାନୀୟ ଶ୍ରମିକ ସଙ୍ଗଠନକୁ ବାଲିଘାଟ ନିଲାମ ପାଉଥିବାବେଳେ ଚଳିତ ବର୍ଷ ଅନ୍ୟ ଜଣେ ବ୍ୟକ୍ତି ଅଧିକ ମୂଲ୍ୟରେ ଏହି ନିଲାମ ପାଇବା ଘଟଣାକୁ ସେମାନେ ବିରୋଧ କରିଥିଲେ। ବାଲିଘାଟ ଉପରେ ନିର୍ଭର କରୁଥିବା ଶ୍ରମିକମାନେ ଜୀବିକା ହରାଇବା ଭୟରେ ପ୍ରତିକ୍ରିୟାଶୀଳ ହୋଇଯାଇଥିଲେ।

ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଧ୍ୟ ହୋଇ ପ୍ରଶାସନିକ ଅଧିକାରୀମାନେ ସ୍ଥାନ ପରିତ୍ୟାଗ କରି ଚାଲିଯାଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ମହାପାତ୍ର କହିଛନ୍ତି। ଏନେଇ ଜଇପୁର ଅଞ୍ଚଳରେ ଅସନ୍ତୋଷ ବଢ଼ୁଥିବା ଶୁଣିବାକୁ ମିଳୁଛି।

# କାର୍–ବାଇକ୍ ଧକ୍କା: ଜଣେ ଗୁରୁତର

ଜେନାପୁର, ୨୩।୯(ଡି.ଏନ୍.ଏ.)

ଜେନାପୁର ଥାନା ଅନ୍ତର୍ଗତ ଜେନାପୁର–ଜାବରା ବ୍ରିଜ୍‌ରେ ଗୁରୁବାର ଅପରାହ୍ନରେ ଏକ କାର୍ ସାହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଗୁରୁତର ହୋଇଛନ୍ତି। ସେ ଜେନାପୁର ପଞ୍ଚାୟତ ଅନ୍ତର୍ଗତ ପଥରଡ଼ିହ ଗ୍ରାମର ପ୍ରମୋଦ ଦାସଙ୍କ ପୁଅ ପ୍ରିୟଦର୍ଶନ ଦାସ (୩୫)ବୋଲି ଜଣାପଡ଼ିଛି। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ମୁତାବକ, ଅପରାହ୍ନରେ ପ୍ରିୟଦର୍ଶନ ବାଇକ୍ ଯୋଗେ ଜାବରାରୁ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଗାନ୍ଧୀ ଜୟନ୍ତୀରୁ ଅଳକାଶ୍ରମ ସ୍ମୃତି ସଦନ ନିର୍ମାଣ

ଜଗତ୍‌ସିଂହପୁର ଅଫିସ, ୨୩।୯

**ପାଠାଗାର, ସଂଗ୍ରହାଳୟ ତିଆରି ହେବ**

ସ୍ୱାଧୀନତା ଆନ୍ଦୋଳନର ଅନ୍ତୁଡିଶାଳ ବୋଲି କୁହାଯାଉଥିବା ଜଗତ୍‌ସିଂହପୁର ଜିଲାର ଅଳକାଶ୍ରମକୁ ପୁନରୁଦ୍ଧାର କରାଯିବ। ଆସନ୍ତା ଗାନ୍ଧୀ ଜୟନ୍ତୀରୁ ଅଳକାଶ୍ରମର ସ୍ମୃତି ସଦନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗୁରୁବାର ଘୋଷଣା କରିଛନ୍ତି। ଜଗତ୍‌ସିଂହପୁର ଡେଭଲପମେଣ୍ଟ ଫୋରମ୍ ଆନୁକୂଲ୍ୟରେ ଏହି ଆଶ୍ରମର ପୁନରୁଦ୍ଧାର ପାଇଁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ହାଟ ବଜାର ନିକଟ ଅଳକାଶ୍ରମ ପାଇଁ ସ୍ଥିରୀକୃତ ସ୍ଥାନ ନିକଟରେ ଆୟୋଜିତ ସମ୍ମିଳନୀରେ ଜିଲାପାଳ ମହାପାତ୍ର ମୁଖ୍ୟଅତିଥି ଭାବେ




ଅଳକାଶ୍ରମ ପୁନରୁଦ୍ଧାର ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ।

ଯୋଗଦେଇଥିଲେ। ଏହି ଅବସରରେ ସେ ସ୍ମୃତି ସଦନ ନିର୍ମାଣ ସମ୍ପର୍କରେ ସୂଚନା ଦେବାସହ ଆଶ୍ରମ ପରିସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଗବେଷଣା ପାଇଁ ପାଠାଗାର ନିର୍ମାଣ ହେବ ବୋଲି କହିଛନ୍ତି। ଏହାଛଡ଼ା ଆଶ୍ରମ ସମ୍ପର୍କିତ ସମସ୍ତ ତଥ୍ୟକୁ ସ୍ଥାନିତ କରି ଏକ ସଂଗ୍ରହାଳୟ ନିର୍ମାଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଫୋରମ୍ ଆବାହକ ତଥା ହରିଜନ ସେବକ ସଂଘର ରାଷ୍ଟ୍ରୀୟ ସଂଯୋଜକ ଦେବେନ୍ଦ୍ରନାଥ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ବଂଶୀଧର ଆଚାର୍ଯ୍ୟ, ଗୌରାଙ୍ଗ ଚରଣ ହୋତା, ଜ୍ୟୋତିର୍ମୟୀ ମହାନ୍ତି, ଉତ୍କଳ ରଞ୍ଜନ ମହାନ୍ତି, ପ୍ରତାପ କୁମାର ଲେଙ୍କା, ସ୍ନେହମୟୀ ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ମହାପାତ୍ର, ରବି ନାରାୟଣ ଷଡ଼ଙ୍ଗୀ, ଅଜୟ ଗୋଛାୟତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଅଳକାଶ୍ରମ ଦେଶର ୪ ପ୍ରମୁଖ ସ୍ଥାନ ମଧ୍ୟରୁ ଗୋଟିଏ ଥିଲା। ସମୟାନୁକ୍ରମେ ଏହି ଆଶ୍ରମ ତା'ର ସ୍ଥିତି ହଜାଇ ବସିଛି । ଅତୀତର ସ୍ମୃତିକୁ ମନେ ରଖିବା ଜିଲାପାଳଙ୍କ ପ୍ରତିଶ୍ରୁତି ଆଶାର ସଞ୍ଚାର ସୃଷ୍ଟି କରିଛି।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

**କେନ୍ଦ୍ରାପଡ଼ା ଅଫିସ,୨୩ା୯:** କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କୁ ନଂ. ୨୪୦/୨୦ ମାମଲାରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ସଦର ଥାନାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ କରି କହିଛନ୍ତି, ବ୍ୟକ୍ତି ଜଣକ ପେସାରେ ଟ୍ରକ ଡ୍ରାଇଭର। ୨୦୨୦ ଅକ୍ଟୋବର ୪ରେ ସେ ଘରକୁ ଆସିଥିବା ବେଳେ ଏକୁଟିଆ ଜଣେ ନାବାଳିକା ଝିଅ ଥିଲେ। ତାଙ୍କୁ ବଳାତ୍କାର କରୁଥିବା ବେଳେ ବାହାରକୁ ଯାଇଥିବା ମା’ ଘରକୁ ଆସି ପାଟି କରିଥିଲେ। ପୀଡିତାଙ୍କ ମା’ଙ୍କ ପାଟି ଶୁଣି ପଡୋଶୀମାନେ ଆସିବାରୁ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇ ଯାଇଥିଲେ। ଏ ନେଇ ସେହି ମାସ ୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ସହ ପୀଡିତାଙ୍କ ବୟାନ କୋର୍ଟରେ ନିଆଯାଇଛି। ଫେରାର ବ୍ୟକ୍ତିଙ୍କୁ ବୁଧବାର କଟକରୁ ଧରାଯାଇଛି ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଥିଲେ। ସମ୍ମିଳନୀରେ ଆଇଆଇସି ପବିତ୍ର ମହାରଣା ଉପସ୍ଥିତ ଥିଲେ। ଅପରପକ୍ଷରେ ଟଙ୍କା ପାଇଁ ଘରୋଇ ଝଗଡାରୁ ଏହି ମାମଲା ହୋଇଥିବା ଅଭିଯୁକ୍ତ ପ୍ରକାଶ କରିଛନ୍ତି। ଏହି ପରିବାର ଝଗଡାକୁ କେନ୍ଦ୍ରକରି ମାମଲା ଦିଆଯାଇଥିବା ସ୍ଥାନୀୟ ଗ୍ରାମବାସୀ ନିଜ ନାମ ଗୋପନ ରଖି ମତ ଦେଇଛନ୍ତି।

### ପୋଖରୀରେ ବୁଡି ବାଳକ ମୃତ

**ପଟ୍ଟାମୁଣ୍ଡାଇ,୨୩ା୯(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଗାଁର ରମେଶ ମଲିକଙ୍କ ପୁଅ ସଂଗ୍ରାମ (୧୬)ଙ୍କର ଗୁରୁବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସଂଗ୍ରାମ ଗାଁ ମଝିରେ ଥିବା ବଡ ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ଗଭୀର ପାଣିକୁ ଗୋଡ ଖସି ଯିବାରୁ ବୁଡି ଯାଇ ମୃତ୍ୟୁ ଘଟିଥିବା ଜଣାଯାଇଛି। ଗାଁ ଲୋକ ବଡ ପୋଖରୀରୁ ସଂଗ୍ରାମଙ୍କ ମୃତଦେହକୁ ଉଦ୍ଧାର କରିଥିବା ଜଣାଯାଇଛି। ଏ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ବିଭୁ ପ୍ରସାଦ ଷଡ଼ଙ୍ଗୀ ହେଲେ ବ୍ଲକ ଯୁବ କଂଗ୍ରେସ ସଭାପତି

**ଡେରାବିଶ,୨୩ା୯(ସ୍ୱ.ପ୍ର.):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଯୁବ ସଙ୍ଗଠନର ନୂତନ ସଭାପତି ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ପାଟକୁରା ନିର୍ବାଚନ ମଣ୍ଡଳୀର ଡେରାବିଶ ବ୍ଲକରେ ମଧ ଯୁବବର୍ଗଙ୍କୁ ନୂତନ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଡ. ସ୍ମୃତିରଞ୍ଜନ ଲେଙ୍କା ଡେରାବିଶ ବ୍ଲକ ଯୁବ କଂଗ୍ରେସର ସଭାପତି ଭାବେ ବିଭୁ ପ୍ରସାଦ ଷଡଙ୍ଗୀଙ୍କୁ ମନୋନୀତ କରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ଷଡଙ୍ଗୀଙ୍କ ବଳିଷ୍ଠ ନେତୃତ୍ୱ ଯୁବକମାନଙ୍କୁ ସଂଗଠିତ କରିବାରେ ସହାୟକ ହେବ। ଏହି ନୂତନ ଦାୟିତ୍ୱ ପାଇଁ ଷଡଙ୍ଗୀ କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ଓ କଂଗ୍ରେସ ନେତା ଜୟନ୍ତ କୁମାର ମହାନ୍ତି ଓ ରାଜ୍ୟ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କେନ୍ଦ୍ରାପଡ଼ାରେ କୃଷିଭିତ୍ତିକ ଶିଳ୍ପ ଜରୁରୀ

- ପ୍ରୋତ୍ସାହନ ଅଭାବରୁ ଯୁବବର୍ଗଙ୍କୁ ମିଳୁନି କର୍ମନିଯୁକ୍ତି
- ଜିଲାକୁ ୟୁନିଟ୍ ଭାବେ ଗ୍ରହଣ କଲେ ସ୍ୱପ୍ନ ହେବ ସାକାର
- ଓୟୁଏଟି ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି

କେନ୍ଦ୍ରାପଡ଼ା ଅଫିସ, ୨୩ା୯

କରୋନା ସଂକ୍ରମଣ ଓ ପ୍ରାକୃତିକ ବିପର୍ଯ୍ୟୟ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। କରୋନା ପାଇଁ ବହୁ ପ୍ରବାସୀ ଜିଲା ବାହାରେ କର୍ମନିଯୁକ୍ତି ହରାଇ ଘରେ ରହିଛନ୍ତି। ୟାଶ୍ ବାତ୍ୟାର କ୍ଷତି ସୁଧୁରି ନ ଥିବାବେଳେ ଏବେ ଲଗାଣ ବର୍ଷା ଓ ବନ୍ୟା ଖରିଫ ଚାଷକୁ ନଷ୍ଟ କରିଛି। ଋଣ ଶୁଝିବା ଚିନ୍ତା ଏବେ ଚାଷୀଙ୍କ ଘାରିଛି। ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପୂର୍ବରୁ କପା, ସୂର୍ଯ୍ୟମୁଖୀ, ନଳିତା, ଆଖୁ ଆଦି ଉତ୍ପାଦନ କ୍ଷେତ୍ରରେ ଜିଲା ବହୁ ସୁନାମ ଅର୍ଜନ କରିଥିଲା। ଏହା ଆର୍ଥିକ ପ୍ରଗତିରେ ସହାୟକ ହେଉଥିଲା। ଦୁଇ ଦଶନ୍ଧି ଧରି କୃଷି ଏବେ ଲାଭଜନକ ହୋଇନାହିଁ। ଜିଲାର ଅର୍ଥନୀତିକୁ ସୁଦୃଢ଼ ପାଇଁ ଅର୍ଥକରୀ ଫସଲର ଆବଶ୍ୟକତା ହୋଇଛି। ଓୟୁଏଟିର ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ସହ ଯୁବବର୍ଗଙ୍କୁ ଚାଷ ପାଇଁ ପ୍ରୋତ୍ସାହନ ଆବଶ୍ୟକ। ଜିଲାକୁ ଏକ ୟୁନିଟ୍ ଭାବେ ଗ୍ରହଣ କରି ଫସଲ ଉତ୍ପାଦନ କଲେ ଫସଲଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ। ଯୁବବର୍ଗଙ୍କୁ ଜିଲାରେ କର୍ମନିଯୁକ୍ତି ମିଳିବ ବୋଲି ମତ ମିଳିଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ, ମୀର ଅବୁ ଓବେଦା, ଲକ୍ଷ୍ମୀକାନ୍ତ ନାୟକ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ଅଧିକାଂଶ ଯୁବବର୍ଗ ବାହାର ରାଜ୍ୟରେ ସୂତାକଳରେ କାମ କରୁଥିବା ଲକ୍ଷ୍ୟ କରାଯାଉଛି। ଏହି ଜିଲାରେ କପା ଚାଷ କଲେ କଞ୍ଚାମାଲର ଅଭାବ ରହିବ ନାହିଁ। ଫଳରେ ସୂତା ମିଲ ହୋଇପାରିବ। ସେହିପରି ବାଉଁଶ ପ୍ରତି ଗାଁରେ ଅଛି। ଭିତ୍ତିଭୂମି ଓ ପରିବେଶ ବାଉଁଶ ଚାଷ ପ୍ରତି ଅନୁକୂଳ ଅଛି। ଏହା ପ୍ରାକୃତିକ ବିପର୍ଯ୍ୟୟ ସହଣି ମଧ। ଜିଲାରେ ବ୍ୟାପକ ଭାବେ ବାଉଁଶ ଚାଷ ଦ୍ୱାରା ଆମେ କାଗଜକଳର ସ୍ୱପ୍ନ ଦେଖିପାରିବା। ନଳିତା ଚାଷରେ ଜିଲା ବହୁ ଅଗ୍ରଗତି କରିଥିଲା। ଏଥିପାଇଁ ଜଜାଙ୍ଗଠାରେ ଝୋଟ ଗବେଷଣାଗାର ହୋଇଥିଲା। ଏଠାରେ ମଧ ୩ ପ୍ରକାର ନଳିତାର ନୂତନ ବିହନ ଉତ୍ପାଦନ ହେଉଥିଲା। ତେବେ ଝୋଟ ବିକ୍ରି ସମସ୍ୟା ହେବାରୁ ଏହି ଫସଲ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏବେ ପ୍ଲାଷ୍ଟିକ ପରିବର୍ତ୍ତେ ପରିବେଶ ଅନୁକୂଳ ଝୋଟ ଓ କପଡା ବ୍ୟାଗ ବ୍ୟବହାର ପାଇଁ ପରାମର୍ଶ ଦିଆଯାଉଛି। ଝୋଟ କଳ ସ୍ଥାପନ ହେଲେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବା ସହ ଏକକ ଚାଷ କ୍ଷେତ୍ରରେ ଆମେ ସ୍ୱାବଲମ୍ବୀ ହୋଇପାରିବା। ସାମୁଦ୍ରିକ ଝଡ଼, ବନ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଜିଲାରେ ବ୍ୟାପକ ଭାବେ ଟମାଟୋ ଚାଷ ହେଉଛି। ତେବେ ଅଧିକ ଅମଳ ପରେ ବିକ୍ରି ନ ହେବାରୁ ରାସ୍ତାଘାଟରେ ଅଥବା କ୍ଷେତରେ ଫସଲକୁ ଚାଷୀ ନଷ୍ଟ କରୁଛନ୍ତି। ଜିଲାରେ ସସ୍ ତିଆରି କାରଖାନା ପାଇଁ ଆମେ ପ୍ରୋତ୍ସାହିତ କରିପାରିବା। ମାଛ, ଛେଳି, ମେଣ୍ଢା, କୁକୁଡା ଚାଷକୁ ବ୍ୟାପକ କରାଯାଇ ପାରିବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ। ସେହିପରି କେତେକ କାରଣ ଯୋଗୁ ଜିଲାରେ କୃଷି ଏବେ ଅର୍ଥ ରୋଜଗାର ପାଇଁ ଲାଭଦାୟକ ନୁହେଁ। ଜଳ ପରିଚାଳନା ଏଠାରେ ପ୍ରମୁଖ ସମସ୍ୟା। ଜଳସେଚନ ଓ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଯୋଜନା ଦରକାର। କୃଷି ଉତ୍ପାଦ ସଂରକ୍ଷଣ ପାଇଁ ଅଦ୍ୟାବଧି କୌଣସି ଶୀତଳଭଣ୍ଡାର ନାହିଁ। ଓୟୁଏଟିର ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ଏଠାରେ ସ୍ଥାପନ ହେଲେ ଯୁବବର୍ଗଙ୍କ ତାଲିମ ବ୍ୟବସ୍ଥାକୁ ସହଜ କରିହେବ। କୃଷିଜାତ ଶିଳ୍ପ ଉତ୍ପାଦର ବିକ୍ରି ପାଇଁ ମଣ୍ଡିର ଆବଶ୍ୟକତା ଅଛି। ଏବେ ରେଳପଥ ପାଇଁ ପରିବହନ ସୁବିଧା ମିଳିପାରିବ। ଜିଲା ବାହାରକୁ କୃଷି ଉତ୍ପାଦ ନ ଗଲେ ଆମ ଜିଲାର ଅର୍ଥନୀତି ସୁଧୁରିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରା କହିଛନ୍ତି, ଗତ ଆର୍ଥିକ ବର୍ଷରେ ୧୧୨ ଓ ଓ ଚଳିତ ଆର୍ଥିକ ବର୍ଷରେ ୪୩ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ କୃଷିଭିତ୍ତିକ କୌଣସି ପ୍ରକଳ୍ପ ପାଇଁ ଆବେଦନପତ୍ର ଆସିନାହିଁ। ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି, ବିଭିନ୍ନ ଚାଷ ପାଇଁ ତାଲିମ ପ୍ରଦାନ କରାଯାଉଛି। ତେବେ ଜିଲାର କୌଣସି ଏକ କୃଷିଭିତ୍ତିକ ଶିଳ୍ପ ପାଇଁ ଗୋଟିଏରୁ ଦୁଇଟି ଚାଷ ପ୍ରତି ଧ୍ୟାନ ଦେବାକୁ ହେବ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଜିଲାରେ ଏକ ସ୍ୱତନ୍ତ୍ର କୃଷି ପାଇଁ ଅଦ୍ୟାବଧି କୌଣସି ଯୋଜନା ନାହିଁ। ଆଗାମୀ ବୈଠକରେ ଏ ନେଇ ଆଲୋଚନା କରାଯିବ।

# ୧୦ ହଜାର ଏକର ଧାନ ଫସଲ ନଷ୍ଟ ହେବ



ବନ୍ୟାଜଳରେ ବୁଡ଼ି ରହିଥିବା ଧାନଗଛ।

## ରାଜନଗରରେ ବନ୍ୟା, ୫ ପଞ୍ଚାୟତର ଲୋକ ପାଣି ଘେରରେ

ରାଜନଗର,୨୩ା୯(ଡି.ଏନ.ଏ.)

ଲଗାଣ ବର୍ଷା ପରେ ବ୍ରାହ୍ମଣୀରେ ବନ୍ୟାପାଣି ଆସି ରାଜନଗର ବ୍ଲକର ୫ ପଞ୍ଚାୟତର ୪୦ ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ୯ ଦିନ ହେଲା ପାଣି କମୁ ନ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢି ବଢି ଚାଲିଛି। ଗୁରୁବାର ବ୍ଲକର ବ୍ରାହ୍ମଣୀ ନଦୀ କୂଳରେ ଥିବା ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ବନ୍ୟାପାଣି ପ୍ରବେଶ କରିଛି। ଏହି ପଞ୍ଚାୟତର ଝାଡକଟା, ଯଦୁଚନ୍ଦ୍ରପୁର, ଉଆଷିଡିଆ, ଦକ୍ଷିଣଭେଡା, ଚକ୍ରବର୍ତ୍ତୀ ପ୍ରଭୃତି ଗାଁ ପାଣି ଘେରରେ ରହିଛି। ଦକ୍ଷିଣଭେଡା ଗାଁର ଅଜାମ୍ବର ବରାଳ, ପର୍ଶୁରାମ ବରାଳ, ସନ୍ତୋଷ ବରାଳ, ଆନ୍ଦ ମଲିକ, ଅଜୟ ମଲିକ, ନିମାଇଁ ମଲିକ, ନିର୍ମଳ ମଲିକ, ବିଜୟ ମଲିକ, ଯଦୁଚନ୍ଦ୍ରପୁର ହରେକୃଷ୍ଣ ପ୍ରଧାନ, ଚକ୍ରବର୍ତ୍ତୀର ମାଳତି ମହାନ୍ତି ପ୍ରମୁଖଙ୍କ ଘରେ ପାଣି ପଶିଛି। ଗାଁର ଶିବ ମନ୍ଦିର ଓ ଠାକୁରାଣୀଙ୍କ ମନ୍ଦିର ପାଣି ଘେରରେ ରହିଛି। ବନ୍ୟାପାଣି ଧୋୟାଞ୍ଚଳରେ ଜମି ରହିଥିବା ବେଳେ ଲଗାଣ ବର୍ଷା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ପୂର୍ଣ୍ଣିମା ଦିନଠାରୁ ବନ୍ୟା ପାଣି ବଢିବା ସହ ଲୋକଙ୍କ ଘରେ ପଶିଛି। ବନ୍ୟା ଯୋଗୁ ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଫିଙ୍ଗିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଡୈଳା, ଓଡ୍ରିଆ ପଞ୍ଚାୟତର ଓଡ୍ରିଆ, ନଗଡ, କଟକଣା, ନଳଦିଆ, ବନ୍ଧପାଟଣା, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର ଓ ବେଲପାଳ ପଞ୍ଚାୟତର ବେଲପାଳ ମୌଜାରେ ଥିବା ଖରିଫ ଧାନ ଗଛ ପାଣିରେ ବୁଡି ରହିଛି। ଫଳରେ ଚଳିତବର୍ଷ ୧୦ ହଜାର ଏକର ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ୫ ପଞ୍ଚାୟତ ସହ କେରେଡାଗଡ, ବାଲିସାହିପାଟଣା, ରାଜନଗର, ଚାନ୍ଦିବାଉଁଶମୂଳ, କଣ୍ଡିରା, ଘଡିଆମାଳ ପ୍ରଭୃତି ପଞ୍ଚାୟତର ନଦୀ ପଟରେ ଥିବା ଚାଷ ଜମି ବନ୍ୟାପାଣିରେ ବୁଡି ରହିଛି। ବନ୍ୟାଞ୍ଚଳରେ ଚାଷ ଜମିରେ ୮ ରୁ୧୦ ଫୁଟ ଉଚ୍ଚର ବନ୍ୟାଜଳ ଫସଲକୁ ବୁଡାଇ ରଖିଛି। ୫ଟି ପଞ୍ଚାୟତର ଗମନାଗମନ ରାସ୍ତା ଉପରେ ୪ରୁ୫ ଫୁଟ ଉଚ୍ଚର ବନ୍ୟାଜଳ ଚାଲୁଛି।

# ୫ ବର୍ଷ ବିତିଲା, ସଂଯୋଗୀକରଣ ରାସ୍ତା ହେଲାନି



ଦାନପୁର ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇନାହିଁ।

## ଲୁଣାନଦୀର ଦାନପୁର ସେତୁ ଅଧାପନ୍ତରିଆ

ଡେରାବିଶ, ୨୩ା୯(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଦାନପୁରଠାରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଲୁଣାନଦୀ ଉପରେ ନିର୍ମିତ ହୋଇଥିବା ସେତୁ ଏବେ ବି ଅଧାପନ୍ତରିଆ ହୋଇ ପଡ଼ିରହିଛି। ୨୦୧୬ରେ ମୁଖ୍ୟମନ୍ତ୍ରୀ ଏହି ସେତୁକୁ ଲୋକାର୍ପିତ କରିଥିଲେ। ଏହା ଭିତରେ ୫ ବର୍ଷ ବିତିଯାଇଥିଲେ ମଧ ସେତୁକୁ ସଂଯୋଗ କରିଥିବା ରାସ୍ତା ନିର୍ମାଣ ହୋଇନାହିଁ। ଲୁଣା ନଦୀର ନିର୍ମିତ ହୋଇଥିବା ସେତୁକୁ ସଂଯୋଗ କରିଛି କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ଉପରେ ନିର୍ମିତ ହୋଇଥିବା ସେତୁ। ମାତ୍ର ବିଭାଗୀୟ ଅପାରଗତା ପାଇଁ ଜଳସମ୍ପଦ ବିଭାଗ ଅଧୀନରେ ଥିବା ନଦୀବନ୍ଧ ଓ କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ଡାହାଣ ପାର୍ଶ୍ୱ ବନ୍ଧରେ ଅସ୍ଥାୟୀ ଭାବେ ସାଧାରଣ ଲୋକ ଯାତାୟାତ କରୁଛନ୍ତି। ଏହି ରାସ୍ତାରେ ବ୍ରିଟିଶ୍ ସରକାରଙ୍କ ସମୟରେ କଟକରୁ ଜମ୍ବୁ ଯାଏ ବାଣିଜ୍ୟିକ ସମ୍ପର୍କ ପାଇଁ ମୁଖ୍ୟ କେନାଲର ଦାନପୁରଠାରେ ନିର୍ମିତ ଲକ୍ ପୋଲ ଏବେ ବିପଦ ସଙ୍କୁଳ ଅବସ୍ଥାରେ। ଅସ୍ଥାୟୀ ଭାବେ ଲୁଣାନଦୀର ସେତୁକୁ ଏହି ଲକ୍ ପୋଲ ଦେଇ ଯାଇଥିବା ନଦୀବନ୍ଧ ରାସ୍ତା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ବ୍ୟବହାର କରୁଛନ୍ତି। ମାତ୍ର ଏହି ନଦୀ ବନ୍ଧ ଓ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଲକ୍ ପୋଲ ଦେଇ ଶତାଧିକ ସଂଖ୍ୟାରେ ବାଲି ବୋଝେଇ ଟ୍ରକ୍‌ଠାରୁ ଆରମ୍ଭ କରି କଟକରୁ-ପାଟକୁରା ଯାଉଥିବା ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ସମସ୍ତ ଘଟଣା ପ୍ରତି ଅବଗତ ଥାଇ ମଧ ପୂର୍ତ୍ତ ବିଭାଗ ନିଦା ବିଷ୍ଣୁ ପାଳଟି ଥିବା ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା କହିଛନ୍ତି। ଏହି ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବାରୁ ଏ ନେଇ ଅଗଷ୍ଟ ୨୫ରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ପଣ୍ଡାଙ୍କ ସମେତ ଉପସ୍ଥିତ ବହୁ ସରପଞ୍ଚ ଓ ସମିତିସଭ୍ୟ ତୁରନ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଦାବି ଉଠାଇଥିଲେ। ତେବେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ବିଷୟରେ ଶିକ୍ଷାବିତ୍ ରତ୍ନାକର ନାୟକ ଓ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଲୁଣାନଦୀରେ ସେତୁ ନିର୍ମାଣ ହେବ ଏବଂ ବ୍ଲକ ସମେତ ଦ୍ୱୀପାଞ୍ଚଳବାସୀଙ୍କର ବହୁ ଦିନର ସମସ୍ୟା ସମାଧାନ ନେଇ ବହୁ ଆନ୍ଦୋଳନ କରାଯାଇଥିଲା। ମାତ୍ର ଏହି ସେତୁ ନିର୍ମାଣ ପରେ ସଂଯୋଗୀ କରଣ ରାସ୍ତା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଚୁପ୍ ବସିବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏ ବିଷୟରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନାୟକ କହିଛନ୍ତି, ସେତୁକୁ ସଂଯୋଗ କରିବାକୁ ଥିବା ରାସ୍ତା ପାଇଁ ଜମି ଅଧିଗ୍ରହଣ ସରିଛି। ମାତ୍ର ମାଲିକାନା ସ୍ୱତ୍ୱ ବିବାଦ ନେଇ ମାମଲା କୋର୍ଟରେ ବିଚାରାଧୀନ ଅଛି। ଯେଉଁଥିପାଇଁ ସଂଯୋଗୀକରଣ ରାସ୍ତା କାର୍ଯ୍ୟରେ ବିଳମ୍ବ ଘଟୁଛି। ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ବିପଦସଙ୍କୁଳ ଲକ୍ ପୋଲ ଦେଖିବା ପରେ ଏହାର ମରାମତି ପାଇଁ ଖୁବ୍‌ଶୀଘ୍ର କରାଯିବ।

## ହାଇସ୍କୁଲର ମୋ ସ୍କୁଲ କମିଟି ବୈଠକ

ପାଟକୁରା,୨୩ା୯(ଡି.ଏନ.ଏ.)

ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡାଠାରେ ପ୍ରତିଷ୍ଠିତ ଫଜଲହକ୍ ସରକାରୀ ହାଇସ୍କୁଲର ମୋ ସ୍କୁଲ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର ଅଧ୍ୟକ୍ଷ ଡ. ଅମରେନ୍ଦ୍ରନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୧୪ରେ ବିଦ୍ୟାଳୟକୁ ମଡ଼େଲ ସ୍କୁଲ ଭାବେ ଉଦ୍‌ଘାଟନ କରାଯିବା କାର୍ଯ୍ୟକ୍ରମ ରହିଥିବା ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଦାସ ସୂଚନା ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ପରିସରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଥିବା କମିଟିର ସଦସ୍ୟମାନେ ବୁଲି ଦେଖିଥିଲେ। ବିଦ୍ୟାଳୟର ୩ଟି ସ୍ମାର୍ଟ ଶ୍ରେଣୀଗୃହ, ଗୋଟିଏ ବିଜ୍ଞାନାଗାର ଓ ଗୋଟିଏ ଇ-ଲାଇବ୍ରେରି କାର୍ଯ୍ୟ ଶେଷ ହୋଇଛି। ବିଦ୍ୟାଳୟ ପରିସରରେ ଏକ ସାଇନ୍ସ ପାର୍କ ହେବାକୁ ବାକି ରହିଛି। ବୈଠକରେ ବିଦ୍ୟାଳୟର ସମ୍ମୁଖ ଫାଟକର ସୌନ୍ଦର୍ଯ୍ୟକରଣ ସହ ଲୁହା ଗେଟକୁ ବଦଳାଇ ଷ୍ଟିଲ ଗେଟ, ଷ୍ଟିଲ କିମ୍ବା କପରର ବିଦ୍ୟାଳୟ ନାମ ଲେଖାଯିବା ଆଦି ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ କମିଟିର ସଦସ୍ୟ ଦୀପ୍ତିରଞ୍ଜନ କାନୁନ୍‌ଗୋ, ରବୀନ୍ଦ୍ରନାଥ ମହାନ୍ତି, ସରପଞ୍ଚ ମଳୟାବାସିନୀ ମହାନ୍ତି, କୈଳାସ ଚନ୍ଦ୍ର ସ୍ୱାଇଁ, ନୃସିଂହ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅନାଦି ଚରଣ ସାହୁ ସଭା କାର୍ଯ୍ୟରେ ସହାୟତା କରିଥିଲେ।

# ଦିବାକରପୁରରେ ଭଙ୍ଗାଗଲା ୧୫ ଘେରି



ବନ ବିଭାଗ ପକ୍ଷରୁ ଜେସିବି ଲଗାଇ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି।

ରାଜନଗର,୨୩ା୯(ଡି.ଏନ.ଏ.)

ଭିତରକନିକାର ଜୈବ ବିବିଧତାକୁ ସୁରକ୍ଷା ଦେବାକୁ ସୁପ୍ରିମକୋର୍ଟରେ ବେଆଇନ ଚିଙ୍ଗୁଡି ଘେରିକୁ ଭାଙ୍ଗିବା ପାଇଁ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ କେନ୍ଦ୍ରାପଡ଼ା ଜିଲାପାଳ ଓ ରାଜନଗର ତହସିଲଦାରଙ୍କୁ ତୁରନ୍ତ ଘେରିକୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ସେଭଳି ଆଖିଦୃଶିଆ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ରାଜନଗର ବନବିଭାଗ ପକ୍ଷରୁ ଏବେ ବେଆଇନ ଚିଙ୍ଗୁଡି ଘେରିକୁ ଉଚ୍ଛେଦ ଜାରି ରଖିଛନ୍ତି। ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ରାଜନଗର ରେଞ୍ଜ ପକ୍ଷରୁ ଦିବାକରପୁର ମୌଜାରେ ୧୫ଟି ଘେରିକୁ ଉଚ୍ଛେଦ କରାଯାଇଛି। ଘେରି ଗୁଡିକ ପାଟଶାଳା ନଦୀକୁ ଲାଗି କରି ନିର୍ମାଣ କରାଯାଇଥିଲା। ଉଚ୍ଛେଦ ଘେରି ଗୁଡିକରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଖୁବ୍‌ଶୀଘ୍ର ମଞ୍ଜି ପୋତାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। ଡିଏଫ୍‌ଓ ପତି, ଏସିଏଫ ବିରଞ୍ଚି ନାରାୟଣ ସାମଲ ଘଟଣା ସ୍ଥଳରେ ପହଞ୍ଚି ଠିକ ଢଙ୍ଗରେ ଘେରି ଉଚ୍ଛେଦ କରାଯାଉଛି ନା ନାହିଁ ସେ ନେଇ ତଦାରଖ କରିଛନ୍ତି।

# ବନ୍ୟାସ୍ରୋତରେ ଭାସିଯାଇ ବୃଦ୍ଧ ନିଖୋଜ

ପଟ୍ଟାମୁଣ୍ଡାଇ,୨୩ା୯(ସ୍ୱ.ପ୍ର.)

ବ୍ରାହ୍ମଣୀ ଓ କାଣୀରେ ଆସିଥିବା ବନ୍ୟାରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବ୍ୟାପକ କ୍ଷୟକ୍ଷତି ଘଟିଛି। ସପ୍ତାହରୁ ଉର୍ଦ୍ଧ୍ୱ ଧରି ବନ୍ୟାଜଳ ଧୋୟାଞ୍ଚଳରୁ ନିଷ୍କାସନ ନ ହେବା ଫଳରେ ବ୍ୟାପକ ଫସଲହାନୀ ସାଙ୍ଗକୁ ବନ୍ୟା ଘେରରେ ରହି ଲୋକମାନେ ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। ଅନ୍ୟପକ୍ଷରେ ଗୃହପାଳିତ ପ୍ରାଣୀମାନେ ଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି। ଅଳଭାଠାରେ ବିପଦ ସଙ୍କେତ ୧୬ ଫୁଟ ଥିବାବେଳେ ବନ୍ୟାଜଳ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଅଳଭାଠାରେ ଜଳସ୍ତର ୧୭.୮ ଫୁଟ ରହିଥିବା ଜଣାଯାଇଛି। ଗୁରୁବାର ବାଛରା ପଞ୍ଚାୟତ ମଣ୍ଡପଡା ଗାଁ ସାହୁସାହିର ଦଉହରି ସାହୁ (୭୦) ଗାଈଙ୍କୁ ଘାସ ଖୁଆଇବା ପାଇଁ ବନ୍ଧକଡକୁ ଘାସ କାଟିବାକୁ ଯାଇଥିଲେ। ଘାସ କାଟୁଥିବା ସମୟରେ ତାଙ୍କ ଗୋଡ ଖସିଯିବାରୁ ପାଣିରେ ପଡି ଯାଇଥିଲେ। ବନ୍ୟାର ପ୍ରଖର ସ୍ରୋତରେ ଭାସିଯିବା ଫଳରେ ଆଉ କୂଳକୁ ଫେରି ପାରି ନ ଥିଲେ। ଦଉହରି ବନ୍ୟାସ୍ରୋତରେ ଭାସିଯିବା ଖବର ଗାଁରେ ପ୍ରଚାରିତ ହେବା ପରେ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପଟ୍ଟାମୁଣ୍ଡାଇ ଅଗ୍ନିଶମ ଅଧିକାରୀ ଗୋପବନ୍ଧୁ ସାହୁ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପାୱାର ବୋଟ ସାହାଯ୍ୟରେ ଦିନତମାମ ଖୋଜାଖୋଜି କରିଥିଲେ। ହେଲେ ଦଉହରିଙ୍କ ପତା ମିଳି ନ ଥିଲା। ଚଳିତ ବନ୍ୟାରେ ଭାସିଯାଇ ନିଖୋଜ ହେବା ପଟ୍ଟାମୁଣ୍ଡାଇରେ ଏହା ହେଉଛି ପ୍ରଥମ ଘଟଣା। ଦଉହରି ବନ୍ୟାରେ ଭାସିଯାଇ ନିଖୋଜ ହେବା ଘଟଣାକୁ ନେଇ ଗାଁରେ ଆଲୋଡନ ସୃଷ୍ଟି ହୋଇଛି।



ଭାସି ଯାଇଥିବା ବୃଦ୍ଧଙ୍କୁ ଅଗ୍ନିଶମ କର୍ମଚାରୀ, ଗାଁ ଲୋକ ଡଙ୍ଗାରେ ଯାଇ ନଦୀରେ ଖୋଜୁଛନ୍ତି।

# ଅସୁରଖୋଳା, ଶୁକପାଇକାର ପୁନରୁଦ୍ଧାର ଜରୁରୀ

## ଆଗକୁ ମହାନଦୀ, ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଜଳସଙ୍କଟ

ପାଟକୁରା,୨୩ା୯(ଡି.ଏନ.ଏ.)



ଶୁକପାଇକା ନଦୀ ଦଳରେ ଭର୍ତ୍ତି। ଦ୍ୱୀପାଞ୍ଚଳରେ ଜଳସଙ୍କଟ ଦୂର ପାଇଁ ଅଞ୍ଚଳବାସୀଙ୍କ ସହ ଯନ୍ତ୍ରୀମାନେ ଆଲୋଚନା କରୁଛନ୍ତି।

ମହାନଦୀର ଶାଖା ନଦୀ ହେଉଛି ଶୁକପାଇକା। ଏହା କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତର ସାହୁକ୍ଷେତ, ବାବୁଜଙ୍ଗଠାରୁ ବାହାରି ବାବୁଜଙ୍ଗ, ସଫିପୁର, ପିଁପୁର, ଉତ୍ତରକୂଳ, ମୁଗୁରିଆ, ମେହେନ୍ଦିପୁର, ଧାରିବିଲ, ଓଡ଼ଖଣ୍ଡ, ଜୟତଳଙ୍ଗ ଆଦି ଗାଁରେ ପ୍ରବାହିତ ହୋଇ କେନ୍ଦ୍ରାପଡ଼ା ଜିଲାର ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତର ସାନନୟନପୁରଠାରେ ପୁଣି ମହାନଦୀରେ ମିଶିଛି। ପ୍ରାୟ ୪ ଦଶନ୍ଧି ପୂର୍ବେ ମହାନଦୀର ଉତ୍ତରପାର୍ଶ୍ୱ ନଦୀବନ୍ଧ ନିର୍ମାଣ ଓ ସୁଦୃଢ଼ୀକରଣ ପରେ ଏହାର ଉପରମୁଣ୍ଡ ସାହୁକ୍ଷେତଠାରେ ଥିବା ମୁହାଣକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ମହାନଦୀର ଶାଖା ନଦୀ ଶୁକପାଇକାଟି ବସ୍ତୁତଃ ମୃତନଦୀ ହୋଇଯାଇଛି। ବର୍ଷ ସାରା ଶୁଖିଲା ପଡ଼ିଥିବା ଏହି ନଦୀ ବର୍ଷାଦିନେ ଉଦ୍‌ବୃତ୍ତ ବର୍ଷା ଜଳରେ ପୂର୍ଣ୍ଣଗର୍ଭା ହୋଇଉଠେ। ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ସାନନୟନପୁରଠାରେ ମହାନଦୀକୁ ଏକ ସ୍ଲୁଇସ ଗେଟ୍ ରହିଛି। ମହାନଦୀର ଜଳସ୍ତର ଅଧିକ ହେଲେ ଶୁକପାଇକାରୁ ଉଦ୍‌ବୃତ୍ତ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଲା। ଫଳରେ ୨୦୦୭ରେ ସେତେବେଳର କିଶନନଗର ବିଧାୟକ ପ୍ରତାପ ଜେନାଙ୍କ ଉଦ୍ୟମରେ ପାଳଦା ଘାଇ ପରିଦର୍ଶନରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟତଳଙ୍ଗଠାରେ ଏକ ସ୍ଲୁଇସ ଗେଟ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଶୁକପାଇକା ନଦୀରୁ ନିକଟରେ ଥିବା ଅସୁରଖୋଳା ପ୍ରାକୃତିକ ଜଳଉତ୍ସକୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏକ ସ୍ଲୁଇସ ଗେଟ୍ ନିର୍ମାଣ କରାଯାଇଛି। ହେଲେ ଏହା ଆବଶ୍ୟକତାଠାରୁ ବହୁ ଛୋଟ।

ଅସୁରଖୋଳା ଜଳଉତ୍ସଟି ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ପଞ୍ଚାୟତର ଧାରିବିଲଠାରୁ ବାହାରି କେନ୍ଦ୍ରାପଡ଼ା ଜିଲା ତେଣ୍ଡାକୁଡା ପଞ୍ଚାୟତ ଦେଇ ଦୀର୍ଘ ୬୦ କିମି ଅତିକ୍ରମ କରିବା ପରେ ମହାକାଳପଡା ବ୍ଲକର ଟିକରପଙ୍ଗାଠାରେ ସମୁଦ୍ରରେ ମିଶିଛି। ବର୍ତ୍ତମାନ ଏହାର କିଛି ଅଂଶ ପୋତି ହୋଇଯାଇଥିବା ବେଳେ ଅବଶିଷ୍ଟ ଜବରଦଖଲରେ ରହିଛି। ଜୟତଳଙ୍ଗଠାରେ ଶୁକପାଇକା ନଦୀରୁ ଅସୁରଖୋଳା ନିର୍ମାଣ କରାଯାଇଥିବା ସ୍ଲୁଇସ ଗେଟ ଛୋଟ ହୋଇଥିବାରୁ ମାତ୍ର ୧୦କ୍ୟୁସେକ ଉଦ୍‌ବୃତ୍ତ ଜଳ ନିଷ୍କାସନ ହେଉଛି। ହେଲେ ଅସୁରଖୋଳାରେ ସ୍ରୋତ ପଡୁ ନ ଥିବାରୁ ଏହା ସମୟକ୍ରମେ ପଙ୍କ ଓ ଦଳ ପୂର୍ଣ୍ଣ ହୋଇଯାଇଛି। ଏହାର ପାଣି ବିଷାକ୍ତ ହେବା ସହ ଏହା ମଶା, ଜଳଜନ୍ତୁଙ୍କ ଘର ପାଲଟିଛି। ପୂର୍ବରୁ ଯେତେବେଳେ ଗାଁରେ କୂଅ, ପୋଖରୀ ନ ଥିଲା ଅସୁରଖୋଳା ଜଳକୁ ଅଞ୍ଚଳର ଲୋକ ପାନୀୟ ଜଳଠାରୁ ଆରମ୍ଭ କରି କୃଷି କାର୍ଯ୍ୟରେ ଲଗାଉ ଥିଲେ। ଅସୁରଖୋଳା ମଧ୍ୟକୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ସ୍ଲୁଇସ ଗେଟ୍‌ଟି ଛୋଟ ହୋଇଥିବାରୁ ଉପରମୁଣ୍ଡ ଧାରିବିଲଠାରେ ଆଉ ଏକ (୫୦ କ୍ୟୁସେକ୍) ସ୍ଲୁଇସ ଗେଟ ନିର୍ମାଣ ଆବଶ୍ୟକତା ଦେଖାଦେଇଛି। ବର୍ତ୍ତମାନ ସମୟରେ ବିଭିନ୍ନ କାରଣରୁ ମହାନଦୀରେ ଆଉ ପାଣି ଆସୁନାହିଁ। ବର୍ଷାଦିନେ ତ ଶୁଖିଲା ପଡୁଛି। ଖରାଦିନେ ଏହି ଅଞ୍ଚଳରେ ଜଳ ସମସ୍ୟା ଆଗକୁ ଉତ୍କଟ ହେବ। ଅଞ୍ଚଳରେ ପ୍ରବାହିତ ଦୁଇଟି ଜଳଉତ୍ସକୁ ପୁନରୁଦ୍ଧାର କରା ନ ଗଲେ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ଲୋକ ଜଳସଙ୍କଟର ସମ୍ମୁଖୀନ ହେବା ଏବେଠାରୁ ଅନୁଭୂତ ହେଲାଣି। ଏହାକୁ ଆଖି ଆଗରେ ରଖି ସ୍ଥାନୀୟ ଅଞ୍ଚଳର ଯୁବକ, ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ ଅସୁରଖୋଳାର ପୁନରୁଦ୍ଧାର ପାଇଁ ‘ଅସୁରଖୋଳା ପୁନରୁଦ୍ଧାର ଓ ବିକାଶ ମଞ୍ଚ’ ନାମରେ ଏକ ସଙ୍ଗଠନ ଗଢ଼ିଛନ୍ତି। ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ବିଭାଗ ମନ୍ତ୍ରୀ, ୫-ଟି ସଚିବ, କେନ୍ଦ୍ରାପଡ଼ା ଓ କଟକ ଜିଲାପାଳ, ପାଟକୁରା, ମହାକାଳପଡ଼ା, କଟକ ସଦର ବିଧାୟକ ଓ କେନ୍ଦ୍ରାପଡ଼ା ଏମ୍‌ପି, ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ନିବେଦନ ପତ୍ର ଦେଇଥିଲେ। ଏହା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଅତିରିକ୍ତ ମୁଖ୍ୟଯନ୍ତ୍ରୀ କଟକ ଜଳ ନିଷ୍କାସନ ମଣ୍ଡଳ ସନ୍ତୋଷ କୁମାର ସ୍ୱାଇଁ, କଟକ ଜଳ ନିଷ୍କାସନ ମଣ୍ଡଳର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରା, କଟକ ଜଳ ନିଷ୍କାସନ ସବ୍ ଡିଭିଜନ୍-୨ର ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ଦାସ ଓ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ପ୍ରଭାତ କୁମାର ମାଝି ପ୍ରମୁଖ ସାହୁକ୍ଷେତଠାରେ ଶୁକପାଇକା ନଦୀର ବନ୍ଦ ହୋଇଥିବା ମୁହାଣସ୍ଥଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ବାବୁଜଙ୍ଗ, ଉତ୍ତରକୂଳ, ଧାରିବିଲ, ଓଡ଼ଖଣ୍ଡ, ଜୟତଳଙ୍ଗ ଓ ଆଳିଜଙ୍ଗା କ୍ଷେତ୍ର ପରିଦର୍ଶନ କରି ପ୍ରକୃତ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଛନ୍ତି। ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ବେଳେ ମଞ୍ଚର ସଭାପତି ତଥା ସିଫାର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଅମରେନ୍ଦ୍ରନାଥ ମହାନ୍ତି, ହୃଦୟନିଧି ମହାନ୍ତି, ଡା. ଅବଦୁଲ ହଲିମ, ଆବାହକ ଲକ୍ଷ୍ମୀକାନ୍ତ ଦାଶ, ଦୀପ୍ତିରଞ୍ଜନ କାନୁନ୍‌ଗୋ, ରବୀନ୍ଦ୍ରନାଥ ମହାନ୍ତି ପ୍ରମୁଖ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଜଳସମ୍ପଦ ବିଭାଗର ଅଧିକାରୀମାନଙ୍କ କ୍ଷେତ୍ର ପରିଦର୍ଶନରୁ ଅସୁରଖୋଳାର ପୁନରୁଦ୍ଧାର, ମୃତା ଶୁକପାଇକା ନଦୀର ପୁନର୍ଜୀବିତର ଆଶା ସଞ୍ଚାରିତ ହୋଇଛି।

## ସଂକ୍ଷେପରେ

### ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧ ନିଖୋଜ

ଧର୍ମଶାଳା/ଜେନାପୁର, ୨୩।୯(ଡି.ଏନ୍.ଏ.): ଜେନାପୁର ଥାନା ଅଧୀନ ରେଖିଦେଇପୁର ପଞ୍ଚାୟତ ପାଇକରାପୁର ଗ୍ରାମର ଘନଶ୍ୟାମ ସାହୁ (୬୪) ଗୁରୁବାର ଭୋର ସମୟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ହୋଇଥିବା ଜଣାପଡ଼ିଛି। ସେ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସ୍ତ୍ରୀଙ୍କ ମନରେ ସନ୍ଦେହ ହୋଇଥିଲା। ତେଣୁ ସେ ତାଙ୍କ ପୁଅ ଅନାଦିଙ୍କୁ ଡାକି ବାପା ନଦୀକୁ ଗାଧୋଇବାକୁ ଯାଇ ଫେରିନାହାନ୍ତି ବୋଲି କହିଥିଲେ। ଅନାଦି ତାଙ୍କର କେତେଜଣ ସାଙ୍ଗଙ୍କୁ ନେଇ ନଦୀକୂଳକୁ ଯାଇ ଦେଖିବାବେଳକୁ ସେଠି ତାଙ୍କ ବାପାଙ୍କ ଚପଲ ଥିଲା। ମନରେ ସନ୍ଦେହ ସୃଷ୍ଟି ହେବାରୁ ସେ ଗ୍ରାମ ଲୋକଙ୍କୁ ଜଣାଇବା ସହ ଚଢ଼େଇଧରା ଅଗ୍ନିଶମ ବାହିନୀ ଓ ରସୁଲପୁର ଓଡ୍ରାଫ୍ ଟିମ୍‌କୁ ଜଣାଇଥିଲେ। ଉଭୟ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରେ ଖୋଜା ଖୋଜି କରିଥିଲେ ମଧ ଘନଶ୍ୟାମଙ୍କ ପତ୍ତା ମିଳିନାହିଁ।

### ସ୍କୁଲ ଅଧକ୍ଷଙ୍କୁ ଆକ୍ରମଣ: ୪ ଦିନ ପରେ ଅଭିଯୁକ୍ତ ଗିରଫ

କାଳିଆପାଣି, ୨୩।୯(ଡି.ଏନ୍.ଏ.): ଟାଟାଷ୍ଟିଲ ମାଇନିଂ କଲୋନୀ କ୍ଷିୱାଟ୍ ସ୍କୁଲ ଅଧକ୍ଷକଙ୍କୁ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତ ସମୀର ମାଝି (୨୦)ଙ୍କୁ ଗୁରୁବାର କାଳିଆପାଣି ପୋଲିସ ଗିରଫ କରିଛି। ତାଙ୍କୁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ରହିଣୀ ଗ୍ରାମରୁ ଗିରଫ କରାଯାଇଛି। ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି। ସ୍କୁଲ ଅଧକ୍ଷ ୨୦ ତାରିଖରେ ତାଙ୍କ କ୍ୱାର୍ଟରରେ ଏକା ଥିଲେ। ଏହି ସମୟରେ କଲୋନୀରେ ରହୁଥିବା ସମୀର ତାଙ୍କ କ୍ୱାର୍ଟରରେ ପଶି ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୯୨/୨୧ ରୁଜୁ ହୋଇଛି। ସମୀରଙ୍କ ବାପାଙ୍କୁ ଅଧକ୍ଷ ଚାକିରିରୁ ବସାଇ ଦେବାରୁ ସେ ରାଗିଯାଇ ଏପରି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ଗାଁରେ ଚାଲିଛି ଦେଶୀ ମଦ ବେପାର

ଧର୍ମଶାଳା, ୨୩।୯(ଡି.ଏନ୍.ଏ.): ଧର୍ମଶାଳା ଥାନା ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ମଦ ବେପାରୀଙ୍କୁ ଗିରଫ କରିବା ସହ ବିପୁଳ ଦେଶୀ ମଦ ଜବତ କରିଛି। ଥାନା ଅଧୀନ କେତେକ ଗ୍ରାମରେ ଚୋରା ଦେଶୀ ମଦ ବେପାର ହେଉଥିବା ପୋଲିସ ଖବର ପାଇ ଚଢାଉ କରିଥିଲା। ଏହି ଥାନା ଦେଓଦା ଗ୍ରାମରେ ଚଢାଉ କରି ୬୦ ଲିଟର ମଦ ଜବତ କରିବା ସହ ମଦ ବେପାରରେ ସମ୍ପୃକ୍ତ ଦାମୋଦାର ମଲ୍ଲିକ ଓ ବାବୁଲି ମଲ୍ଲିକଙ୍କୁ ଗିରଫ କରିଥିଲା। ସେହିପରି ଭଡଙ୍ଗା ଗ୍ରାମରେ ଚଢ଼ାଉ କରି ୩୦ ଲିଟର ଦେଶୀ ମଦ ଜବତ କରିବା ସହ ମଦବେପାରୀ ମଣ୍ଟୁ ମହାନ୍ତିଙ୍କୁ ଗିରଫ କରିଥିଲା। ଏନେଇ ୪୭୮/୨୧ ଓ ୪୭୯/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ଗୁରୁବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଅଧାରେ ଲାଖିଛି ବିକାଶ

ଯାଜପୁର ଅଫିସ, ୨୩।୯



ମାନ୍‌ସାପୋଲ-ବିରଜା ମହିଳା କଲେଜ୍ ରୋଡ୍।

- ମାନ୍‌ସାପୋଲ-ବିରଜା ମହିଳା କଲେଜ ଓ ସଦର ଡାକ୍ତରଖାନା-କାଳିଘାଟ ରାସ୍ତା ପାଇଁ ପ୍ରଶାସନିକ ମଞ୍ଜୁରୀ
- ଜମି ଅଧିଗ୍ରହଣ ପାଇଁ ୬.୩୪ କୋଟି ଟଙ୍କା

ଯାଜପୁର ଜିଲା ସଦର ମହକୁମାର ନବକଳେବର ପରିପ୍ରେକ୍ଷୀରେ ଆଉ ଏକ ପ୍ରସ୍ତାବକୁ ପ୍ରଶାସନିକ ମଞ୍ଜୁରୀ ମିଳିଛି। ଏଥିରେ ମାନ୍‌ସାପୋଲଠାରୁ ବିରଜା ମହିଳା କଲେଜ ଛକ ଏବଂ ଜିଲା ସଦର ଡାକ୍ତରଖାନାଠାରୁ କାଳିଘାଟ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ ରହିଛି। ଏଥିସକାଶେ ଶୀତଳେଶ୍ୱର ଗ୍ରାମର ୟୁନିଟ-୬ଠାରେ ୦.୩୫୬ ଏକର ବେସରକାରୀ ଜମି ଅଧିଗ୍ରହଣ କରିବାକୁ ୬ କୋଟି ୩୪ ଲକ୍ଷ ୨ ହଜାର ୮୦୭ ଟଙ୍କା ମଞ୍ଜୁର ହୋଇଛି। ତେବେ ଏହା ପୂର୍ବରୁ ଏକାଧିକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧାରେ ଲାଖି ରହିଥିବାରୁ ସହରର ବିକାଶର ଅଗ୍ରଗତି ପରାହତ ହୋଇଛି।

୧୯ଟି ରାଜସ୍ୱ ଗ୍ରାମ ଓ ତତ୍‌ସଂଲଗ୍ନ ୨୭ଟି ରାଜସ୍ୱ ଗ୍ରାମ ସହ ସର୍ବମୋଟ ୪୬ ରାଜସ୍ୱ ମୌଜାର ୨୯.୮୪ ବର୍ଗ କି.ମି. ପରିମିତି ଅଞ୍ଚଳକୁ ନେଇ ଯାଜପୁର ସହରର ମାଷ୍ଟର ପ୍ଲାନ୍ ପ୍ରସ୍ତାବ ରହିଛି। ହରିୟାଣାର ଗୁରୁଗାଁଓର ଭୟେଣ୍ଟସ୍ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି। ଆଗାମୀ ୨୦୪୦ ମସିହା ପର୍ଯ୍ୟନ୍ତ ଯାଜପୁରର ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାସ୍ତା ପ୍ରଶସ୍ତୀକରଣ, ନାଳ ନର୍ଦ୍ଦମା ଜଳ ନିଷ୍କାସନ, ଜନସାଧାରଣଙ୍କ ଚିତ୍ତବିନୋଦନ ନିମନ୍ତେ ପ୍ରମୋଦ ଉଦ୍ୟାନ, ନୂତନ ବଜାର ନିର୍ମାଣ ଓ ସମ୍ପ୍ରସାରଣ, ଶିକ୍ଷାନୁଷ୍ଠାନ, ହାଟବଜାର, କଳକାରଖାନା ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ନିମନ୍ତେ ପ୍ରାଧାନ୍ୟ ଦିଆଯାଉଛି। ଏହି କ୍ରମରେ ଏଡ୍‌ମିନିଷ୍ଟ୍ରେଟିଭ୍ ଏନ୍‌କ୍ଲାଭ୍ ବା ମିନି ସଚିବାଳୟ କାମ ଚାଲିଛି। ଏହି ମିନି ସଚିବାଳୟ ନିର୍ମାଣରେ ୧୨୨.୦୯ କୋଟି ଟଙ୍କା ଖର୍ଚ୍ଚ କରି ୩୮.୮୬୬ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଉଛି। ଅନ୍ୟପକ୍ଷେ ଗୃହ ନିର୍ମାଣ ପାଇଁ ୭୧.୩୩ କୋଟି ଟଙ୍କାକୁ ମିଶାଇ ସମୁଦାୟ ୧୯୩.୪୨ କୋଟି ଟଙ୍କା ଅଟକଳ ହୋଇଛି। ଅର୍ଥାତ୍ ଗୃହ ନିର୍ମାଣଠାରୁ ବେସରକାରୀ ଜମି ପାଇଁ ଖର୍ଚ୍ଚ ଦେଢ ଗୁଣରୁ ଅଧିକ ହେଉଛି। କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜିଂ ମୋଡରେ ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ଓ ଅଧାପନା ଡାକ୍ତରଖାନା ସ୍ଥାପନ ପାଇଁ ୨୦୨୦ ଡିସେମ୍ବରରେ କ୍ୟାବିନେଟ ଅନୁମୋଦନ ମିଳିଥିଲା। ୧୦୦ ଶଯ୍ୟା ବିଶିଷ୍ଟ ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ୪୨୬ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଆଙ୍ଗୁଲା ଛକ ନିକଟରେ ନିର୍ଦ୍ଧାରିତ ୪୦ ଏକର ଜମି ଚିହ୍ନଟ କରାଯାଇ ଏଲ୍ ଆଣ୍ଡ ଟି ଦ୍ୱାରା କାମ ଆରମ୍ଭ ହୋଇ ସାରିଛି।

ଏହାବାଦ୍ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଯାଜପୁର ଜିଲାରେ ୨୭.୦୬ କୋଟି ଟଙ୍କାର ୪ଟି ପ୍ରକଳ୍ପ ରହିଛି। ପର୍ଯ୍ୟଟନ ବିଭାଗର ରିପୋର୍ଟ ଅନୁସାରେ ୨୦୧୯-୨୦ ବର୍ଷରେ ଯାଜପୁର ଜିଲାର ମା' ବିରଜା ଓ ବରାହ କ୍ଷେତ୍ରରେ ଡେଷ୍ଟିନେଶନ ଟୁରିଷ୍ଟ ସ୍ପଟ୍ ପାଇଁ ୯.୭୧ କୋଟି ଟଙ୍କା ଏବଂ ବରାହ ଦ୍ୱୀପରେ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ପାଇଁ ୯.୬୬ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ଏହି ୨ ପ୍ରକଳ୍ପର କାର୍ଯ୍ୟାଦେଶ ୬।୮।୨୦୨୧ରେ ଜାରି ହୋଇଥିବାବେଳେ ସେହି କାର୍ଯ୍ୟ ଆରମ୍ଭ ହୋଇନାହିଁ। ବରାହପୀଠରେ ହେରିଟେଜ ପାର୍କ ନିର୍ମାଣ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ତାହା ୧୫।୧।୨୦୧୯ରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହା ୧୪।୬।୨୦୧୯ରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। କିନ୍ତୁ ବାସ୍ତବରେ କେତୋଟି ଘର ନିର୍ମାଣରେ ଏହି ପ୍ରକଳ୍ପ କାର୍ଯ୍ୟ ସୀମିତ ରହିଛି। ଏସବୁ ପ୍ରକଳ୍ପଗୁଡିକର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ଗତ ୬।୮।୨୦୨୧ ତାରିଖରେ ସ୍ପଷ୍ଟୀକରଣ ମାଗିଥିଲେ। ବିଭାଗ ତରବରିଆ ଭାବେ ଯାଜପୁର ଜିଲାର ବୈତରଣୀ ନଦୀକୂଳରେ ଥିବା ବରାହପୀଠରେ ହେରିଟେଜ ପାର୍କ ଅଧାପନ୍ତରିଆ ରହିଥିଲେ ହେଁ ରିପୋର୍ଟରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇଥିଲେ। ଏହାବାଦ୍ କୁସୁମା ପୋଖରୀରେ ୬.୬୯ କୋଟି ଟଙ୍କାର ମ୍ୟୁଜିକାଲ ଫାଉଣ୍ଟେନ କାମ ପାଇଁ ଗତ ୭।୨।୨୦୧୮ ତାରିଖରୁ କାର୍ଯ୍ୟାଦେଶ ଦିଆଯାଇଛି। ହେଲେ ଗତ ଅଗଷ୍ଟ ସୁଦ୍ଧା ସେହି କାମରେ ମାତ୍ର ୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ଅଧାପନ୍ତରିଆ କାମ ଯୋଗୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ହରଡ଼ଘଣାରେ ପଡିଛନ୍ତି। ଏଭଳି ଭାବେ ସହରର ସୌନ୍ଦର୍ଯ୍ୟକରଣ ଓ ବିକାଶ ଦିଗରେ ସ୍ଥାନୀୟ ନେତୃବୃନ୍ଦଙ୍କ ଉଦ୍ୟମ ପ୍ରଶଂସନୀୟ ହୋଇଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବାରେ ଅନ୍ତରାୟ ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି।

### ମହିଳାଙ୍କୁ ଯୌତୁକ ନିର୍ଯାତନା

ଯାଜପୁର ଟାଉନ, ୨୩।୯(ଡି.ଏନ୍.ଏ.)

୬ବର୍ଷ ତଳେ ବିବାହ କରିଥିବା ସାହିନା ପରଭିନୀଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଛି। ଏନେଇ ତାଙ୍କ ମା' ଯାଜପୁର ଥାନା ମାର୍କଣ୍ଡପୁରର ଜାହେରା ବିବି ଥାନାରେ ଅଭିଯୋଗ କରିଛନ୍ତି। ସାହିନାଙ୍କୁ ସେହି ମାର୍କଣ୍ଡପୁର ଗ୍ରାମର ସେକ୍ ଅସଗର ଅଲ୍ଲୀ ବିବାହ କରିଥିଲେ। ୨ ବର୍ଷ ପର୍ଯ୍ୟନ୍ତ ସ୍ୱାମୀ-ସ୍ତ୍ରୀ ଭଲରେ ଚଳିଥିଲେ। ଏହାପରେ ସାହିନାଙ୍କୁ ସ୍ୱାମୀ ଅସଗର, ତାଙ୍କ ବଡ଼ଭାଇ ମଞ୍ଜୁର ଅଲ୍ଲୀ, ନଣନ୍ଦ ମୁନୋ, ଶାଶୁ ରଫାତୁନ ବିବି ଯୌତୁକ ପାଇଁ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ନଗଦ ୨ ଲକ୍ଷ ଟଙ୍କା ବାପଘରୁ ନ ଆଣିଲେ ଅବସ୍ଥା ସାଙ୍ଘାତିକ ହେବ ବୋଲି କହି ଆସୁଥିଲେ। ତେବେ ବାହାଘର ବେଳେ ୨ ଲକ୍ଷ ଟଙ୍କା ଦେବା ପରେ ପୁଣି ଯୌତୁକ ଦେଇପାରିବୁ ନାହିଁ ବୋଲି ସାହିନାଙ୍କ ପରିବାର କହିଥିଲେ। ଏହାପରେ ସାହିନାଙ୍କ ଉପରେ ମାଡ଼ଗାଳି ଆରମ୍ଭ ହୋଇଯାଇଥିଲା। ୨୧ ତାରିଖ ରାତି ୯ଟାରେ ସାହିନାଙ୍କ ସ୍ୱାମୀ ଅସଗର, ଦିଅର ମଞ୍ଜୁର ଅଲ୍ଲୀ, ଦିଅର ଖଲିଲ ଓ ମନସୁଲ, ଶାଶୁ ଏବଂ ନଣନ୍ଦ ସାହିନାଙ୍କ ମୁହଁରେ ତକିଆ ପକାଇ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ସାହିନା ଛାଟିବାଡ଼େଇ ହୋଇ କୌଶଳ କ୍ରମେ ସେମାନଙ୍କଠାରୁ ଖସି ବାପଘରକୁ ପଳାଇ ଆସିଥିଲେ। ପୋଲିସ ସାହିନାଙ୍କୁ ବାପଘରୁ ଉଦ୍ଧାର କରିଛି। ଏନେଇ ଏକ ଯୌତୁକ ମାମଲା ନଂ.୩୪୨/୨୧ ରୁଜୁ ହୋଇଛି।

## ରୋଗୀ ସମ୍ପର୍କୀୟଙ୍କୁ ସୁରକ୍ଷା କର୍ମୀଙ୍କ ଆକ୍ରମଣ



ରୋଗୀ ସମ୍ପର୍କୀୟ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଛି।

ଯାଜପୁର ଟାଉନ, ୨୩।୯(ଡି.ଏନ୍.ଏ.)

**ଯାଜପୁର ଜିଲା ସଦର ମହକୁମା ଚିକିତ୍ସାଳୟରେ ଦାଦାଗିରି**

ଯାଜପୁର ଜିଲା ସଦର ମହକୁମା ଚିକିତ୍ସାଳୟରେ ଥିବା ସୁରକ୍ଷାକର୍ମୀଙ୍କ ଦ୍ୱାରା ରୋଗୀଙ୍କ ସମ୍ପର୍କୀୟ ଉପରେ ବାରମ୍ବାର ଆକ୍ରମଣ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଶୃଙ୍ଖଳିତ ପରିଚାଳନା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ଏକ ସିକ୍ୟୁରିଟି ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି। ଏସବୁ ସୁରକ୍ଷା କର୍ମୀଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ କେତେଜଣ କର୍ମଚାରୀଙ୍କ ଆଚରଣରେ ରୋଗୀ ଓ ସମ୍ପର୍କୀୟ ଅତିଷ୍ଠ ହେଲେଣି। ଦୂରଦୂରାନ୍ତରୁ ରୋଗୀ ନେଇ ଆସୁଥିବା ଅବା ରୋଗୀଙ୍କୁ ଦେଖିବାକୁ ଆସୁଥିବା ସମ୍ପର୍କୀୟ ସୁରକ୍ଷାକର୍ମୀଙ୍କ ଦ୍ୱାରା ଅପମାନିତ ଓ ନିର୍ଯାତିତ ହେଉଛନ୍ତି। ସିକ୍ୟୁରିଟି ସଂସ୍ଥାର ନିର୍ଦ୍ଦିଷ୍ଟ କେତେଜେଣ ଯୁବକ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଅର୍ଥ ଆଦାୟ କରୁଥିବା ମଧ ଅଭିଯୋଗ ହେଉଛି। ଏମ୍‌ସିଏଚ ବିଲ୍ଡିଂରେ ବିଶେଷ ଭାବେ ଏମିତି ଚାଲିଛି ବୋଲି ଅଭିଯୋଗ ରହିଛି। ପ୍ରତ୍ୟେକ ଦିନ ରୋଗୀଙ୍କ ସମ୍ପର୍କୀୟ ମେଡିକାଲ ଆସୁଛନ୍ତି। ତେବେ ଚିହ୍ନାଜଣା ମୁହଁ ଅବା ହାତଗୁଞ୍ଜା ଦେଉଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଗେଟରେ ଛାଡି ଦିଆଯାଉଛି। ଯେଉଁମାନେ ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡଙ୍କୁ ୧୦/୨୦ ଟଙ୍କା ଦେଉନାହାନ୍ତି ସେମାନଙ୍କୁ ଭିତରକୁ ଛଡ଼ା ଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଗୁରୁବାର ଏହିଭଳି କାରଣରୁ ଗଣ୍ଡଗୋଳ ଘଟିଛି।

ଅଭିଯୋଗ ମୁତାବକ, ଜଣେ ୬୫ ବର୍ଷୀୟ ବୃଦ୍ଧ ତାଙ୍କ ନାତୁଣୀକୁ ନେଇଆସିଥିଲେ। ତେବେ ଭିତରକୁ ଯିବାକୁ ନେଇ ଯୁକ୍ତିତର୍କ ହେବାରୁ ଜଣେ ସୁରକ୍ଷାକର୍ମୀ ତାଙ୍କୁ ମାଡ଼ ମାରିଥିଲେ। ସେହିଭଳି ଆଉ ଜଣେ ନିଜର ଝିଅକୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ନିକଟକୁ ଆଣି ଆସିଥିବା ବେଳେ ତାଙ୍କୁ ଝିଅ ସମ୍ମୁଖରେ ଗଳାଧକ୍କା ଦେଇ ସେଠାରୁ ବାହାର କରି ଦେଇଥିଲେ ସୁରକ୍ଷାକର୍ମୀ। ସ୍ଥାନୀୟ ବାଣପୁର ଅଞ୍ଚଳର ମଦନ ନାୟକଙ୍କ ବୋହୂ ଏଠାରେ ଚିକିତ୍ସାଧୀନ ଅଛନ୍ତି। ସେ ତାଙ୍କ ବୋହୂଙ୍କ ଲାଗି ମେଡିସିନ ଧରି ଆସିଥିଲେ। ତେବେ ତାଙ୍କୁ ଔଷଧ ନେଇ ଯିବାକୁ ସିକ୍ୟୁରିଟି ଗାର୍ଡ ବାରଣ କରିଥିଲେ। ସେ ଜିଦ ଧରିବାରୁ ତାଙ୍କୁ କେତେଜଣ ସୁରକ୍ଷାକର୍ମୀ ପିଟିଥିଲେ। ସଦର ବ୍ଲକ ସିମିଳିଆର ତପନ ପଣ୍ଡା ମଧ ଅନୁରୂପ ଭାବେ ଏମିତି ଦୁର୍ବ୍ୟବହାର ଓ ଆକ୍ରମଣର ଶିକାର ହୋଇଥିବା କହିଛନ୍ତି। ଏସବୁକୁ ନେଇ ଚିକିତ୍ସାଳୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ସ୍ୱାଭାବିକ କରିଥିଲା। ଏ ସମ୍ପର୍କରେ ରୋଗୀଙ୍କ ସମ୍ପର୍କୀୟମାନେ ଯାଜପୁର ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ଅନୁପ କୁମାର ଶର୍ମାଙ୍କୁ ମୌଖିକ ଅଭିଯୋଗ କରିଥିଲେ। ଶର୍ମା ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଯାଜପୁର ଟାଉନ ଥାନରେ କୌଣସି ଅଭିଯୋଗ କରାଯାଇ ନ ଥିବା ଜଣାପଡିଛି। ଘଟଣା ସମ୍ପର୍କରେ ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ପରିଚାଳକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ।

### ରସୁଲପୁର ଶିକ୍ଷା ମଣ୍ଡଳରେ ନକଲି ଶିକ୍ଷକ ଠାବ

ରସୁଲପୁର, ୨୩।୯(ଡି.ଏନ୍.ଏ.)

ରସୁଲପୁର ଶିକ୍ଷାମଣ୍ଡଳରେ କାର୍ଯ୍ୟରତ ଜଣେ ନକଲି ଶିକ୍ଷକଙ୍କୁ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଠାବ କରାଯାଇଛି। ଉକ୍ତ ଶିକ୍ଷକ ଜଣଙ୍କ ହେଉଛନ୍ତି ଏହି ବ୍ଲକ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ ଭୂଷଣ ସରଣ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରକୁ ନେଇ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସନ୍ଦେହ ଜାତ ହୋଇଛି। ଏ ସମ୍ପର୍କରେ ତଦନ୍ତକରି ନିର୍ଦ୍ଦେଶାଳୟକୁ ଜଣାଇବାକୁ ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶ ମୁତାବକ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ତନାଘନା ଆରମ୍ଭ କରିଛନ୍ତି। ତେବେ ତଦନ୍ତ ବେଳେ ବ୍ଲକ ଶିକ୍ଷାଧିକାରୀଙ୍କ ହାତରେ ସମ୍ପୃକ୍ତ ଶିକ୍ଷକଙ୍କ ଦୁଇଟି ପ୍ରମାଣପତ୍ର ଲାଗିଛି। ଏହାକୁ ନେଇ ଶିକ୍ଷାଧିକାରୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆଉ ୨/୩ଦିନ ଭିତରେ ତଦନ୍ତ ସରିବ। ଯେଉଁ ସବୁ ସଂସ୍ଥାରୁ ଶିକ୍ଷକ ପ୍ରମାଣପତ୍ର ହାସଲ କରିଛନ୍ତି, ସେ ସବୁ ସଂସ୍ଥାକୁ ବ୍ଲକ ଶିକ୍ଷାଧିକାରୀ ଚିଠି ଲେଖିଛନ୍ତି। ତାଙ୍କର ଅସଲି ପ୍ରମାଣପତ୍ର ହସ୍ତଗତ ହେବା ପରେ ଯାଞ୍ଚ କରାଯିବ। ତେବେ ଯାଇ ଶିକ୍ଷକ ଦେଇଥିବା ପ୍ରମାଣପତ୍ର ଅସଲି କି ନକଲି ସ୍ପଷ୍ଟ ହୋଇପାରିବ ବୋଲି ଶିକ୍ଷାଧିକାରୀ ମଲ୍ଲିକ ପ୍ରକାଶ କରିଛନ୍ତି। ୨୮ ଅଗଷ୍ଟ, ୨୦୨୧ରେ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନକଲି ଶିକ୍ଷକଙ୍କୁ ନେଇ ଏକ ଚିଠି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲା। ଉକ୍ତ ଚିଠି ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଏଥିସହ ଶିକ୍ଷାଧିକାରୀ ବ୍ଲକର ସମସ୍ତ କାର୍ଯ୍ୟରତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ପାଇଁ ପଦକ୍ଷେପ ନେଇଛନ୍ତି। ଏ ନେଇ ସେ ବ୍ଲକ ଅଧୀନ ସମସ୍ତ ସିଆରସିସି, ପ୍ରଧାନଶିକ୍ଷକଙ୍କୁ ପତ୍ର ଲେଖି ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରାମାଣପତ୍ର ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଚଣ୍ଡିଖୋଲ, ୨୩।୯(ଡି.ଏନ୍.ଏ.)

ଚଣ୍ଡିଖୋଲସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସଠାରେ ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜ ଲାଇବ୍ରେରି, ପାଠ ପଢ଼ା, ଆନୁଷଙ୍ଗିକ ସୁବିଧା ଓ ବର୍ଦ୍ଧିତ ଫି' ରସିଦ୍ ନଦେଇ ୮ ହଜାର ଟଙ୍କା ଆଦାୟକୁ ପ୍ରତିବାଦ କରି ଛାତ୍ରୀଛାତ୍ର ବିକ୍ଷୋଭ ଜାରି ରଖିଛନ୍ତି। ଯଦି ତୁରନ୍ତ ଏହାର ସମାଧାନ କରାନଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ

ଜେନାପୁର, ୨୩।୯(ଡି.ଏନ୍.ଏ.)

**ବଢୁଛି ଜନ ଅସନ୍ତୋଷ**

ପାନୀୟ ଜଳ ସମସ୍ୟା ସୁଧାରିବା ପାଇଁ ସରକାର ବିଭିନ୍ନ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ଏଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଏସବୁ ସତ୍ତ୍ୱେ ଲୋକଙ୍କୁ ସୁଦ୍ଧ ପାନୀୟ ଜଳ ମିଳି ପାରୁନାହିଁ। ଏପରି ଚିତ୍ର ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ। ଏଠାକାର ପାନୀୟ ଜଳ ସଂକଟ ଦୂର ପାଇଁ ୨୦୧୯ ମାର୍ଚ୍ଚ ୧୨ରେ ୮୯ ଲକ୍ଷ ୪୪ ହଜାର ୨ଶହ ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଠିକାଦାର ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ପାଇପ ଲାଇନ ବିଛା କାର୍ଯ୍ୟ କିଛିକାଂଶରେ ଶେଷ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଟ୍ୟାପ୍ ଷ୍ଟାଣ୍ଡ ତିଆରି ହୋଇ ବନ୍ଦ ଅଛି। ସେହିପରି ବିଦ୍ୟୁତ୍ ସଂଯୋଗ ମଧ ହୋଇନାହିଁ। ଫଳରେ ୪ ଗ୍ରାମର ଲୋକେ ସ୍ୱଚ୍ଛପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଥିଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ଅନ୍ତରରେ ବିଭାଗୀୟ ଅଧିକାରୀମାନେ ଲୋକ ଦେଖାଣିଆ ଭାବେ ଆସି ବୁଲି ପଳାଇଯାଆନ୍ତି ବୋଲି ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳିଛି। ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ବିଭାଗୀୟ ଯନ୍ତ୍ରୀ ରୁଦ୍ରନାରାୟଣ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।



ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଦାବି କରୁଥିବା ଗ୍ରାମବାସୀ।

## କୋଭିଡ୍ ଟିକା ବିକ୍ରି ନେଇ କଂଗ୍ରେସର ପ୍ରତିବାଦ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୩/୯(ଡି.ଏନ୍.ଏ./ସ୍ୱ.ପ୍ର.)

**ଗୋପାଳପୁର କ୍ଷେତ୍ର ଚିକିତ୍ସାଳୟ**

ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର କ୍ଷେତ୍ର ଚିକିତ୍ସାଳୟରେ କୋଭିଡ୍ ଟିକା ବିକ୍ରି ସହ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ବଡ଼ଚଣା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ଚିକିତ୍ସାଳୟରେ କୋଭିଡ୍ ଟିକାକରଣକୁ ବ୍ୟବସାୟୀକରଣ କରାଯାଉଛି। ଏଥିରେ ଶାସକ ଦଳର ନେତାଙ୍କ ସମ୍ପୃକ୍ତି ରହିଛି। ଫଳରେ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ଥିବା ନିକଟସ୍ଥ ପଞ୍ଚାୟତର ହଜାର ହଜାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାଜପୁର ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲଙ୍କ ସଭାପତିତ୍ୱରେ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡା ଯୋଗଦେଇ ସ୍ୱାସ୍ଥ୍ୟସେବାର ରାଜନୀତିକରଣକୁ ନାପସନ୍ଦ କରିଥିଲେ। ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ କେବଳ ଚିକିତ୍ସାଳୟ ନୁହେଁ ବରଂ ବଡ଼ଚଣାର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବେ ଶାସକ ଦଳର ଦଳୀୟ କାର୍ଯ୍ୟାଳୟ ହୋଇ ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ କରିଥିଲେ। ଏହାର ମୁକାବିଲା ପାଇଁ କଂଗ୍ରେସ କର୍ମୀମାନେ ପ୍ରତିବାଦ କରିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାପତି ରୀତାଶ୍ରୀ ମହାନ୍ତି, ଜିଲା କଂଗ୍ରେସ ସେବାଦଳ ଅଧକ୍ଷ ଶ୍ରୀକାନ୍ତ ମଲିକ, ବ୍ଲକ ଯୁବକଂଗ୍ରେସ ସଭାପତି ସଞ୍ଜୟ କର, ମହିଳା କଂଗ୍ରେସ ସଭାପତି ନିରୂପମା ସାହୁ, ପ୍ରାକ୍ତନ ସରପଞ୍ଚ ସେକ ରିଆସତ ଅଲ୍ଲି, ସମିତିସଭ୍ୟ ଖଗେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ଶାସକ ଦଳର କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ଏହି ଅବସରରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତଙ୍କୁ ଯାଜପୁର ଜିଲାପାଳଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।



ପ୍ରତିବାଦ ସଭାରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ।

## ଅଣକୃଷି ଉତ୍ପାଦକ ସଙ୍ଗଠନକୁ ନାବାର୍ଡର ଅଣଦେଖା

ରସୁଲପୁର, ୨୩।୯(ଡି.ଏନ୍.ଏ)

- ୨୫୦ ବୁଣାକାରଙ୍କୁ ସହାୟତା ମିଳିଲା
- ଅବଶିଷ୍ଟ ବୁଣାକାର ହତାଶ

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଅଧୀନ ଗୋପାଳପୁର ଗାଁକୁ ୧୭ ତାରିଖରେ ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)ର ଅଧକ୍ଷ ଡ. ଜି.ଆର. ଚିନ୍ତାଲା ଆସିଥିଲେ। ସେ ଗୋପାଳପୁର ଗାଁର ଗୋଟିଏ ବର୍ଗ ବୁଣାକାରଙ୍କ ସହ ଆଲୋଚନା କରିଥିଲେ। କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ନାବାର୍ଡର ପ୍ରମୁଖ ଭୂମିକା ରହିଛି। ଅଣ କୃଷିସଙ୍ଗଠନ କ୍ଷେତ୍ରରେ କାମ କରୁଥିବା ପରିବାର ସଦସ୍ୟଙ୍କୁ ଚିହ୍ନଟ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରି ଆତ୍ମ ନିର୍ଭରଶୀଳ କରିବା ବ୍ୟାଙ୍କର ଲକ୍ଷ୍ୟ। ହେଲେ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁବିଧ ଅଣ କୃଷି ସଙ୍ଗଠନମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଗୋପାଳପୁରରେ ୫ ହଜାରରୁ ଉର୍ଦ୍ଧ୍ୱ ବୁଣାକାର ଥିଲେ ମଧ୍ୟ କାର୍ଯ୍ୟକ୍ରମରେ ୨୫୦ଜଣଙ୍କୁ ସାମିଲ କରାଯାଇଥିଲା। ଯାହାକୁ ନେଇ ଅଣ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଂସାପିତ୍ତଳ, ଟେରାକୋଟା, ବାଉଁଶ, ବେତ, କାଠ, ଯାତ୍ରା ପୋଷାକ, ପିକୋ, ଜରିମାଳି କ୍ଷେତ୍ରରେ କାମ କରୁଥିବା ୪ହଜାରରୁ ଉର୍ଦ୍ଧ୍ୱ ପରିବାର ଏବେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। କରୋନା ପ୍ରଭାବ ଏହି କାରିଗରଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ହେଲେ ସେହି କାରିଗରଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରି କି ଗ୍ରାମୀଣ ବିକାଶ କ୍ଷେତ୍ରରେ ନାବାର୍ଡ ଭୂମିକାକୁ ସଙ୍କୁଚିତ ପାଇଁ ପ୍ରୟାସ କରାଯାଇଛି।

ଏହାବାଦ୍ କୃଷି କ୍ଷେତ୍ରରେ ନାବାର୍ଡ ଆର୍ଥିକ ସହାୟତା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଛି। ଜିଲାର ଉକ୍ତ ବ୍ଲକ ପରିବା ଚାଷର ପେଣ୍ଠସ୍ଥଳ। ଏହି ବର୍ଗର ଚାଷୀଙ୍କ ବିଭିନ୍ନ ସମସ୍ୟା ରହିଛି। ନାବାର୍ଡ ଅଧକ୍ଷଙ୍କ ଗସ୍ତ କାଳରେ ସେହି ଚାଷୀଙ୍କୁ ବି ଅଣଦେଖା କରାଯାଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରୁ ଗ୍ରାମାଞ୍ଚଳର ଉଦ୍ୟୋଗୀ ସୁଫଳ ପାଇ ନ ଥିବା ମତ ପ୍ରକାଶ ପାଇଛି।

ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ନାବାର୍ଡ ଅଧକ୍ଷ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନବକିଷାନ ଫାଇନାନ୍ସ ଲିମିଟେଡ୍ ନିର୍ଦ୍ଦେଶିକା ସୁଶୀଳା ଚିନ୍ତାଲା, ନାବାର୍ଡ ଓଡ଼ିଶା ମୁଖ୍ୟ ମହାପ୍ରବନ୍ଧକ ସି. ଉଦୟ ଭାସ୍କର, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ନାବାର୍ଡ ଯାଜପୁର ଜିଲା ବିକାଶ ପ୍ରବନ୍ଧକ ସୁବ୍ରତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଣକୃଷି ଉତ୍ପାଦକ ସଙ୍ଗଠନ (ଓଏଫ୍‌ପିଓ) କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୨୫୦ ବୁଣାକାରଙ୍କ ପାଇଁ ନାବାର୍ଡ ପକ୍ଷରୁ ୫୦ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ଜିଲାପାଳ ରାଠୋର କହିଛନ୍ତି, ଏହା ନାବାର୍ଡ ପକ୍ଷରୁ ଗ୍ରାମୀଣ ବିକାଶ କ୍ଷେତ୍ରରେ ଏକ ପାଇଲଟ୍ ପ୍ରୋଗ୍ରାମ ଥିଲା। ପ୍ରଥମ ପର୍ଯ୍ୟାୟରେ ଚକ ଗୋପାଳପୁରର କେତେଜଣ ବୁଣାକାରଙ୍କୁ ନେଇ ଗୋଟିଏ ଅଣକୃଷି ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଛି। ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ତା'ପରେ ଅନ୍ୟମାନଙ୍କୁ ଏଫ୍‌ପିଓରେ ସାମିଲ କରାଯିବ। ନାବାର୍ଡ ଯାଜପୁର ଜିଲା ବିକାଶ ପ୍ରବନ୍ଧକ ସାହୁଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବାରୁ ସେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ପାରିବେ ନାହିଁ ବୋଲି କହିଛନ୍ତି। ଓଡ଼ଶା ବୁଣାକାର ମହାସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା କହିଛନ୍ତି, ନାବାର୍ଡ ଅଧକ୍ଷ ଆମ ଅଞ୍ଚଳକୁ ଆସିବା ବଡ଼ କଥା। ଏକାଥରେ ସମସ୍ତଙ୍କୁ ସହାୟତା ମିଳିବା ସମ୍ଭବ ନୁହେଁ। ମାତ୍ର ସବୁ ଅଣ କୃଷି ଉତ୍ପାଦକ ବର୍ଗରେ ସାମିଲ ଥିବା କାରିଗରଙ୍କ ସମସ୍ୟା ଶୁଣିବାରେ ଅସୁବିଧା କେଉଁଠି ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଟେରାକୋଟା ଶିଳ୍ପୀ ପର୍ଶୁରାମ ବେହେରା କହିଛନ୍ତି, ଅଣକୃଷି ଉତ୍ପାଦନ କ୍ଷେତ୍ରରେ କାମ କରୁଥିବା କାରିଗରଙ୍କ ମଧ୍ୟରେ ବାଛବିଚାର କରାଯାଇଛି। ଗୋଟିଏ ବର୍ଗର କେତେଜଣ କାରିଗରଙ୍କୁ ନେଇ କାର୍ଯ୍ୟକ୍ରମ ହେବା ଗ୍ରହଣୀୟ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଶେଷ ଟ୍ରେନ୍ ପାଇଁ ସିଜନ ଟିକେଟ ପୁନଃ ପ୍ରଚଳନ

ଭୁବନେଶ୍ୱର,୨୩ା୯: ରାଜ୍ୟର ସବୁ ବର୍ଗର ଲୋକ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଦିନ କୌଣସି ନା କୌଣସି ସ୍ଥାନକୁ ଯାତାୟାତ କରିଥାନ୍ତି। ଏଭଳି ପରିସ୍ଥିତିରେ ଟ୍ରେନ ଯାତ୍ରୀମାନଙ୍କ ସୁବିଧାକୁ ଆଖି ଆଗରେ ରଖି ପୂର୍ବତଟ ରେଳପଥ ପକ୍ଷରୁ କେତେକ ବିଶେଷ ଟ୍ରେନର ମାସିକ ସିଜନ ଟିକେଟ (ଏମ୍ଏସ୍ଟି) ଓ ତ୍ରୈମାସିକ ସିଜନ ଟିକେଟ (କ୍ୟୁଏସ୍ଟି) ସହିତ ଟ୍ରେନ୍ ଯାତ୍ରାକୁ ଅନୁମତି ପ୍ରଦାନ କରାଯାଇଛି। ମାସିକ ଟିକେଟ ପୁନଃ ପ୍ରଚଳନ ପାଇଁ ଅନୁମତି ମିଳିଥିବା ଟ୍ରେନ୍ଗୁଡିକ ହେଉଛି ୦୮୪୨୮-୦୮୪୨୭ ପୁରୀ-ଅନୁଗୋଳ-ପୁରୀ, ୦୮୪୫୬-୦୮୪୫୫ ଖୋର୍ଦ୍ଧାରୋଡ୍-କେନ୍ଦୁଝରଗଡ଼-ଖୋର୍ଦ୍ଧାରୋଡ୍, ୦୮୫୨୨-୦୮୫୨୧ ବିଶାଖାପାଟଣା-ଗୁଣପୁର-ବିଶାଖାପାଟଣା, ୦୮୫୨୮-୦୮୫୨୭ ବିଶାଖାପାଟଣା-ରାୟପୁର-ବିଶାଖାପାଟଣା, ୦୮୨୬୩-୦୮୨୬୪ ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼, ୦୭୨୬୬-୦୭୨୬୫ ବିଶାଖାପାଟଣା-କାକିନାଡା ବନ୍ଦର-ବିଶାଖାପାଟଣା ବିଶେଷ ଟ୍ରେନ ଗୁଡିକ ବ୍ୟତୀତ ରେଳ ଯାତ୍ରୀମାନେ ଚଳାଚଳ କରୁଥିବା ଅନ୍ୟ ବିଶେଷ ଟ୍ରେନଗୁଡ଼ିକରେ ଏମ୍ଏସ୍ଟି ଓ କ୍ୟୁଏସ୍ଟି ସହିତ ଯାତ୍ରା କରିବାକୁ ରେଳ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ।

### ୪ଯୋଡ଼ା ଟ୍ରେନ୍ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବାତିଲ

ଭୁବନେଶ୍ୱର,୨୩ା୯: କରୋନା ମହାମାରୀ ସମୟରେ କେତେକ ଟ୍ରେନର ଖରାପ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ୪ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ର ଚଳାଚଳକୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବାତିଲ କରି ଦିଆଯାଇଛି। ବାତିଲ ହୋଇଥିବା ଟ୍ରେନଗୁଡିକ ହେଉଛି ୦୮୪୩୧-୦୮୪୩୨ ପୁରୀ-କଟକ-ପୁରୀ, ୦୮୪୩୮-୦୮୪୩୭ କଟକ-ଭଦ୍ରକ-କଟକ, ୦୮୪୬୧-୦୮୪୬୨ କଟକ-ପାରାଦୀପ-କଟକ ଏବଂ ୦୮୪୫୪-୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ ଆଦି ସାମିଲ ରହିଛି। ସେହିଭଳି କେତେକ କାରଣ ଯୋଗୁ ପୁରୀ-ଅନୁଗୋଳ ସ୍ୱତନ୍ତ୍ର ଟ୍ରେନକୁ ଆଂଶିକ ବାତିଲ କରାଯାଇଛି। ୦୮୪୨୮-୦୮୪୨୭ ପୁରୀ-ଅନୁଗୋଳ-ପୁରୀ ସ୍ପେଶାଲ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଉଭୟ ଦିଗରୁ ତାଳଚେର ଓ ଅନୁଗୋଳ ମଧ୍ୟରେ ବାତିଲ ରହିବ ଏବଂ ତାଳଚେର ଓ ପୁରୀ ମଧ୍ୟରେ ଚଳାଚଳ କରିବ।

### ଆନ୍ଧ୍ର ପକ୍ଷରୁ କୋଟିଆରେ ପୁଷ୍ଟିକର ଦିବସ

**ପଟ୍ଟାଙ୍ଗୀ,୨୩ା୯(ଡି.ଏନ୍.ଏ.):** କୌଣସି ନୀତି ନିୟମ ମାନିବାକୁ ପ୍ରସ୍ତୁତ ନୁହେଁ ଆନ୍ଧ୍ର। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଯେ ଓଡ଼ିଶାର ଏହା ସ୍ୱୀକାର କରିବାକୁ ଆନ୍ଧ୍ର ନାରାଜ। ତାହା ଆମ ପଞ୍ଚାୟତ ବୋଲି ଜାହିର କରିବାକୁ ଆନ୍ଧ୍ର ବିଭିନ୍ନ ସମୟରେ ଏଠାରେ ଅନୁପ୍ରବେଶ କରି କାର୍ଯ୍ୟକ୍ରମମାନ କରୁଛି। ଗୁରୁବାର ମଧ କୋଟିଆ ପଞ୍ଚାୟତ ସଦର ମହକୁମାରେ ଆନ୍ଧ୍ର ଅନୁପ୍ରବେଶ କରି ପୁଷ୍ଟିକର ଦିବସ ପାଳନ କରିଛି। ଆନ୍ଧ୍ରର ଆଇସିଡିଏସ୍ କାର୍ଯ୍ୟାଳୟ ପକ୍ଷରୁ ଏହି ଦିବସ ପାଳନ କରି ଅଙ୍ଗନୱାଡି କର୍ମୀମାନେ ଗ୍ରାମର ମହିଳାମାନଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଥିଲା। ସେମାନେ କୋଟିଆ ପଞ୍ଚାୟତ ସଦର ମହକୁମାରେ ଏକ ଘରେ ମହିଳାମାନଙ୍କୁ ଏକାଠି କରି ପୁଷ୍ଟିକର ଦିବସ ପାଳନ କରି ସେମାନଙ୍କୁ ନେଇ ଏକ ଶୋଭାଯାତ୍ରା କରିଥିଲେ। ପ୍ରସୂତିମାନେ କିପରି ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ ସେନେଇ ସଚେତନ କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ନେଇ ଏକ ପ୍ରତିଯୋଗିତା କରି କେତେଜଣ ମହିଳାଙ୍କୁ ପୁରସ୍କୃତ କରିଥିଲେ। ସେହିପରି କୋଟିଆ ପଞ୍ଚାୟତର ଫାଟୁ ସିନେରି ଗ୍ରାମରେ ଆନ୍ଧ୍ରର ବିଜୟନଗରମ ଡିଆର୍ଡିଏ କାର୍ଯ୍ୟାଳୟ ପକ୍ଷରୁ ଏସ୍ଏଚ୍ଜି ମହିଳାମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ରୋଜଗାର କରିପାରିବେ ସେନେଇ ଆନ୍ଧ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଆରମ୍ଭ ହୋଇଥିବା ସେମାନଙ୍କୁ ଅବଗତ କରାଯାଇଥିଲା। ଏହି ସମୟରେ ଏସ୍ଏଚ୍ଜିର ମହିଳାମାନେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ଦେଇ ତାଙ୍କ ମାଧ୍ୟମରେ ରୋଜଗାରକ୍ଷମ ହେବାକୁ ନିୟମିତ ତାଲିମ ବ୍ୟବସ୍ଥା କରିବାକୁ ଏବଂ ସରକାରୀ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ଓଡ଼ିଶାର ଦାବିକରି ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଆଶ୍ରୟ ନେଇଛନ୍ତି। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଉଭୟ ରାଜ୍ୟର ରାଜନୈତିକ ସ୍ତରରେ ଆଲୋଚନାକରି ୬ ସପ୍ତାହ ମଧ୍ୟରେ ସମାଧାନ ରାସ୍ତା ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ କୌଣସି ପଦକ୍ଷେପ ନ ନେଇ ଆନ୍ଧ୍ର କୋଟିଆରେ ନିଜ କାର୍ଯ୍ୟକ୍ରମ ଜାରି ରଖିଛି।

# କନ୍ଦମୂଳ ଉତ୍ପାଦନରେ ଓଡ଼ିଶା ପ୍ରଥମ

## ଲକ୍ଷ୍ୟଭେଦୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩ା୯(ବ୍ୟୁରୋ)**

ଚାଉଳ, କ୍ଷୀର, କୁକୁଡ଼ା ଜାତୀୟ ଖାଦ୍ୟ, ମାଛ ଯାଆଁଳ ଆଦି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପରେ ଓଡ଼ିଶା ପନିପରିବା ଏବଂ ଫଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ଉଦ୍ୟମ ଜାରି ରଖିଛି। ଏଥିପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ଏବଂ ସମୟାନୁବନ୍ଧିତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। କୃଷି ଉତ୍ପାଦ ବୃଦ୍ଧି ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ଲୋକସେବା ଭବନରୁ ଡିଜିଟାଲ ମୋଡ୍ରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ ରାଜ୍ୟରେ ଫଳ ଓ ପନିପରିବା ଚାଷ ସମ୍ବନ୍ଧିତ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୧୯-୨୦ ବର୍ଷ ପାଇଁ ଜାରି କରିଥିବା ଉଦ୍ୟାନ କୃଷି ବିବରଣୀ ଅନୁସାରେ ଓଡ଼ିଶା କନ୍ଦମୂଳ ଉତ୍ପାଦନରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବାଇଗଣ ଉତ୍ପାଦନରେ ଦ୍ୱିତୀୟ, ଫୁଲକୋବି, ଭେଣ୍ଡି, ଟମାଟୋରେ ପଞ୍ଚମ, ଲାଉ ଉତ୍ପାଦନରେ ଷଷ୍ଠ ସ୍ଥାନ ଅଧିକାର କରିଛି। ସେହିପରି ଜାମୁ ଉତ୍ପାଦନରେ ଦ୍ୱିତୀୟ, ଲେମ୍ବୁରେ ପଞ୍ଚମ, ତରଭୁଜରେ ପଞ୍ଚମ, ସପେଟାରେ ସପ୍ତମ, ଆମ୍ବରେ ନବମ ଏବଂ ପଣସ ଉତ୍ପାଦନରେ ନବମ ସ୍ଥାନ ପାଇଛି।

ଫଳ ଓ ପନିପରିବା ଚାଷ ପାଇଁ ଓଡ଼ିଶାରେ ବହୁ ସମ୍ଭାବନା ରହିଛି। ବିଭିନ୍ନ ଅଞ୍ଚଳର କୃଷି ଜଳବାୟୁ ଓ ମୃତ୍ତିକା ସଂରଚନା ଆଦି ଭିତ୍ତିରେ ଯୋଜନା ପ୍ରସ୍ତୁତ ପାଇଁ ମୁଖ୍ୟ ଶାସନ ସଚିବ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳ ଓ ପନିପରିବାର ଆଧୁନିକ ଚାଷ ପ୍ରଣାଳୀ, ବାର୍ଷିକ ଆୟ ଆଦି ବିଷୟରେ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଉନ୍ନୟନ କମିଶନର ପ୍ରଦୀପ ଜେନା ଫୁଲକୋବି, ବନ୍ଧାକୋବି, ଟମାଟୋ, ଆଳୁ, ପିଆଜ ଆଦି ଜାତୀୟ ପରିବା ଏବଂ କଦଳୀ, ଅମୃତଭଣ୍ଡା, ପିଜୁଳି ଓ ଲେମ୍ବୁ ଆଦି ଫଳ ଉତ୍ପାଦନ ବଢ଼ାଇବା ପାଇଁ ପରାମର୍ଶ ଦେଇଛନ୍ତି।

ଲକ୍ଷ୍ୟଭେଦୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି।



ବିଭିନ୍ନ ପ୍ରକାର ଫଳ ଓ ପନିପରିବା ପାଇଁ ବିଶେଷଜ୍ଞ, କୃଷକ, କୃଷି ଉଦ୍ୟୋଗୀ, ଜଳସମ୍ପଦ ଓ କୃଷି ବିଭାଗ ଯନ୍ତ୍ରୀଙ୍କଠାରୁ ଆବଶ୍ୟକ ମତାମତ ଓ ପରାମର୍ଶ ନେଇ ଏହାକୁ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

ବିଭାଗୀୟ ଶାସନ ସଚିବ ବଶିଷ୍ଠ ଜଣାଇଥିଲେ ଯେ ଓଡ଼ିଶାରେ ସାଧାରଣତଃ କଦଳୀ, ଆମ୍ବ, ପିଜୁଳି, ଅମୃତଭଣ୍ଡା, ଲେମ୍ବୁ, ସପେଟା, ସପୁରି, ତରଭୁଜ, ଜାମୁ ଆଦି ଫଳ ଏବଂ ବାଇଗଣ, ଭେଣ୍ଡି, ଟମାଟୋ, ଆଳୁ, ପିଆଜ, ପାଣିକଖାରୁ, ଲାଉ, ମୂଳା ଓ କନ୍ଦମୂଳ ଜାତୀୟ ପରିବା, ଫୁଲକୋବି, ବନ୍ଧାକୋବି, ବିନ୍ ଓ ଛୁଇଁ ଆଦି ପନିପରିବା ବେଶି ପରିମାଣରେ ଉତ୍ପାଦିତ ହୁଏ। ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଜଣାଇଥିଲେ ଯେ ଲଗାତର ପ୍ରୋତ୍ସାହନମୂଳକ ପ୍ରଚେଷ୍ଟା ଯୋଗୁ ରାଜ୍ୟ ପନିପରିବା ଓ ଫଳ ଉତ୍ପାଦନରେ ଜାତୀୟସ୍ତରୀୟ ମାନ୍ୟତା ହାସଲ କରିଛି। ଦ୍ରୁତ କାର୍ଯ୍ୟାନ୍ୱୟନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ବିଶେଷ ଚାହିଦା ଥିବା ଏବଂ ଓଡ଼ିଶାର ଜଳବାୟୁ ଓ ମୃତ୍ତିକା ଅନୁକୂଳ ଅଳ୍ପସଂଖ୍ୟକ ଫଳ ଓ ପନିପରିବା ନେଇ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା, ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ନିର୍ଦ୍ଦେଶକ ମୁଥୁ କୁମାରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାନସିକ ରୋଗୀ ମହିଳାଙ୍କୁ ବଳାତ୍କାର

**ସମ୍ବଲପୁର,୨୩ା୯(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଥାନା ବାହାମ ଗ୍ରାମରେ ଜଣେ ମାନସିକ ରୋଗୀ ୩୫ ବର୍ଷୀୟା ମହିଳାଙ୍କୁ ବଳାତ୍କାର ହୋଇଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଥାନାରେ କେସ୍ ନଂ୨୮୦/୨୧ରେ ମାମଲା ରୁଜୁ କରିଛି। ତଦନ୍ତ କରି

## ଗ୍ରାମବାସୀଙ୍କ ଅଭିଯୋଗ, ବୃଦ୍ଧ ଅଟକ

ପୋଲିସ ଗ୍ରାମର ହାଡୁ ବାଗ (୬୪)ଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ବୁଧବାର ମହିଳା ଜଣଙ୍କ ଗ୍ରାମରେ ବୁଲାବୁଲି କରୁଥିଲେ। ଗ୍ରାମବାସୀ ଦେଖିବା ପରେ ତାଙ୍କୁ ଡାକି ଖାଇବାକୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ହାଡୁ ମହିଳାଙ୍କୁ ବଳାତ୍କାର କରିଥିଲେ। ପୋଲିସ ମହିଳାଙ୍କୁ ଡାକ୍ତରୀ ମାଇନା କରାଇ ଆଶ୍ରୟ ସ୍ଥଳରେ ରଖିଛି।

# ଗାଡ଼ି ଛାଡ଼ି ପଳାଇଲେ ଏସ୍ପି



ସମୁଦ୍ରରେ ଫସିଥିବା ପୋଲିସ ଗାଡି।

## ସମୁଦ୍ରରେ ଫସିଲା ପୋଲିସ ଭ୍ୟାନ୍

**ବାଲେଶ୍ୱର ଅଫିସ,୨୩ା୯**

ବାଲେଶ୍ୱର ଜିଲାର ପୋଲିସ ନାମରେ ଥିବା ଏକ ଗାଡ଼ି (ନଂ. ଓଡ଼ି୦୫ବିଏ-୪୬୧୬) ବୁଧବାର ସନ୍ଧ୍ୟାରେ ଚାନ୍ଦିପୁର ଆଇଟିଆର୍ର ନିଷିଦ୍ଧାଞ୍ଚଳ ୬ହଜାର ପଏଣ୍ଟ ତଥା ମହିଁଷାଳି ପୋଲ ନିକଟ ସମୁଦ୍ର ଭିତରେ ଫଶିଯାଇଥିବା ସୂଚନା ମିଳିଛି। ଗତ ଏପ୍ରିଲରେ ବାଲେଶ୍ୱର ଜିଲା ପୋଲିସ ନାମରେ ଦୁଇଟି ଗାଡ଼ି କିଣାଯାଇଥିଲା। ଦେଢ଼ମାସ ପୂର୍ବରୁ ଜିଲା ପୋଲିସକୁ ଉକ୍ତ ଗାଡ଼ି ଦୁଇଟିକୁ ହସ୍ତାନ୍ତର କରାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ ଗାଡ଼ିକୁ ବୁଧବାର ଅପରାହ୍ନରେ ଜିଲା ଏସ୍ପି ଟେଷ୍ଟ ଡ୍ରାଇଭିଂରେ ସମୁଦ୍ରକୂଳରେ ଚଳାଉଥିଲେ। ସମୁଦ୍ର ବେଳାଭୂମିରେ ହଠାତ୍ ଗାଡିଟି ଦବିବାକୁ ଲାଗିଥିଲା। ବହୁ ଚେଷ୍ଟା କରି ଏସ୍ପି ଗାଡ଼ିଟିକୁ ଉଠାଇ ପାରି ନ ଥିବା ବେଳେ ଏହି ସମୟରେ ସମୁଦ୍ରରେ ଜୁଆର ଆସିଥିଲା। ସେଠାରେ ଏସ୍ପି ଗାଡ଼ି ଛାଡ଼ି ପଳାଇଆସିଥିବା ଉକ୍ତ ଅଞ୍ଚଳରେ ଡ୍ୟୁଟି କରୁଥିବା ଜଣେ ଆଇଟିଆର୍ ସୁରକ୍ଷା କର୍ମୀ ପ୍ରକାଶ କରିଛନ୍ତି। କିଛି ସମୟ ପରେ ରିଜର୍ଭ ପୋଲିସ୍ର ଏକ ଟିମ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଗାଡ଼ିକୁ ଉଠାଇବା ପାଇଁ ରାତିସାରା ବହୁ ଚେଷ୍ଟା କରିଥିଲେ ମଧ୍ୟ ଉଠାଇ ପାରି ନ ଥିଲେ। ପ୍ରବଳ ଜୁଆର ଆସିବା ଯୋଗୁ ଗାଡ଼ିଟି ସମ୍ପୂର୍ଣ୍ଣ ବାଲିରେ ପୋତି ହୋଇଯାଇଥିଲା। ସମସ୍ତେ ଜୁଆର ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଜୁଆର ଛାଡ଼ିବା ପରେ ଗାଡ଼ିକୁ ଜେସିବି ସାହାଯ୍ୟରେ ଉଠାଇବା ପାଇଁ ଚେଷ୍ଟା ଜାରି ରହିଛି। ଖବର ଲେଖା ପର୍ଯ୍ୟନ୍ତ ଗାଡ଼ିଟିକୁ ସମୁଦ୍ରରୁ ବାହାର କରାଯାଇ ପାରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜାଣିବା ଲାଗି ଏସ୍ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ପୋଲିସ-ଦୂତୀ ଚାନ୍ଦ କଥା କଟାକଟି

**ରସୁଲପୁର,୨୩ା୯(ଡି.ଏନ.ଏ.)**

ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଚକଗୋପାଳପୁର ଗାଁର ଚାନ୍ଦ ସାହିରେ ବୁଧବାର ରାତିରେ ଖୁଦୁରୁକୁଣୀ ମେଢ଼ ଭସାଣିକୁ ନେଇ ବିବାଦ ସୃଷ୍ଟି ହୋଇଛି। କୋଭିଡ୍ ନିୟମ ଉଲ୍ଲଂଘନ କରି ସାହିର ଯୁବତୀଯୁବକ ଡିଜେ ବଜାଇ ନାଚଗୀତ କରୁଥିବାରୁ ପୋଲିସ ପହଞ୍ଚି ଏହାକୁ ବନ୍ଦ କରିଥିଲା। ତେବେ ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଧାବିକା ଦୂତୀ ଚାନ୍ଦ ଓ ପୋଲିସ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି।

ଭସାଣି କାର୍ଯ୍ୟକ୍ରମର ନେତୃତ୍ୱ ଦୂତୀ ନେଉଥିଲେ ବୋଲି ଥାନା ଅଧିକାରୀଙ୍କୁ ଫୋନ୍ ଯୋଗେ ଅଭିଯୋଗ ହୋଇଥିଲା। ଫଳରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପାଟ୍ରୋଲିଂ ଭ୍ୟାନ ପଠାଇଥିଲେ। ଏଏସ୍ଆଇ ପ୍ରଦୀପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଶୋଭାଯାତ୍ରା ବନ୍ଦ କରିବାକୁ ପ୍ରୟାସ କରିଥିଲା। କରୋନା କଟକଣା ଉଲ୍ଲଂଘନ କରାଯାଇ ଶୋଭାଯାତ୍ରା କରାଯାଇ ପାରିବ ନାହିଁ ବୋଲି ପୋଲିସ କର୍ମଚାରୀମାନେ କହିଥିଲେ। ଏଥିସହିତ ଡିଜେ ଓ ମାଇକକୁ ବନ୍ଦ କରି ଦେଇଥିଲେ। ଏହାକୁ ନେଇ ପୋଲିସ ଓ ଦୂତୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ କରୋନା ଲାଗି



ଦୂତୀ ଚାନ୍ଦ ପୋଲିସ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଛନ୍ତି।

## କୋଭିଡ୍ ନିୟମ ଉଲ୍ଲଂଘନ କରି ଖୁଦୁରୁକୁଣୀ ଭସାଣି

ପାର୍ବଣ ଋତୁରେ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ସାବଧାନ କରାଯାଉଛି। ଭସାଣି କାର୍ଯ୍ୟକ୍ରମକୁ ନିରାଡ଼ମ୍ବର ଭାବେ ପାଳନ କରିବାକୁ ପ୍ରଦତ୍ତ ମାର୍ଗ ଦର୍ଶିକା ଜରିଆରେ କୁହାଯାଉଛି। ତେବେ ଏସବୁ ସତ୍ତ୍ୱେ ଦୂତୀଙ୍କ ଭଳି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଧାବିକା କଟକଣା ଉଲ୍ଲଂଘନ କରିବା ଦୃଶ୍ୟକୁ ସାଧାରଣରେ ନାପସନ୍ଦ କରାଯାଉଛି।

ଘଟଣା ସମ୍ପର୍କରେ ଦୂତୀ କହିଛନ୍ତି, ଭସାଣି ଉତ୍ସବ ନିମନ୍ତେ ଅନୁମତି ପାଇଁ କୁଆଖିଆ ଥାନା ଅଧିକାରୀଙ୍କୁ ଭେଟିଥିଲେ। ତେବେ କରୋନା କାଳରେ ଅନୁମତି ଦେବାକୁ ଥାନା ଅଧିକାରୀ ମନା କରିଥିଲେ। ମାତ୍ର ସାହି ଭିତରେ ଭସାଣି କରି ୧ ଘଣ୍ଟା ମଧ୍ୟରେ ସାରି ଦେବାକୁ କହିଥିଲେ। ଏହା ଜାଣି ସେ ଭସାଣି ଉତ୍ସବରେ ସାମିଲ ହୋଇ ନ ଥିଲେ। ଭସାଣି ଦେଖିବାକୁ ସେ ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ। ହଠାତ୍ ପୋଲିସ ପହଞ୍ଚି ଭସାଣି ବନ୍ଦ କରିଥିଲା। ପୋଲିସ ତାଙ୍କୁ ଏଠି କାହିଁକି ଛିଡ଼ା ହୋଇଛନ୍ତି ବୋଲି ପଚାରିବାରୁ କଥାକଟାକଟି ହୋଇଥିଲା। ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି, ଶୋଭାଯାତ୍ରା ପାଇଁ କାହାରିକୁ ଅନୁମତି ଦିଆଯାଉନାହିଁ। ସମସ୍ତଙ୍କୁ କରୋନା କଟକଣା ଅନୁପାଳନ କରିବାକୁ କୁହାଯାଉଛି। ତେବେ ଗୋପାଳପୁରରେ କଟକଣା ଉଲ୍ଲଂଘନ କରି ଭସାଣି ହେଉଥିବା ନେଇ ଅଭିଯୋଗ ଆସିଥିଲା। ସେହି ଅନୁସାରେ ପାଟ୍ରୋଲିଂ ଗାଡ଼ି ପଠାଇ ଭସାଣି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ବିକାଶ ପଥରେ ଜରାଙ୍ଗ

## ରାସ୍ତା ନିର୍ମାଣ ପରେ ବଦଳୁଛି ଚିତ୍ର

- ୱାର୍ଡସଭ୍ୟାଙ୍କ ଅବଦାନ ଅତୁଳନୀୟ
- ସ୍ୱଚ୍ଛ ପାଣି, ସୋଲାର ଲାଇଟ୍ ଦାବି



ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା।



ଜରାଙ୍ଗ ଗ୍ରାମର ଦୃଶ୍ୟ

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୨୩ା୯(ବ୍ୟୁରୋ)**

ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଜରାଙ୍ଗ। ଏକଦା ମାଓବାଦୀମାନେ ଏହି ଅଞ୍ଚଳରେ ସକ୍ରିୟ ଥିଲେ। ହେଲେ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡିବାରୁ ଏବେ ବିକାଶ ପଥରେ ଆଗେଇ ଚାଲିଛି। ସମ୍ବଲପୁର ଜିଲା ସଦର ମହକୁମାଠାରୁ ପ୍ରାୟ ୫୦ କି.ମି. ଦୂର ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତର ୪ ଗୋଟି ଜଙ୍ଗଲ ଘେରରେ ରହିଛି ଏହି ଗ୍ରାମ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେବା ପରେ ଗ୍ରାମବାସୀଙ୍କୁ ସମାଜର ମୁଖ୍ୟ ସୋତ୍ରରେ ସାମିଲ ହେବାକୁ ସହଜ ହୋଇଯାଇଛି। ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇଚାଲିଛି। ଜରାଙ୍ଗ ବିକଶିତ ହେବାରେ ସରକାରଙ୍କ ଉଦ୍ୟମ ସାଙ୍ଗକୁ ଗ୍ରାମର ୱାର୍ଡସଭ୍ୟା ବାରିଲୋନା କାଣ୍ଡୋଲାଙ୍କ ମଧ୍ୟ ଭୂମିକା ରହିଛି। ବିଗତ ୫ବର୍ଷ ଭିତରେ ସେ ଗ୍ରାମର ଅନେକ ବିକାଶମୂଳକ କାମ କରିବା ସହ ବିଭିନ୍ନ ଅନୁଦାନ ଆଣିବା, ସରକାରୀ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବା ନେଇ କାର୍ଯ୍ୟରତ। ପରିବାର ପାଇଁ ଯେତିକି ସମୟ ଦିଅନ୍ତି ତା'ଠାରୁ ଅଧିକ ଗ୍ରାମ ପାଇଁ ଦିଅନ୍ତି ବୋଲି କହନ୍ତି କାଣ୍ଡୋଳା।

ଗ୍ରାମ ବିଷୟରେ ସେ କହନ୍ତି, ପୂର୍ବରୁ ଗ୍ରାମକୁ ରାସ୍ତା ନ ଥିଲା। ବର୍ଷାଦିନେ ମାଟିରାସ୍ତା କାଦୁଅରେ ଭରପୂର ହୋଇଯାଏ। ପୁଣି ମଝିରେ ୩ ଗୋଟି ନାଳ ଯୋଗୁ ଏକପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଏହି ସମସ୍ୟା ଯୋଗୁ ମେଡିକାଲକୁ ଯାଇ ନ ପାରି ରୋଗୀଙ୍କ ଜୀବନ ହାନି ଘଟିଥିବା ନଜିର ରହିଛି। ଏଭଳି ରାସ୍ତାରେ ୯ କି.ମି. ଯିବା ପରେ ୫୫ନଂ. ଜାତୀୟ ରାଜପଥ ପଡିଥାଏ। ରାସ୍ତା ଅପର ପାର୍ଶ୍ୱରେ କୟାକୁଦ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ସେହିପରି ୨୦ କି.ମି. ଦୂରରେ ବ୍ଲକ କାର୍ଯ୍ୟାଳୟ ରହିଛି। ରାସ୍ତା ଦୁରବସ୍ଥା ଯୋଗୁ କୌଣସି ବ୍ୟକ୍ତି ଭତ୍ତା, ପିଡିଏସ୍ ସାମଗ୍ରୀ କିମ୍ବା ଆବାସ ଯୋଜନା ସଂକ୍ରାନ୍ତ ସମସ୍ୟାକୁ ନେଇ ଅଭିଯୋଗ କରିପାରୁ ନ ଥିଲେ। ୨୦୧୮ରେ ୮କି.ମି. ଦୀର୍ଘ ଏହି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ପ୍ରାୟ ୩କୋଟି ୬୯ଲକ୍ଷ ବ୍ୟୟ ଅଟକଳ ରହିଥିଲା। ୨୦୨୦ରେ ରାସ୍ତା ନିର୍ମାଣ ଶେଷ ହେବା ପରେ ଗ୍ରାମର ସମସ୍ୟା ସୁଧୁରିବାରେ ଲାଗିଛି। ଗ୍ରାମରେ ତାଲଡିହି, ଚାଦଳୀ, ବୁଡାମୁଣ୍ଡା, ସ୍କୁଲପଡା ଆଦି ୪ ପଡା ରହିଛି। ଏସବୁ ପଡ଼ାରେ ମୋଟ ୬୫ ପରିବାରର ୩୫୦ ଲୋକ ବାସ କରନ୍ତି। ସମସ୍ତେ ଆଦିବାସୀ ଶ୍ରେଣୀର। ସବୁ ପରିବାର ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ଅଛନ୍ତି। ସରକାରୀ ସୁବିଧା ପହଞ୍ଚିପାରୁଛି। ଗ୍ରାମର ସମସ୍ତ ପରିବାର ଚାଷ ଉପରେ ନିର୍ଭର କରନ୍ତି। ଧାନ ସହିତ ମୁଗ, ବିରି, କୋଳଥ, ମକା, ବାଜରା ଓ ବିଭିନ୍ନ ପନିପରିବା ଫସଲ ଅମଳ କରୁଛନ୍ତି। ରାସ୍ତା ହେବାରୁ ଏବେ ଲୋକମାନେ ଉତ୍ପାଦିତ ଫସଲ ନିକଟସ୍ଥ ବଜାରକୁ ନେଇ ବିକ୍ରି କରି ପାରୁଛନ୍ତି। ଜଙ୍ଗଲଜାତ ଦ୍ରବ୍ୟ କେନ୍ଦୁପତ୍ର, ବାହାଡ଼ା, ଶାଳମଞ୍ଜି, ମହୁଲ ଆଦି ସଂଗ୍ରହ କରି ବିକ୍ରି କରୁଛନ୍ତି। ଏଥିଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଛି। ଗମନାଗମନ ସୁବିଧା ଯୋଗୁ ଆମ୍ବୁଲାନ୍ସ ଗ୍ରାମକୁ ଆସିବାରେ ସୁବିଧା ହେଉଛି। ଗ୍ରାମ ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅଧିକ ପଢିବା ପାଇଁ ସରକାରଙ୍କ ଆଦିବାସୀ ସ୍କୁଲରେ



ୱାର୍ଡସଭ୍ୟା ବାରିଲୋନା କାଣ୍ଡୋଳା

ପିଲାମାନେ ପାଠ ପଢୁଛନ୍ତି। ବାହାରେ ପାଠପଢି ଗ୍ରାମର ଅନେକ ଯୁବତୀଯୁବକ ଉଚ୍ଚଶିକ୍ଷିତ ହୋଇ ପାରିଛନ୍ତି। ଏବେ ଗ୍ରାମରେ ୫ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ଅଛି। ଏହି ଗ୍ରୁପ୍ର ସଦସ୍ୟମାନେ ସହଯୋଗ କରୁଥିଲେ ହେଁ ସେମାନଙ୍କୁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଗ୍ରାମରେ ପ୍ରାୟ ସମସ୍ତ ସୁବିଧା ହୋଇଛି। ହେଲେ ଅଧିକାଂଶ ସମୟରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଛି। ତେଣୁ ସୋଲାର ଲାଇଟ୍ ଲଗାଇବା ବ୍ୟବସ୍ଥା କରାଯାଉ। ଏହା ସହ ପିଇବା ପାଣି ପାଇଁ ପାଇପ୍ ଯୋଗେ ଜଳ ଯୋଗାଣ କରାଯାଉ ବୋଲି ଦାବି କରିଛନ୍ତି ୱାର୍ଡ ସଭ୍ୟା କାଣ୍ଡୋଳା।

## ସଂକ୍ଷେପରେ

### କୋଟିଆ ଚିଠି ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିନନ୍ଦନ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ):** ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ତକ୍ଷେପ କରି ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଗତ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ କୋଟିଆ ମାମଲାର ଶୁଣାଣି କରି ରାଜନୈତିକ ଉପାୟରେ ଆପୋଷ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଅନ୍ୟ କେହି ମୁହଁ ଖୋଲି ନ ଥିବାବେଳେ କେନ୍ଦ୍ରମନ୍ତ୍ରୀଙ୍କର ପଦକ୍ଷେପ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ଏହି ଚିଠି ଦ୍ୱାରା ଆପୋଷ ଆଲୋଚନା ପାଇଁ ବାଟ ଖୋଲିଛି ବୋଲି ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ନିକଟରେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ହରିୟାଣା-ହିମାଚଳ ପ୍ରଦେଶ, ଲଦାଖ- ହିମାଚଳ ପ୍ରଦେଶ, ମହାରାଷ୍ଟ୍ର-କର୍ଣ୍ଣାଟକ, ଆସାମ-ଅରୁଣାଚଳ ପ୍ରଦେଶ, ଆସାମ-ନାଗାଲାଣ୍ଡ, ଆସାମ- ମେଘାଳୟ ଓ ଆସାମ-ମିଜୋରାମ ମଧ୍ୟରେ ସୀମା ବିବାଦ ଥିବା ସୂଚନା ଦେଇଥିଲେ। ଏଥିରେ ଓଡ଼ିଶା-ଆନ୍ଧ୍ର ପ୍ରଦେଶ, ଓଡ଼ିଶା-ପଶ୍ଚିମବଙ୍ଗ ଏବଂ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଥିବା ସୀମା ସମସ୍ୟା ସ୍ଥାନ ପାଇନାହିଁ। ତେଣୁ ଓଡ଼ିଶାର ସୀମା ସମସ୍ୟାର ତଥ୍ୟ କିପରି କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ପାଖରେ ପହଞ୍ଚିପାରିବ ତା'ର ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

# ୭ ଦଳର ମିଳିତ ଗଣଧାରଣା

## ୨୭ରେ ଭାରତବନ୍ଦକୁ ସମର୍ଥନ କରିବାକୁ ଆହ୍ୱାନ

ଭୁବନେଶ୍ୱର,୨୩।୯(ବ୍ୟୁରୋ)



ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ରେ ଗୁରୁବାର ୭ ଦଳ ପକ୍ଷରୁ ଦିଆଯାଇଥିବା ଧାରଣା।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଗୁରୁବାର କଂଗ୍ରେସ ସମେତ ୭ଟି ଦଳ ମିଳିତ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧୀ ଆର୍ଥିକ ନୀତି ତଥା ବିଦ୍ୱେଷ ସୃଷ୍ଟିକରୀ ରାଜନୀତି ବିରୋଧରେ କରୁଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧ କରି ଗୁରୁବାର ମାଷ୍ଟର କ୍ୟାଣ୍ଟିନ ଛକରେ ୧୭ ଦଫା ଦାବି ନେଇ ବିରୋଧ ପ୍ରଦର୍ଶନ ହୋଇଥିଲା। ଏହି ପ୍ରତିବାଦ ସଭାକୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ସିପିଆଇଏମର ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମାଜବାଦୀପାର୍ଟି ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ସିପିଆଇ ଏମ୍‌ଏଲ୍ (ରେଡ୍‌ଫ୍ଲାଗ୍)ର ନେତ୍ରୀ ପ୍ରମିଳା ବେହେରା ଏବଂ ଏନ୍‌ସିପି ରାଜ୍ୟ ସାଧାରଣ ସମ୍ପାଦକ ବିକ୍ରମ ସ୍ୱାଇଁ ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ।

ପ୍ରତିବାଦ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୋଦି ସରକାରଙ୍କ ନୀତି ବିନାଶକାରୀ କହି ସମାଲୋଚନା କରିଛନ୍ତି। ଗତ ୭୦ ବର୍ଷରେ ଦେଶରେ ନିର୍ମିତ ହୋଇଥିବା ସରକାରୀ ସମ୍ପତ୍ତି ଓ ସଂସ୍ଥାନଗୁଡ଼ିକୁ ଘରୋଇ ବ୍ୟବସାୟୀଙ୍କୁ ଶାଗମାଛ ମୂଲ୍ୟରେ ବିକିଦେବା ବିରୋଧରେ ସମସ୍ତ ରାଜନୈତିକ ଦଳ ଏକାଠି ହେବାକୁ ସେ ଆହ୍ୱାନ କରିଛନ୍ତି। କୃଷି ଆଇନ ବିରୋଧରେ ଚାଲିଥିବା କୃଷକ ଆନ୍ଦୋଳନ ପ୍ରତି ମୋଦି ସରକାରଙ୍କ ଆଭିମୁଖ୍ୟକୁ ନିନ୍ଦା କରିବା ସହ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦକୁ ରାଜ୍ୟବାସୀ ସମର୍ଥନ କରିବାକୁ ନିବେଦନ କରିଛନ୍ତି। ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନୀତିକୁ ନିଃସର୍ତ୍ତ ସମର୍ଥନ ଜ୍ଞାପନ କରୁଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି। ସେହିପରି ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ମଧ୍ୟ ଦେଶର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରୁଥିବା ଗୁପ୍ତ ଏଜେଣ୍ଡା ପ୍ରତି ସତର୍କ ରହିବା ସହ ମିଳିତ ଏବଂ ଐକ୍ୟବଦ୍ଧ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସିପିଏମ ନେତା ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ଅଭୟ ସାହୁ, ସିପିଆଇ ଏମଏଲ (ରେଡ୍‌ଷ୍ଟାର) ନେତ୍ରୀ ହେନା ବାରିକ ଏବଂ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ।

# ପରିବର୍ତ୍ତନ ଆଣିବ ନୂତନ ଶିକ୍ଷାନୀତି

ସମ୍ବଲପୁର,୨୩।୯(ବ୍ୟୁରୋ)

**ଆଇଆଇଏମ୍‌ର ୭ତମ ପ୍ରତିଷ୍ଠା ଦିବସ**

- ଭିଡିଓ ବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ ମାଧ୍ୟମରେ ବକ୍ତବ୍ୟ ରଖୁଛନ୍ତି।

ନୂତନ ଶିକ୍ଷାନୀତି ଶିକ୍ଷା ବ୍ୟବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଆଣିବ। ଏଥିରେ ସମାନତା, ଗୁଣାତ୍ମକ, ଦକ୍ଷତା ବିକାଶ, ଶିକ୍ଷା, ଆତ୍ମନିର୍ଭର ହେବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷା କ୍ଷେତ୍ରରେ ବିକାଶ ହେଉଛି। ସମ୍ବଲପୁର ସବୁ କ୍ଷେତ୍ରରେ ଆଗୁଆ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଏଠାରେ ବ୍ୟାପକ ସୁବିଧା ରହିଛି। କଳା, ସଂସ୍କୃତି, ପରମ୍ପରାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଇଆଇଏମ୍ ସମ୍ବଲପୁର ଦୀର୍ଘ ୭ ବର୍ଷ ଅତିକ୍ରମ କରିସାରିଛି। ଏଥିରେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଭୂମିକା ରହିଛି। ଏହି ଅନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଅତି କମ ସମୟ ଭିତରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି ବୋଲି ମୁଖ୍ୟଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ ବାର୍ତ୍ତାରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଇଆଇଏମ୍ ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ ଅଧ୍ୟକ୍ଷତା କରି ଅନୁଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଦକ୍ଷତା ବିକାଶ ବିଭାଗ ଅଧ୍ୟକ୍ଷ ସୁବ୍ରୋତୋ ବାଗ୍‌ଚି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ସମାଜ ଗଢିବାରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଏହି ଲକ୍ଷ୍ୟ ରଖି ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବାକୁ ହେବ। ମୁଖ୍ୟବକ୍ତା ଭାବେ ଫ୍ଲିପ୍‌କାର୍ଟ ଚିଫ୍ କର୍ପୋରେଟ ଅଫିସର ରାଜନେଶ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ୭ ଛାତ୍ରୀଛାତ୍ରଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ରାଶି ସହ ପୁରସ୍କୃତ କରାଯାଇଥିଲା। ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୋଷ୍ଟାଲ ବାଲଟ୍ ଗାଡ଼ି ଶୁଭାରମ୍ଭ

**ପିପିଲି ଉପନିର୍ବାଚନ**

- ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କଠାରୁ ଭୋଟ ଗ୍ରହଣ ହେବ

ପୁରୀ ଅଫିସ,୨୩।୯



ପୁରୀ ଜିଲାପାଳ ସମର୍ଥ ବର୍ମା ପତାକା ଦେଖାଇ ଗାଡ଼ିର ଶୁଭାରମ୍ଭ କରୁଛନ୍ତି।

ପିପିଲି ଉପନିର୍ବାଚନ ନିମନ୍ତେ ଗୁରୁବାର ପୋଷ୍ଟାଲ୍ ବାଲଟ୍ ଗାଡ଼ିର ଶୁଭାରମ୍ଭ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ପୋଷ୍ଟାଲ ବାଲଟର ବ୍ୟବସ୍ଥା କରାଯାଇଛି। ଜିଲାପାଳ ସମର୍ଥ ବର୍ମା ପତାକା ଦେଖାଇ ପୋଷ୍ଟାଲ ବାଲଟ୍ ଗାଡ଼ିର ଶୁଭାରମ୍ଭ କରିଛନ୍ତି। ପୋଲିଂ ଅଧିକାରୀମାନେ ଗୁରୁବାରଠାରୁ ଘରକୁ ଘର ଯାଇ ଭୋଟ ସଂଗ୍ରହ କରିବେ। ଡେଲାଙ୍ଗ ବ୍ଲକ୍‌ର ୭୧୨ ଓ ପିପିଲି ବ୍ଲକ୍‌ର ୩୬୫ ମୋଟ ୧୦୭୭ ଜଣ ମତଦାନ ସାବ୍ୟସ୍ତ କରିବେ। ଡେଲାଙ୍ଗ ବ୍ଲକ୍‌ରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୬୧୪ ଓ ଦିବ୍ୟାଙ୍ଗ ୯୮ ଜଣ ଏବଂ ପିପିଲିର ୨୯୫ ଜଣ ବରିଷ୍ଠ ନାଗରିକ ଓ ୭୦ ଜଣ ଦିବ୍ୟାଙ୍ଗ ସାମିଲ ଅଛନ୍ତି। ପୂର୍ବରୁ ଏମାନଙ୍କ ମଧ୍ୟରୁ ଗତ ମେ ୩ ତାରିଖରେ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ପିପିଲିର ୬୩ ଓ ଡେଲାଙ୍ଗର ୭୫ ଜଣ ମୋଟ ୧୩୮ ଜଣଙ୍କଠାରୁ ଭୋଟ ଗ୍ରହଣ ସରିଛି। ଏଥିନିମନ୍ତେ ୭ଟି ଗାଡ଼ି ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୨ଜଣ ପୋଲିଂ ଅଧିକାରୀ, ମାଇକ୍ରୋ ଅବଜର୍ଭର, ପୋଲିସ ଓ ଭିଡିଓଗ୍ରାଫରକୁ ମିଶାଇ ୫ଜଣ ସାମିଲ ରହିବେ। ବୁଥ୍‌ସ୍ତରୀୟ ଅଧିକାରୀମାନେ ଏଥିପାଇଁ ସହଯୋଗ କରିବେ। ପୋଷ୍ଟାଲ ଗାଡ଼ି ଉଦ୍‌ଘାଟନ ଅବସରରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ତହସିଲଦାର ରବିନ୍ଦ୍ର ପ୍ରଧାନ ଓ ଡେପୁଟି କଲେକ୍ଟର ସୁମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବୋଲଗଡ,୨୩।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ କପାସିଆ ଗ୍ରାମ ନିକଟ ବେଲପଦର ନୟାପାଟଣା ରେଲୱେ ଓଭରବ୍ରିଜ ନିକଟ ରେଲଧାରଣା ପାର୍ଶ୍ୱରେ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ରେଲୱେ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ। ତାଙ୍କ ବୟସ ପ୍ରାୟ ୩୦ବର୍ଷ ହୋଇଥିବାବେଳେ କଳା ରଙ୍ଗ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ରେଲୱେ ପୋଲିସ କହିଛନ୍ତି।

# ସମୁଦ୍ରରେ ଭସାଇଦେଲେ ଛାତ୍ରୀ ମୃତଦେହ

- ସର୍ପ ଦଂଶନରେ ମୃତ୍ୟୁ ଘଟିଥିଲା
- ଆତ୍ମା ଶାନ୍ତି ପାଇବାର ବିଶ୍ୱାସ

ମହାକାଳପଡ଼ା, ୨୩।୯ (ଡି.ଏନ.ଏ.)



ନଦୀରେ ପୂଜାର୍ଚ୍ଚନା ପରେ କଦଳୀ ଭେଳାରେ ମୃତଦେହ ଭସାଯାଉଛି।

ଅନ୍ଧବିଶ୍ୱାସ ଓ ପୁରୁଣା ପରମ୍ପରା ଏବେ ବି ଲୋକଙ୍କ ମନରେ ବଞ୍ଚି ରହିଛି। ତା'ର ଏକ ଉଦାହରଣ ଗୁରୁବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଅଧୀନ ଖରିନାସୀ ଗାଁରେ ଦେଖିବାକୁ ମିଳିଛି। ସ୍ଥାନୀୟ ମାଛ ଜେଟି ନିକଟରେ ରହୁଥିବା ଶ୍ରୀଧାମ ଦାସଙ୍କ ୪ର୍ଥ ଶ୍ରେଣୀରେ ପଢୁଥିବା ଝିଅ ପ୍ରିୟା(୮)ଙ୍କ ବୁଧବାର ରାତିରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ବଙ୍ଗୀୟ ପରମ୍ପରା ଅନୁଯାୟୀ ଗୁରୁବାର ସକାଳେ ପରିବାର ସଦସ୍ୟମାନେ ଏକ କଦଳୀ ଭେଳା ତିଆରି କରାଯାଇ ପୂଜାର୍ଚ୍ଚନା କରିଥିଲେ। ପ୍ରିୟାଙ୍କ ମୃତଦେହକୁ ଭେଳାରେ ରଖି ମହାନଦୀ ଶାଖା ଗଳିଆ ନଦୀ ପାଖକୁ ନିଆଯାଇଥିଲା। ସେଠାରେ ଅନ୍ୟ ଏକ ଡଙ୍ଗାରେ କଦଳୀ ଭେଳାକୁ ହୁକିଟୋଲା ସମୁଦ୍ର ମୁହାଣରେ ଭସାଇ ଦିଆଯାଇଥିଲା। ଏହି ଅଭାବନୀୟ ଦୃଶ୍ୟକୁ ଦେଖିବାକୁ ସ୍ଥାନୀୟ ଲୋକେ ସେଠାରେ ଭିଡ଼ ଜମାଇଥିଲେ। କଦଳୀ ଭେଳାରେ ରହିଥିବା ପ୍ରିୟାଙ୍କ ମୃତଦେହ ସମୁଦ୍ର ମୁହାଣରେ ଭସାଯାଉଥିବା ବେଳେ କାନ୍ଦ ବୋବାଳିରେ ମାଛଧରା ଜେଟି ଫାଟି ପଡିଥିଲା। ପ୍ରିୟାଙ୍କ ମା' ଚେତାଶୂନ୍ୟ ହୋଇପଡିଥିଲେ। ଏଣେ ପ୍ରିୟାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ନ ଥିଲା। ବଙ୍ଗୀୟ ପରମ୍ପରା ଅନୁଯାୟୀ, ସାପ କାମୁଡ଼ାରେ କାହାର ମୃତ୍ୟୁ ଘଟିଲେ ମୃତଦେହକୁ କଦଳୀ ଭେଳାରେ ରଖି ସମୁଦ୍ରରେ ଭସାଇ ଦିଆଯାଇଥାଏ। ଏଥିରେ ମା' ମନସା ସନ୍ତୁଷ୍ଟ ହୁଅନ୍ତି। ମା'ଙ୍କ ନିକଟରେ ମୃତଦେହ ପହଞ୍ଚିଲେ ମୃତକଙ୍କ ଆତ୍ମା ଶାନ୍ତିରେ ରହିବ ବୋଲି ବିଶ୍ୱାସ ରହିଛି।

# ଆଇପିଏଲ୍ ବେଟିଂ ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ଝାରସୁଗୁଡ଼ା ଅଫିସ,୨୩।୯

- ୬ ଲକ୍ଷ ୮୦ହଜାର ଜବତ,୨ ଗିରଫ
- ଦୁବାଇରୁ ମୁମ୍ବାଇ, କଲିକତା ଦେଇ ଓଡ଼ିଶାକୁ ଲମ୍ବିଛି ଚେର



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ୨ ଅଭିଯୁକ୍ତ।

ଦୁବାଇରେ ଆଇପିଏଲ୍ କ୍ରିକେଟ୍ ମ୍ୟାଚ୍ ଚାଲିଥିବାବେଳେ ଅନ୍‌ଲାଇନ୍ ଲିଙ୍କ୍‌ରେ ଏହାର ବେଟିଂ ର୍‍ୟାକେଟ୍ ଦେଶର ବିଭିନ୍ନ ସ୍ଥାନରେ କାମ କରୁଛି। ଏହି ଲିଙ୍କ୍‌ରେ ଲୋକେ ଆସି ମୋଟା ଅଙ୍କର ଅର୍ଥ ରୋଜଗାର କରିବା ଲକ୍ଷ୍ୟରେ ଲକ୍ଷାଧିକ ଟଙ୍କା ଲଗାଇ ସର୍ବସ୍ୱାନ୍ତ ହେଉଛନ୍ତି। ଝାରସୁଗୁଡ଼ାରେ ଏହାର ଲିଙ୍କ୍ ଉନ୍ମୋଚନ କରିବାରେ ପୋଲିସ ସଫଳ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା ଟାଟାଗଳିର ମହମ୍ମଦ ଅକିଲ୍ ଆଜିଜ୍ ମୋତିବାଲା(୩୨) ଓ ଗୋଶାଳାର ହରିଶ ସାହୁ(୩୪)। ଏମାନଙ୍କ ନିକଟରୁ ପୋଲିସ ୬ଲକ୍ଷ ୮୦ହଜାର ଟଙ୍କା, ଏକ ନୋଟ୍‌ବୁକ୍ ଓ ୫ ମୋବାଇଲ୍ ଜବତ କରିଛି। ଏ ନେଇ ପୋଲିସ ଝାରସୁଗୁଡା ଥାନା (କେସ୍ ନଂ୪୭୨/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ଆଇଆଇସି ସାବିତ୍ରୀ ବଳଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ଦାସ କହିଛନ୍ତି, ଝାରସୁଗୁଡ଼ାରେ ଆଇପିଏଲ୍ ବେଟିଂ ର୍‍ୟାକେଟ୍ ଚାଲିଛି ବୋଲି ବିଶେଷ ସୂତ୍ରରୁ ଖବର ମିଳିଥିଲା। ପରେ ଏସ୍‌ଡିପିଓ ମହାପାତ୍ରଙ୍କ ନେତୃତ୍ୱରେ ଆଇଆଇସି ବଳ ଏହାର ତଦନ୍ତ କରି ର୍‍ୟାକେଟ୍ ଠାବ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ହରିଶଙ୍କ ଗୋଶାଳାସ୍ଥିତ ଘରେ ହରିଶ ଓ ଅକିଲ ମୋବାଇଲ୍‌ରେ ଆଇପିଏଲ୍ ବେଟିଂକୁ ନେଇ ଚାଟିଂ କରୁଥିବା ଅବସ୍ଥାରେ ପୋଲିସ ସେମାନଙ୍କୁ ଧରିଥିଲା। ପୋଲିସ ଉଭୟଙ୍କୁ ଜେରା କଲାପରେ ଜଣାପଡିଛି ଏହି ଅନ୍‌ଲାଇନ୍‌ର ଦୁବାଇରେ ରହିଛି ଆଡ୍‌ମିନ୍। ଏହାର ଷ୍ଟକ୍ ଏକ୍‌ଚେଞ୍ଜ ମୁମ୍ବାଇରେ ରହିଥିବାବେଳେ କଲିକତା ଦେଇ ଓଡ଼ିଶାକୁ ଚେର ଲମ୍ବିଛି। ଓଡ଼ିଶାର ଝାରସୁଗୁଡ଼ା ଓ ଅନ୍ୟାନ୍ୟ ଜିଲାରେ ଏହି ବେଟିଂ ଚାଲିଛି। ଏଥିରେ ଆଉ ୪ଜଣ ସମ୍ପୃକ୍ତ ଥିବା ଜଣାପଡିଛି। ଏମାନଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଛି। ଏ ନେଇ ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ବାହାରକୁ ଯାଇ ତଦନ୍ତ କରିବ ବୋଲି ଏସ୍‌ପି ଦାସ କହିଛନ୍ତି।


**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002**
Tel.-MD 0674-2340573, Tel. Fax: 2340096,
E-mail- mdossccltd456@gmail.com

**Tender Call Notice for Purchase of HDPE made Packing Materials for Packing of Seeds**
**No. OSSC/Proc & OC/12/2021**

No.CAD-1367:- Tender through e-procurement Mode through Govt. of Odisha website www.tendersodisha.gov.in from reputed manufactures for supply of **HDPE made Packing Materials for the year 2021-22 for packing of Seeds.** The last date of receipt of tenders is 17.00 hrs. of dt.18.10.2021. Details of tenders can be seen in OSSC's website www.osscltd.in

Sd./- Managing Director, OSSC Ltd., BBSR
OIPR-01045/11/0009/2122



**BPMU, CHC DUNGURIPALI, SUBARNAPUR**
**QUOTATION CALL NOTICE FOR HIRING OF VEHICLE**

No. E-467: Sealed quoations are invited from Travel Agencies / Transporters / Tour Operator / Individuals / Private Organization/NGOs situated withinSubarnapur district for supply of vehicle on monthly hiring basis to be used for **Addl. MHU, RBSK-I & RBSK-II** in CHC, Dunguripali. Last date for submitting the documents is **07.10.2021 upto 5 P.M.** For detail information and documents please visit **www.subarnapur.nic.in**. The authority has reserve the right to cancel the whole process without any notice.

**Sd./- Superintendent, CHC**
**Dunguripali, Subarnapur**
OIPR-10118/11/0007/2122



**ODISHA HYDRO POWER CORPORATION LTD.**
**(A Government of Odisha Undertaking)**
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOI NAGAR, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, e-mail: ohpc.co@gmail.com
CIN: U40101OR1995SGC003963
No. OHPC:TECH:C&P:31/2019-20/6004 Dated: 20.09.2021

**NOTICE INVITING TENDER No. 14/2021-22**

No. CAD-1278: Sealed Tenders are invited from Government registered D & C Class contractors in two part i.e. (i) Techno Commercial Bid & (ii) Price Bid in separate sealed envelopes for the work as mentioned below.

| Description of Services | Cost of tender papers (Non-refundable) in Rs. |
|---|---|
| Civil and Electrical works for Construction of Toilet & Drain at OHPC, Plot No. 324(Pt.), Khata No. 619, Chnadrasekharpur | 2360/- (Rs.2000 + 18% GST) |

**For details of the tender documents, terms & conditions please visit our website www.ohpcltd.com from dt. 27.09.2021.**

OIPR-04012/11/0012/2122 General Manager (C&P)



**ZILLA SWASTHYA SAMITI, BHADRAK**
**DISTRICT PROGRAMME MANAGEMENT UNIT**
**O/O. THE CDM & PHO, DISTRICT - BHADRAK**
**Advertisement No. 10/2021** **Date: 23.09.2021**

**Request for proposal (RFP) for outsourcing of Security Services at the health Institutions of Bhadrak District.**

No. E-464: Sealed proposals as per the prescribed RFP documents are invited from interested eligible bidders for outsourcing of Security Services at the Govt. Health Institutions of the district. The details of the tender are available in the district website **www.bhadrak.nic.in**.
Proposals completed in all respect should reach this office by Speed Post/Registered Post/Courier on before 22.10.2021 (upto 5.00 P.M.) & the technical proposal shall be opened on 26.10.2021 at 4.00 P.M. at the O/o. the CDM & PHO, Bhadrak. The bidders or their representatives may remain present at the time of opening of the proposals.
The undersigned reserves the right to reject any or all the proposals without assigning any reason thereof.

**Sd./- CDM & Public Health Officer, Bhadrak**
OIPR-10123/11/0010/2122



**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**NOTICE**

**No. HFW-CONF-CONP-0052-2021/26196/H&F.W., Date: 18.09.2021**
**To**
**Dr. Somanath Das**
**Ex-Asst. Surgeon, DHH, Bhawanipatna**

No. E-466: Please take notice that you were posted as Assistant Surgeon in DHH, Bhawanipatna, Kalahandi. You are absednt from Government duty since 2005. For your un-authorised absence from Government Duty, one Disciplinary Proceeding under rule 15 was initiated against you and the CDM & PHO, Kalahandi was appointed as Inquiring Officer. Since you did not appear to attend the inquiry, a notice was published in the newspaper directing you to appear on the date of inquiry. Since you did not appear, the inquiry has been held ex-parte. The copy of the inquiry report is now required to be served on you. You are, therefore, informed through this notice to appear before the CDM & PHO, Kalahandi on any working day within a period of 10 days from the date of publication of this notice in the newspaper, receive the Inquiry Report and submit your representation within next fifteen days from the date of receipt of the inquiry report. If you fail to appear before the CDM & PHO, Kalahandi and receive the notice, it will be deemed that the notice has been served and action as deemed proper shall be taken against you ex-parte.

**Sd./- Special Secretary to Government**
**Health and F.W. Department**
OIPR-10001/11/0040/2122



No. D-147

**ବିଜ୍ଞାପନ**

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ:- **ଯୋଗିନ୍ଦ୍ର ଭୋଇ**
କନଷ୍ଟେବଲ ନଂ.:- ୧୨୨
ପିତା:- ପଦ୍ମନାଭ୍ ଭୋଇ
ଗ୍ରାମ:- ନଗ୍ରାବାହାଲ୍
ପୋ:- ସୁବର୍ଣ୍ଣପାଲି
ଥାନା:- କୁଚିଣ୍ଡା
ଜିଲ୍ଲା:- ସମ୍ବଲପୁର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୨୬।୦୪।୨୦୨୧ରିଖ ଅପରାହ୍ନଠାରୁ ତା୦୪।୦୫।୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୮ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ । ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୫।୦୫।୨୦୨୧ରିଖ ପୂର୍ବାହ୍ନରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ:- **ଅମିୟ କୁମାର ନାୟକ**
କନଷ୍ଟେବଲ ନଂ.:- ୬୦୮
ପିତା:- ଅଲେଖ ନାୟକ
ଗ୍ରାମ:- ହାଟସିଂହାପୁର୍
ପୋ:- ସିହାପୁର
ଥାନା:- କୁଆଖିଆ
ଜିଲ୍ଲା:- ଯାଜପୁର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୦୯।୦୪।୨୦୨୧ରିଖ ଅପରାହ୍ନଠାରୁ ତା୦୯।୦୫।୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ୩୦ ଦିନ ଉପାର୍ଜିତ ଛୁଟି ନେଇ ଯାଇଥିଲେ । ଆପଣ, ଆପଣଙ୍କ କାର୍ଯ୍ୟରେ ତା୧୦।୦୫।୨୦୨୧ରିଖ ପୂର୍ବାହ୍ନରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ:- **କ୍ଷୀରୋଦ୍ ବାଗ୍ (U/S)**
କନଷ୍ଟେବଲ ନଂ.:- ୩୦୮
ପିତା:- ଶ୍ୟାମ୍ ସୁନ୍ଦର୍ ବାଗ୍
ଗ୍ରାମ:- ପାଇକ ଡାକୁଲୁଗୁଡା
ପୋ:- ପାଇକ ଡାକୁଲୁଗୁଡା
ଥାନା:- ମୁନିଗୁଡା
ଜିଲ୍ଲା:- ରାୟଗଡ଼ା

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୧୦।୦୬।୨୦୨୧ରିଖ ପୂର୍ବାହ୍ନଠାରୁ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ ଏବଂ ମୁଖ୍ୟ କାର୍ଯ୍ୟାଳୟରୁ ଆପଣ ବିନା ଅନୁମତିରେ କାହାକୁ ନ ଜଣାଇ ତା୧୦।୦୬।୨୦୨୧ରିଖ ଅପରାହ୍ନଠାରୁ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେଉନାହାନ୍ତି । ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।

ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା
OIPR-12029/11/0024/2122

# ଅଲିମ୍ପିକ୍ସ ପଦକ ବିଜେତା ବିଦ୍ୱାନ



ଅଶୋକ ମହାନ୍ତି

(ଭାଗ-୧)

**ସଫଳ କ୍ରୀଡ଼ାବିତ୍‌ମାନେ ପାଠରେ ଦୁର୍ବଳ ବୋଲି ଆମ ସମାଜରେ ଧାରଣା ରହିଆସିଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ସତ୍ୟ ନୁହଁ। ଅଧ୍ୟୟନରେ ସଫଳତା ଶୀର୍ଷରେ ପହଞ୍ଚିଥିବା କେତେ ଜଣ ବ୍ୟକ୍ତି ମଧ୍ୟ ଅଲିମ୍ପିକ୍ସ ପଦକ ହାସଲ କରିବାର ଉଦାହରଣ ରହିଛି। ଏହି ଆଲେଖ୍ୟର ପ୍ରଥମ ଭାଗରେ ୬ଜଣ ଏଭଳି ବିଦ୍ୱାନଙ୍କ କ୍ରୀଡ଼ା ସଫଳତାକୁ ନେଇ ଏକ ଆଲୋଚନା...**

ସାଧାରଣତଃ ଧାରଣା ରହିଛି ଯେ କ୍ରୀଡ଼ାରେ ଉଚ୍ଚମାନର ପାରଦର୍ଶିତା ହାସଲ କରୁଥିବା କ୍ରୀଡ଼ାବିତ୍‌ମାନେ ଅଧ୍ୟୟନ ବା ବୌଦ୍ଧିକ କ୍ଷେତ୍ରରେ ଅପେକ୍ଷାକୃତ ଦୁର୍ବଳ ହୋଇଥାନ୍ତି। ଏହା କିଛି ପରିମାଣରେ ସତ ହେଲେ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ର ଭଳି କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଏହିପରି ବ୍ୟତିକ୍ରମ ବ୍ୟକ୍ତିତ୍ୱ ଅଛନ୍ତି ; ଯେଉଁମାନେ କି ଅଲିମ୍ପିକ୍ସରେ ପଦକ ବିଜେତା ହେବା ସହିତ ପ୍ରତିଷ୍ଠିତ ବିଦ୍ୱାନ ଭାବେ ସ୍ୱୀକୃତି ଲାଭ କରିଛନ୍ତି। ଏହି ଅନନ୍ୟ ସାଧାରଣ ତାଲିକାରେ ଅଛନ୍ତି ନୋବେଲ ପୁରସ୍କାର ବିଜେତା ଖ୍ୟାତନାମା ବୈଜ୍ଞାନିକ, ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟର ପ୍ରଫେସର, ଗ୍ରାଜୁଏଟ୍ସ, ପୋଷ୍ଟଗ୍ରାଜୁଏଟ୍ସ ଏବଂ ଗବେଷକ । ଏହିପରି ୬ ଜଣ ବିଦ୍ୱାନ କ୍ରୀଡ଼ାବିତଙ୍କୁ ନେଇ ଏହି ଉପସ୍ଥାପନା...।

୧) ଆନା କାଜେନ ହୋଫର (Anna Kiesen Hofer) ଜନ୍ମ-୧୯୯୧: ଟୋକିଓ ଅଲିମ୍ପିକ୍ସ ୨୦୨୦ ମହିଳା ରୋଡ଼ ରେସ ସାଇକେଲ୍ ଚାଳନାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଆନା କାଜେନ ହୋଫର ହେଉଛନ୍ତି ଅଷ୍ଟ୍ରିଆର ଜଣେ ପ୍ରତିଷ୍ଠିତ ଗଣିତଜ୍ଞ । ଭିଏନାସ୍ଥିତ ଟେକ୍ନିକାଲ ବିଶ୍ୱବିଦ୍ୟାଳୟରୁ(୧୯୦୮-୧୧) ସ୍ନାତକ ଡିଗ୍ରୀ ହାସଲ କରିଥିବା ଆନା ୨୦୧୨ରେ ଇଂଲଣ୍ଡର ପ୍ରସିଦ୍ଧ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲାପରେ କାଟାଲୋନିଆସ୍ଥିତ ପଲିଟେକ୍ନିକ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି (ଡକ୍ଟରେଟ୍) କରିଛନ୍ତି। ବର୍ତ୍ତମାନ ଗଣିତରେ ପୋଷ୍ଟଡକ୍ଟରେଟ୍ ଫେଲୋ ଭାବେ ଗବେଷଣା ଜାରି ରଖିଛନ୍ତି।

୨) ହାରାଲ୍ଡ ବୋର (Harald Bohr) ୧୮୮୭ - ୧୯୫୧: ଡେନମାର୍କ ଜନ୍ମିତ ପ୍ରସିଦ୍ଧ ଗଣିତଜ୍ଞ ହାରାଲ୍ଡ ବୋର ହେଉଛନ୍ତି ପଦାର୍ଥ ବିଜ୍ଞାନରେ ନୋବେଲ ବିଜେତା ନିଲ୍ସବୋର (Niels Bohr)ଙ୍କ ଭାଇ । ହାରାଲ୍ଡ ୧୯୦୮ ଲଣ୍ଡନ ଅଲିମ୍ପିକ୍ସରେ ଡେନ୍‌ମାର୍କକୁ ଫୁଟବଲରେ

ପ୍ରତିନିଧିତ୍ୱ କରିଥିଲେ। ଫାଇନାଲରେ ଡେନ୍‌ମାର୍କ ଦଳ ଗ୍ରେଟବ୍ରିଟେନଠାରୁ ପରାଜିତ ହେବା ଫଳରେ ସେ ରୌପ୍ୟ ପଦକ ହାସଲ କରିଥିଲେ । ହାରାଲ୍ଡଙ୍କୁ ଗଣିତରେ ଡକ୍ଟରେଟ୍ ଉପାଧି ପ୍ରଦାନ ପାଇଁ ଆୟୋଜିତ ଉତ୍ସବରେ ଗଣିତଜ୍ଞଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଫୁଟବଲ ପ୍ରଶଂସକ ଯୋଗଦେଇଥିଲେ। ହାରାଲ୍ଡ କୋପନ୍‌ହାଗାନ ବିଶ୍ୱବିଦ୍ୟାଳୟରେ ଗଣିତ ପ୍ରଫେସର ଏବଂ ୧୯୩୦-୩୧ରେ ପ୍ରସିଦ୍ଧ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ଭିଜିଟିଙ୍ଗ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ।

୩) ଫିଲିପ୍ ନୋଏଲ ବେକର (Philip Noel Baker) ୧୮୮୯ - ୧୯୮୨: ୟୁନାଇଟେଡ କିଙ୍ଗଡମ୍‌ରେ ଜନ୍ମିତ ନୋଏଲ ବେକର ହେଉଛନ୍ତି ଜଣେ ରାଜନୀତିଜ୍ଞ, କୂଟନୀତିଜ୍ଞ, ବିଦ୍ୱାନ, କ୍ରୀଡ଼ାବିତ ଏବଂ ନୋବେଲ ପୁରସ୍କାର ବିଜେତା। ସେ ହେଉଛନ୍ତି ବିଶ୍ୱର ଏକମାତ୍ର ବ୍ୟକ୍ତି ଯିଏକି ନୋବେଲ ପୁରସ୍କାର ବିଜେତା ଏବଂ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲକାରୀ। ୧୯୧୨ ଷ୍ଟକହୋମ୍ସ କ୍ରୀଡ଼ାରେ ନୋଏଲ ୮୦୦ ମିଟର ଓ ୧୫୦୦ ମିଟରରେ ଭାଗ ନେଇଥିଲେ ମଧ୍ୟ ପଦକ ଜିତିବାରେ ସଫଳ ହୋଇ ପାରି ନ ଥିଲେ । ପରବର୍ତ୍ତୀ ୧୯୨୦ ଆଣ୍ଟୱେର୍ପ ଅଲିମ୍ପିକ୍ସରେ ଗ୍ରେଟ୍ ବ୍ରିଟେନ ପାଇଁ ୧୫୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ବ୍ରିଟେନର ବୈଦେଶିକ ବ୍ୟାପାର ରାଜ୍ୟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିବା ବେଳେ ୧୯୪୮ରେ ଲଣ୍ଡନରେ ଅନୁଷ୍ଠିତ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନରେ ମୁଖ୍ୟ ଭୂମିକା

ଗ୍ରହଣ କରିଥିଲେ। ୧୯୨୪ରୁ ୧୯୨୯ ପର୍ଯ୍ୟନ୍ତ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ବ୍ୟାପାର ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରିବା ସହିତ ୟେଲ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧ୍ୟାପନା କରିଥିଲେ । ୧୯୪୬-୪୭ରେ ଲେବର ଦଳର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ।

୪) ଜୟପାଲ ସିଂ ମୁଣ୍ଡା (Jaipal Singh Munda) ୧୯୦୩-୧୯୭୦: ତତ୍‌କାଳୀନ ବିହାର ରାଜ୍ୟର ଖୁଣ୍ଟିଠାରେ ଜନ୍ମ ଗ୍ରହଣ କରିଥିବା ଜଣେ ମେଧାବୀ ଛାତ୍ର ଭାବେ ଜୟପାଲ ସିଂ ଇଂଲଣ୍ଡର ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସେଣ୍ଟ ଜନ୍ସ କଲେଜରୁ ଅର୍ଥନୀତି ସମ୍ମାନରେ ସ୍ନାତକ ହାସଲ କଲାପରେ ଭାରତୀୟ ସିଭିଲ ସର୍ଭିସ ପାଇଁ ମନୋନୀତ ହୋଇଥିଲେ। ତେବେ ସେ ଉଚ୍ଚ ପଦବୀକୁ ତ୍ୟାଗ କରି ରାୟପୁରସ୍ଥିତ ରାଜକୁମାର କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ଭାବେ ସମ୍ବିଧାନ ପ୍ରସ୍ତୁତିରେ ତାଙ୍କର ବିଶେଷ ଯୋଗଦାନ ଥିଲା । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ହକି ଦଳର ସଦସ୍ୟ ଥିବା ଜୟପାଲ ୧୯୨୮ ଆମଷ୍ଟାରଡାମ ଅଲିମ୍ପିକ୍ସରେ ଭାରତୀୟ ହକି ଦଳରେ ଅଧିନାୟକ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଏବଂ ଏହିଠାରୁ ଭାରତୀୟ ହକିର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଥିଲା ।

୫) ପିଟର ସ୍ନେଲ (Peter Snell) ୧୯୩୮-୨୦୧୯: ନ୍ୟୁଜିଲାଣ୍ଡର ବିଶ୍ୱ ପ୍ରସିଦ୍ଧ ମିଡିଲ୍ ଡିଷ୍ଟାନ୍ସ ରନର ପିଟର ସ୍ନେଲ ୧୯୬୦ ରୋମ ଅଲିମ୍ପିକ୍ସର ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିବା ସହିତ ୧୯୬୪ ଟୋକିଓ ଅଲିମ୍ପିକ୍ସରେ ଉଭୟ ୮୦୦ ଏବଂ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ଏକ ନିଆରା କୀର୍ତ୍ତିମାନ ସ୍ଥାପନ କରିଥିଲେ । ଦେଶ ତରଫରୁ ତାଙ୍କୁ ବିଂଶ ଶତାବ୍ଦୀର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ଦିଆଯାଇଥିଲା। କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ 'ହ୍ୟୁମାନ ପରଫରମାନ୍ସ' ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୱାଶିଂଟନ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରୁ 'ଏକ୍ସରସାଇଜ ଫିଜିଓଲୋଜି'ରେ ଡକ୍ଟରେଟ୍ ଉପାଧି ହାସଲ କରିଥିଲେ । ପିଟର ସ୍ନେଲ ଟେକ୍ସାସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଡାଲାସ୍ ସାଉଥ ୱେଷ୍ଟର୍ନ ମେଡିକାଲ ସେଣ୍ଟରରେ ଇଣ୍ଟରନାଲ ମେଡିସିନ ବିଭାଗରେ ସହଯୋଗୀ ପ୍ରଫେସର ଏବଂ ହ୍ୟୁମାନ ପରଫରମାନ୍ସ ସେଣ୍ଟରର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।



ଆନା କାଜେନ ହୋଫର



ଜୟପାଲ ସିଂ ମୁଣ୍ଡା



ଫିଲିପ୍ ନୋଏଲ ବେକର

୬) ରୋଜର ବାନିଷ୍ଟର (Roger Bannister) ୧୯୨୯-୨୦୧୮: ଇଂଲଣ୍ଡର ବିଖ୍ୟାତ ନ୍ୟୁରୋଲୋଜିଷ୍ଟ ଏବଂ ମିଡିଲ ଡିଷ୍ଟାନ୍ସ ରନର ରୋଜର ବାନିଷ୍ଟର ବିଶ୍ୱର ପ୍ରଥମ କ୍ରୀଡ଼ାବିତଭାବେ ଏକ ମାଇଲ ଦୂରତା ଦୌଡ଼କୁ ୪ ମିନିଟ ମଧ୍ୟରେ ସମାପ୍ତ କରି ଏକ ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ୧୯୫୪ରେ ଭାଙ୍କୋଭରଠାରେ ବ୍ରିଟିଶ ଏମ୍ପାୟର ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୋଜର ୧ ମାଇଲ ଦୂରତା ଦୌଡ଼କୁ ୩ ମି ୫୮.୮ ସେକେଣ୍ଡରେ ଅତିକ୍ରମ କରିଥିଲେ । ଏହା ପୂର୍ବରୁ ୧୯୫୨ ହେଲେସିଙ୍କି ଅଲିମ୍ପିକରେ ୧୫୦୦ ମିଟର ଦୌଡ଼ରେ ବ୍ରିଟିଶ୍ ରେକର୍ଡ କରିଥିଲେ ମଧ୍ୟ ୪ର୍ଥ ସ୍ଥାନରେ ରହିଥିଲେ । ପ୍ରତିଯୋଗିତାମୂଳକ କ୍ରୀଡ଼ାରୁ ଅବସର ନେଲାପରେ ଦୀର୍ଘ ୪୦ ବର୍ଷ ଧରି ଜଣେ ନ୍ୟୁରୋଲୋଜିଷ୍ଟ ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ଅଟୋନୋମିକ ନର୍ଭସ ସିଷ୍ଟମ, କାର୍ଡିଓଭାସ୍କୁଲାର ଫିଜିଓଲୋଜି ଏବଂ ମଲ୍‌ଟିପଲ ସିଷ୍ଟମ ଆଟ୍ରୋଫିର ବିଶେଷଜ୍ଞ ଭାବେ ଦକ୍ଷତା ଅର୍ଜନ କରିଥିଲେ । ଅଲିମ୍ପିକ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ ବିଶ୍ୱ ରେକର୍ଡ ପ୍ରତିଷ୍ଠା ପାଇଁ ତାଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଅଛି ।

**ଏସିଆର ସର୍ବପୁରାତନ ଓ ବିଶ୍ୱର ତୃତୀୟ ସର୍ବପୁରାତନ ଫୁଟବଲ କ୍ଲବ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍ ୧୩୦ ବର୍ଷରେ ପହଞ୍ଚିଛି । ଭାରତର ଏହି ବାର୍ଷିକ ଘରୋଇ ଫୁଟବଲ ଟୁର୍ନାମେଣ୍ଟ ପ୍ରଥମେ ୧୮୮୮ରେ ସିମ୍‌ଲାରେ ଆରମ୍ଭ ହୋଇଥିଲା...**

# ୧୩୦ ବର୍ଷରେ ଡୁରାଣ୍ଡ କପ୍



ରମେଶ ସାହୁ

ସେପ୍ଟେମ୍ବର ୫ରୁ ଐତିହାସିକ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ କୋଲକାତାରେ ଚାଲିଛି। କରୋନାଜନିତ କାରଣରୁ ୨୦୨୦ ମସିହାରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ କେତୋଟି ପ୍ରାରମ୍ଭିକ ଲିଗ୍ ମ୍ୟାଚ୍ ଖେଳାଯାଇ ସାରିଲାଣି। ଅକ୍ଟୋବର ୩ରେ ସରିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦେଶର ମୋଟ ୧୬ଟି ଖ୍ୟାତନାମା ଜାତୀୟସ୍ତରୀୟ ଟିମ୍ ଭାଗ ନେଉଛନ୍ତି। ଡୁରାଣ୍ଡ କପ୍‌କୁ ନୂଆଦିଲ୍ଲୀରୁ କୋଲକାତାକୁ ସ୍ଥାନାନ୍ତର କରାଯାଇଥିଲା ୨୦୧୯ରେ। ଉକ୍ତ ବର୍ଷ ଫାଇନାଲ ମ୍ୟାଚରେ କେରଳର ଗୋକୁଲମ୍ କ୍ଲବ୍ ମୋହନବାଗାନ୍‌କୁ ୨-୧ ଗୋଲରେ ହରାଇ ଡୁରାଣ୍ଡ କପ୍ ହାସଲ କରିଥିଲା। ୧୯୪୦ରେ ଜନ୍ମସ୍ଥାନ ଶିମ୍‌ଲାରୁ ନୂଆଦିଲ୍ଲୀକୁ ସ୍ଥାନାନ୍ତର ହୋଇଥିଲା। ତେବେ ଡୁରାଣ୍ଡ କପ୍ ହେଉଛି ବିଶ୍ୱର ତୃତୀୟ ସର୍ବପୁରାତନ କ୍ଲବ୍ ଟୁର୍ନାମେଣ୍ଟ। ୧୮୮୮ରେ ହିମାଚଳ ପ୍ରଦେଶର ଶିମ୍‌ଲାଠାରେ ଆରମ୍ଭ ହୋଇଥିଲା। ଏହାର ପ୍ରତିଷ୍ଠାତା ଥିଲେ ବ୍ରିଟିଶ୍ ଅଫିସର ସାର୍ ମୋର୍ଟିମାର ଡୁରାଣ୍ଡ। ସେ ବ୍ରିଟିଶ ଶାସିତ ଭାରତର ବିଦେଶ ସଚିବ ଥିଲେ । ତାଙ୍କ କାର୍ଯ୍ୟକାଳ ୧୮୮୪ରୁ୧୮୯୪ ପର୍ଯ୍ୟନ୍ତ ଚାଲିଥିଲା। ଶିମ୍‌ଲାରେ ରହୁଥିଲାବେଳେ ଦିନେ ସେ ଅସୁସ୍ଥ ହୋଇପଡ଼ିବାରୁ କିଛି ଦିନ ନିଜ ସରକାରୀ କାର୍ଯ୍ୟ ସମ୍ପାଦନ କରି ପାରି ନ ଥିଲେ। ଏତିକିବେଳେ ନୀରୋଗ ଜୀବନର ଆବଶ୍ୟକତା କେତେ ତାହାକୁ ସେ ହୃଦ୍‌ବୋଧ କରିଥିଲେ। ତେବେ ସୁସ୍ଥ ହୋଇ ନିଜ କାର୍ଯ୍ୟରେ ଯୋଗଦେବା ପରେ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରତି ଗୁରୁତ୍ୱ ଦେଇ ସାମୂହିକ କ୍ରୀଡ଼ା ଆୟୋଜନରେ ବ୍ରତୀ ହେଲେ। ୧୮୮୮ରେ ତାଙ୍କରି ଉଦ୍ୟମରେ ଶିମ୍‌ଲାରେ ଆୟୋଜନ ହୋଇଥିଲା ଏକ ଫୁଟବଲ ଟୁର୍ନାମେଣ୍ଟ। ଏଥିପାଇଁ ସାର୍ ଡୁରାଣ୍ଡ ଏକ ଟ୍ରଫି ପ୍ରଦାନ କରିଥିଲେ ; ଯାହା ତାଙ୍କ ନାମ ଅନୁସାରେ ଡୁରାଣ୍ଡ କପ୍ ରୂପେ ପରିଚୟ ପାଇଥିଲା। ଏହାର ଫାଇନାଲ ମ୍ୟାଚ ସ୍କଟ୍ସ ଫ୍ୟୁଜିଲର୍ସ କ୍ଲବ ଓ ହାଇଲାଣ୍ଡ ଲାଇଟ୍ ଇନଫେଣ୍ଟ୍ରି କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଫ୍ୟୁଜିଲର୍ସ କ୍ଲବ ୨-୧ଗୋଲରେ ମ୍ୟାଚ୍ ଜିତି ପ୍ରଥମ ଡୁରାଣ୍ଡ କପ୍ ହାସଲ କରିଥିଲା। ୧୮୮୮ରୁ ଆଜିଯାଏ ୧୨୯ ବର୍ଷ ବିତିଗଲାଣି। ଡୁରାଣ୍ଡ କପ୍ ଭାରତ ସମେତ ଏସିଆ ମହାଦେଶର ସର୍ବପ୍ରଥମ କ୍ଲବ ଟୁର୍ନାମେଣ୍ଟ। ବିଶ୍ୱର ପୁରାତନ କ୍ଲବ୍ ଟୁର୍ନାମେଣ୍ଟ ତାଲିକାର ତୃତୀୟରେ ରହିଛି ଡୁରାଣ୍ଡ କପ୍। ଡୁରାଣ୍ଡ କପ୍ ଖେଳାଯାଉଥିବାରୁ ଫୁଟବଲପ୍ରେମୀଙ୍କ ମନରେ ଉତ୍ସାହ ଦେଖାଦେଇଛି। ତେବେ ରେକର୍ଡ କହେ ଶିମ୍‌ଲାରେ ହୋଇଥିବା ଟୁର୍ନାମେଣ୍ଟଗୁଡ଼ିକରେ କେବଳ ସୈନ୍ୟବାହିନୀ କ୍ଲବ୍‌ଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେସବୁ ହେଲେ ବ୍ରିଟିଶ୍ ଭାରତୀୟ ସେନା, ନିୟମିତ ସେନା, ପ୍ରୋଭିନସିଆଲ୍ ଫ୍ରଣ୍ଟିୟର ସିକ୍ୟୁରିଟି ଟୁର୍ନାମେଣ୍ଟ ଏବଂ ସଂରକ୍ଷିତ ବାହିନୀ ଅନ୍ତର୍ଗତ ସ୍ୱେଚ୍ଛାସେବୀ ରେଜିମେଣ୍ଟ ଟିମ୍। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ(୧୯୩୯-୪୫) ଆରମ୍ଭ ହୋଇଯିବା ପରେ ବ୍ରିଟିଶ୍ ସୈନିକମାନେ ଭାରତ ଛାଡ଼ିଦେଇଥିଲେ। ଫଳରେ ପ୍ରଥମ ବିଶ୍ୱଯୁଦ୍ଧ(୧୯୧୪-୧୮) ଭଳି ଡୁରାଣ୍ଡ କପ୍ ବନ୍ଦ ରହିଥିଲା। ଯୁଦ୍ଧ ସରିବା ପରେ ଡୁରାଣ୍ଡ କପ୍ ପୁଣି ଆରମ୍ଭ ହେଲା। ହେଲେ ସେନା କ୍ଲବ ସଂଖ୍ୟା କମିଯିବାରୁ ଟୁର୍ନାମେଣ୍ଟର ଆକର୍ଷଣ କମିଯିବା ଆଶଙ୍କା କରି ଡୁରାଣ୍ଡ ଫୁଟବଲ ଟୁର୍ନାମେଣ୍ଟ ସୋସାଇଟି(ଡିଏଫ୍‌ଟିଏସ୍) ବେସାମରିକ ଟିମ୍‌ମାନଙ୍କୁ ସାମିଲ କରିଥିଲା ; ଯାହାଫଳରେ କୋଲକାତା ସମେତ ପଞ୍ଜାବର ଶକ୍ତିଶାଳୀ ଦଳ ଆଧିପତ୍ୟ ବିସ୍ତାର କରିଥିଲେ। ୧୯୪୦ ମସିହା ଫାଇନାଲରେ ପ୍ରଥମ ଥର କୋଲକାତାର ମହମ୍ମଡାନ୍ କ୍ଲବ୍ ଡୁରାଣ୍ଡ କପ୍ କବ୍‌ଜା କରିଥିଲା। ଦିଲ୍ଲୀର ଇରୱିନ୍ ଆମ୍ଫିଥିଏଟର(ସାଂପ୍ରତିକ ଧ୍ୟାନଚାନ୍ଦ ଷ୍ଟାଡିୟମ) ଷ୍ଟାଡିୟମରେ ଖେଳାଯାଇଥିଲା ଏହି ଫାଇନାଲ। ୧୯୪୭ ଭାରତ ବିଭାଜନ କାଳରେ ଟୁର୍ନାମେଣ୍ଟ ବନ୍ଦ ରହିଥିଲା। ପରେ ଟୁର୍ନାମେଣ୍ଟକୁ ଭାରତୀୟ ସଶସ୍ତ୍ର ବାହିନୀ ଆୟୋଜନ କରିଥିଲା। ଡିଏଫ୍‌ଟିଏସ୍‌କୁ ୩ ସେନା ବାହିନୀ ପରିଚାଳନା କରିଥିଲେ। ୧୯୭୦ ମସିହାରେ ଶକ୍ତିଶାଳୀ ହାଇଦ୍ରାବାଦ ପୋଲିସ ଓ ମାଡ୍ରାସ ରେଜିମେଣ୍ଟାଲ ସେଣ୍ଟର ଟିମ୍ ପ୍ରତିଯୋଗିତାରୁ ଓହରିଯିବାରୁ କୋଲକାତା ଟିମ୍‌ଙ୍କ ପତିଆରା ଦେଖାଯାଇଥିଲା। ଇଷ୍ଟବେଙ୍ଗଲ ଓ ମୋହନ ବାଗାନ୍ ଟିମ୍ ୧୬ଥର ଲେଖାଏ ଚାମ୍ପିୟନ୍ ହୋଇଛନ୍ତି। ପଞ୍ଜାବର ବିଏସ୍‌ଏଫ୍ ଓ ଜେସିଟି ମିଲ ଟିମ୍ ମଧ୍ୟ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ୨ ହଜାର ମସିହା ପରଠାରୁ ଗୋଆ, ମହାରାଷ୍ଟ୍ର, କେରଳ ଦଳଗୁଡ଼ିକ ଏକାଧିକ ଥର କପ୍ ହାସଲ କରିଛନ୍ତି। ଭାରତୀୟ ସଶସ୍ତ୍ର ବାହିନୀ ଟିମ୍ ମଧ୍ୟ ଦୁଇଥର ବିଜୟୀ ହୋଇଛନ୍ତି। ୨୦୧୬ରେ ଆର୍ମିଗ୍ରୀନ୍ ଦଳ ଡୁରାଣ୍ଡ କପ୍ ଜିତିଥିଲା। ୨୦୧୫, ୧୭ ଓ ୧୮ ମସିହାରେ ସ୍ଥଗିତ ରହିଥିଲା। ପ୍ରତ୍ୟେକ ଦଳରେ ୪ ଜଣ ଲେଖାଏ ବିଦେଶୀ ଖେଳାଳି ରଖିବାକୁ ଅନୁମତି ରହିଛି। ଚାମ୍ପିୟନ୍ ଦଳକୁ ୩ଟି ଟ୍ରଫି ପ୍ରଦାନ କରାଯାଏ। ଡୁରାଣ୍ଡ କପ୍, ରାଷ୍ଟ୍ରପତି କପ୍ ଏବଂ ଶିମ୍‌ଲା ଟ୍ରଫି। ତେବେ ପୁରାତନ ଟୁର୍ନାମେଣ୍ଟ ତାଲିକାର ପ୍ରଥମରେ ଅଛି ବ୍ରିଟେନର ଫୁଟବଲ ଆସୋସିଏସନ୍ ଚ୍ୟାଲେଞ୍ଜ କପ୍ ବା ଏଫ୍‌ଏ କପ୍ ଟୁର୍ନାମେଣ୍ଟ। ଡୁରାଣ୍ଡ କପ୍‌ର ୧୭ ବର୍ଷ ପୂର୍ବରୁ ଅର୍ଥାତ୍ ୧୮୭୧ ମସିହାରେ ବିଶ୍ୱର ସର୍ବପ୍ରଥମ କ୍ଲବ ଟୁର୍ନାମେଣ୍ଟ ରୂପେ ଏଫ୍‌ଏ କପ୍ ଆବିର୍ଭାବ ହୋଇଥିଲା। ଅଦ୍ୟାବଧି ଏହାର ଅନେକ ମ୍ୟାଚ୍ ବ୍ରିଟିଶ୍ ଫୁଟବଲ ଇତିହାସରେ ଲିପିବଦ୍ଧ ହୋଇରହିଛି।




# ଜୁନିୟର ଗେଲ୍

**ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ମହିପାଲଙ୍କୁ ଏକଦା ପୂର୍ବତନ କ୍ରିକେଟର ଚନ୍ଦ୍ରକାନ୍ତ ପଣ୍ଡିତ ଜୁନିୟର କ୍ରିସ୍ ଗେଲ୍ ବୋଲି କହିଥିଲେ। ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ତରଫରୁ ପ୍ରତିନିଧିତ୍ୱ କରି ଏହି ୨୧ ବର୍ଷୀୟ ଅଲରାଉଣ୍ଡର ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ବିସ୍ଫୋରକ ବ୍ୟାଟିଂ କରି ଏହାର ପ୍ରମାଣ ଦେଇଛନ୍ତି...**

ଭାରତୀୟ କ୍ରିକେଟରେ ଜଣେ କ୍ରିସ୍ ଗେଲଙ୍କ ଆବିର୍ଭାବ ହୋଇଛି। ବିସ୍ଫୋରକ ବ୍ୟାଟିଂ କରୁଥିବା ରାଜସ୍ଥାନ କ୍ରିକେଟ ମହିପାଲ ଲୋମରରଙ୍କୁ ଗେଲଙ୍କ ସହ ତୁଳନା କରାଯାଉଛି। ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ଦ୍ୱିତୀୟ ଫେଜ୍‌ରେ ସେ ଧୂଆଁଧାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜସ୍ଥାନ ରୟାଲ୍ସ ଅଲରାଉଣ୍ଡର ମହିପାଲ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ପଦାର୍ପଣ କରିଥିଲେ। ସେ ମାତ୍ର ୧୭ଟି ବଲର ସମ୍ମୁଖୀନ ହୋଇ ଦ୍ରୁତ ୪୩ ରନ ସଂଗ୍ରହ କରିଥିଲେ। ଏଥିରେ ୪ଟି ବିଶାଳ ଛକା ଓ ୨ଟି ଚୌକା ସାମିଲ ଥିଲା। ଅଭିଜ୍ଞ ସ୍ପିନର ଆଦିଲ ରସିଦଙ୍କ ଓଭରରେ ସେ କ୍ରମାଗତ ଦୁଇଟି ଛକା ମାରିଥିଲେ। ଏହାପରେ ସ୍ପିନର ଦୀପକ ହୁଡାଙ୍କ ଓଭରରେ ସେ ୨ ଛକା ଓ ୨ ଚୌକା ସହ ୨୪ ରନ ସଂଗ୍ରହ କରିଥିଲେ। ସେ ଭବିଷ୍ୟତର ସୁପରଷ୍ଟାର ବିବେଚିତ ହେଉଛନ୍ତି।

ରାଜସ୍ଥାନର ନାଗୌରରେ ରହୁଥିବା ମହିପାଲ ପିଲାଟି ବେଳୁ କ୍ରିକେଟର ହେବାକୁ ସ୍ୱପ୍ନ ଦେଖୁଥିଲେ। ୨୧ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନ ଲୋମରର ଲେଫ୍ଟ ଆର୍ମ ସ୍ପିନ୍ ବୋଲିଂ ମଧ୍ୟ କରନ୍ତି। ୨୦୧୧ରେ ସେ ଏକ ମ୍ୟାଚ୍ ଖେଳିବାକୁ ମୁମ୍ବାଇ ଯାଇଥିଲେ। ସେଠାରେ ପୂର୍ବତନ କ୍ରିକେଟର ଚନ୍ଦ୍ରକାନ୍ତ ପଣ୍ଡିତ ଉପସ୍ଥିତ ଥିଲେ। ସେ ତାଙ୍କ ପ୍ରତିଭାକୁ ଚିହ୍ନିପାରିଥିଲେ ଓ ଲୋମରରଙ୍କୁ ଜୁନିୟର ଗେଲ ବୋଲି ଡାକିଥିଲେ। ଏହି କଥା ସେ ନିଜ ରାଜସ୍ଥାନ ସାଥୀ ଖେଳାଳିଙ୍କୁ କହିଥିଲେ। ସେବେଠାରୁ ତାଙ୍କୁ ଜୁନିୟର ଗେଲ ବୋଲି ସାଥୀ ଖେଳାଳିମାନେ ମଜାରେ ଡାକିଥିଲେ। ମହିପାଲ ଲମ୍ବା ଶଟ୍ ମାରିବାକୁ ଭଲ ପାଆନ୍ତି। ୧୪ ବର୍ଷରୁ କମ୍ ବାରାକ ସିଲ୍ଡ ଟୁର୍ନାମେଣ୍ଟରେ ସେ ଫାଇନାଲରେ ୨୫୦ ରନ ସଂଗ୍ରହ କରିଥିଲେ। ତାଙ୍କର ଇନିଂସ ଦେଖି ଚନ୍ଦ୍ରକାନ୍ତ ପଣ୍ଡିତ ତାଙ୍କୁ ଜୁନିୟର ଗେଲ ବୋଲି ଅଭିହିତ କରିଥିଲେ। ରାଜସ୍ଥାନ ପାଇଁ ମହିପାଲ ଓ ରିଷଭ ପନ୍ତ ସାଥି ହୋଇ ଖେଳୁଥିଲେ। ଏହି ଦୁଇଜଣଙ୍କୁ ଜୟ-ବୀରୁ ଯୋଡି କୁହାଯାଉଥିଲା। ଏହାପରେ ମହିପାଲ ରାଜସ୍ଥାନରେ ରହିଥିଲେ ଓ ପନ୍ତ ଦିଲ୍ଲୀ ଚାଲିଆସିଥିଲେ। ଆଡାମ ଗୀଲକ୍ରିଷ୍ଟଙ୍କୁ ନିଜର ଆଦର୍ଶ ମାନୁଥିବା ମହିପାଲ ୧୯ ବର୍ଷରେ ରାଜସ୍ଥାନର ନେତୃତ୍ୱ ନେଇଥିଲେ। ସେ ରାଜସ୍ଥାନ ପାଇଁ ୩୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୩୯ରୁ ଊର୍ଦ୍ଧ୍ୱ ଆଭରେଜ୍‌ରେ ୧୯୫୩ ରନ ସଂଗ୍ରହ କରିଛନ୍ତି। ଲିଷ୍ଟ ଏ'ରେ ତାଙ୍କର ହାରହାରି ରନ ସଂଗ୍ରହ ୪୨ ରହିଛି। ଆଇପିଏଲ୍‌ରେ ପ୍ରଥମେ ତାଙ୍କୁ ଦିଲ୍ଲୀ ଡେୟାର ଡେଭିଲ୍ସ କ୍ରୟ କରିଥିଲା। ତେବେ ସେ ଡେବ୍ୟୁ କରିପାରି ନ ଥିଲେ। ଏହାପରେ ସେ ରାଜସ୍ଥାନ ରୟାଲ୍ସ ସହିତ ଜଡିତ ହୋଇଥିଲେ। ଏପର୍ଯ୍ୟନ୍ତ ସେ ୮ଟି ଆଇପିଏଲ ମ୍ୟାଚ୍ ଖେଳି ୧୩୭ ଷ୍ଟ୍ରାଇକ ରେଟ୍‌ରେ ୧୨୦ ରନ ସଂଗ୍ରହ କରିଛନ୍ତି। ସେ ବୋଲିଂରେ ମଧ୍ୟ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ୨୦୧୮ ଆଇପିଏଲ୍ ନିଲାମରେ ରାଜସ୍ଥାନ ତାଙ୍କୁ କ୍ରୟ କରିଥିଲା। ନିଜର ଆକ୍ରମଣାତ୍ମକ ଖେଳ ପାଇଁ ଜଣାଶୁଣା ଥିବା ୫ ଫୁଟ ୯ ଇଞ୍ଚ ଉଚ୍ଚତା ବିଶିଷ୍ଟ ଲୋମରରଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଛି।



ମହିପାଲ ଲୋମରର

# ବହୁ ମାଓବାଦୀ ସାମଗ୍ରୀ ଜବତ

## ତୁଳସୀ ପାହାଡ଼ରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା

ମାଲକାନଗିରି,୨୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ତୁଳସୀ ପାହାଡ଼ରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ପୋଲିସକୁ ସଫଳତା ମିଳିଛି। ଗତ ୨୦ତାରିଖରେ ଏହି ଗୁଳି ବିନିମୟ ହୋଇଥିଲା। ପରେ ତଲାସୀ ବେଳେ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଏସ୍‌ପି ପ୍ରହ୍ଲାଦ ସାହାୟୀ ମୀନା କହିଛନ୍ତି। ଘଟଣାସ୍ଥଳରୁ ୩୦୩ ଅଫୁଟା ଗୁଳି ୪ ରାଉଣ୍ଡ, ଔଷଧ, ଛତା, କିଟ୍ ବ୍ୟାଗ୍, ପୋଷାକ, ମୋବାଇଲ ଚାର୍ଜର, ଟର୍ଚ୍ଚ ଲାଇଟ୍, ଛୁରି, ସ୍କେଲ୍, କଇଁଚି ସହ ବହୁ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି। ୨୦ରେ ତୁଳସୀ ପାହାଡ଼ ନିକଟସ୍ଥ କିରିମିଟି ଜଙ୍ଗଲରେ ମାଓବାଦୀ ନେତା ସୁରେଶଙ୍କ ନେତୃତ୍ୱରେ ଏକ ଶିବିର ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ।



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

# ବସ୍ ଓଲଟି ୪୭ ଚାଷୀ ଆହତ

ଉନ୍ନତ ଚାଷ ତାଲିମ ପାଇଁ ଯାଉଥିଲେ

ସୋରଡ଼ା,୨୩।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡ଼ା ନିକଟ କୁଲାଙ୍ଗୀ-କାଳିଆଘୋଡ଼ା ମଧ୍ୟରେ ଗୁରୁବାର ଏକ ବସ୍ ଓଲଟି ପଡ଼ିବାରୁ ୪୭ ଜଣ ଚାଷୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ସୋରଡ଼ା ଓ ଭଞ୍ଜନଗର ମେଡିକାଲକୁ ପଠାଯାଇଛି।

ଭଞ୍ଜନଗର କୃଷିବିଜ୍ଞାନ କେନ୍ଦ୍ରରେ ଜୈବିକ ପଦ୍ଧତିରେ ଧାନ, ମାଣ୍ଡିଆ, ମକା ଓ କାନ୍ଦୁଲ ଚାଷ ସମ୍ପର୍କରେ ତାଲିମ ଦିଆଯିବାକୁ ସ୍ଥିର ହୋଇଥିଲା। ତେଣୁ ସକାଳ ପ୍ରାୟ ୭ଟାରେ ଗୌଡ଼ଗୋଠ ଗ୍ରାମରୁ ଚାଷୀମାନେ ଭଞ୍ଜନଗର ଅଭିମୁଖେ ବାହାରିଥିଲେ। ସରକାରଙ୍କ ପକ୍ଷରୁ ପ୍ରୋଗ୍ରେସ ଏନ୍‌ଜିଓ ସେମାନଙ୍କୁ ବସ୍ ଯୋଗେ ନେଉଥିଲା। ସୋରଡ଼ା ନିକଟ କୁଲାଙ୍ଗୀ-କାଳିଆଘୋଡ଼ା ନିକଟରେ ବସ୍ ଆଗକୁ ଏକ ବାଇକ୍ ଆସିଯାଇଥିଲା। ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ବସ୍ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଚାଷୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ପଠାଯାଇଛି।




ରାସ୍ତାରେ ଓଲଟି ପଡ଼ିଥିବା ବସ୍।

---

## SUBNARPUR MUNICIPALITY

## SUBARNAPUR MUNICIPALITY
**(SUBARNAPUR MUNICIPALITY-767017)**

E Mail- sonepurm.hud@nic.in

No.4926 Dt.21.9.2021

**INVITATION FOR BIDS NO.- SNP-MUN-05/2021-22 OPEN TENDER**

No.C-1004:- Executive Officer, Subarnapur Municipality invites Item Wise Rate tenders in Double Cover System through ONLINE MODE ONLY for the works below.

| SL No. | Name of the Work | Providing Manpower services to Subarnapur Municipality during 2021-22 |
|---|---|---|
| 1 | No. of Work | 01 No. |
| 2 | Availability of Bid document in Portal | **11.00 AM on dt.22.09.2021 to 05.00 PM on dt.29.09.2021** |
| 3 | Last date of receipt of tender in Portal | **Up to 05.00 PM dt.29.09.2021** |
| 4 | Date and time of Opening of Bid | **11.00 AM dt.30.09.2021** |

Any Corrigendum/Addendum/Date of Extension, if any to the above tender would appear only on the website https://tendersodisha.gov.in

**Sd./- Executive Officer, Subarnapur Municipality**

OIPR-13098/11/0007/2122

---

## WORKS DEPARTMENT
No.B-410

## OFFICE OF THE EXECUTIVE ENGINEER, RAIRANGPUR (R&B), DIVISION

**e-mail: - eerbrairangpur@yahoo.co.in**

**Government of Odisha "e" Procurement Notice**

**Bid Identification No.EE 20 / 2021-22**

1. Nature of work:- **Building Works**
2. Number of works: **01 (One) No. Building Work**
3. Amount put to Tender: - **Rs.26.54 Lakh**
4. Class of Contractor: - **"C" & "B"**
5. Date & Time of availability of bid document in the portal: - **Dt.29.09.2021 at 10:00 AM**
6. Last Date / Time of receipt of bid in the portal: - **Dt.07.10.2021 up to 04:00 PM**
7. Date of opening of bid : - **Dt.08.10.2021 at 11:00 AM**
8. Name & address of the Office inviting bid: - **Executive Engineer, Rairangpur (R&B) Division**
9. The bidders have to participate in **ONLINE** bidding only. Further details can be seen from the e-procurement portal "**http//tendersodisha.gov.in.**" All future corrigendum will be available on ONLINE mode only.

**Sd./- Rairangpur Engineer**
**Rairangpur (R&B) Division**

OIPR-34041/11/0006/2122

---

## OFFICE OF THE SUPERINTENDING ENGINEER, RWS&S DIVISION, BHADRAK

Tel.: 06784-240979, e-mail: rwssdivisionbhadrak@gmail.com

**NATIONAL COMPETITIVE BIDDING THROUGH e-Tendering**

**1st Corrigendum to Bid ID No. 07 of 2021-2022 Tender Call Notice Memo No. 4825 Dt.09.09.2021**

No. O-748: Remaining unaltered of all other terms and conditions, the following changes are hereby made to Bid identification No. 07 of 2021-2022 of the Superintending Engineer RWS&S Division, Bhadrak by virtue of this Corrigendum.

| As per Original TCN | : | As per Corrigendum |
|---|---|---|
| Date and time availability of documents in the portal **22.09.2021 to 04.10.2021 upto 5.30 P.M.** | : | Date and time of availability of document in the portal **28.09.2021 to 07.10.2021 upto 10.00 A.M.** |
| Date & time of seeking clarification **22.09.2021 to 01.10.2021 upto 5.30 P.M.** | : | Date & time of seeking clarification **28.09.2021 to 05.10.2021 upto 5.30 P.M.** |
| Last date and time of bidding online **04.10.2021 upto 5.30 P.M.** | : | Last date and time of bidding online **07.10.2021 upto 10.00 A.M.** |
| Date & time of opening of tender bid **05.10.2021 at 11.00 A.M.** | : | Date & time of opening of tender bid **Dt.07.10.2021 at 11.30 A.M.** |

**Sd./- Superintending Engineer**
**RWS&S Division, Bhadrak**

OIPR-25020/11/0010/2122

---

## GOVERNMENT COLLEGE OF ENGINEERING, KEONJHAR

**(Formerly Orissa School of Mining Engineering [Degree Stream], Keonjhar)**

**At : Jamunalia, P.O.: Old Town, Dist.- Keonjhar, Pin: 758002 (Odisha)**

**Web: www.gcekjr.ac.in / Mail id- principal@gcekjr.ac.in**

**Advertisement No.: 858 Date: 22.09.2021**

**EXTENSION OF LAST DATE FOR SUBMISSION OF APPLICATION FOR RECRUITMENT OF REGULAR PROFESSOR AND ASSOCIATE PROFESSOR**

No.KK-98:- In continuation to this office advertisement No. 705. Dt.13.08.2021, this is for information of all concerned that the last date of submission of application for the recruitment of regular position of Professor and Associate Professor is extended up to Dt. 21.10.2021. The details are available at the Institute website www.gcekjr.ac.in.

**PRINCIPAL**

OIPR-14088/11/0003/2122

---

## OBSERVATION HOME & SPECIAL HOME, ANGUL

**No. 510/OH & SH, Angul Dated: 20.09.2021**

**ADVERTISEMENT**

No. g-37: Applications are invited from the eligible candidates for different posts on purely temporary basis and process of engagement is laid down in the resolution No. 10102/WCD-CW-MISC-0023/2020 Dt.15.09.2020 issued by the Women & Child Development Department, Government of Odisha, Bhubaneswar.

Eligible candidates may submit their applications with all required documents addressed to the Superintendent of Observation Home & Special Home, Angul latest by 21.10.2021 by E-mail **superintendentprobationhostel7@gmail.com/supdtphangul.od@nic.in, Speed/Registered Post** only. Separate application in sealed cover has to be submitted for each post quoting for the post applied for on the top of the envelope. Applications received after due date or time will be rejected. The authority reserves the rights to cancel the application to any post without assigning any reason thereof. Selection of candidates will be made on the basis of merit. The details of eligibility, criteria, application form, other terms and conditions are available in the district **website: www.angul.nic.in**.

**Sd./- Superintendent**
**Observation Home & Special Home, Angul**

OIPR-24012/11/0020/2122

---

No. CAD-1251

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

**Tender Call Notice No. BBSR/ELECT/E4041/P-1/19-20/2223/Dt.17.09.21**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Delivery, Installation, Testing and Commissioning of 13 Passenger Microprocessor based Elevator with associated Electrical installation works of Old Age Home at Khandamal under SSPED.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **D.H. (Elect.), IDCO, IDCO Tower, Janpath, Bhubaneswar** | Bid ID No. BBSR/ ELECT/e-10/21-22 | 24.09.2021 at 17.00 hrs. | 04.10.2021 at 17.00 hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

**Sd./- Divisional Head (Elect)**
**IDCO, Bhubaneswar**

OIPR-14003/11/0064/2122

---

**GOVT. OF ODISHA**

## DIRECTORATE OF HORTICULTURE

**KRUSHI BHAWAN, NEAR STATE GUEST HOUSE, GOPABANDHU MARG, BHUBANESWAR, ODISHA, PIN CODE - 751001**

**Advt. No. DHO-SECIII-MISC-0017/2020/47 Dated: 20.09.2021**

**EMPANELMENT OF VEGETABLE MINIKIT SUPPLIERS FOR RABI - 2021-22**

No. L-62: The Director of Horticulture invites Expression of Interest in sealed cover from Central/State Seed Organisation/ PSUs, National Level Institutes/PSUs, State Level Institutes/ PSUs during Rabi - 2021-22 for empanelment of suppliers for sale of Vegetable Minikit to the farmers of Odisha during Rabi 2021-22. The sealed Expression of Interest should be submitted to this Directorate on or before 25.10.2021 by 5.30 P.M. through Registered Post/Speed Post (Indian Post)/Courier Service only. The sale will be opened on 26.10.2021 at 11.00 A.M. in the Training Hall at Ground Floor of Krushi Bhawan. The sealed envelope should be superscripted with **"Empanelment of Suppleirs of Vegetable Minikit during Rabi - 2021-22"**. The details including terms and conditions of the Expression of Interest is available on the website.

**http://odisha.gov.in/**
**http://odihort.nic.in/**

**Sd./- Director of Horticulture**
**Odisha, Bhubaneswar**

OIPR-01038/11/0010/2122

---

**GOVERNMENT OF ODISHA**

## EXCISE DEPARTMENT

**ADVERTISEMENT**

**CONTRACTUAL ENGAGEMENT OF RETIRED JUNIOR/SENIOR SCIENTIFIC OFFICERS**

**No. EXC-FE-MISC-0013/2017/4525/Ex., Bhubaneswar, Dated the 20.09.2021**

No. F-144: Applications are invited from the interested retired Junior/ Senior Scientific Officers for engagement as **"Assistant Chemical Examiner"** on contractual basis against one sanctioned vacant posts of Assistant Chemical Examiner to manage the Divisional Excise Chemical Testing Laboratory at Cuttack under Excise Department as per the terms & conditions stipulated in the erstwhile General Administration Department Resolution No. 23750/Gen., Dt.27.08.2014 for a period of one year or till completion of process of direct recruitment, whichever is earlier.

2. The engagement shall be made with a consolidated remuneration as fixed by the Finance Department vide their O.M. No. 7022/F., Dt.17.03.2018. The tenure of engagement can be extended by way of renewal subject to proper assessment on the basis of satisfactory performance of the person concerned.

3. Junior/Senior Scientific Officer, who have retired from Government service on attaining the age of superannuation and below the age of 65 (Sixty five) years having good track of service records and are physically fit, may apply in the prescribed format to the Principal Secretary to Government, Excise Department, Odisha, Bhubaneswar by Post so as to reach Excise Department on or before 11th October' 2021.

4. The detailed guidelines indicating the eligibility criteria, terms and conditions laid down vide Resolution No. 23750/Gen., Dt.27.08.2014 of erstwhile General Administration Department and Application Form along with Finance Department Office Memorandum No. 7022/F., Dt.17.03.2018 may be downloaded from the website of Excise Department at **https://excise.odisha.gov.in**.

**Sd./- Additional Secretary to Government**

OIPR-36001/11/0001/2122

---

## OFFICE OF THE DEAN AND PRINCIPAL S.C.B. MEDICAL COLLEGE, CUTTACK

**SHORT TENDER NOTICE**

**Short Tender No. 8994 Dt.21.09.2021**

No. E-461: Sealed tenders are invited from the bidders for engagement of catering service agency for Platinum Jubilee Celebration at SCB Medical College, Cuttack for the financial year 2021-22. The bidders should furnish their Technical and Financial proposal in two separate envelope. The tender will be opened on scheduled date and time in Office of the undersigned in presence of the bidders or their authorized representatives. In the event of the date being declared as a holiday for Government of Odisha, the due date of submission of bids and opening of bids will be the next working day. The bidders may download the tender documents directly from this College's website available at **http://scbmch.in** and also can be obtained from the Budget Section of Office of the Dean & Principal, S.C.B. Medical College, Cuttack. The cost of tender paper is Rs.1000/- (Non-refundable) by a Bank Draft/ Demand Draft in favour of **"Dean & Principal, S.C.B. Medical College, Cuttack"** payable at Cuttack from any Nationalized Bank. Any tender received after the due date & time will be rejected and returned to the sender un-opened. The tender will be received through **Regd. Post/Speed Post** only.

i. Cost of Tender Paper : 1000.00
ii. Date of Sale of Tender Paper : 24.09.2021
iii. Last date of receipt of Tender Paper : 05.10.2021
iv. Details of Opening of the Technical Bid : 07.10.2021
v. Place of Opening of Tender Paper : Dean & Principal's Office

**Sd./- Dean and Principal**
**SCB Medical College, Cuttack**

OIPR-10039/11/0011/2122

---

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

**DISTRICT PROGRAMME MANAGEMENT UNIT**

**Letter No. 3165/DPMU-SNG/21-22 Dated: 21.09.2021**

**TENDER CALL NOTICE No. 05/2021-22**

No. E-463: Sealed tendes are invited from the interested bidder for the civil work under NHM, Sundargarh. The detail of **works, eligibility, estimated cost and cost of tender paper** has been uploaded in the district website **www.sundergarh.nic.in**. The bidder should be **B or C Class Contractor**. They have to submit the bid document to the undersign in the address of **Office of the Chief District Medical & Public health Officer, Sundargarh, Dist.- Sundargarh, ODISHA, PIN - 770001** through Registered Post/Speed Post only on or before **07.10.2021, 5.30 P.M.** The sale of tender paper will be from dated **23.09.2021** to dated **05.10.2021** in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated **08.10.2021 at 11.00 A.M.** in the office of the undersigned in the presence of the bidders or his/her representatives.

**Sd./- Chief District Medical & Public Health Officer-cum-District Mission Director, Sundargarh**

OIPR-10100/11/0019/2122

---

**OFFICE OF THE PRINCIPAL, JHARSUGUDA ENGINEERING SCHOOL, JHARSUGUDA**
**(A Govt. of Odisha Polytechnic) Established :- 1955**
**At:-Badheimunda Chowk, PO-Kalimandir Road, Dist:- Jharsuguda-768 202 (Odisha)**
**Tele FAX-06645291605, Website- www.jesjsg.org.in, Email- principal_jes@rediffmail.com**
**Misc Notice No..1191./JES Dated 20.09.2021**

**WALK-IN-INTERVIEW FOR**

**ENGAGEMENT OF PART TIME GUEST FACULTIES & PART TIME LAB ASSISTANTS DURING ACADEMIC SESSION 2021-22**

No.KK-95:- Interested candidates having requisite qualification and possessing PAN Card and Aadhaar Card may attend the Walk-In–interview with all original testimonials from HSC onwards along with the detailed Curriculum Vitae and a set of self attested Xerox copies of certificate and mark sheets and two nos of colour photographs as per the schedule given below. The engagement is purely need base, part time and temporary. The rate of remuneration is per class basis as approved by Govt. Accordingly the interested candidate shall report to the concerned Head of the Department from 10 A.M. to 11 A.M. maintaining all safety protocols of COVID-19 guidelines. No TA/DA will be paid for attending the interview.

| Type | Discipline | Minimum Qualification | Date and time of Interview |
|---|---|---|---|
| Part Time Guest Faculties (PTGF) | Civil, Electrical, Mechanical, Electronics & Telecommunication | Bachelor Degree in Engg./Technology in concerned discipline with First Class or equivalent. | 29.09.2021, 11:00 A.M. |
| | Mathematics, English | First class Master 's degree in concerned discipline. | |
| | Information Technology | First class B. Tech in Computer Science/Information Technology. | |
| Part Time Guest Lab Assistants (PTGLA) | Chemistry/Physics | First class B.Sc with P-C-M (CBZ candidates will be considered if PCM candidates are not available for Chemistry only) | 30.09.2021, 11:00 A.M. |
| | Computer Application | First class Diploma in Computer Science/Information Technology. | |
| | Civil , Mechanical, Electrical, Electronics & Telecommunication | First class Diploma in concerned subject | |
| | Workshop | First class Diploma in Mechanical Engineering. | |

NB:-Preference/ weightage will be accorded to candidates with teaching experience in Diploma Institutions. Candidates having undergone at least Auto CAD/ CAM training from reputed organization like CTTC, CIPET etc will be preferred / accorded weightage for selection of PTGF in Civil & Mechanical Engg. Disciplines. The undersigned reserves the right to cancel any or all candidature without assigning any reason thereof.

OIPR-14015/11/0001/2122 **Sd/- PRINCIPAL, JES, JHARSUGUDA**

---

Your classified advertisement published in Dharitri will be listed free in Dharitri online edition :
www.
dharitri.
com

---

**GOVERNMENT OF ODISHA**

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR

**Tel.-0663-2548268, E-mail Id serwcirclesbp@yahoo.com**

**Office Order No. 2550/ Dated 21.09.2021**

No.O-746:-

**RFP Identification No. Online tender RWCSBP-21**

1. **Name of work:** "Consultancy Services for Engagement of a Consultant for preparation of Detailed Project Report (DPR) including alignment finalization, hydraulic particulars, geotechnical investigation, preparation of G.A.D., preparation of G.F.C. drawing with detailed component structural design, detailed estimate with rate analysis location wise, BOQ & BID documents for construction of the bridge over Jeera river at 1/600 Km. on Pat Talgaon to Grindola PS road under BSY scheme.
2. **Cost of document:** The bidder shall transfer online through e-tendering process the cost of the RFP document of Rs.6000/- (Non-refundable) the receipt of which schould be uploaded along with the Technical proposal.
3. **Security deposit:** Earnest Money Deposit (EMD) declaration should be given as per RFP format annexed at Annexture-III in accordance with Finance Department OM No. 8943 at 18.03.2021 and Works Department OM No.5984 dt.27.04.2021.
4. **Other details:**

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Last date of receipt of hard copy of technical proposal at RWC, Sambalpur | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical bid | Financial bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Rural Works Circle, Sambalpru | Online Tender RWCSBP-21 | 24.09.2021 10.00 A.M. | 16.10.2021 upto 5.00 P.M. | 30.09.2021 upto 5.00 P.M. | 21.10.2021 at 5.30 P.M. | 22.10.2021 at 11.30 A.M. | To be intimated later |

- Further details can be seen from the e-procurement portal www.tendersorissa.gov.in (https//tendersodisha.gov.in).
- Subsequent modification / corrigendum / addendum if required shall appear in website only.

**Sd./- Cheif Construction Engineer, Rural Works Circle, Sambalpur**

OIPR-25091/11/0027/2122

---

## ODISHA STAFF SELECTION COMMISSION

**Barrack No.-1, Unit-V, Bhubaneswar-751054**

**No.: IIE-79/2017/2751/OSSC** **Date: 22.09.2021**

**NOTICE**

No. T-58: Pursuant to Advertisement No. 4334/OSSC Dated: 26.12.2017 and Notice No. 2590/OSSC dated 14.09.2021 the **Main Written Examination** for the Post of **Inspector of Legal Metrology & Laboratory Assistant - 2017** will be held on **07.10.2021 & 08.10.2021** through Computer Based Recuritment Examination (CBRE) mode at different places of the State as per the following programme.

**Programme**

| Date of Examination | Paper | Subject | Reporting Time | Gate Closure Time | Exam. Timing |
|---|---|---|---|---|---|
| 07.10.2021 & 08.10.2021 | Paper - I | Composite Paper: Odia, English, General Studies | 8.30 A.M. | 9.30 A.M. | 10.00 A.M. to 12.00 Noon |
| | Paper - II | Technical Paper | 1.00 P.M. | 2.00 P.M. | 2.30 P.M. to 4.30 P.M. |

Candidates concerned are advised to download their Admission Letter in the Link provided in the Home Page **(What's New)** of the website of the Commission **www.ossc.gov.in** from **01.10.2021** onwards by logging-in their **Application No. & Date of Birth** to appear the examination in the venue on the date & time mentioned therein.

The PwD candidates who actually require to use the facility of scribe may visit the Advisory Notice No. 3453/ OSSC dated 24.10.2029, available in the website of the Commission. They have to submit the required documents in the prescribed format (APPENDIX-I & II) along with the documents as pointed out in the Notice only through e-mail **orissassc@gmail.com** by **28.09.2021** for taking necessary permission of the Commission. No otehr mode of correspondence in this regard will be entertained and request'(s) received beyond the said date will not be considered.

**Protocol of COVID-19 like use of sanitizer, social distancing and wear of three layer mask must be adhered to during the examination.**

By Order of the Commission
**Sd./- Secretary**

**OIPR-09005/11/0041/2122**

---

**GOVERNMENT OF ODISHA**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**e-Procurement Notice for PMGSY Phase-III (Batch-II) works (2021-22)**

**PRADHAN MANTRI GRAM SADAK YOJANA (PMGSY)**

**Bid Identification No. PMGSY-Online-BLGR-12/2021-22**

No. O-747: **The Chief Construction Engineer, R.W. Circle, Bolangir on behalf of Odisha State Rural Road agency invites the percentage rate bids** in electronic tendering system for construction of roads under Pradhan Mantri Gram Sadak Yojana in the districts of **Bolangir for 1 (One)** number of package with approximate estimated cost totaling to **Rs.10.10 Cr.** including their maintenance for five years from the eligible contractors registered with **State PWD/CPWD/MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferebly within a month of the deadline for bid submission, but prior to signing of the contract.

Date of release of Invitation for Bids through e-prcourement **Dtd.21.09.2021**.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) original bid security declaration in approved format. (c) Original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Bolangir**, on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

**Last date/time for receipt of bids through e-procurement 04.10.2021 upto 5.00 P.M.** For further details please log on to **www.pmgsytenders.gov.in**.

**Sd./- Chief Construction Engineer**
**R.W. Circle, Bolangir**

OIPR-25118/11/0015/2122

## ସଂକ୍ଷେପରେ

### ୩.୧୯ ଲକ୍ଷ ଗ୍ରାହକ ଯୋଡ଼ିଲା ଜିଓ

**ଭୁବନେଶ୍ୱର,୨୩।୯:** ରିଲାଏନ୍ସ ଜିଓ ଚଳିତ ବର୍ଷ ଜୁଲାଇରେ ଓଡ଼ିଶାରେ ୩.୧୯ ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଡାଟା ମୁତାବକ, ଏୟାରଟେଲ ୧୫,୮୮୭ ଏବଂ ବିଏସ୍‌ଏନ୍‌ଏଲ୍ ୮୧୦୯ ଗ୍ରାହକ ଯୋଡିଥିବା ଜଣାପଡ଼ିଛି। ଭୋଡା ଆଇଡିଆ ଓଡିଶାରେ ୬୪,୩୩୩ ଗ୍ରାହକଙ୍କୁ ହରାଇଛି। ରିଲାଏନ୍ସ ଜିଓ ଓଡିଶା ଟେଲିକମ ବଜାରରେ ଜିଓର ବଜାର ଅଂଶ ୪୩.୭% ରହିଛି। ଏୟାରଟେଲ ୩୧.୮୯%, ବିଏସ୍‌ଏନ୍‌ଏଲ୍ ୧୮.୩୫% ଏବଂ ଭୋଡାଫୋନ ଆଇଡିଆ ୬.୦୬% ବଜାର ଅଂଶ ହାସଲ କରିଥିବା ଜଣାପଡିଛି। ସାରା ଦେଶ କଥା ବିଚାରକୁ ନେଲେ ଜିଓ ସହ ଏୟାରଟେଲ ନୂଆ ଗ୍ରାହକ ଯୋଡିବାକୁ ସକ୍ଷମ ହୋଇଛନ୍ତି। ଭୋଡାଫୋନ ଆଇଡିଆ ୧୪.୩ ଲକ୍ଷ ଗ୍ରାହକ ହରାଇଛି। ଜିଓ ୬୫.୧ ଲକ୍ଷ ଗ୍ରାହକ ଯୋଡିଥିବା ବେଳେ ଭାରତୀ ଏୟାରଟେଲ ୧୯.୪୨ ଲକ୍ଷ ନୂଆ ଗ୍ରାହକ ସାରା ଦେଶରେ ଲାଭ କରିଥିବା ଜଣାପଡ଼ିଛି।

### ଆଇଟି ପୋର୍ଟାଲ ସମସ୍ୟା ସମାଧାନକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨୩।୯:** ଆୟକର ବିଭାଗ (ଆଇଟି) ପୋର୍ଟାଲରେ କିଛି ୟୁଜର ଏବେ ମଧ ଅସୁବିଧା ସାମ୍ନା କରୁଛନ୍ତି। ୟୁଜରଙ୍କ ସମସ୍ୟା ସମାଧାନ ଲାଗି ପ୍ରୟାସ ଜାରି ରହିଥିବା ଇନ୍‌ଫୋସିସ ଗୁରୁବାର କହିଛି। ସମସ୍ୟାକୁ ତ୍ୱରିତ ଭିତ୍ତିରେ ସମାଧାନ କରାଯିବ। ଏଥିଲାଗି ଆୟକର ବିଭାଗ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା କମ୍ପାନୀ କହିଛି। ଜୁନ ମାସରେ ପୋର୍ଟାଲ ଉନ୍ମୋଚନ ହେବା ପରଠାରୁ ଏଥିରେ ସମସ୍ୟା ଲାଗି ରହିଛି। ୟୁଜର ବିଭିନ୍ନ ସମସ୍ୟା ସାମ୍ନା କରିବା ପରେ ସେମାନଙ୍କ ଅସନ୍ତୋଷ ଜାହିର କରିଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏଥିରେ ହସ୍ତକ୍ଷେପ କରିବା ସହ କମ୍ପାନୀକୁ ସେପ୍ଟେମ୍ବର ୧୫ ଯାଏ ମହଲତ ଦେଇଥିଲେ। ଏହା ମଧରେ ଆଇଟି ପୋର୍ଟାଲର ସବୁ ସମସ୍ୟାକୁ ଖୋଜି ବାହାର କରିବା ସହ ଲୋକମାନେ ରିଟର୍ନ ଫାଇଲ କରିବା ବେଳେ ଯେଭଳି କୌଣସି ସମସ୍ୟା ସାମ୍ନା ନ କରିନ୍ତି ତାକୁ ଧାନରେ ରଖିବାକୁ କମ୍ପାନୀକୁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ରହିଥିଲା।

## ବିଶ୍ୱ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍

# ୨୩ତମ ସ୍ଥାନରେ ବେଙ୍ଗାଲୁରୁ

**ନୂଆଦିଲ୍ଲୀ,୨୩।୯**

ବିଶ୍ୱର ୩୦ ପ୍ରମୁଖ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧରେ ବେଙ୍ଗାଲୁରୁ ୨୩ତମ ସ୍ଥାନରେ ରହିଛି। ନୀତି ଏବଂ ଗବେଷଣା ପ୍ରତିଷ୍ଠାନ ଷ୍ଟାର୍ଟଅପ୍ ଜିନୋମ ପକ୍ଷରୁ ଦି ଗ୍ଲୋବାଲ ଷ୍ଟାର୍ଟଅପ୍ ଇକୋସିଷ୍ଟମ ରିପୋର୍ଟ ୨୦୨୧ ପ୍ରକାଶ ପାଇଛି। ଏହି ରିପୋର୍ଟରେ ନୂଆଦିଲ୍ଲୀ ୩୬ତମ ସ୍ଥାନରେ ରହିଛି। ୨୦୨୦ ରିପୋର୍ଟରେ ବେଙ୍ଗାଲୁରୁ ୨୬ତମ ସ୍ଥାନରେ ରହିଥିବା ବେଳେ ବର୍ତ୍ତମାନ ୩ଟି ସ୍ଥାନକୁ ଉନ୍ନୀତ ହୋଇଛି। ପାଣ୍ଠି, ସଂଯୋଗ ବ୍ୟବସ୍ଥା ଏବଂ ଜ୍ଞାନ ଭଳି କ୍ଷେତ୍ରରେ ରେଟିଂରେ ଉନ୍ନତି ହେବା ଯୋଗୁ ବେଙ୍ଗାଲୁରୁ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ପରିଲକ୍ଷିତ ହୋଇଛି। ସେହିଭଳି ଏମର୍ଜିଂ ଇକୋସିଷ୍ଟମ କ୍ଷେତ୍ରରେ ମୁମ୍ବାଇ ପ୍ରମୁଖ ସ୍ଥାନରେ ରହିଛି।

ଏହି ତାଲିକାର ପ୍ରଥମ ସ୍ଥାନରେ ସିଲିକନ ଭ୍ୟାଲି ରହିଛି। ଏହା ପରେ ନ୍ୟୁୟର୍କ ସିଟି ଏବଂ ଲଣ୍ଡନ ରହିଥିବା ଜଣାପଡ଼ିଛି। ଚତୁର୍ଥ ସ୍ଥାନରେ ବେଜିଂ ଏବଂ ପଞ୍ଚମ ସ୍ଥାନରେ ବୋଷ୍ଟନ ରହିଛି। ବେଙ୍ଗାଲୁରୁର ଇକୋସିଷ୍ଟମ ଭାଲ୍ୟୁ ୫୩ ବିଲିୟନ ଡଲାର ଛୁଇଁଛି। ଏକଜିଟ ଭାଲ୍ୟୁଏଶନ ଏବଂ ଷ୍ଟାର୍ଟଅପ୍ ଭାଲ୍ୟୁଏଶନ ଆଧାରରେ ଏହା ପ୍ରସ୍ତୁତ ହୋଇଛି। ବିଶ୍ୱ ସ୍ତରକୁ ଦେଖିଲେ ଏହା ହାରାହାରି ୧୦.୫ ବିଲିୟନ ଡଲାର ରହିଛି। ବେଙ୍ଗାଲୁରୁରେ ୪ ହଜାର ଷ୍ଟାର୍ଟ ଅପ୍ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କମ୍ପାନୀଗୁଡିକ ୧.୪ ବିଲିୟନ ଡଲାରର ପୁଞ୍ଜି ଉଠାଣ କରିଥିଲେ। ଚଳିତ ବର୍ଷ ପ୍ରଥମ ୬ ମାସରେ ଭାରତୀୟ ଷ୍ଟାର୍ଟ ଅପ୍‌ଗୁଡିକ ୧୨.୧ ବିଲିୟନ ଡଲାରର ପୁଞ୍ଜି ଉଠାଣ କରିଛନ୍ତି। ଅଗଷ୍ଟ ସୁଦ୍ଧା ସାରା ଦେଶରେ ୨୪ ୟୁନିକର୍ନ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛନ୍ତି।




ଷ୍ଟାର୍ଟଅପ୍ ଜିନୋମ ରିପୋର୍ଟ ମୁତାବକ, ବିଶ୍ୱ ଷ୍ଟାର୍ଟଅପ୍ ଅର୍ଥ ବ୍ୟବସ୍ଥାର ମୂଲ୍ୟ ୩.୮ ଲକ୍ଷ କୋଟି ଡଲାର ରହିଛି। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଉତ୍ତର ଆମେରିକା ପତିଆରା ଜାରି ରଖିଛି। ଶୀର୍ଷ ୩୦ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧରେ ପ୍ରାୟ ୫୦% ଏହି ସ୍ଥାନରୁ ଆସୁଥିବା ଜଣାପଡ଼ିଛି। ଏସିଆର ଭାଗ ୨୭% ଏବଂ ୟୁରୋପର ଅଂଶ ୧୭% ରହିଛି। ଏମର୍ଜିଂ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ରହିଥିବା ଟପ୍ ୧୦୦ର ଭାଲ୍ୟୁ ୫୪୦ ବିଲିୟନ ଡଲାର ରହିଛି। ଗତ ବର୍ଷ ତୁଳନାରେ ଏଥିରେ ୫୫% ବୃଦ୍ଧି ଘଟିଛି। ୨୦୧୧ରୁ ୨୦୨୦ ମଧରେ ଏମର୍ଜିଂ ଇକୋସିଷ୍ଟମ ୧୨୪ ବିଲିୟନ ଡଲାର ଷ୍ଟାର୍ଟଅପ୍ ସ୍ଥାପନ କରିଛନ୍ତି। ୫୩ ଇକୋସିଷ୍ଟମ ଏ କ୍ଷେତ୍ରରେ ପ୍ରମୁଖ ଯୋଗଦାନ ରଖିଛନ୍ତି। ୨୦୧୬ରେ ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆମେରିକା ୟୁନିକର୍ନ ସୃଷ୍ଟି କରିବା ଆରମ୍ଭ କରିଦେଇଥିଲେ। ୨୦୧୮ରେ ଲାଟିନ ଆମେରିକାରେ ଏହି ଧାରା ଆସିଥିଲା। ବର୍ତ୍ତମାନ ଏସିଆ ଏ କ୍ଷେତ୍ରରେ ଆଗରେ ରହିଛି। ବିଲିୟନ ଡଲାର କ୍ଲବରେ ଏସିଆର ୩୬% ସଂସ୍ଥା ସାମିଲ ହୋଇପାରୁଛନ୍ତି। ଏହା ପରେ ପରେ ଉତ୍ତର ଆମେରିକାର ୩୦% ଏବଂ ୟୁରୋପରେ ୨୭% ଷ୍ଟାର୍ଟଅପ୍ ରହିଛନ୍ତି। ଶୀର୍ଷ ୧୦୦ ଏମର୍ଜିଂ ଇକୋସିଷ୍ଟମ ମଧରେ ଚେନ୍ନାଇ, ପୁଣେ ଏବଂ ହାଇଦ୍ରାବାଦ ମଧ ରହିଛି।

ଏମର୍ଜିଂ ସେଗ୍‌ମେଣ୍ଟରେ ଟପ୍ ୧୦ ଇକୋସିଷ୍ଟମ ମଧରେ ଡେଟ୍ରଏଟ ଭାଲ୍ୟୁର ୩୭. ୨ ବିଲିୟନ ଡଲାର ରହିଛି। ସେହିଭଳି ବୁକାରେଷ୍ଟ ଏବଂ ଜାକର୍ତ୍ତାର ଭାଲ୍ୟୁ ଯଥାକ୍ରମେ ୩୫.୩ ଏବଂ ୩୪ ବିଲିୟନ ଡଲାର ରହିଛି। ଅଷ୍ଟମ ସ୍ଥାନରେ ରହିଥିବା ମୁମ୍ବାଇର ଭାଲ୍ୟୁ ୧୫.୩ ବିଲିୟନ ଡଲାର ରହିଛି। ଆଡଭାନ୍ସ ମାନୁଫାକଚରିଂ, ରୋବୋଟିକ୍ସ, ବ୍ଲକ ଚେନ୍, ଏଗ୍ରିଟେକ୍, ନିୟୁ ଫୁଡ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବିଗ୍ ଡାଟା ଭଳି ଷ୍ଟାର୍ଟଅପ୍‌ଗୁଡିକ ଅଭିବୃଦ୍ଧି ହାସଲ କରିଛନ୍ତି। ଗତ ୫ ବର୍ଷ ହେବ ଫାଇନାନ୍ସ ଟେକ୍ନୋଲୋଜି କମ୍ପାନୀଗୁଡିକ ମଧ ବିଶେଷ ଅଭିବୃଦ୍ଧି କରୁଛନ୍ତି।

# ସିସିଆଇ ବିରୋଧରେ କୋର୍ଟ ଗଲା ଗୁଗଲ

**ନୂଆଦିଲ୍ଲୀ,୨୩।୯**

କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ବିରୋଧରେ ଗୁଗଲ ଇଣ୍ଡିଆ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଫାକ୍ଟ ଫାଇଣ୍ଡିଂ ତଦନ୍ତ ରିପୋର୍ଟ ପ୍ରଘଟ ହେବା ନେଇ ଗୁଗଲ ପକ୍ଷରୁ ଅଭିଯୋଗ କରାଯାଇଛି। ୨୦୧୯ରେ ଗୁଗଲ ବିରୋଧରେ ତଦନ୍ତ ଲାଗି ସିସିଆଇ ନିର୍ଦ୍ଦେଶ ଦେଇଥିଲା। ଏହି ରିପୋର୍ଟ ପ୍ରଘଟ ହୋଇଥିବା କୁହାଯାଉଛି। ଟାଇମ୍ସ ଅଫ୍ ଇଣ୍ଡିଆ ଏବଂ ରଏଟର୍ସରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ଏଭଳି ଏକ ଗୁପ୍ତ ରିପୋର୍ଟ ହସ୍ତଗତ ହୋଇ ନ ଥିବା ବେଳେ କମ୍ପାନୀ ଏହା ଉପରେ କୌଣସି ତର୍ଜମା କରିନାହିଁ ବୋଲି କହିଛି। ମାତ୍ର କମ୍ପାନୀ ହାତରେ ରିପୋର୍ଟ ଲାଗିବା ଆଗରୁ କିଭଳି ପ୍ରଘଟ ହୋଇଗଲା ଏହା ପ୍ରଶ୍ନ ଉଠାଇଛି। ଏହାକୁ ନେଇ ଗୁଗଲ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଉକ୍ତ ମାମଲାର ସମାଧାନ କରିବା ଲାଗି କମ୍ପାନୀ କୋର୍ଟଙ୍କୁ ନିବେଦନ କରିଛି।

ଭରସାର ଉଲ୍ଲଂଘନ ନେଇ କମ୍ପାନୀ ଅଭିଯୋଗ କରିଛି। ସିସିଆଇର ଏଭଳି କାର୍ଯ୍ୟକଳାପ ଲାଗି ଗୁଗଲର ଛବି ଏବଂ ଏହାର କର୍ମଚାରୀଙ୍କୁ ଅନେକ କ୍ଷତି ହୋଇଥିବା ଏହା ଆବେଦନରେ କହିଛି। ଆଣ୍ଡ୍ରଏଡ୍ କ୍ଷେତ୍ରରେ ଗୁଗଲ ଅନୁଚିତ ବ୍ୟବସାୟିକ କୌଶଳ ଆପଣାଇଥିବା ସିସିଆଇ ଯାଞ୍ଚ ଶାଖା ନିର୍ଦ୍ଦେଶକ ଜାଣିବାକୁ ପାଇଥିବା ପ୍ରଘଟ ରିପୋର୍ଟରେ ପ୍ରକାଶ ପାଇଥିଲା। ତଦନ୍ତ ହେଉଥିବା ଏକ ମାମଲାର ରିପୋର୍ଟ କିଭଳି ପ୍ରଘଟ ହେଉଛି ବୋଲି କମ୍ପାନୀ ପ୍ରଶ୍ନ ଉଠାଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ କମ୍ପାନୀ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବା ସହ ଗୋପନୀୟତା ମଧ ରକ୍ଷା କରିଛି। ମାତ୍ର ସରକାରୀ ସ୍ତରରେ ଏହାର ବ୍ୟତିକ୍ରମ ଦେଖାଯାଇଛି ବୋଲି କମ୍ପାନୀ ଅଭିଯୋଗରେ କହିଛି।

# ନାୟାରାର ନୂଆ ଫିଲିଂ ଷ୍ଟେଶନ



**ଫୁଲନଖରା,୨୩।୯(ଡି.ଏନ.ଏ.)**

କଟକ-ଭୁବନେଶ୍ୱର ଜାତୀୟ ରାଜପଥ ଗ୍ରାଣ୍ଡବଜାର ନିକଟରେ ନାୟାରା ଏନର୍ଜି କମ୍ପାନୀ ପକ୍ଷରୁ ଏକ ପେଟ୍ରୋଲ ପମ୍ପ ଗୁରୁବାର ଉଦ୍‌ଘାଟିତ ହୋଇଛି। କମ୍ପାନୀର ବ୍ୟବସାୟିକ ମୁଖ୍ୟ ନାରାୟଣ ଭଦ୍ରା ଏହାକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀ ପକ୍ଷରୁ ଓଡ଼ିଶାରେ ପ୍ରଥମଥର ଏହି ପେଟ୍ରୋଲ ପମ୍ପ ଖୋଲାଯାଇଥିବା ମାଲିକ ନାରାୟଣ ଦାସ ଗୁପ୍ତା କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ୟବସାୟୀକ ମୁଖ୍ୟ ଅନିରୁଦ୍ଧ ନାରୁଲା, ଭୁବନେଶ୍ୱର ଡିଭିଜନ ମୁଖ୍ୟ ସୌରଜିତ୍ କର, କୌସିକ୍ ସେନ୍‌ଗୁପ୍ତା, ରୋହିତ ଗୁପ୍ତା, ରାହୁଲ କୁମାର ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ।

# ବେନେଲି ଇଣ୍ଡିଆର ନୂଆ ଡିଲରଶିପ

**ଭୁବନେଶ୍ୱର,୨୩।୯**

ପ୍ରିମିୟମ ବାଇକଗୁଡିକର ପ୍ରମୁଖ କମ୍ପାନୀ ବେନେଲି ଇଣ୍ଡିଆ ସ୍ଥାନୀୟ ପାହାଳଠାରେ ଏହାର ନୂଆ ଡିଲରଶିପ ଶୁଭାରମ୍ଭ କରିଛି। ଆଦିଶ୍ୱର ଅଟୋ ରାଇଡ ଇଣ୍ଡିଆ-ମହାବୀର ଗ୍ରୁପ୍ ଏସ୍.ଆର୍. ଅଟୋମୋବାଇଲ ଆନୁକୂଲ୍ୟରେ ଏହା ପରିଚାଳିତ ହେବ। ବେନେଲି ଇଣ୍ଡିଆର ଏମ୍‌ଡି ବିକାଶ ଝବାଖ, କମ୍ପାନୀର ଡିଲର ଡେଭଲପମେଣ୍ଟ ମୁଖ୍ୟ ଫାରୁକ ଖାନ ଏବଂ ଡିଲର ପ୍ରିନ୍ସିପାଲ ସୌମ୍ୟ ସାର୍ଥକ ରାଏ ଏହାର ଉନ୍ମୋଚନ କରିଥିଲେ। ନୂଆ ଶୋ'ରୁମ୍ ଦ୍ୱାରା ସାରା ଦେଶରେ କମ୍ପାନୀର ଡିଲରଶିପ ସଂଖ୍ୟା ୪୫ରେ ପହଞ୍ଚିଛି। ଶୋ'ରୁମ୍‌ରେ ବିଏସ୍-୬ ରେଞ୍ଜର ବେନେଲି ସୁପର ବାଇକଗୁଡିକ ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱରରେ ନୂଆ ଡିଲର ପାର୍ଟନର ନିଯୁକ୍ତ କରି ଅତ୍ୟନ୍ତ ଖୁସି ବୋଲି ଏମ୍‌ଡି ଝବାଖ କହିଛନ୍ତି। ନୂଆ ଶୋ'ରୁମ୍‌ରେ ଗ୍ରାହକଙ୍କୁ ସେଲ୍ସ, ସର୍ଭିସ କ୍ଷେତ୍ରରେ ବେଷ୍ଟ ଇନ୍ କ୍ଲାସ୍ ସେବା ଯୋଗାଣ ଦିଗରେ ଉଦ୍ୟମ ଜାରି ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ବେନେଲିର ନୂଆ ଷ୍ଟେଟ ଅପ୍ ଆର୍ଟ ଡିଲରଶିପ ଖୋଲିବା ଦ୍ୱାରା କଟକ, ଭୁବନେଶ୍ୱର ଏବଂ ନିକଟବର୍ତ୍ତୀ ସହରର ସୁପର ବାଇକପ୍ରେମୀଙ୍କ ଚାହିଦା ପୂରଣ ଦିଗରେ ଯୋଗଦାନ ରଖିପାରିବୁ ବୋଲି ଡିଲର ପ୍ରିନ୍ସିପାଲ ସୌମ୍ୟ ସାର୍ଥକ ରାଏ କହିଛନ୍ତି। ଏହା ରାଜ୍ୟରେ କମ୍ପାନୀର ଏକମାତ୍ର ଡିଲରଶିପ ହୋଇଥିବାରୁ ଗ୍ରାହକଙ୍କ ବିଭିନ୍ନ ସୁବିଧା ଯୋଗାଣ ଲକ୍ଷ୍ୟ ରଖାଯାଇଛି। ଶୋ'ରୁମ୍‌ରେ ମର୍ଚ୍ଚାଣ୍ଡାଇଜ, ଆସେସୋରିଜ ଏବଂ ମୋଟର ସାଇକେଲର କଷ୍ଟମାଇଜେଶନ ବିକଳ୍ପ ମଧ ଉପଲବ୍ଧ ହେଉଥିବା ସେ ସୂଚନା ଦେଇଛନ୍ତି। ଏଠାରେ ଉପଲବ୍ଧ ଇମ୍ପେରିଆଲ ୪୦୦ ରେଟ୍ରୋ କ୍ଲାସିକ(ସିଲଭର)ର ବଜାର ଦର ୧.୮୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହାର ରେଡ୍ ଏବଂ ବ୍ଲାକ୍ କଲର ବଜାର ଦର ୧.୯୫ ଲକ୍ଷ ଟଙ୍କା ରହିଛି। ସେହିଭଳି ଲିଓନସିନୋ ୫୦୦ ଷ୍ଟ୍ରିଟ୍ ସ୍କ୍ରାମ୍ବଲରର ବଜାର ଦର ୪.୭୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହା ୨ଟି କଲର ବିକଳ୍ପ ସହ ଆସୁଛି। ସେହିଭଳି ଟିଆର୍‌କେ ୫୦୨ ଗ୍ରାଣ୍ଡ ଟୁରର ବଜାର ଦର ୪.୮୯ ଲକ୍ଷ ଟଙ୍କା ଆରମ୍ଭ ମୂଲ୍ୟରେ ଉପଲବ୍ଧ ହେଉଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।



## ଫୁରସତ୍

# ୟେମେନରେ ଭୋକର ରାଜୁତି

### ମୃତ୍ୟୁ ଅପେକ୍ଷାରେ ୧.୬ କୋଟି ଲୋକ



**ଜାତିସଂଘ:** ମଧ୍ୟପ୍ରାଚ୍ୟ ରାଷ୍ଟ୍ର ୟେମେନରେ ଭୋକର ରାଜୁତି। ପୁଷ୍ଟିକର ଖାଦ୍ୟ ତ ଦୂରର କଥା ଦୁଇ ଓଳି ପେଟ ଭର୍ତ୍ତି ଖାଇବାକୁ ସଂଘର୍ଷ କରୁଛନ୍ତି ଶିଶୁଠାରୁ ବୟସ୍କ। ଅନ୍ୟ ରାଷ୍ଟ୍ରମାନଙ୍କଠାରୁ ଆର୍ଥିକ ସହଯୋଗ ନ ମିଳିଲେ ଯୁଦ୍ଧ କ୍ଷତିଗ୍ରସ୍ତ ୟେମେନର ୧.୬ କୋଟି ଜନତା ଅନାହାର ମୃତ୍ୟୁର ଦ୍ୱାରଦେଶରେ ପହଞ୍ଚିଯିବେ ବୋଲି ସତର୍କ କରାଇଛନ୍ତି ଜାତିସଂଘର ଖାଦ୍ୟ କାର୍ଯ୍ୟକ୍ରମ ମୁଖ୍ୟ ଡେଭିଡ୍ ବିସ୍‌ଲେ।

ୟେମେନରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଡେଭିଡ୍ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରେ ବିତ୍ତୀୟ ପୋଷଣ ସମସ୍ୟା ଦେଖାଦେଇଥିଲା। ଏଭଳି ସମୟରେ ଆମେରିକା, ଜର୍ମାନୀ, ସାଉଦି ଆରବ, ୟୁଏଇ ସମେତ ଅନ୍ୟ ଧନିକ ଦେଶ ସହାୟତା କରିବାକୁ ଆଗେଇ ଆସିଥିଲେ। ଫଳରେ ସଙ୍କଟକୁ କିଛିମାତ୍ରାରେ ପ୍ରତିହତ କରାଯାଇପାରିଥିଲା। ଏବେ ପୁଣି ସମାନ ସମସ୍ୟା ଉପୁଜିଛି। ବିକଶିତ ରାଷ୍ଟ୍ରସମୂହ ସହାୟତାର ହାତ ନ ବଢ଼ାଇଲେ ଅକ୍ଟୋବରରେ ୩୨ ଲକ୍ଷ ଏବଂ ଡିସେମ୍ବରରେ ୫୦ ଲକ୍ଷ ଲୋକଙ୍କ ରାଶନ କାଟ୍ କରାଯିବ।

ଯୁଦ୍ଧ କ୍ଷତିଗ୍ରସ୍ତ ୟେମେନ ଲାଗି ୩.୮୫ ବିଲିୟନ ଡଲାରର ସହାୟତା ଯୋଗାଇ ଦେବାକୁ ୨୦୨୧ ମାର୍ଚ୍ଚରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ବିଶ୍ୱସମୂହକୁ ନିବେଦନ କରିଥିଲେ। ହେଲେ ବିଭିନ୍ନ ସୂତ୍ରରୁ ମାତ୍ର ୧.୭ ବିଲିୟନ ଡଲାର ମିଳିଥିଲା, ଯାହାକୁ ଅତି ନୈରାଶ୍ୟଜନକ ବୋଲି ସେ କହିବା ସହ କ୍ଷୋଭ ବ୍ୟକ୍ତ କରିଥିଲେ। ୟୁରୋପୀୟ ୟୁନିୟନର କହିବା କଥା, ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାଖାପାଖି ୬୦ କୋଟି ଡଲାର ସଂଗ୍ରହ କରାଯାଇଛି। ୟେମେନର ମାନବୀୟ ସଙ୍କଟ ଏବଂ ବିକାଶଲାଗି ପାଖାପାଖି ୧୩ କୋଟି ୯୦ ଲକ୍ଷ ଡଲାର ଅତିରିକ୍ତ ସହାୟତା ରାଶି ଆବଣ୍ଟନ କରାଯିବ। ସେହିପରି ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି, ୟେମେନକୁ ସହାୟତା ଲାଗି ଅତିରିକ୍ତ ୨୯ କୋଟି ଡଲାର ଧନ ରାଶି ପ୍ରଦାନ କରିବାକୁ ଘୋଷଣା କରାଯାଇଛି।

## ଲାଇବ୍ରେରି ମ୍ୟାନ୍



**ରାଞ୍ଚି:** ଦିନେ ପାଠ ପଢ଼ିବା ପାଇଁ ସେ ବହିଖଣ୍ଡେ କିଣିବାକୁ ସମର୍ଥ ନ ଥିଲେ। କିନ୍ତୁ ତାଙ୍କ ଭଳି ଆଉ କେହି ଯେପରି ନିଜ ସ୍ୱପ୍ନ ପୂରା କରିବାରୁ ବଞ୍ଚିତ ନ ହେଉ, ଏହି ଲକ୍ଷ୍ୟରେ ଅଭିଯାନ ଚଳାଇଛନ୍ତି ଝାଡ଼ଖଣ୍ଡର ଜାମ୍‌ସେଦପୁର ଅଞ୍ଚଳର ସଞ୍ଜୟ କଚ୍ଛପ୍। ସେ ନିଜ ଉଦ୍ୟମରେ ଝାଡ଼ଖଣ୍ଡରେ ୧୮ଟି ଲାଇବ୍ରେରି ତିଆରି କରି ପାଲଟିଛନ୍ତି ଲାଇବ୍ରେରି ମ୍ୟାନ୍। ସଞ୍ଜୟ ଜାମ୍‌ସେଦପୁରର ଏଗ୍ରିକଲଚର ପ୍ରଡ୍ୟୁସ ମାର୍କେଟ କମିଟିରେ ସେକ୍ରେଟାରୀ ଅଛନ୍ତି। ଲାଇବ୍ରେରି ମାଧ୍ୟମରେ ସେ ଯୁବସମାଜକୁ ୟୁପିଏସ୍‌ସି ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବା ପାଇଁ ସୁଯୋଗ ଦେଉଛନ୍ତି। ଲାଇବ୍ରେରିରେ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ସେ ପାଠ୍ୟ ପୁସ୍ତକ ରଖିଛନ୍ତି। ଆଇଏଏସ୍ ହେବାପାଇଁ ସଞ୍ଜୟଙ୍କର ପ୍ରବଳ ଆଗ୍ରହ ଥିଲା। କିନ୍ତୁ ତାଙ୍କ ପାଖରେ ଆବଶ୍ୟକ ବହି କିଣିବାକୁ ଟଙ୍କା ନ ଥିଲା। ତାଙ୍କର ୧୮ଟି ଲାଇବ୍ରେରି ମଧ୍ୟରୁ ୧୨ଟି ଡିଜିଟାଲ ହୋଇପାରିଛି ଏବଂ ୨ଟି ଲାଇବ୍ରେରିରେ ପଢ଼ିବା ପାଇଁ ୱାଇଫାଇ ସହିତ ଅନ୍‌ଲାଇନ୍ ପାଠ୍ୟକ୍ରମର ସ୍ୱତନ୍ତ୍ର ସୁବିଧା ରହିଛି। ଏହବାଦ୍ ସରକାରୀ ସ୍କୁଲରେ ପାଠ ପଢ଼ି ୭୫% ମାର୍କ ରଖୁଥିବା ପିଲାଙ୍କୁ ସେ ସାଇକେଲ୍ ମଧ ଯୋଗାଇ ଦେଉଛନ୍ତି।

**୧୦ମ ଜନ୍ମଦିନ ଶୁଭେଚ୍ଛା**



**ସ୍ୱୟଂପ୍ରଭା ସାହୁ (ମୋନାଲି)**
ପଳାଶୁଣୀ, ଭୁବନେଶ୍ୱର-୨୫
ଆଜି ତୋର ୧୦ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଖଣ୍ଡେଶ୍ୱରୀଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ: ଜେଜେମାଆ, ଆଈ, ବାପା, ମାଆ, ବାବା, ମାମା, ଦାଦା, ନାନା, ଭାଇ, ନାନୀ, ମାଉସୀ, ମଉସା, ଆରୟନ୍, ଝାନ୍‌ସୀ, ତରୁନ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୩୮୫୭୭

# କାର୍ ନମ୍ବର ୧୭ ଲକ୍ଷ


ଜୁନିୟର୍ ଏନ୍‌ଟିଆର୍

**ମୁମ୍ବାଇ:** ସାଉଥ ସୁପରଷ୍ଟାର୍ ଜୁନିୟର୍ ଏନ୍‌ଟିଆର୍ ତାଙ୍କର ବିଳାସପୂର୍ଣ୍ଣ ଲମ୍ବରଗିନି ଉରସ ଗ୍ରାଫାଇଟ୍ କ୍ୟାପସୁଲ କାର୍ ପାଇଁ ଚର୍ଚ୍ଚାରେ ଅଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି କାର୍‌ର ମାଲିକ ହୋଇଛନ୍ତି। ଜୁନିଅର ଏନ୍‌ଟିଆର୍ ଏହି କାର୍ ପାଇଁ ଏକ ସ୍ୱତନ୍ତ୍ର ନମ୍ବର (୯୯୯୯) ନେଇଛନ୍ତି। ସେଥିପାଇଁ ସେ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଭିଆଇପି ନମ୍ବର ପାଇବା ପାଇଁ ସେ ଏତେ ପରିମାଣର ଟଙ୍କା ଦେଇଛନ୍ତି। ତାଙ୍କ ନୂଆ କାର୍ ନମ୍ବର ହେଉଛି ଟିଏସ୍୦୯-ଏଫ୍‌ଏସ୍ ୯୯୯୯। ଖୈରାବାଦର ଆରଟିଏ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜୁନିୟର ଏନଟିଆର ଏହି ନମ୍ବର ନିଲାମରେ ଭାଗ ନେଇଥିଲେ। ଏଥିପାଇଁ ସେ ସର୍ବାଧିକ ୧୭ ଲକ୍ଷ ଟଙ୍କା ଘୋଷଣା କରିବା ପରେ ଆର୍‌ଟିଏ ଅଧିକାରୀମାନେ ଉକ୍ତ କାର୍‌ର ରେଜିଷ୍ଟ୍ରେଶନ ନମ୍ବର ଏନଟିଆର୍‌ଙ୍କୁ ଦେଇଥିଲେ। ଜୁନିୟର ଏନଟିଆର୍‌ଙ୍କ ଏହି ନମ୍ବରର ଏକାଧିକ ଗାଡ଼ି ରହିଛି। ତାଙ୍କ ବିଏମ୍‌ଡବ୍ଲ୍ୟୁ ୭ ସିରିଜ ଗାଡି କାର୍‌ର ନମ୍ବର ମଧ ୯୯୯୯ ଅଟେ। ତାଙ୍କ ଲମ୍ବରଗିନି କାର୍‌ର ପୂର୍ବ ଶୋ'ରୁମ ମୂଲ୍ୟ ପ୍ରାୟ ୩.୧୫ କୋଟି ଟଙ୍କା। ଜୁନିୟର ଏନଟିଆର୍ ଏବେ 'ଆରଆରଆର' ଫିଲ୍ମ ଶୁଟିଂରେ ବ୍ୟସ୍ତ। ଏହି ଫିଲ୍ମରେ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଅଭିନେତା ରାମ ଚରଣ ମଧ ତାଙ୍କ ସହ କାମ କରୁଛନ୍ତି।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ଶ୍ରୀଲେଖା ଚକ୍ରବର୍ତ୍ତୀ (ମୁକୁ)**
କଳିଙ୍ଗବିହାର, ଭୁବନେଶ୍ୱର
ଆବିର୍ଭାବ: ତା ୨୮।୦୮।୧୯୬୧
ତିରୋଧାନ: ତା ୨୪।୦୯।୨୦୨୦
ତୁମର ସ୍ନେହ, ମମତା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଚିର ଅବିସ୍ମରଣୀୟ।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସମସ୍ତ ପରିବାରବର୍ଗ ତଥା ମାତା, ପିତା, ଭ୍ରାତା, ଭଗିନୀ ଓ ବନ୍ଧୁବାନ୍ଧବ ।
ଧ-୨୧୭୩୦

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୟକୃଷ୍ଣ ପ୍ରଧାନ**
ଗ୍ରାମ: ନୋତର, ଜିଲ୍ଲା: ନୟାଗଡ଼
ଆବିର୍ଭାବ: ୦୧।୦୧।୧୯୪୪
ତିରୋଧାନ: ୧୪।୦୯।୨୦୨୧
ବିଶ୍ୱାସ ହେଉନାହିଁ ଆପଣ ଆମ ଭିତରେ ଆଉ ନାହାନ୍ତି । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମପାଇଁ ପ୍ରେରଣା ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୭୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ହେମଲତା ପ୍ରଧାନ**
ହୁଲୁରୁସିଂହା, ଅନୁଗୋଳ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା । ଆପଣଙ୍କ ଭଲପାଇବା, ସ୍ନେହ, ଆଦର, କର୍ତ୍ତବ୍ୟ ସର୍ବଦା ମନେ ରହିବ।
-:ଶୋକସନ୍ତପ୍ତ:-
ପୁତ୍ର: ଶିବୁ, ଝିଅ: ରାନି. ଅଙ୍କୁଶ, ଆୟୁଷ ଏବଂ ପରିବାରବର୍ଗ ।
ଧ-୨୧୭୩୨

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ । ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/- ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




୧୮ ବର୍ଷରୁ କମ୍ ବାଳିକା ଏସିଆନ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳକୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଭାରତୀୟ ଦଳକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

### ୧୮ ବର୍ଷରୁ କମ୍ ଏସିଆନ ବାଳିକା ରଗ୍‌ବୀ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଅନୁଷ୍ଠିତ ଏସିଆନ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳକୁ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇବା ସହ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ ଏବଂ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଭାରତ ସମେତ କାଜାଖସ୍ତାନ, କିର୍ଗିଜସ୍ତାନ, ୟୁନାଇଟେଡ ଆରବ ଏମିରେଟ୍ସ ଏବଂ ଆୟୋଜକ ଉଜ୍‌ବେକିସ୍ତାନ ଅଂଶଗ୍ରହଣ କରିଥିଲା। ଫାଇନାଲରେ ଭାରତ ୧୭-୨୧ ପଏଣ୍ଟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ନିକଟରୁ ହାରି ରୌପ୍ୟ ପଦକ ପାଇଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି କେନ୍ଦୁଝରର ତରୁଲତା ନାଏକ, ମାମା ନାଏକ ଓ ବରଗଡ଼ର ନିର୍ମାଲ୍ୟ ରାଉତ ସାମିଲ ଥିଲେ। ରଗ୍‌ବୀକୁ କ୍ରମାଗତଭାବେ ସମର୍ଥନ ଜଣାଇଥିବାରୁ ଭାରତୀୟ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣା ଯାଇଥିଲା। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ସୋସାଇଟି ଜେନେରାଲ (ଫାଇନାନ୍‌ସିଆଲ ପାର୍ଟନର୍ସ ଆଣ୍ଡ ଅଫିସିଆଲ ବ୍ୟାଙ୍କ୍), ଓଡ଼ିଶା ସରକାର ଓ କିଟ୍ (ହାଇ ପରଫରମାନ୍ସ ପାର୍ଟନର୍ସ), ବିଏଲ୍‌କେ (ମ୍ୟାଚ୍ କିଟ୍ ପାର୍ଟନର୍ସ), ଫାଷ୍ଟ ଆଣ୍ଡ ଅପ୍ (ନ୍ୟୁଟ୍ରିଶନ ପାର୍ଟନର), ବ୍ଲେଡ୍ ଇଣ୍ଡିଆ ଏବଂ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ (ଏଟିବିଟି) ଆସୋସିଏଶଟ ପାର୍ଟନର ଭାବେ ଭାରତୀୟ ଜାତୀୟ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳକୁ ସହଯୋଗ କରିଥିଲେ।

# ବିଜୟ ଲକ୍ଷ୍ୟରେ ଆର୍‌ସିବି

ଶାରଜା, ୨୩।୯ (ପି.ଟି.)

ବହୁ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଶୁକ୍ରବାର ଖେଳାଯିବାକୁଥିବା ଏକ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ଭେଟିବ। ପୂର୍ବ ପରାଜୟକୁ ଭୁଲି ବିଜୟ ପଥକୁ ଫେରିବା ଲକ୍ଷ୍ୟ ନେଇ ଦଳ ପଡ଼ିଆକୁ ଓହ୍ଲାଇବ। ଅନ୍ୟପଟେ ରବିବାର ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୦ ରନରେ ବିଜୟ ଲାଭ କରିଥିବାରୁ ସିଏସ୍‌କେର ମନୋବଳ ଉଚ୍ଚା ରହିଛି। ପଏଣ୍ଟ ଟେବୁଲରେ ନିଜ ସ୍ଥିତି ସୁଧାରିବାକୁ ହେଲେ ଆର୍‌ସିବିକୁ ବ୍ୟାଟିଂରେ ଉନ୍ନତି ଆଣିବାକୁ ହେବ। ଓପନର ଦେବଦତ୍ତ ପଡ଼ିକାଲ (୨୧୭ ରନ) ଓ ଅଧିନାୟକ ବିରାଟ କୋହଲି (୨୦୩ ରନ)ଙ୍କୁ ଦୃଢ଼ ଆରମ୍ଭ କରିବାକୁ ହେବ। ଓପନିଂ ଯୋଡ଼ିକୁ ଆହୁରି ମଧ୍ୟ ମିଡଲ ଅର୍ଡରରୁ ସହାୟତା ମିଳିବା ଆବଶ୍ୟକ। କୋଲକାତା ନାଇଟ ରାଇଡର୍ସ (କେକେଆର୍) ବିପକ୍ଷ ମ୍ୟାଚରେ ଆରସିବିର ମିଡଲ ଅର୍ଡର ଭୁଶୁଡ଼ି ପଡ଼ିଥିଲା। ଗ୍ଲେନ ମାକ୍ସୱେଲ



ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀ।

(୨୩୩ ରନ) ଓ ଏବି ଡି'ଭିଲର୍ସ (୨୦୭ ରନ)ଙ୍କୁ ସିଏସ୍‌କେ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରିବାକୁ ହେବ। ମୁମ୍ବାଇ ବିପକ୍ଷ ମ୍ୟାଚରେ ସିଏସ୍‌କେର ପ୍ରଦର୍ଶନ କହିବାକୁ ଗଲେ ସେତେଟା ଭଲ ନ ଥିଲା। ଯୁବ ଖେଳାଳି ଋତୁରାଜ ଗାଏକ୍ୱାଡଙ୍କ ୫୮ ବଲ୍‌ରୁ ପରିପକ୍ୱ ଅପରାଜିତ ୮୮ରନ ଯୋଗୁ ଦଳ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିବାରେ ସମର୍ଥ ହୋଇଥିଲା। ଦଳର ଅଗ୍ରଣୀ ରନ ସ୍କୋରର ଫାଫ୍ ଡୁ'ପ୍ଲେସି (୩୨୦ରନ), ମୋଇନ୍ ଅଲି ବିନା କୌଣସି ରନ୍‌ରେ ଆଉଟ ହୋଇଥିବା ବେଳେ ଅମ୍ବାତି ରାୟୁଡୁ ରିଟାୟର୍ଡ ହର୍ଟ ହୋଇଥିଲେ। ସୁରେଶ ରାଇନା ଓ ଧୋନୀଙ୍କ ଭଳି ଭେଟେରାନ ଖେଳାଳି ଦୁଇ ଅଙ୍କ ସ୍କୋର କରିବାରେ ବିଫଳ ରହିଥିଲେ। ଦଳ ଏକଦା ମାତ୍ର ୨୪ ରନରେ ଏହାର ୪ ବ୍ୟାଟରଙ୍କୁ ହରାଇଥିଲା। ଗାଏକ୍ୱାଡ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଡ୍ୱେନ ବ୍ରାଭୋଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି କରିଥିଲେ। ବ୍ରାଭୋ ମାତ୍ର ୮ଟି ବଲ୍‌ରେ ୨୩ ରନ କରିଥିଲେ। ଏଥିସହିତ ସେ ଦଳକୁ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ପରେ ଦୀପକ ଚହର ଓ ଡ୍ୱେନ ବ୍ରାଭୋଙ୍କ ନେତୃତ୍ୱରେ ବୋଲରମାନେ ଚମତ୍କାର ବୋଲିଂ କରିବାରୁ ସିଏସକେ ଚଳିତ ସିଜନରେ ଏହାର ୬ଷ୍ଠ ବିଜୟ ହାସଲ କରିଥିଲା। ଶୁକ୍ରବାର ମ୍ୟାଚ ଜିତିଲେ ଦଳ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିନେବ। ଇଂଲଣ୍ଡ ଅଲରାଉଣ୍ଡର ସାମ୍ କୁରାନଙ୍କୁ ଚୂଡ଼ାନ୍ତ ଏକାଦଶରେ ନେବା ଲାଗି ସିଏସ୍‌କେ ଆଗରେ ଏକ ବିକଳ୍ପ ରହିଛି। ଆଇପିଏଲ୍‌ର ଗତ ସିଜନରେ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ନିଜକୁ ଅନ୍ୟତମ ପ୍ରଭାବଶାଳୀ ଖେଳାଳି ସାବ୍ୟସ୍ତ କରିଥିଲେ।

# ତେଲଙ୍ଗାନା, ରାଜସ୍ଥାନ ଚାମ୍ପିୟନ

### ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ କଟକରେ ୩୩ତମ ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗ ଫାଇନାଲରେ ତେଲଙ୍ଗାନା ଓ ବାଳକରେ ରାଜସ୍ଥାନ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ବାଳିକା ବର୍ଗରେ ମଧ୍ୟପ୍ରଦେଶ ରନର୍ସଅପ୍ ହୋଇଥିବାବେଳେ ରାଜସ୍ଥାନ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳକରେ ଛତିଶଗଡ଼ ରନର୍ସଅପ୍ ଏବଂ ଉତ୍ତରାଖଣ୍ଡ ତୃତୀୟ ସ୍ଥାନ ହାସଲ କରିଛି। ସେହିପରି ବେସ୍‌ବଲ-୫ ପ୍ରତିଯୋଗିତାର ବାଳିକା ବିଭାଗରେ ଓଡ଼ିଶା ଚାମ୍ପିୟନ, ମହାରାଷ୍ଟ୍ର ରନର୍ସଅପ୍ ଏବଂ ଦିଲ୍ଲୀ ତୃତୀୟ ହୋଇଛି। ବାଳିକାରେ ମହାରାଷ୍ଟ୍ର ଚାମ୍ପିୟନ, କର୍ନାଟକ ରନର୍ସଅପ୍ ଏବଂ ରାଜସ୍ଥାନ ତୃତୀୟ ସ୍ଥାନ ଅଧିକାର କରିଛି। କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲ ମୁଖ୍ୟ ଅତିଥି, ସମାଜର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଭାରତୀୟ ସଫ୍ଟବଲ ଆସୋସିଏଶନର ସାଧାରଣ ସମ୍ପାଦକ ଏଲ.ଆର. ମୌର୍ଯ୍ୟ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଥରୋଟ, ଓଡ଼ିଶା ସଫ୍ଟବଲର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜ କିଶୋର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ତେଲଙ୍ଗାନା ଓ ରାଜସ୍ଥାନ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ବାଳିକା, ବାଳକରେ ପଶ୍ଚିମବଙ୍ଗ ବିଜୟୀ

### ଜାତୀୟ ଜୁନିୟର ଖୋ ଖୋ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଗୁରୁବାର ଉଭୟ ବାଳିକା ଓ ବାଳକ ବିଭାଗ ମ୍ୟାଚ ଅନୁଷ୍ଠିତ ହୋଇଛି। ବାଳକ ବିଭାଗରେ କେରଳ (୧୮-୧୪) ୪ ପଏଣ୍ଟରେ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ (୧୧-୯) ୨ ପଏଣ୍ଟରେ ବିହାର, ମଣିପୁର (୧୮-୧୭) ୧ ପଏଣ୍ଟରେ ଆସାମ, ପଞ୍ଜାବ (୨୮-୫) ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, ହରିୟାଣା (୧୪-୧୦) ୪ ପଏଣ୍ଟରେ ଉତ୍ତରାଖଣ୍ଡ, କର୍ନାଟକ (୨୭-୧୧) ଏକ ଇନିଂସ ୧୬ ପଏଣ୍ଟରେ ମଧ୍ୟପ୍ରଦେଶ, ଦିଲ୍ଲୀ (୧୮-୭) ଏକ ଇନିଂସ ୧୧ ପଏଣ୍ଟରେ ହିମାଚଳ ପ୍ରଦେଶ, ରାଜସ୍ଥାନ (୨୩-୧୨) ଏକ ଇନିଂସ ୧୧ ପଏଣ୍ଟରେ ଗୁଜରାଟ, ପଶ୍ଚିମବଙ୍ଗ (୨୯-୪) ଏକ ଇନିଂସ ୨୫ ପଏଣ୍ଟରେ ତ୍ରିପୁରା, ଆନ୍ଧ୍ର ପ୍ରଦେଶ (୧୬-୬) ୧୦ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳି ଏବଂ ଆସାମ (୨୬-୨) ଏକ ଇନିଂସ ୨୪ ପଏଣ୍ଟରେ ଆସାମକୁ ପରାସ୍ତ କରିଛି।

ସେହିପରି ବାଳିକା ବିଭାଗରେ ପଶ୍ଚିମବଙ୍ଗ (୨୩-୮) ୧୫ ପଏଣ୍ଟରେ ମଧ୍ୟପ୍ରଦେଶ, କେରଳ (୧୬-୫) ଏକ ଇନିଂସ ୧୧ ପଏଣ୍ଟରେ ବିହାର, ଛତିଶଗଡ଼ (୨୬-୦) ଏକ ଇନିଂସ ୨୬ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳି ଏବଂ ମହାରାଷ୍ଟ୍ର (୨୪-୯) ଏକ ଇନିଂସ ୧୫ ପଏଣ୍ଟରେ ଆସାମକୁ ହରାଇ ଦେଇଛି। ଓଡ଼ିଶା ଖୋ ଖୋ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସମର୍ଥନ ଏବଂ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ଅନୁମୋଦନ ରହିଛି।

# ମନିକାଙ୍କ ଅଭିଯୋଗର ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୩।୯(ପି.ଟି.)

ଆଗାମୀ କୌଣସି ଅନ୍ତର୍ଜାତୀୟ ଇଭେଣ୍ଟ ଲାଗି ମନୋନୟନ ପାଇଁ ଜାତୀୟ କୋଚିଂ କ୍ୟାମ୍ପରେ ଅଂଶଗ୍ରହଣ କରିବା ବାଧ୍ୟତାମୂଳକ ବୋଲି ଭାରତ ଟେବୁଲ ଟେନିସ ମହାସଂଘ (ଟିଟିଏଫ୍‌ଆଇ) ପକ୍ଷରୁ ଯେଉଁ ନିୟମ କରାଯାଇଛି ଦିଲ୍ଲୀ ହାଇକୋର୍ଟ ଗୁରୁବାର ତାହା ଉପରେ ରହିତାଦେଶ ଜାରି କରିଛନ୍ତି। ପୁନଶ୍ଚ କ୍ରୀଡ଼ା ମହାସଂଘ ବିରୋଧରେ ମନିକା ବାତ୍ରା କରିଥିବା ଅଭିଯୋଗର ତଦନ୍ତ ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରୁ ବାଦ୍‌ପଡ଼ିଥିବା ମନିକାଙ୍କ ଆବେଦନର ବିଚାର କରି ଜଷ୍ଟିସ ରେଖା ପିଲାଇ ଉପରୋକ୍ତ ରୁଲିଂ ପ୍ରଦାନ କରିଛନ୍ତି। ମନିକାଙ୍କ ଅଭିଯୋଗ ଥିଲା ଏକ ଅଲିମ୍ପିକ କ୍ୱାଲିଫାୟର ମ୍ୟାଚକୁ ଜାଣିଶୁଣି ଖରାପ ଖେଳିବା ଲାଗି ଜାତୀୟ କୋଚ୍ ସୌମ୍ୟଦୀପ ରୟ ତାଙ୍କୁ ଚାପ ପକାଇଥିଲେ। ମ୍ୟାଚ୍‌ରେ ସୌମ୍ୟଦୀପଙ୍କ ଜଣେ ବ୍ୟକ୍ତିଗତ ଟ୍ରେନିଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ବିଚାରପତି କହିଛନ୍ତି ଜାତୀୟ କୋଚ୍ ବିରୋଧ ଆଗତ ଏକ ଅଭିଯୋଗର ଫଇସଲା ହୋଇ ନ ଥିବା ବେଳେ ଖେଳାଳିଙ୍କୁ ଜାତୀୟ କ୍ୟାମ୍ପରେ ଯୋଗଦାନ ବାଧ୍ୟତାମୂଳକ କରାଯିବା ଯଥାର୍ଥ ନୁହେଁ। ଏକ୍ଷେତ୍ରରେ ଜଣେ ଖେଳାଳି ଆତ୍ମବିଶ୍ୱାସ ହରାଇବ। ଅଭିଯୋଗର ତଦନ୍ତ ପାଇଁ ମହାସଂଘ ଯେପରି ଭାବେ ଏକ କମିଟି ଗଠନ କଲା ସେଥିରେ କୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ଏହି ଅଭିଯୋଗ ଉପରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଗ୍ରହଣ କରିବା ପରେ ମହାସଂଘ ଦ୍ୱାରା ଯେପରି ଭାବେ କମିଟର ପୁନର୍ଗଠନ କରାଗଲା ସେ ନେଇ କୋର୍ଟ ଦୁଃଖ ପ୍ରକାଶ କରିଥିଲେ।








ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ର ବାଳିକା ବିଭାଗରେ ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ଏବଂ ବାଳକରେ କେରଳ ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୪/୨୦୨୧ Bhubaneswar, Friday, September 24/ 2021

# ଦୁଇଥର ଚାମ୍ପିୟନ ହୋଇଛି ଭାରତ

**ଜୁନିୟର ହକି ବିଶ୍ୱକପ ଇତିହାସରେ ଭାରତ ଦ୍ୱିତୀୟ ସର୍ବାଧିକ ସଫଳ ଦଳଭାବେ ୨ ଥର ଚାମ୍ପିୟନ ହୋଇଛି । ଜର୍ମାନୀ ୬ ଥର ଟାଇଟଲ ଜିତି ଏହି ତାଲିକାର ଶୀର୍ଷରେ ଥିବାବେଳେ ଭାରତ ୨୦୦୧ ଓ ୨୦୧୬ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। କ୍ରମାଗତ ତୃତୀୟ ଥର ପାଇଁ ଏହି ମେଗା ଇଭେଣ୍ଟ ଭାରତରେ ଆୟୋଜନ ହେବାକୁ ଯାଉଛି।**

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

ହକିକୁ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନର ପୁରସ୍କାର ମିଳିବାରେ ଲାଗିଛି। ୨୦୧୮ରେ ଭୁବନେଶ୍ୱରରେ ସିନିୟର ହକି ବିଶ୍ୱକପ୍ ଆୟୋଜନ ହୋଇଥିବାବେଳେ ଜୁନିୟର ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ମଧ୍ୟ ଭୁବନେଶ୍ୱରକୁ ଆସିଛି। ଚଳିତ ବର୍ଷ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଏହା କଳିଙ୍ଗ ଷ୍ଟାଡିୟମରେ ହେବ ବୋଲି ଗୁରୁବାର ଘୋଷଣା କରାଯାଇଛି। ଏହା ବ୍ୟତୀତ ୨୦୨୩ ହକି ବିଶ୍ୱକପ ଭୁବନେଶ୍ୱର ଓ ରାଉରକେଲାରେ ହେବ ବୋଲି ପୂର୍ବରୁ ଘୋଷଣା ହୋଇସାରିଛି। ଭାରତ କ୍ରମାଗତ ତୃତୀୟ ଥର ଲାଗି ଜୁନିୟର ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ପୂର୍ବ ଦୁଇ ସଂସ୍କରଣ ୨୦୧୩ ଓ ୨୦୧୬ରେ ଯଥାକ୍ରମେ ନୂଆଦିଲ୍ଲୀ ଓ ଲକ୍ଷ୍ନୌରେ ହୋଇଥିବାବେଳେ ଏଥର ଏହା ଓଡ଼ିଶାକୁ ଆସିଛି। ଟୁର୍ନାମେଣ୍ଟ ଇତିହାସରେ ଭାରତ ଦ୍ୱିତୀୟ ସର୍ବାଧିକ ସଫଳ ଦଳ ଭାବେ ୨ ଥର ଚାମ୍ପିୟନ ହୋଇଛି।

ଅନ୍ତର୍ଜାତୀୟ ହକି ଫେଡେରେଶନ ପକ୍ଷରୁ ଆୟୋଜିତ ହେଉଥିବା ଜୁନିୟର ହକି ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୭୯ ମସିହାରେ ଅନୁଷ୍ଠିତ ହୋଇଥିଲା। ଫ୍ରାନ୍ସର ଭର୍ସାଇଲ୍ସରେ ଆୟୋଜିତ ଏହି ପ୍ରତିଯୋଗିତାରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଭାଗ ନେଇଥିବାବେଳେ ଫାଇନାଲରେ ପାକିସ୍ତାନ ୨-୦ ଗୋଲରେ ପଶ୍ଚିମ ଜର୍ମାନୀକୁ ହରାଇ ଟ୍ରଫି ଜିତିଥିଲା। ଏଥିରେ ନେଦରଲାଣ୍ଡ୍ସ ତୃତୀୟ ଓ ମାଲେସିଆ ଚତୁର୍ଥ ସ୍ଥାନ ପାଇଥିଲା। ଏହାର ୩ ବର୍ଷ ପରେ ପ୍ରତିଯୋଗିତା ୧୯୮୨ରେ ମାଲେସିଆର କୁଆଲାଲମ୍ପୁର ଏବଂ ୧୯୮୫ରେ କାନାଡ଼ାର ଭାଙ୍କୋଭରଠାରେ ଅନୁଷ୍ଠିତ ହୋଇଥିଲା। ୧୯୮୫ ପରଠାରୁ ପ୍ରତିଯୋଗିତା ପ୍ରତି ୪ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଭାଗ ନେଉଥିବା ଖେଳାଳିମାନେ ୨୧ ବର୍ଷରୁ କମ୍ ହେବା ବାଧ୍ୟତାମୂଳକ। ଏ ପର୍ଯ୍ୟନ୍ତ ହୋଇଥିବା ୧୧ଟି ସଂସ୍କରଣରେ ଜର୍ମାନୀ ସବୁଠାରୁ ସଫଳ ଦଳ ସାବ୍ୟସ୍ତ ହୋଇଛି। ଏହି ଦଳ ସର୍ବାଧିକ ୬ ଥର ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯ ଓ ୨୦୧୩ରେ ଚାମ୍ପିୟନ ହୋଇଛି। ଦ୍ୱିତୀୟ ସର୍ବାଧିକ ସଫଳ ଦଳ ହେଉଛି ଭାରତ। ଭାରତ ୨୦୦୧ ଓ ୨୦୧୬ରେ ଟାଇଟଲ ହାସଲ କରିଛି। ଏହା ବ୍ୟତୀତ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଆର୍ଜେଣ୍ଟିନା ଥରେ ଲେଖାଏ ଟାଇଟଲ ଜିତିବାର ସ୍ୱାଦ ଚାଖିଛନ୍ତି।

ଭାରତ ପ୍ରଥମେ ୧୯୭୯ ବିଶ୍ୱକପ୍‌ରେ ଭାଗନେଇ ୫ମ ସ୍ଥାନ ଅଧିକାର କରିଥିଲା। ୧୯୮୨ ଓ ୧୯୮୫ରେ ଦଳ ସେହି ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିବାବେଳେ ୧୯୯୭ରେ ଇଂଲଣ୍ଡର ମିଲ୍ଟନ କେନ୍ସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଆକର୍ଷଣୀୟ ପ୍ରଦର୍ଶନ ସତ୍ତ୍ୱେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଦଳ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ୨-୩ ଗୋଲରେ ହାରି ଯାଇଥିଲା। ଏହାର ପରବର୍ତ୍ତୀ ସଂସ୍କରଣ ଅର୍ଥାତ୍ ୨୦୦୧ରେ ଅଷ୍ଟ୍ରେଲିଆର ହୋବାର୍ଟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପୂର୍ବ ତ୍ରୁଟିକୁ ନ ଦୋହରାଇ ଭାରତ ଟାଇଟଲ ସ୍ୱାଦ ଚାଖିଥିଲା। ଫାଇନାଲରେ ଭାରତୀୟ ଦଳ ଆର୍ଜେଣ୍ଟିନାକୁ ୬-୧ ଗୋଲରେ ପରାସ୍ତ କରିଥିଲା। ୨୦୦୫ରେ ନେଦରଲାଣ୍ଡ୍ସର ରୋଟରଡାମରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ସେମିଫାଇନାଲରେ ଅଷ୍ଟ୍ରେଲିଆଠାରୁ ୨-୩ ଗୋଲରେ ହାରି ଯାଇଥିଲା। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ମଧ୍ୟ ଦଳ ସ୍ପେନଠାରୁ ପେନାଲ୍ଟି ଶୁଟ୍‌ଆଉଟ ୪-୫ ଗୋଲରେ ହାରି ୪ର୍ଥ ସ୍ଥାନ ପାଇଥିଲା। ୨୦୦୯ ବିଶ୍ୱକପ୍‌ରେ ଭାରତୀୟ ଦଳ ଖରାପ ପ୍ରଦର୍ଶନ କରି ୯ମ ଏବଂ ୨୦୧୩ରେ ଘରୋଇ ପରିବେଶରେ ୧୧ତମ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ତେବେ ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତ ଚାମ୍ପିୟନ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ଦଳ ଶକ୍ତିଶାଳୀ ବେଲ୍‌ଜିୟମକୁ ୨-୧ ଗୋଲରେ ପରାସ୍ତ କରିଥିଲା। ତେଣୁ ଭାରତ ଚାମ୍ପିୟନ ଦଳ ଭାବେ ଭୁବନେଶ୍ୱରରେ ବିଶ୍ୱକପ୍ ଖେଳିବ। ପ୍ରକାଶ ଯୋଗ୍ୟ ଯେ, ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ୨୦୧୮ ମସିହାରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି।

ଇତିମଧ୍ୟରେ କଳିଙ୍ଗରେ ଅନେକ ବଡ଼ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରେ ରହିଛି ଚାମ୍ପିୟନ୍ସ ଟ୍ରଫି, ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍ (ପୁରୁଷ), ପୁରୁଷ ହକି ବିଶ୍ୱକପ୍, ହକି ସିରିଜ ଫାଇନାଲ୍ସ (ପୁରୁଷ), ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ (ମହିଳା ଓ ପୁରୁଷ) ଏବଂ ଏଫ୍‌ଆଇଏଚ୍ ପ୍ରୋ ଲିଗ୍।






## ଜୁନିୟର ହକି ବିଶ୍ୱକପ

| ବର୍ଷ | ଆୟୋଜକ | ଚାମ୍ପିୟନ | ରନର୍ସଅପ୍ |
|---|---|---|---|
| ୧୯୭୯ | ଭର୍ସାଇଲେସ | ପାକିସ୍ତାନ | ପଶ୍ଚିମ ଜର୍ମାନୀ |
| ୧୯୮୨ | କୁଆଲାଲମ୍ପୁର | ପଶ୍ଚିମ ଜର୍ମାନୀ | ଅଷ୍ଟ୍ରେଲିଆ |
| ୧୯୮୫ | ଭାଙ୍କୋଭର | ପଶ୍ଚିମ ଜର୍ମାନୀ | ନେଦରଲାଣ୍ଡ୍ସ |
| ୧୯୮୯ | ଇପୋ | ପଶ୍ଚିମ ଜର୍ମାନୀ | ଅଷ୍ଟ୍ରେଲିଆ |
| ୧୯୯୩ | ଟେରାସା | ଜର୍ମାନୀ | ପାକିସ୍ତାନ |
| ୧୯୯୭ | ମିଲଟନ କେନ୍ସ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୧ | ହୋବାର୍ଟ | ଭାରତ | ଆର୍ଜେଣ୍ଟିନା |
| ୨୦୦୫ | ରୋଟରଡାମ | ଆର୍ଜେଣ୍ଟିନା | ଅଷ୍ଟ୍ରେଲିଆ |
| ୨୦୦୯ | ଜୋହୋର ବାହରୁ | ଜର୍ମାନୀ | ନେଦରଲାଣ୍ଡ୍ସ |
| ୨୦୧୩ | ନୂଆଦିଲ୍ଲୀ | ଜର୍ମାନୀ | ଫ୍ରାନ୍ସ |
| ୨୦୧୬ | ଲକ୍ଷ୍ନୌ | ଭାରତ | ବେଲଜିୟମ |

## କଳିଙ୍ଗରେ ଅନୁଷ୍ଠିତ ବଡ଼ ହକି ଟୁର୍ନାମେଣ୍ଟ

୨୦୧୪ ଡିସେମ୍ବର ୬ରୁ ୧୪: ହକି ଚାମ୍ପିୟନ୍ସ ଟ୍ରଫି
୨୦୧୭ ଡିସେମ୍ବର ୧ରୁ ୧୦: ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍ (ପୁରୁଷ)
୨୦୧୮ ନଭେମ୍ବର ୨୮ରୁ ଡିସେମ୍ବର ୧୬: ପୁରୁଷ ହକି ବିଶ୍ୱକପ୍
୨୦୧୯ ଜୁନ୍ ୬ରୁ ୧୬: ହକି ସିରିଜ ଫାଇନାଲ୍ସ (ପୁରୁଷ)
୨୦୧୯ ନଭେମ୍ବର ୧ ଓ ୨: ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ (ମହିଳା ଓ ପୁରୁଷ)
୨୦୨୦ ଜାନୁୟାରୀ ୧୮ରୁ ମେ' ୨୪: ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# କ୍ରିକେଟ ଟର୍ମିନୋଲୋଜିରେ ପରିବର୍ତ୍ତନ କଲା ଏମ୍‌ସିସି

ଲଣ୍ଡନ, ୨୩।୯

ଗତ କିଛିବର୍ଷ ହେଲା ମହିଳା କ୍ରିକେଟର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମହିଳା ଓ ପୁରୁଷ ବର୍ଗରେ ଲିଙ୍ଗଗତ ବୈଷମ୍ୟ ଦୂରକରିବା ଅଭିପ୍ରାୟ ନେଇ ବିଧିବଦ୍ଧ ଭାବେ କ୍ରିକେଟ ଟର୍ମିନୋଲୋଜିରେ ଏକ ପରିବର୍ତ୍ତନ କରାଯାଇଥିବା ମେରିଲିବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ସୂଚନା ଦେଇଛି। ତଦନୁସାରେ ଏଣିକି ବ୍ୟାଟ୍ସମ୍ୟାନ ଓ ବ୍ୟାଟ୍ସ ଓମ୍ୟାନ ପରିବର୍ତ୍ତେ ଉଭୟ ବର୍ଗ ପାଇଁ 'ବ୍ୟାଟର' ଶବ୍ଦ ବ୍ୟବହାର କରାଯିବ। ବ୍ୟାଟ୍ସମ୍ୟାନ/ବ୍ୟାଟ୍ସଓମ୍ୟାନ ଶବ୍ଦ ୧୭୪୪ ମସିହାରୁ ବ୍ୟବହାର କରାଯାଇ ଆସୁଥିଲା। ପୂର୍ବରୁ ବୋଲର ଓ ଫିଲ୍ଡର ଆଦି ଶବ୍ଦ ଉଭୟ ପୁରୁଷ ଓ ମହିଳା କ୍ରିକେଟରଙ୍କ କ୍ଷେତ୍ରରେ ବ୍ୟବହାର ହୋଇ ଆସୁଛି। ତେଣୁ 'ବ୍ୟାଟର' ଶବ୍ଦ ବ୍ୟବହାର କରାଯିବାରେ କୌଣସି ଅସୁବିଧା ନାହିଁ ବୋଲି କ୍ରିକେଟ ଖେଳ ନୀତି ନିୟମର ପ୍ରଣେତା ଓ ସଂରକ୍ଷକ ଏମ୍‌ସିସିର ଆସିଷ୍ଟାଣ୍ଟ ସେକ୍ରେଟାରି (କ୍ରିକେଟ ଅପରେଶନ) ଜେମି କୋକ୍ସ କହିଛନ୍ତି। ଟର୍ମିନୋଲୋଜିରେ ପରିବର୍ତ୍ତନ ପାଇଁ ଦୀର୍ଘ ଦିନରୁ ପ୍ରୟାସ ଚାଲିଥିଲା। ୨୦୧୭ରେ ମହିଳା କ୍ରିକେଟର ଜଣାଶୁଣା ବ୍ୟକ୍ତିବିଶେଷଙ୍କୁ ନେଇ ଶେଷଥର ପାଇଁ ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଥିଲା। ବୁଧବାର ଏମ୍‌ସିସି ବିଧିବଦ୍ଧ ଭାବେ ଏହି ନିୟମରେ ମୋହର ଲଗାଇଛି। ଜୁଲାଇରେ ଇଂଲଣ୍ଡର 'ଦି ହଣ୍ଡ୍ରେଡ୍' (ଉଭୟ ମହିଳା ଓ ପୁରୁଷ ଇନିଂସ ପିଛା ୧୦୦ ବଲ୍ ଟୁର୍ନାମେଣ୍ଟ)ର ଉଦ୍‌ଘାଟନୀ ସଂସ୍କରଣ ହୋଇଥିଲା।

# ଟି୨୦ ବିଶ୍ୱକପ୍ ସଙ୍ଗୀତର ଶୁଭାରମ୍ଭ




ଦୁବାଇ, ୨୩।୯(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି୨୦ ବିଶ୍ୱକପ୍ ସଙ୍ଗୀତର ଗୁରୁବାର ବିଧିବଦ୍ଧ ଶୁଭାରମ୍ଭ ହୋଇଛି। ପୁନଶ୍ଚ ପ୍ରଚାର ପାଇଁ ଏକ ଫିଲ୍ମ ପ୍ରସ୍ତୁତ କରାଯାଇଛି। ଭାରତୀୟ ବ୍ୟାଟିଂ ମାଷ୍ଟର ବିରାଟ କୋହଲି ଓ ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ ଅଭିନୟ କରିଛନ୍ତି। ଟୁର୍ନାମେଣ୍ଟ ଅକ୍ଟୋବର ୧୭ରୁ ଓମାନ ଓ ୟୁଏଇରେ ଆରମ୍ଭ ହେବ। ନଭେମ୍ବର ୧୪ରେ ଫାଇନାଲ ଦୁବାଇରେ ଖେଳାଯିବ। ବଲିଉଡ ସଙ୍ଗୀତ ନିର୍ଦ୍ଦେଶକ ଅମିତ ତ୍ରିବେଦୀଙ୍କ ଦ୍ୱାରା ଲିଖିତ ଆନିମେଶନ ଫିଲ୍ମଟିରେ ଟି୨୦ କ୍ରିକେଟ ସହ ଜଡ଼ିତ ବିଶ୍ୱର ଯୁବ ପ୍ରଶଂସକ ଏବଂ କେତେଜଣ ଷ୍ଟାର ଖେଳାଳି ସ୍ଥାନ ପାଇଛନ୍ତି। ଆନିମେଶନରେ 'ଅବତାର'ଭାବେ ଦଳରେ ଖେଳାଳିଙ୍କ ନେତୃତ୍ୱ ନେଇଛନ୍ତି ଭାରତ ଅଧିନାୟକ କୋହଲି। ସେମାନେ ପରସ୍ପର ସହ କଥାବାର୍ତ୍ତା କରୁଛନ୍ତି। କୋହଲିଙ୍କ ସହ ଏଥିରେ ଯୋଗ ଦେଇଛନ୍ତି ବର୍ତ୍ତମାନର ଚାମ୍ପିୟନ ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ, ଅଷ୍ଟ୍ରେଲିଆ ଅଲରାଉଣ୍ଡର ଗ୍ଲେନ ମାକ୍ସୱେଲ୍ ଓ ଆଫଗାନିସ୍ତାନର ରଶିଦ ଖାଁ। ଆଇସିସିର ଗ୍ଲୋବାଲ ବ୍ରଡ୍‌କାଷ୍ଟ ପାର୍ଟନର ଷ୍ଟାର ସ୍ପୋର୍ଟ୍ସର ସହଯୋଗ କ୍ରମେ ଗୁରୁବାର ଫିଲ୍ମର ପ୍ରିମିୟର ଆଇସିସି, ବିସିସିଆଇ ଓ ଷ୍ଟାର ସ୍ପୋର୍ଟ୍ସର ସୋସିଆଲ ମିଡିଆ ହ୍ୟାଣ୍ଡେଲ ଜରିଆରେ ସମଗ୍ର ବିଶ୍ୱରେ କରାଯାଇଛି। ଆନିମେଶନ ଫିଲ୍ମଟିରେ ୩-ଡି ଓ ୨-ଡି ଇଫେକ୍ଟ ସହ ସଦ୍ୟ ନୂଆ ବ୍ରଡ୍‌କାଷ୍ଟ ଟେକ୍ନୋଲୋଜି ବ୍ୟବହାର କରାଯାଇଛି।

# ମୁମ୍ବାଇକୁ ହରାଇଲା କୋଲକାତା

ଆବୁଧାବି, ୨୩।୯

ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୧ର ଦ୍ୱିତୀୟ ପର୍ଯ୍ୟାୟରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୭ ଉଇକେଟରେ ମୁମ୍ବାଇକୁ ପରାସ୍ତ କରିଛି। ଫଳରେ ଏହି ପର୍ଯ୍ୟାୟରେ ମୁମ୍ବାଇ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ କୋଲକାତା ୧୫.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଥିଲା। ମୁମ୍ବାଇ ଏହା ପୂର୍ବ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସଠାରୁ ୨୦ ରନରେ ହାରିଥିଲା। ଏଠାରେ ବିଜୟ ଫଳରେ କୋଲକାତା ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ମୁମ୍ବାଇ ୬ଷ୍ଠ ସ୍ଥାନକୁ ଖସିଛି।

ଦଳୀୟ ସ୍କୋର ୪୦ ହୋଇଥିବାବେଳେ ନାଇଟ ରାଇଡର୍ସ ଓପନର ଶୁବମନ ଗିଲ୍(୯ ବଲ, ୧୩ ରନ, ୧ ଚୌକା, ୧ ଛକା)ଙ୍କ ଉଇକେଟ ହରାଇଥିଲା। ତେବେ ଭେଙ୍କଟେଶ୍ ଆୟାର ଓ ରାହୁଲ ତ୍ରିପାଠୀ ବିସ୍ଫୋରକ ବ୍ୟାଟିଂ କରି ଦଳର ବିଜୟକୁ ସହଜ କରି ଦେଇଥିଲେ। ଦୁହେଁ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୫୨ ବଲ୍‌ରୁ ୮୮ ରନର ଭାଗୀଦାରି ଗଢ଼ିଥିଲେ। ଆୟାର ୩୦ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୫୩ ରନ କରି ଆଉଟ ହୋଇଥିଲେ। ପରେ ଇଅନ ମୋର୍ଗାନ ୭ ରନ କରି ପ୍ୟାଭିଲିୟନ ଫେରିଥିଲେ ହେଁ ତ୍ରିପାଠୀ ୪୨ ବଲ୍‌ରୁ ୮ ଚୌକା ଓ ୩ ଛକା ସହାୟତାରେ ୭୪ ରନରେ ଅପରାଜିତ ରହି ମୁମ୍ବାଇ ବୋଲରଙ୍କୁ ନିରାଶ କରିଥିଲେ। ମୁମ୍ବାଇର ସବୁ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ୩ଟି ଯାକ ଉଇକେଟ ଯଶପ୍ରୀତ୍ ବୁମ୍‌ରା ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଓପନିଂ ଯୋଡ଼ିରେ ୫୬ ବଲ୍‌ରୁ ୭୮ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଇନିଂସ ଦିଗହରା ହୋଇଥିଲା। ୩୦ ବଲ୍‌ରୁ ୩୩(୪ ଚୌକା) ରନ କରିଥିବା ଅଧିନାୟକ ରୋହିତ ଶର୍ମାଙ୍କୁ ଆଉଟ କରି ତାରକା ସ୍ପିନର ସୁନୀଲ ନାରିନ କୋଲକାତାକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିବାରେ ଲାଗିଥିଲା। ସୂର୍ଯ୍ୟକୁମାର ଯାଦବ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିବାବେଳେ ସେଟ୍ ବ୍ୟାଟ୍ସମ୍ୟାନ ଡି'କକ୍ ଆଉଟ ହେବା ମୁମ୍ବାଇ ପାଇଁ ମହଙ୍ଗା ପଡ଼ିଥିଲା। ଡି'କକ୍ ୪୨ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୫୫ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ନାରିନ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଇଶାନ କିଶନଙ୍କ ଖରାପ ଫର୍ମ ଅବ୍ୟାହତ ରହିଥିଲା। ସେ ଏଠାରେ ୧୩ ବଲ୍‌ରୁ ମାତ୍ର ୧୪ (୧ ଛକା) ରନ କରି ଆଉଟ ହୋଇଥିଲେ। କିରନ ପୋଲାର୍ଡ ୧୫ ବଲ୍‌ରୁ ୨୧(୨ ଚୌକା, ୧ ଛକା) ଓ କ୍ରୁନାଲ ପାଣ୍ଡ୍ୟା ୯ ବଲ୍‌ରୁ ୧୨(୧ ଛକା) ରନ କରିଥିଲେ। କୋଲକାତା ପକ୍ଷରୁ ଲୋକି ଫର୍ଗୁସନ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏ ଏବଂ ସୁନୀଲ ନାରିନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୫/୬( କ୍ୱିଣ୍ଟନ ଡି'କକ୍-୫୫, ରୋହିତ ଶର୍ମା-୩୩, କିରନ ପୋଲାର୍ଡ-୨୧, ପ୍ରସିଦ୍ଧ କ୍ରିଷ୍ଣା-୨/୪୩, ଲୋକି ଫର୍ଗୁସନ-୨/୨୭, ସୁନୀଲ ନାରିନ-୧/୨୮)। କୋଲକାତା ନାଇଟ ରାଇଡର୍ସ ୧୫.୧ ଓଭରରେ ୧୫୯/୩(ରାହୁଲ ତ୍ରିପାଠୀ-୭୪, ଭେଙ୍କଟେଶ୍ ଆୟାର-୫୩, ଯଶପ୍ରୀତ୍ ବୁମ୍‌ରା-୩/୪୩)।



ଉଇକେଟ ନେବା ପରେ କୋଲ୍‌କାତାର ପ୍ରସିଦ୍ଧ କ୍ରିଷ୍ଣାଙ୍କ ପ୍ରତିକ୍ରିୟା।

**ଶୁକ୍ରବାର ମ୍ୟାଚ**

ରୟାଲ୍ ଚାଲେଞ୍ଜର୍ସ
ବନାମ
ଚେନ୍ନାଇ ସୁପରକିଙ୍ଗ୍ସ



ସ୍ଥାନ : ଶାରଜା
ସମୟ : ରାତି ୭.୩୦
ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୬୧୩ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୬ | ୨ | ୧୨ | +୧.୨୨୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | -୦.୭୦୬ |
| ନାଇଟ ରାଇଡର୍ସ | ୯ | ୪ | ୫ | ୮ | +୦.୩୬୩ |
| ରାଜସ୍ଥାନ ରୟାଲ୍ସ | ୮ | ୪ | ୪ | ୮ | -୦.୧୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୪ | ୫ | ୮ | -୦.୩୧୦ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୩୪୫ |
| ସନ୍‌ରାଇଜର୍ସ | ୮ | ୧ | ୭ | ୨ | -୦.୬୮୯ |




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଛାଡ଼ି ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୩।୯:** ଜଣୈକା ଯୁବତୀଙ୍କୁ ହଇରାଣ କରି ବ୍ଲାକ୍‌ମେଲ୍ କରିବା ସହିତ ତାଙ୍କ ଅଶ୍ଳୀଳ ଫଟୋ ସୋସିଆଲ୍ ମିଡିଆରେ ଛାଡ଼ିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣକ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଓଲଣ୍ଡା ଗ୍ରାମର କାହ୍ନୁ ଚରଣ ସାହୁ। ମାମଲା ନମ୍ବର ୨୪୦/୨୧ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କାହ୍ନୁ ଫେସବୁକ୍‌ରେ ଜଣେ ଯୁବତୀଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ। ପରେ ତାଙ୍କୁ ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ପ୍ରତିଶୋଧ ପରାୟଣ ହୋଇ କାହ୍ନୁ ସମ୍ପୃକ୍ତ ଯୁବତୀଙ୍କ ବିଭିନ୍ନ ଅଶ୍ଳୀଳ ଫଟୋ ସୋସିଆଲ୍ ମିଡିଆରେ ଛାଡ଼ି ତାଙ୍କୁ ହଇରାଣ କରିଥିଲେ। ଏ ନେଇ ଯୁବତୀ ଜଣକଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### କୁସୁମୀ ଡବଲ ମର୍ଡର ମାମଲା
### ୩ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୩।୯:** ବହୁଚର୍ଚ୍ଚିତ କୁସୁମୀ ଡବଲ୍ ମର୍ଡର ମାମଲାରେ ଗଞ୍ଜାମ ଜିଲା ଦୌରାଜଜ୍ ଶଶିକାନ୍ତ ମିଶ୍ର ପ୍ରମାଣ ଅଭାବରୁ ୩ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ମେଣ୍ଡରାଜପୁର ଗ୍ରାମର ଏସ୍.ଗୋବିନ୍ଦ ରେଡ୍ଡୀ, ମାଣିକପୁରର ଗୋପାଳ ପାତ୍ର ଓ ଗୋପାଳଗାଁର ସି.ଏଚ୍.ଶ୍ରୀନିବାସ ପାତ୍ର। ଗୋଳନ୍ଥରା ଥାନା ଅନ୍ତର୍ଗତ କୁସୁମୀ ଗ୍ରାମରେ ମଦ ବ୍ୟବସାୟକୁ କେନ୍ଦ୍ରକରି ୨୦୦୮ରେ ଗଙ୍ଗା ସାହୁ ଓ ବଳରାମ ସାହୁଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଚାର୍ଜଶିଟରେ ଅନ୍ୟମାନଙ୍କୁ ଫେରାର୍ ଦର୍ଶାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିଚାର ଶେଷ ହୋଇଛି। ଫେରାର ଥିବା ୩ ଅଭିଯୁକ୍ତ ୨୦୧୩ରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ମୋଟ ୧୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ଜିଲା ଜଜ୍ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ସୌଭାଗ୍ୟ ମିଶ୍ର ଓ ସୁଦର୍ଶନ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ଜୀବନ ବୀମା ନିଗମ ପକ୍ଷରୁ ହିନ୍ଦୀ ପକ୍ଷ

**ବ୍ରହ୍ମପୁର ଅଫିସ,୨୩।୯:** ଭାରତୀୟ ଜୀବନ ବୀମା ନିଗମ ବ୍ରହ୍ମପୁର ଡିଭିଜନ ପକ୍ଷରୁ ବୀମା କାର୍ଯ୍ୟାଳୟଠାରେ ଗୁରୁବାର ହିନ୍ଦୀ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ମଣ୍ଡଳ ସହପ୍ରବନ୍ଧକ ପି.ମୋହନ ରାଓ ଅଧ୍ୟକ୍ଷତା କରିଥିଲେ। ଭାରତୀୟ ଜୀବନ ବୀମା ସଫଳତାର ୬୫ ବର୍ଷ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ। ଏଥିରେ ସିଟି ହାଇସ୍କୁଲ ଏନ୍‌ସିସି ଅଫିସର ତଥା ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କାର୍ଯ୍ୟାଳୟର ବହୁ କର୍ମଚାରୀ ଯୋଗ ଦେଇଥିଲେ। ଏଥିରେ ମୃଣ୍ମୟ ଚକ୍ରବର୍ତ୍ତୀ ପ୍ରଥମ, ମମତା ବାଳା ଦାସ ଦ୍ୱିତୀୟ ଓ ମଧୁସୂଦନ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଣ୍ଡଳ ଅଧିକାରୀ ରାଜ କୁମାର ପଟ୍ଟନାୟକ ସଭା ସଦସ୍ୟଙ୍କୁ ହିନ୍ଦୀ ପକ୍ଷର ସଫଳତା ପୂର୍ବକ ପାଳନ ହୋଇଥିବାରୁ କୃତଜ୍ଞତା ଜଣାଇଥିଲେ।

### ବିଦେଶରେ ଚାକିରି ନାଁରେ ଠକେଇ ମାମଲା
### ମୁଖ୍ୟ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୨୩।୯:** ବିଦେଶରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ ଗିରଫ ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତ ହେଲେ ତାମିଲନାଡୁ ଟିଟାଗୁଡ଼ି ପେରୁମୁଲିଆ ରୋଡ଼ ପେରିଆରନଗରର ସୁବ୍ରମଣିଅନ୍ ବୀରସ୍ୱାମୀ। ବ୍ରହ୍ମପୁର ଏସ୍‌ଡିଜେଏମ୍ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ସର୍ତ୍ତ ଅନୁସାରେ ସେ କୋର୍ଟରେ ୩ଲକ୍ଷ ୫୦ହଜାର ଟଙ୍କା ଜମା କରିବା ସହିତ ୨ ଜାମିନଦାର ଓ ୫୦ ହଜାର ଟଙ୍କାର ବେଲବଣ୍ଡ ଦାଖଲ କରିଛନ୍ତି। ବିଦେଶରେ ଚାକିରି ଦେବା ପାଇଁ ଏକ ନିର୍ଦ୍ଦିଷ୍ଟ ୱେବ୍‌ସାଇଟରେ ବିଜ୍ଞାପନ ପ୍ରକାଶ ହୋଇଥିଲା। ଏହି ଅନୁସାରେ ବ୍ରହ୍ମପୁରର ଜଣେ ଯୁବକ ଚାକିରି ପାଇଁ ଆବେଦନ କରି ଟଙ୍କା ଠକେଇର ଶିକାର ହୋଇଥିଲେ। ଭିଜା, ପାସ୍‌ପୋର୍ଟ ସହିତ ଅନ୍ୟ କାଗଜପତ୍ର ପାଇଁ ତାଙ୍କଠାରୁ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ଠକେଇ ହୋଇଥିଲା। ଅଭିଯୋଗ କ୍ରମେ ବଡ଼ବଜାର ଥାନା ପୋଲିସ ଗତ ମାର୍ଚ୍ଚରେ ମାମଲା ରୁଜୁ କରିଥିଲା। ମୁଦାଲାଙ୍କ ତରଫରୁ ଏସ୍. ରାମ କୁମାର ଓ ଅଶୋକ ଶୁକ୍ଳ ମକଦ୍ଦମା ପରିଚାଳନା କରିଥିଲେ।

# ବ୍ରହ୍ମପୁର ହୋଇପାରିଲାନି ସ୍ମାର୍ଟ ସିଟି

**ବ୍ରହ୍ମପୁର ଅଫିସ,୨୩।୯**



- ମହାନଗରରେ ନିର୍ମାଣ ହେବ ୨୦ ସ୍ମାର୍ଟ ରୋଡ୍
- ବିଏମ୍‌ସି ବଜେଟରେ ବରାଦ ୨୦ କୋଟି
- ତାଲିମ ନେଇ ଫେରିଲେ ୪ ଇଞ୍ଜିନିୟର

ସ୍ମାର୍ଟସିଟି ଦୌଡ଼ରୁ ଫେଲ ମାରିଛି ବ୍ରହ୍ମପୁର। ମହାନଗରରେ ପର୍ଯ୍ୟାୟକ୍ରମେ ନିର୍ମାଣ ହେବ ୨୦ ସ୍ମାର୍ଟ ରୋଡ। ଏହା ସହ ସହରର ପୁରାତନ ଗାନ୍ଧୀ ଓ ନେହେରୁ ପାର୍କକୁ କରାଯିବ ସ୍ମାର୍ଟ। ଗେଟ୍ ବଜାରଠାରୁ ସିଟି ବସ୍‌ଷ୍ଟାଣ୍ଡ ରୋଡସ୍ଥ ଶ୍ମଶାନ, ଗୋଷାଣୀନୂଆଗାଁ ଶ୍ମଶାନ, ରାମନଗର ଶ୍ମଶାନ ଓ ଫାଷ୍ଟଗେଟ ନିକଟ ତେଲି ଶ୍ମଶାନକୁ ନବୀକରଣ କରାଯିବ। ମହାନଗର ନିଗମ ପକ୍ଷରୁ ଏଭଳି ଅନେକ ପ୍ରସ୍ତାବ ରଖାଯାଇଛି। ଶ୍ମଶାନଗୁଡ଼ିକର ଉନ୍ନତୀକରଣ ପାଇଁ ଇତିମଧ୍ୟରେ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ସ୍ମାର୍ଟ ରୋଡ ସମ୍ପର୍କରେ ବେଙ୍ଗାଲୁରୁଠାରେ ଇଞ୍ଜିନିୟରମାନଙ୍କୁ ତାଲିମ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ବିଏମ୍‌ସିର ୪ ଇଞ୍ଜିନିୟର ଯୋଗଦେଇ ଫେରିଛନ୍ତି।

ସୂଚନାଯୋଗ୍ୟ, ୨୦୧୩ ପୌର ନିର୍ବାଚନ ପରେ ରାଜ୍ୟର କେତେକ ବଡ଼ ସହରକୁ ସ୍ମାର୍ଟସିଟି କରାଯିବାର ପ୍ରସ୍ତାବ ଥିଲା। ୨୦୧୫ ଜୁନ ଶେଷ ସପ୍ତାହରେ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ତତ୍କାଳୀନ କେନ୍ଦ୍ର ସହରାଞ୍ଚଳ ମନ୍ତ୍ରୀ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କ ସମେତ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁରର ପୂର୍ବତନ ମେୟର କେ. ମାଧବୀ ଓ ତତ୍କାଳୀନ କମିଶନର ଯୋଗ ଦେଇଥିଲେ। ବ୍ରହ୍ମପୁର ସ୍ମାର୍ଟ ସିଟି ପାଇଁ ରହିଥିବା ସମସ୍ତ ଭିତ୍ତିଭୂମି ନେଇ ମାଧବୀ ସନ୍ଦର୍ଭ ଉପସ୍ଥାପନ ସହ ଯୁକ୍ତି ବାଢ଼ିଥିଲେ। କର୍ମଶାଳାରେ ହୋଇଥିବା ପ୍ରତିଯୋଗିତାରେ ବିଏମ୍‌ସି ଫେଲ ମାରିବାରୁ ନମ୍ବର ଆଧାରରେ ରାଉରକେଲା ସଫଳ ହୋଇଥିଲା।

ଅପରପକ୍ଷରେ ୨୦୧୯ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଜାନିବିଲି ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସେହି ବର୍ଷ ମାର୍ଚ୍ଚ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତରବରିଆ ଭାବେ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଜନସମାବେଶରେ ସରକାରଙ୍କ ଉନ୍ନତି ଯୋଜନାରେ ବ୍ରହ୍ମପୁର ସମେତ ରାଜ୍ୟର ୧୧୪ ପୌରାଞ୍ଚଳରେ ୨୦୦ କୋଟି ଟଙ୍କା ବ୍ୟୟରେ ୨ ଶହରୁ ଅଧିକ ସ୍ମାର୍ଟ ପାର୍କ ସମସ୍ତ ସୁବିଧା ଉପଲବ୍ଧ ଥାଇ ନିର୍ମାଣ କରାଯିବ ଏବଂ ଆଉ ୨୦୦ କୋଟି ଟଙ୍କା ବ୍ୟୟରେ ସବୁ ସହରାଞ୍ଚଳରେ ଶ୍ମଶାନଗୁଡ଼ିକର ଉନ୍ନତି ତଥା ନବୀକରଣ କରାଯିବାର ମଧ ଘୋଷଣା କରାଯାଇଥିଲା। ବ୍ରହ୍ମପୁରରେ ବହୁ ବିଳମ୍ବରେ ସ୍ମାର୍ଟ ପାର୍କ ଏବଂ ଶ୍ମଶାନ ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଛି। କେବେ ସରିବ ତାହା ଅନିଶ୍ଚିତ ହୋଇଯାଇଛି।

ସେହିପରି ବ୍ରହ୍ମପୁରରେ ସ୍ମାର୍ଟ ରୋଡ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମହାନଗରର ବିଭିନ୍ନ ଅଞ୍ଚଳରେ ୨୦ ରୋଡ ଚିହ୍ନଟ କରାଯିବା ସହ ବିଏମ୍‌ସିର ଜୁନ ୨୪ରେ ହୋଇଥିବା ୨୦୨୧-୨୨ ବର୍ଷର ବଜେଟରେ ୨୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସ୍ମାର୍ଟ ରୋଡ ଓସାର ୩୦ ଫୁଟ ହେବ ଏବଂ ଲୋକଙ୍କ ପାଦଚଲା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ସ୍ମାର୍ଟ ରୋଡ ନିର୍ମାଣ ଲାଗି ଅନେକ ସ୍ଥାନରେ ଜବରଦଖଲ ଉଚ୍ଛେଦ ସହ ସଂକୁଚିତ ରାସ୍ତାରେ ଥିବା ଅନ୍ୟାନ୍ୟ ଅବ୍ୟବସ୍ଥା ହଟାଯିବ। ତେଣୁ ପର୍ଯ୍ୟାୟକ୍ରମେ ରୋଡ ନିର୍ମାଣ ଓ ଦୁଇପଟରେ ଉନ୍ନତମାନର ଡ୍ରେନ ନିର୍ମିତ ହେବ। ସ୍ମାର୍ଟ ରୋଡ ଡିଜାଇନ ଦେଖିବା ଏବଂ ନିର୍ମାଣ ପ୍ରଣାଳୀ ସମ୍ପର୍କରେ ଉପଯୁକ୍ତ ତାଲିମ ନେଇ ବିଏମ୍‌ସିର ଦୁଇ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୪ ଇଞ୍ଜିନିୟର ବେଙ୍ଗାଲୁରୁରୁ ତାଲିମ ନେଇ ଫେରିଛନ୍ତି। ଖୁବ୍ ନିକଟରେ ଟେଣ୍ଡର ପ୍ରକ୍ରିୟା କରାଯିବାର ସୂଚନା ଦିଆଯାଇଛି। ତେଣୁ ସ୍ମାର୍ଟ ସିଟିରୁ ବାଦ ପଡ଼ିଥିବା ବ୍ରହ୍ମପୁରରେ ସ୍ମାର୍ଟ ରୋଡ ଦେଖିବା ପାଇଁ ଅପେକ୍ଷା କରାଯାଇଛି।

# ଖେଳ ଉପକରଣ କିଣାରେ ଅନିୟମିତତା

**ନୟାଗଡ଼ ଅଫିସ,୨୩।୯**

- ଉପକରଣ ନ କିଣି ସ୍କୁଲକୁ ଆଗୁଆ ତାରିଖର ଜିଏସ୍‌ଟି ବିଲ୍
- ନୟାଗଡ଼ ଖେଳ ଦୋକାନ ଉପରେ ଚଢ଼ାଉ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଖେଳ ଉପକରଣ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦୋକାନରୁ ଖେଳ ଉପକରଣ କିଣିବାକୁ ବାଧ କରାଯାଉଛି । ଅନ୍ୟପକ୍ଷେ ଖେଳ ଉପକରଣ ନ କିଣି ନୟାଗଡ଼ର ନିଉ ସ୍ପୋଟସ୍ ଏମ୍ପୋରିୟମ ନାମରେ ଏକ ଖେଳ ଦୋକାନ ସ୍କୁଲମାନଙ୍କୁ ଆଗୁଆ ତାରିଖର ଜିଏସ୍‌ଟି ବିଲ୍ ଦେଇଛି ।

ଏ ଘଟଣା ଜଣାପଡିବା ପରେ ବାଣିଜ୍ୟକର ବିଭାଗ ପକ୍ଷରୁ ଗୁରୁବାର ନୟାଗଡ଼ର ନିଉ ସ୍ପୋଟସ୍ ଏମ୍ପୋରିୟମ ଉପରେ ୨ ଥର ଚଢ଼ାଉ କରାଯାଇ କିଛି କାଗଜାତ ଜବତ କରାଯାଇଛି । ସେହିପରି ଏହି କାରବାରରେ ଶିକ୍ଷା ବିଭାଗର ଏକ ର୍‍ୟାକେଟ୍ କାମ କରୁଛି । ପୁଣି ଖଣ୍ଡପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କ ନାଁରେ ଅଭିଯୋଗ ଉଠିଛି । ଏନେଇ ଖଣ୍ଡପଡ଼ା ବ୍ଲକ ଶିକ୍ଷା ଅଧିକାରୀ ପ୍ରତାପ କିଶୋର ପଟ୍ଟନାୟକ କୁହନ୍ତି, କ୍ରୀଡ଼ା ଉପକରଣ ଗୋଟିଏ ନିର୍ଦ୍ଦିଷ୍ଟ ଦୋକାନରୁ କିଣିବାକୁ କାହାକୁ ବାଧ କରାଯାଇନାହିଁ । ଏଥିରେ ଅନିୟମିତତା ହେବାର ପ୍ରଶ୍ନ ଉଠୁନି । ଅଭିଯୋଗ ଆସିଲେ ତଦନ୍ତ କରାଯିବ ।

**PARADIP PORT TRUST**

**e-TENDER CALL NOTICE**

Name of the work : **"Allotment of 09 (Nine) nos. of Manual Iron Ore/Iron Ore Pellet plots"**. License Fees : **Rs.2,35,85,958/-.** Wharfage Fees : **Rs.6,17,041/-.** Last date & time of submission of bid : **Dt.06.10.2021 up to 15:00 hrs.** Date and time of opening (technical bid) : **Dt.06.10.2021 up to 16:00 hrs.** Refer our website for details : **https://eprocure.gov.in/eprocure/app**

Traffic Manager (I/c)
PPT/PR/111/21-22 Dt-23.09.21

**PARADIP PORT TRUST**

**Corrigendum-IV**

**To e-Tender Call Notice No. EM/WS-29/2021 for the work: "Grant of license for Installation, Operation & Maintenance of 04 nos. of 100Ton capacity HMC for a period of 05 years extendable to another 01 year".**
The last date of Bid Submission and opening of the bid for the above e-Tender Call Notice are hereby extended as follows: **1.** Last date and time of Bid Submission: **11.10.2021** up to 18:00 Hrs. **2.** Opening of Technical Bid : **12.10.2021** at 11:00 Hrs. All other terms and conditions of the original tender, Addendum-I and Addendum-II will remain unchanged.

**Executive Engineer(M), Workshop Division-I**
PPT/PR/113/21-22 Dated: 23.09.2021

# ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗନେବେ ଚନ୍ଦନ

**ବ୍ରହ୍ମପୁର ଅଫିସ,୨୩।୯**

ଗଞ୍ଜାମ ଜିଲା ଆଜି ଅନେକ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କ ପାଇଁ ସୁନାମ ଅର୍ଜନ କରିଛି। ଏଥିମଧ୍ୟରୁ ପୂର୍ବରୁ ବହୁ ପ୍ରତିଯୋଗୀ ଜିଲା ସମେତ ରାଜ୍ୟ ବାହାରେ ଉତ୍ତମ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରି ଜିଲା ପାଇଁ ଗୌରବ ଆଣିଛନ୍ତି। କିନ୍ତୁ ଏଭଳି

## ଅର୍ଥ ସାଜିଛି ବାଧକ

କେତେକ ପ୍ରତିଯୋଗୀ ରହିଛନ୍ତି, ଯେଉଁମାନେ ଆର୍ଥିକ ପ୍ରୋତ୍ସାହନ ଅଭାବରୁ ଏହି କ୍ରୀଡ଼ା ପ୍ରତି ମୁହଁ ଫେରାଇବାକୁ ବସିଲେଣି। ହେଲେ କେତେକ ପ୍ରତିଯୋଗୀ ନିଜ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ନିଜସ୍ୱ ଖର୍ଚ୍ଚରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରସ୍ତୁତ ହେଉଛନ୍ତି। ସେ ହେଉଛନ୍ତି ଚନ୍ଦନ କୁମାର ସାହୁ(୨୪)। ସେ ଏହି ପ୍ରତିଯୋଗିତାରେ ଭାଗନେଇ ବିଜୟ ଲକ୍ଷ୍ୟ ରଖିଛନ୍ତି। ଚନ୍ଦନ


ଚନ୍ଦନ କୁମାର ସାହୁ

୨୦୧୭-୨୦୨୧ ପର୍ଯ୍ୟନ୍ତ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୫ ଥର ଗଞ୍ଜାମ ଶ୍ରୀ ଭାବେ ସ୍ୱର୍ଣ୍ଣ ପଦକ ଓ ୩ ଥର ରାଜ୍ୟସ୍ତରୀୟ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ୨ଥର ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଅକ୍ଟୋବର ୧ରୁ ୭ ପର୍ଯ୍ୟନ୍ତ ଉଜ୍‌ବେକିସ୍ଥାନର ତାସ୍‌କେଣ୍ଟରେ ଦ୍ୱାଦଶ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେବେ। ୬୦ କେଜି ବର୍ଗରେ ଭାରତର ଏକମାତ୍ର ପ୍ରତିଯୋଗୀ ଭାବେ ଚନ୍ଦନ ଅଂଶଗ୍ରହଣ କରିବେ। ସେ ବର୍ତ୍ତମାନ ଗଞ୍ଜାମ ଜିଲା ଆମେଚେର୍ ବଡ଼ି ବିଲ୍ଡିଂ ଆସୋସିଏଶନ ପ୍ରଶିକ୍ଷକ ଏସ୍.ରାଜେଶ ବାବୁ ଆଚାରୀଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

ଦୁଃଖର ବିଷୟ ପ୍ରସ୍ତୁତି ନିମନ୍ତେ ତାଙ୍କୁ ସ୍ୱତନ୍ତ୍ର ଖାଦ୍ୟପେୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କ୍ଷେତ୍ରରେ ଅର୍ଥ ବାଧକ ସାଜିଛି। ଏଣୁ ତାଙ୍କୁ ଆର୍ଥିକ ସହାୟତା ପାଇଁ ସରକାରୀସ୍ତରରେ କିମ୍ବା କୌଣସି ପ୍ରାୟୋଜିତ ସଂସ୍ଥା ସହାୟତାର ହାତ ବଢାଇବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ଆଉ ୭ ପଜିଟିଭ, ଡେଙ୍ଗୁ ରୋଗୀ ସଂଖ୍ୟା ୮୬

**ବ୍ରହ୍ମପୁର ଅଫିସ,୨୩।୯**

ଗଞ୍ଜାମ ଜିଲାରେ ଡେଙ୍ଗୁ ସାଂଘାତିକ ରୂପ ନେଲାଣି। ବିଶେଷ କରି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଏଯାବତ ୫ ଶିଶୁ ସମେତ ୨୭ ଡେଙ୍ଗୁରେ ଆକ୍ରାନ୍ତ ହୋଇ ସାରିଲେଣି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ୮୬ ଛୁଇଁଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା.ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ଗୁରୁବାର ଦିନକରେ ବିଏମ୍‌ସି ଅଧୀନ ଲାଞ୍ଜିପଲ୍ଲୀ ଅଞ୍ଚଳର ଜଣେ ୮ବର୍ଷର ଶିଶୁ ସମେତ ଜିଲାରେ ୭ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଲାଞ୍ଜିପଲ୍ଲୀ ଅଞ୍ଚଳରେ ଜଣେ ୮ବର୍ଷର ଶିଶୁକନ୍ୟା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗୋଷାଣୀନୂଆଗାଁରେ ୪୦ବର୍ଷର ଜଣେ ଓ ରଙ୍ଗୁଣିବନ୍ଧ ସାହିର ୩୨ ବର୍ଷର ଜଣେ ଯୁବକ ଆକ୍ରାନ୍ତ ହୋଇଛନ୍ତି। ଛତ୍ରପୁର ବ୍ଲକ କେ.ଆର୍ଯ୍ୟପଲ୍ଲୀର ଜଣେ ୨୦ ବର୍ଷର ଯୁବତୀ ଓ ଏସ୍.ଆର୍ଯ୍ୟପଲ୍ଲୀର ଜଣେ ୧୮ ବର୍ଷର ଯୁବକ ଆକ୍ରାନ୍ତ ହୋଇଛନ୍ତି। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ନୂଆପଲି ଗ୍ରାମର ଜଣେ ୫୦ବର୍ଷର ମହିଳା ଓ ସୋରଡ଼ା ବ୍ଲକ ଅସୁରବନ୍ଧର ୨୦ବର୍ଷର ଜଣେ ଯୁବତୀ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଦିନକୁ ଦିନ ଡେଙ୍ଗୁ ସଂଖ୍ୟା ବଢୁଥିବାରୁ ଲୋକଙ୍କୁ ଭୟ ଘାରିଛି। ଏବେ କେତେକ ଲୋକଙ୍କୁ ଜ୍ୱର ହେବା ସଙ୍ଗେ ସଙ୍ଗେ ସେମାନେ ବିଶାଖାପାଟଣା ଘରୋଇ ମେଡିକାଲ ଯାଇ ଚିକିତ୍ସିତ ହେଉଛନ୍ତି। ବ୍ରହ୍ମପୁର ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଲୋକଙ୍କୁ ଏ ଦିଗରେ ସଚେତନ କରାଯାଉଛି। ସେପଟେ ଜିଲାର ଆକ୍ରାନ୍ତଙ୍କ ଗ୍ରାମରେ ମଶା ମରା ତେଲ ସିଞ୍ଚନ କରାଯାଉଥିବା ବେଳେ ମଶା ମରା ଧୂଆଁ ସ୍ପ୍ରେ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ସିଡିଏମଓ ମିଶ୍ର କହିଛନ୍ତି।

# ଗୋଲ୍ଡ ଲୋନ୍ ସଂସ୍ଥାରୁ ୧୭ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୨୩।୯**

ବ୍ରହ୍ମପୁର ସହରରେ ଥିବା ଏକ ଗୋଲ୍ଡ ଲୋନ୍ ସଂସ୍ଥାରୁ ବଡ଼ ଧରଣର ଠକେଇ ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ସଂସ୍ଥାର ଏକ ଶାଖାରେ ନିମ୍ନମାନର ସୁନା ଗହଣା ବନ୍ଧକ ରଖି ପ୍ରାୟ ୧୭ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ଏ ନେଇ ସଂସ୍ଥା ଏରିଆ ମୁଖ୍ୟ ସୁଧାଂଶୁ କୁମାର ଶର୍ମା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୫୩/୨୧ରେ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି। ବ୍ରହ୍ମପୁର ସହରରେ ବହୁ ଗୋଲ୍ଡ ଲୋନ୍ ସଂସ୍ଥା ରହିଛି। ଲୋକେ ଏହି ସଂସ୍ଥାରେ ସୁନା ଗହଣା ବନ୍ଧକ ରଖି ଲୋନ୍ ନେଇଥାନ୍ତି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ଏଭଳି ଏକ ସଂସ୍ଥାରେ ଗତ କିଛିମାସ ତଳେ ଜଣେ ବ୍ୟକ୍ତି ସୁନା ଗହଣା ବନ୍ଧକ ରଖିଥିଲେ। ଏହାପରେ ତାଙ୍କୁ ସଂସ୍ଥା ତରଫରୁ ୧୭ଲକ୍ଷ ଟଙ୍କା ଲୋନ୍ ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ସମୟରେ ସଂସ୍ଥାର ଅଡିଟ୍ ବେଳେ ସେହି ସୁନା ନିମ୍ନମାନର (୨୨ କ୍ୟାରେଟରୁ କମ୍) ଥିବା ଜଣାପଡ଼ିଥିଲା। ଏଣୁ ସଂସ୍ଥା ତରଫରୁ ସମ୍ପୃକ୍ତ ଗ୍ରାହକଙ୍କୁ ନୋଟିସ୍ କରାଯାଇଥିଲା। ମାମଲା ସମାଧାନ ନ ହେବାରୁ ପରେ ସଂସ୍ଥାର ଏରିଆ ମୁଖ୍ୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି

**ବ୍ରହ୍ମପୁର ଅଫିସ,୨୩।୯**

ଲଘୁଚାପଜନିତ ଲଗାଣ ବର୍ଷା ପରେ ବର୍ତ୍ତମାନ ଗଞ୍ଜାମ ଜିଲାର ବିଭିନ୍ନ ଜଳଭଣ୍ଡାରରେ ଜଳ ସ୍ତର ବୃଦ୍ଧି ପାଇଛି। ଜୁଲାଇ ଓ ଅଗଷ୍ଟରେ ବର୍ଷା ପରିମାଣ ହ୍ରାସ ଘଟିବାରୁ ଜଳ ଭଣ୍ଡାରଗୁଡିକ ଶୁଖିଲା ପଡିଥିଲା। ଜଳ ସ୍ତର ହ୍ରାସ ପାଇ ଘୋଡାହାଡ ଜଳଭଣ୍ଡାରରେ ପୋତି ହୋଇ ରହିଥିବା ବହୁ ପୁରାତନ ଜଗନ୍ନାଥ ମନ୍ଦିର ଦୃଶ୍ୟମାନ ହୋଇଥିଲା। ବର୍ଷା ପରିମାଣ କମ୍ ଯୋଗୁ ଜିଲାର ବିଭିନ୍ନ ବ୍ଲକରେ ଜମିରେ ରୁଆ କାର୍ଯ୍ୟ ବାଧାପ୍ରାପ୍ତ ସାଙ୍ଗକୁ ଅନେକ ଜମିରେ ତଳି ପୋଡି ଯାଇଥିଲା। ଯାହାକୁ ନେଇ ଚାଷୀକୁଳ ହତାଶ ହୋଇ ପଡିଥିଲେ। ଚଳିତ ମାସରେ ଲଘୁଚାପଜନିତ ବର୍ଷା ଚାଷୀଙ୍କ କ୍ଷେତ୍ରରେ ଆଶ୍ୱସ୍ତି ଆଣିଛି। ତେବେ ଅନ୍ୟପଟେ ଜଳ ଭଣ୍ଡାରରେ ଜଳ ବୃଦ୍ଧି ପରେ ବ୍ୟାରେଜ୍ ଓ କେନାଲ ମାଧ୍ୟମରେ ପାଣି ଛଡାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ମୁଖ୍ୟଯନ୍ତ୍ରୀ ମଧ୍ୟମ ଜଳସେଚନ-୨ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଜିଲାର ଭଞ୍ଜନଗର ଜଳ ଭଣ୍ଡାରରେ ୫୬.୫୧%, ସୋରଡା ଜଳଭଣ୍ଡାରରେ ୪୨.୨୯%, ଡହ ଜଳ ଭଣ୍ଡାରରେ ୮୬.୩୩%, ଘୋଡାହାଡ ଜଳ ଭଣ୍ଡାରରେ ୪୯.୫୦%, ଧନେଇ ଜଳ


ଜଳଭଣ୍ଡାରରୁ ବର୍ଷା ଜଳ ନିଷ୍କାସନ କରାଯାଉଛି।

ଭଣ୍ଡାରରେ ୧୦୦%, ବାଘୁଆ ଷ୍ଟେଜ୍-୨ରେ ୬୦.୭୮% ଓ ବାଘଲଟିରେ ୩୫.୪୦% ଜଳ ଗଚ୍ଛିତ ରହିଥିବା ଜଣାପଡିଛି। ଅନ୍ୟପଟେ ବିଭାଗ ପକ୍ଷରୁ ଗାଲେରି, ମାଧବରିଡା, ଜାନିବିଲି, ଜୟମଙ୍ଗଳ, ହୀରାଧାରବାଟୀ, ବାଘୁଆ ଷ୍ଟେଜ୍-୧, ରାମନଦୀ, ପୋଇଛଣ୍ଡିଆ ଓ କଳିଙ୍ଗ ଦୋଳ ଆଦି ବ୍ୟାରେଜ ମାଧ୍ୟମରେ ବର୍ଷା ଜଳ ନିଷ୍କାସନ କରାଯାଇଛି। ଅନ୍ୟପଟେ ପାଣିପାଗ ବିଭାଗ ଆକଳନ ଅନୁଯାୟୀ, ଆଗାମୀ ଲଘୁଚାପ ବର୍ଷାରେ ନଦୀରେ ଜଳ ସ୍ତର ବୃଦ୍ଧିକୁ ନେଇ ସାଧାରଣ ଜନତା ଓ ଗୃହପାଳିତ ପ୍ରାଣୀଙ୍କୁ ନଦୀ ମଧ୍ୟକୁ ନ ଯିବା ପାଇଁ ସଚେତନ କରାଯାଉଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବରାଜ ସାହୁ ସୂଚନା ଦେଇଛନ୍ତି।

No. L-63

**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**Expression of Interest (EOI) for engagement of Cluster Level Community Based Organisations for setting of different agri-ventures (Bio-input Production Unit /Post Harvest & Primary Processing Unit / Cluster level aggregation and marketing facility) under Crop Diversification Programme in Mega lift irrigation Projects ( Pilot Project)**

**2021-22 of Govt. of Odisha**

Expression of Interest (EoI) is invited by the Director of Agriculture & Food Production, Odisha, Bhubaneswar from the experienced and interested Organisations for engagement of Cluster Level Community Based Organisations for setting of different agri-ventures (Bio-input Production Unit /Post Harvest & Primary Processing Unit / Cluster level aggregation and marketing facility) for selected clusters of Kalahandi, Koraput, Malkangiri & Nabarangpur district under Crop Diversification Programme in Mega lift irrigation Projects ( Pilot Project) 2021-22. Interested CBOs (Farmers groups/ Commodity Interest Group (CIG) / Farmers Producer Organisations/ Women Self Help Groups / Pani Panchayts / Co-operative or any other local community institutions) are required to submit the proposals in sealed envelope super scribed as ***Application for selection of cluster level CBOs for setting up of different agri ventures (Bio-input Production unit / Post Harvest and Primary Processing unit / Cluster Level Aggregation & Marketing Facility) under Crop Diversification Programme in Mega Lift Irrigation Projects (Pilot Project) 2021-22*** as per the enclosed application format by registered / speed post. Proposals in e-mail will not be entertained in this regard. The EOI should be addressed to the Office of Block Agriculture Officer, Kundra / Kotpad / Borigumma / Nandahandi / Nabarangpur / Mathili / Jayptana / Narla /Kesinga / M.Rampur/ Karlamunda. Last date of receipt of the proposal 5th October 2021 up to 1.00 PM and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.odisha.gov.in/ www.agrisnetodisha.ori.nic.in.**

The Authority shall not be responsible for any sort of postal delay and proposal received beyond scheduled date and time shall not be entertained & out right to be rejected. The authority reserves the right to cancel/reject any or all the EOI without assigning any reason thereof.

**Sd/-**
**Director of Agriculture & Food Production, Odisha**

**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**Expression of Interest (EOI) for engagement of Cluster Level Facilitating Agency under Crop Diversification Programme in Mega lift irrigation Projects ( Pilot Project)**

**2021-22 of Govt. of Odisha**

Expression of Interest (EoI) is invited by the Director of Agriculture & Food Production, Odisha, Bhubaneswar from the experienced and interested Organisations for engagement of Facilitating Agency for selected clusters of Kalahandi, Koraput, Malkangiri & Nabarangpur district under Crop Diversification Programme in Mega lift irrigation Projects( Pilot Project) 2021-22. Interested agencies / Organisations are required to submit the proposals in sealed envelope super scribed as ***Application for selection of cluster level Facilitating Agency under Crop Diversification Programme in Mega Lift Irrigation Projects (Pilot Project) 2021-22*** as per the enclosed application format by registered / speed post. Proposals in e-mail will not be entertained in this regard. The EOI should be addressed to the Office of Chief District Agriculture Officer, Koraput / Kalahandi / Malakangiri / Nabarangpur Last date of receipt of the proposal 5th October 2021 up to 1.00 PM and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.odisha.gov.in/ www.agrisnetodisha.ori.nic.in.**

The Authority shall not be responsible for any sort of postal delay and proposal received beyond scheduled date and time shall not be entertained & out right to be rejected. The authority reserves the right to cancel/reject any or all the EOI without assigning any reason thereof.

**Sd/-**
**Director of Agriculture & Food Production, Odisha**
OIPR-01034/11/0019/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### କବାଡି କୋଚ ଭଞ୍ଜ କିଶୋରଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା,୨୩।୯(ଡି.ଏନ୍.ଏ.): ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ସ୍ତରରେ କବାଡି କୋଚ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବୁଗୁଡ଼ାର ଭଞ୍ଜ କିଶୋର ଗୌଡ଼ଙ୍କୁ ଶ୍ରୀକର ଭଞ୍ଜ ସ୍ପୋର୍ଟସ ଆଣ୍ଡ କଲଚୁରାଲ୍ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ନିୟୁ ଏରା ପବ୍ଲିକ ସ୍କୁଲଠାରେ ସଂଘ ଉପସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଅନିଲ ପଟ୍ଟନାୟକ, ସହ ସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଉପଦେଷ୍ଟା ଗୌରୀ ଶଙ୍କର ମିଶ୍ର ଅତିଥି ଭାବେ ଯୋଗଦେଇ ଭଞ୍ଜ କିଶୋରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ସଦସ୍ୟ ଗୋପାଳ ଚନ୍ଦ୍ର ପାତ୍ର, କିଶୋର ଚନ୍ଦ୍ର ପାଢ଼ୀ, ବୈଷ୍ଣବ ଚରଣ ଦାଶ, ଶ୍ରୀନିବାସ ଦୋରାଙ୍କ ସମେତ ବହୁ କ୍ରୀଡ଼ାବିତ ଉପସ୍ଥିତ ଥିଲେ। ସଂଯୋଜକ କ୍ରିଷ୍ଣା ରାଓ ପାତ୍ର ସ୍ୱାଗତ ଭାଷଣ ଓ ସଦସ୍ୟ ପ୍ରଫୁଲ୍ଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଛୁଲି-ସମା-କୋଦଳା ରାସ୍ତା ପାଲଟିଛି ମରଣଯନ୍ତା

ପୁରୁଷୋତ୍ତମପୁର,୨୩।୯(ଡି.ଏନ.ଏ.): ପୁରୁଷୋତ୍ତମପୁର ସହର ଓ କୋଦଳା ସହରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ୧୫ କିମି ବିଶିଷ୍ଟ ଆଛୁଲି-ସମା-ଚିଙ୍ଗୁଡିଘାଇ ମୁଖ୍ୟ ରାସ୍ତାଟି ଭାଙ୍ଗିରୁଜି ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ପଡିଛି। ଏଥିସହ ସମା ଓ ବରଗାଁ ରାସ୍ତାରେ ଥିବା କଲଭର୍ଟଟି ଦବିଯାଇ ବିରାଟ ଖାଲ ହୋଇପଡିଛି। ବର୍ଷାରୁ ରାସ୍ତାରେ ହୋଇଥିବା ଖାଲଖମା ଓ କଲଭର୍ଟ ଉପରେ ପାଣି ଜମି ରହିବାରେ ଲାଗିଛି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ କରିବାରେ ଅସୁବିଧା ହେବା ସହ ଆରୋହୀମାନେ ପ୍ରତ୍ୟହ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ଚାରିଚକିଆ ଗାଡ଼ିମାନ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ପ୍ରତ୍ୟହ ଶହଶହ ସଂଖ୍ୟାରେ ଗାଡି ମୋଟର ଚଳାଚଳ ହେଉଥିଲେ ମଧ ଏହାର ମରାମତି ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଣୁ ଏଥିପ୍ରତି ଗଞ୍ଜାମ ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ତୁରନ୍ତ ଦୃଷ୍ଟିଦେଇ ରାସ୍ତାର ମରାମତି କରିବାକୁ ଦାବି ହୋଇଛି।

### ଡିଏପି ସାର ଅଭାବ

ଗୋଷାଣୀ,୨୩।୯:ଗୋଷାଣୀ ବ୍ଲକରେ ଡିଏପି ସାର ଅଭାବ ରହିଛି। ବର୍ତ୍ତମାନ ଧାନ ଫସଲ ପାଇଁ ଡିଏପି ସାରର ଜରୁରୀ ଆବଶ୍ୟକତା ଥିବା ବେଳେ ଚାଷୀମାନଙ୍କୁ ସାର ମିଳୁନାହିଁ। ଆଜିକୁ ୧୫ ଦିନ ହେଲା ଡିଏପି ସାର ପାଇଁ ଏଣେତେଣେ ବୁଲିଲେ ମଧ ଚାଷୀ ସାର ପାଇପାରୁନାହାନ୍ତି। ଡିଏପି ସାର ଦାମ ୧୨୫୦ ଟଙ୍କା ରହିଥିବା ବେଳେ ବର୍ତ୍ତମାନ ୧୫୦୦ ଟଙ୍କା ଦେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଆଣୁଛନ୍ତି। କୃଷି ଅଧିକାରୀ କିମ୍ବା ପ୍ରଶାସନ ଚାଷୀମାନଙ୍କ ଅବସ୍ଥା କଣ ହେଉଛି ସେମାନଙ୍କର କୌଣସି ପ୍ରକାର ଦୃଷ୍ଟି ପଡୁନାହିଁ। ଗୋଷାଣୀ ବ୍ଲକ କୃଷି ଉପରେ ଭରସା କରେ। ପୂର୍ବରୁ ଆକଳନ କରି ଗୋଷାଣୀ ବ୍ଲକ ପାଇଁ କେତେ ସାର ଆବଶ୍ୟକତା ରହିଛି ପ୍ରଶାସନ ନିର୍ଦ୍ଧାରିତ କରିଥିଲେ ଚାଷୀମାନଙ୍କୁ ସମସ୍ୟା ହୋଇନଥାନ୍ତା। ଗୋଷାଣୀ ବ୍ଲକ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ କହିଥିଲେ ଆମେ ଏକ ସପ୍ତାହ ହେଲା ଇଣ୍ଡିଏନ୍ କରିଛୁ। ଦୁଇ ପ୍ରକାର ଡିଏପି ସାର ଇଫକୋ ଓ ଆଇପିଏଲ ବର୍ତ୍ତମାନ ପର୍ଯ୍ୟନ୍ତ ପହଞ୍ଚୁନି। ଯେପରି ଶୀଘ୍ର ପହଞ୍ଚିବ ତାହାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ସହାୟତା ଅପେକ୍ଷାରେ ଅନାଥ ୬ ଭଉଣୀ

## ବିପତ୍ତି ଦେଇଛି କରୋନା

ପାରଳାଖେମୁଣ୍ଡି,୨୩।୯(ଡି.ଏନ୍.ଏ.)

କରୋନାରେ ମା', ବାପାଙ୍କୁ ହରାଇ ଅନାଥ ହୋଇଛନ୍ତି ୬ ଭଉଣୀ। ୧୫ ବର୍ଷୀୟା ବଡ଼ ଭଉଣୀ ଏବେ ସାନ ୫ ଭଉଣୀଙ୍କ ପାଇଁ ଦାୟିତ୍ୱ ମୁଣ୍ଡାଇଛନ୍ତି। ଅଭାବ ଅନଟନ ମଧ୍ୟରେ ବଞ୍ଚିବାର ରାହା ଖୋଜୁଛନ୍ତି ବେସାହାରା ଏହି ୬ ଭଉଣୀ। ସହାୟତା ପାଇଁ ମା' ବାପା, ମା ଛେଉଣ୍ଡ ଏହି ପିଲାମାନେ ଅନେକ ଥର ନିବେଦନ କରିଛନ୍ତି । ବର୍ଷକ ପରେ ବି ସେମାନଙ୍କ ପାଖରେ କୌଣସି ସାହାଯ୍ୟ ପହଞ୍ଚିନାହିଁ । ଗଜପତି ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ନୂଆଗଡ ବ୍ଲକ ଉଦୟପୁର ପଞ୍ଚାୟତ ଖାରିସାହି ଗ୍ରାମରେ ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାର ଅନାଥ ଶିଶୁଙ୍କ ଥଇଥାନ ସକାଶେ ଅନେକ ଯୋଜନା କରିଥିଲେ ସୁଦ୍ଧା ଏହି ୬ ଭଉଣୀ କୌଣସି ସୁବିଧା ପାଇ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗତବର୍ଷ କରୋନାରେ ଆକ୍ରାନ୍ତ ହୋଇ ଖାରିସାହି ଗ୍ରାମର ଉର୍ବଙ୍ଗ ଦଳବେହେରାଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁର ୩ ଦିନ ପରେ ସ୍ତ୍ରୀ ସୁଜନୀ ଦଳବେହେରାଙ୍କ ଜୀବନ ଯାଇଥିଲା। ଯାହାଫଳରେ ସେମାନଙ୍କ ୬ ଝିଅ ଅନାଥ ହୋଇଗଲେ। ଏହା ପରଠାରୁ ବଡ଼ଝିଅ ସରୋଜିନୀ, ଉର୍ବନୀ (୧୩), ତ୍ରିବେଣୀ (୧୦), ଅଞ୍ଜଳିତା (୮) ସରିତା (୪) ଏବଂ ୨ ବର୍ଷିୟା ସାନ ଝିଅ ନନ୍ଦିତାଙ୍କର ଦୁଃଖ କହିଲେ ନ ସରେ। ସୁରକ୍ଷିତ ରହିବା ପାଇଁ ପକ୍କା ଘରଟିଏ ନାହିଁ। କେହି ବି ସାହାରା ନ ଥିବାରୁ ସେମାନେ ଏବେ ନିକଟରେ ଥିବା ବୃଦ୍ଧ ଅଜାଆଈଙ୍କ ଘରେ ଆଶ୍ରୟ ନେଇଛନ୍ତି। ସରୋଜିନୀ ୧୦ମ ଶ୍ରେଣୀରେ ପାଠ ପଢ଼ିବା ସହ ସବୁ ଦୁଃଖକଷ୍ଟ ସହି କୁଲି ମଜୁରୀ ଲାଗି ଅନ୍ୟ ଭଉଣୀମାନଙ୍କ ପେଟକୁ ଦାନା ଯୋଗାଉଛନ୍ତି। ଦ୍ୱିତୀୟ ଝିଅ ଅର୍ବନୀ ୭ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ସାନ ଭଉଣୀମାନଙ୍କ ଯତ୍ନ ନେଉଛନ୍ତି। ଅନାଥ ଏହି ଝିଅମାନଙ୍କୁ ସହାୟତା ପାଇଁ ଗତ ଦେଢ଼ ବର୍ଷରେ ବ୍ଲକ, ପଞ୍ଚାୟତ ଓ ଜିଲାସ୍ତରରେ ଗ୍ରାମବାସୀ ଓ ଅଙ୍ଗନୱାଡି କର୍ମୀ ଚେଷ୍ଟା କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ସହାୟତା ଦୂରେ ଥାଉ ଜିଲା ପ୍ରଶାସନ ପକ୍ଷରୁ କେହି ବି ଏମାନଙ୍କ ପାଖକୁ ଆସିନାହାନ୍ତି। ଖାରିସାହି ମିନି ଅଙ୍ଗନୱାଡି କର୍ମୀ ସୁନ୍ତକି ଗମାଙ୍ଗ ଆସିଡିଏସ ସୁପରଭାଇଜର ଓ ନୂଆଗଡ଼ ସିଡିପିଓଙ୍କୁ ଏ ସମ୍ପର୍କରେ ଜଣାଇବା ସହ ଏହି ଅନାଥ ପିଲାମାନଙ୍କୁ ଦୁଇଥର ପାରଳାଖେମୁଣ୍ଡି ନେଇଥିବା କହିଛନ୍ତି। ଛତୁଆ, ଅଣ୍ଡା ଓ ଯାହାସବୁ ପୁଷ୍ଟିକର ଖାଦ୍ୟ ପିଲାମାନଙ୍କୁ ଯୋଗାଯାଉଛି। ଆଶୀର୍ବାଦ ଯୋଜନାରେ ସେମାନଙ୍କୁ ସାମିଲ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ନୂଆଗଡ ସିଡିପିଓ ସୁରତୀ ପ୍ରଧାନ କହିଛନ୍ତି, ଏହି ପିଲାମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ଖୁବ୍‌ଶୀଘ୍ର ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ ବୋଲି ସୂଚନା ଦେଇଛନ୍ତି।

# ଧରାକୋଟକୁ ଆସିଲା ୨ ଅକ୍ସିଜେନ୍ କନ୍‌ସେନଟ୍ରେଟର



କନ୍‌ସେନଟ୍ରେଟର ପ୍ରଦାନ କରାଯାଉଛି ।

ଧରାକୋଟ,୨୩।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସମାଜ ମଙ୍ଗଳ ବିଭାଗ ଅଧିକାରିଣୀ ସୁରେଖା ସୁନ୍ଦରୀ ମଲ୍ଲିକ ଗୁରୁବାର ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡା. ଶଙ୍କର ନାରାୟଣ ବେହେରାଙ୍କ ଉପସ୍ଥିତିରେ ୨ଟି ଅକ୍ସିଜେନ କନ୍‌ସେନଟ୍ରେଟର ପ୍ରଦାନ କରିଛନ୍ତି। ଗୁରୁତର କୋଭିଡ୍ ଆକ୍ରାନ୍ତଙ୍କ ନିମନ୍ତେ ଏହା କିଭଳି କାମରେ ଲାଗିବ ସେ ସମ୍ପର୍କରେ ଜିଲାସ୍ତରର ସଂଯୋଜକ ଦେବବ୍ରତ ମହାନ୍ତି ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଧରାକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଡାଳିମ୍ବ ନାଇକ ଏବଂ ସୁପରଭାଇଜର ସବିତା ସାବତ, ବିପିଏମ୍ ଜଜ୍ ପଟ୍ଟନାୟକଙ୍କ ସମେତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ,ଏଏନଏମ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମାଞ୍ଚଳରେ ବାଲ୍ୟବିବାହ ଓ ଭ୍ରୁଣ ହତ୍ୟା ରୋକିବା ଲାଗି ବିଭିନ୍ନ ପରାମର୍ଶ ଦିଆଯାଇଥିଲା।

# ଅବ୍ୟବସ୍ଥାରେ ଗଞ୍ଜାମ ମାଛ ମାର୍କେଟ



ଅସ୍ଥାୟୀ ଭାବେ ଚାଲିଥିବା ମାଛ ମାର୍କେଟ।

## ଚିନ୍ତାରେ ବ୍ୟବସାୟୀ

ଗଞ୍ଜାମ,୨୩।୯(ଡି.ଏନ.ଏ.)

ଗଞ୍ଜାମ ସାନବଜାର ଶେଷରେ ରହିଛି ମାଂସ ଓ ମାଛ ମାର୍କେଟ। ଏହି ମାଛ ମାର୍କେଟଟି ବର୍ତ୍ତମାନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିଲେ ମଧ ଏନ୍‌ଏସି ପ୍ରଶାସନର ଦୃଷ୍ଟି ପଡୁନି। ଚିନ୍ତାରେ ମାଛ ବ୍ୟବସାୟୀ। ରାସ୍ତା ସମ୍ପ୍ରସାରଣ ଆଳରେ ସେଠାରୁ ମାଛ ମାର୍କେଟ କମ୍ପ୍ଲେକ୍ସକୁ ଉଚ୍ଛେଦ କରାଯାଇଥିଲା। ବ୍ୟବସାୟୀଙ୍କୁ ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଉଚ୍ଛେଦ ହେବାର ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନଙ୍କୁ ଥଇଥାନ କରୁନି ଏନଏସି ପ୍ରଶାସନ। ଫଳରେ ମାଛ ବେପାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଖରା ବର୍ଷାରେ ଷ୍ଟେଶନ ଓ କଲେଜ ଯିବା ରାସ୍ତା ପାର୍ଶ୍ୱରେ ମାଛ ମାଂସ ବିକ୍ରି କରୁଛନ୍ତି। ବୁଧବାର ଓ ଶୁକ୍ରବାର ସେଠାରେ ପ୍ରବଳ ଭିଡ଼ ଜମୁଛି। ମାଛ କି ମାଂସ କିଣିବାକୁ ଯାଉଥିବା ଲୋକମାନେ ରାସ୍ତା ମଝିରେ ଗାଡି ସାଇକେଲ ରଖି ମାଛ କିଣୁଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏ ନେଇ ଜଣେ ମାଛ ବ୍ୟବସାୟୀ କହିଛନ୍ତି ଏନଏସି ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କୌଣସି ସୁଫଳ ମିଳୁନି। ତେବେ ଉକ୍ତ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିପ୍ରତି ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

ସୋରଡ଼ା,୨୩।୯(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ଢଉପଦା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ବାବୁଲା ସାହୁଙ୍କ ସ୍ତ୍ରୀ ଝୁନୁ। ବୁଧବାର ରାତିରେ ଝୁନୁ ବାରିଘରେ ଥିବା ଶୀଳରେ ମସଲା ବାଟୁଥିବା ବେଳେ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଶେରଗଡ଼ ଓ ପରେ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଝୁନୁଙ୍କର ମୃତ୍ୟୁ ଘଟିଛି। ଏ ନେଇ ବଡ଼ଗଡ଼ ଥାନାରେ ମାମଲା ରୁଜୁ ହୋଇଛି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଛତ୍ରପୁର,୨୩।୯(ଡି.ଏନ୍.ଏ.)

ଛତ୍ରପୁର ଥାନା ଅନ୍ତର୍ଗତ ବିପୁଲିଙ୍ଗି ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିପୁଲିଙ୍ଗ ବଡସାହିର ସୁକ୍ରୁ ଦାସ (୬୫)। ଗୁରୁବାର ସକାଳେ ସୁକ୍ରୁ ଘରେ ଫ୍ୟାନ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ି ଅଚେତ ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ଛତ୍ରପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ଥାନାରେ ନଂ.୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ପାରଳାଖେମୁଣ୍ଡି,୨୩।୯(ଡି.ଏନ୍.ଏ.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନଲାଇନ୍‌ରେ ହୋଇଥିବା ଏହି ଶିବିରରେ ଅତିରିକ୍ତ ଜିଲାଜଜ୍ ହେମନ୍ତ କୁମାର ସେଠୀ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ କୁମାର ପଣ୍ଡା, ପ୍ରାଧୀକରଣର ସଚିବ ବ୍ୟୋମକେଶ ନାୟକ ଯୋଗ ଦେଇଥିଲେ। ଆରକ୍ଷୀ ଅଧିକାରୀ ଜୟରାମ ଶତପଥୀ, ଜିଲା ପୋଲିସ ଅଧିକାରୀ ଓ ପାରା ଲିଗାଲ କର୍ମଚାରୀ ଯୋଗ ଦେଇଥିଲେ । ପ୍ରାଧିକରଣର ସଚିବ ନାୟକ ସାଇବର ଅପରାଧ ଓ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ହେଉଥିବା ଠକେଇ କିପରି ରୋକାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।

# ମିଳିଲା ବୃଦ୍ଧଙ୍କ ମୃତଦେହ

## ଋଷିକୁଲ୍ୟାରେ ନିଖୋଜ ଘଟଣା

ଛତ୍ରପୁର,୨୩।୯(ଡି.ଏନ.ଏ)

ଋଷିକୁଲ୍ୟା ନଦୀରେ ଭାସିଯାଇ ବୁଧବାରଠାରୁ ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହକୁ ଗଞ୍ଜାମ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ବଡମାଧପୁର ପଞ୍ଚାୟତ ଗୋବା ଗ୍ରାମର ଗୋବିନ୍ଦ ଦାସ। ବୁଧବାର ସକାଳେ ଗୋବିନ୍ଦ ନଦୀସ୍ରୋତରେ ଭାସି ଯାଇଥିଲେ। ଛତ୍ରପୁର ଅଗ୍ନିଶମବାହିନୀ ବହୁ ଖୋଜାଖୋଜି କରିଥିଲେ ବି ତାଙ୍କ ପତ୍ତା ମିଳିପାରି ନ ଥିଲା। ଗୁରୁବାର ଅପରାହ୍ନରେ ଗଞ୍ଜାମ ଥାନା ଅନ୍ତର୍ଗତ କଲ୍ୟାଣପୁର ନିକଟସ୍ଥ ଋଷିକୂଲ୍ୟା ନଦୀ ତଟରେ ମୃତଦେହ ଭାସୁଥିବା ଲୋକେ ଦେଖି ଗଞ୍ଜାମ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲା ବୋଲି ଛତ୍ରପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

# ଜାମୁନାଳରେ ଭାସିଯାଇ ଯୁବକ ମୃତ

## ପୋଲ ନିର୍ମାଣ ଦାବିରେ ରାସ୍ତାରୋକୋ



ରାସ୍ତାରୋକୋ କରାଯାଇଛି।

ପାତ୍ରପୁର,୨୩।୯(ଡି.ଏନ୍.ଏ.)

ମହେନ୍ଦ୍ରତନୟା ନଦୀର ଜାମୁନାଳରେ ଭାସି ଯାଇ ଜରଡ଼ା ଥାନା ବୁରତାଲ ପଞ୍ଚାୟତ କମଳାଖତ ନୂଆସାହିର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋମନାଥ ରଇତ(୨୭)। ସୋମନାଥ ବୁଧବାର ବୁରାତାଲରେ ହେଉଥିବା ସାପ୍ତାହିକ ହାଟକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ବହୁ ଖୋଜାଖୋଜି କରି ମଧ ତାଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ସୋମନାଥଙ୍କ ମୃତଦେହ ଜାମୁନାଳ ଜଳ ସ୍ରୋତରେ ଭାସି ଏକ ପଥରରେ ଲାଗି ରହିଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପାତ୍ରପୁର ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ଜରଡ଼ା ଥାନା ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଦୀର୍ଘଦିନ ହେଲା ଜାମୁନାଳରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ କରି ଆସୁଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନି। ଏହା ପ୍ରତିବାଦରେ ଆଦିବାସୀମାନେ କିଛି ସମୟ ରାସ୍ତାରୋକୋ କରିଥିଲେ। ତହସିଲଦାର ଅମିତ କୁମାର ନାୟକ ରାଜସ୍ୱ, ନିରୀକ୍ଷକ ବୁଦ୍ଧଦେବ ମଲ୍ଲିକ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ।

# ଛତ୍ରପୁରର ମୁଖ୍ୟ ଛକରେ ଲାଗିବ ସିସିଟିଭି

## ଆମ ପୋଲିସ ବୈଠକ

ଛତ୍ରପୁର,୨୩।୯(ଡି.ଏନ.ଏ)

ଛତ୍ରପୁର ପୋଲିସ ପକ୍ଷରୁ ଶିବ ପଟ୍ଟନାୟକ ରିଡିଂ ରୁମ ପରିସରରେ ଆମ ପୋଲିସ ସମିତି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଛତ୍ରପୁରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ଯୋଗଦେଇ ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସଂପର୍କ ରହିବା ଆବଶ୍ୟକ ବୋଲି କହିଥିଲେ। ଏବେ ବି କରୋନାର ଭୟ ଟଳି ନାହିଁ। ତେଣୁ ସମସ୍ତ ଦୋକାନୀ କରୋନା ଗାଇଡଲାଇନ ମାନିବାକୁ ଅନୁରୋଧ କରିଥିଲେ। ସହରରେ ରାତି ପାଟ୍ରୋଲିଂକୁ ଆହୁରି ଅଧିକ କରାଯିବ। ଟ୍ରାଫିକ ସମସ୍ୟାର ସମାଧାନ, ରାହାଜାନି ଓ ଅପରାଧିଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସହରରେ ଥିବା ଦୋକାନୀମାନେ ଭଲ ସିସିଟିଭି ଲଗାଇବା ସହ ଦୋକାନ ବାହାରେ ମଧ ଲଗାଇବା ପାଇଁ ଥାନା ଅଧିକାରୀ ସମସ୍ତ ବ୍ୟବସାୟମାନଙ୍କୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ଛକରେ ସିସି ଟିଭି ଲଗାଯିବାବ୍ୟବସ୍ଥା କରାଯିବ। ସହରରେ ଗାଡି ପାର୍କିଂ ବ୍ୟବସ୍ଥା କରିବା ଓ ଛତ୍ରପୁର ରେଳ ଷ୍ଟେଶନ ନିକଟରେ ଗୋଟିଏ ପୋଲିସ ଆଉଟ ପୋଷ୍ଟ କରିବାକୁ ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି। ପ୍ରାରମ୍ଭରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ କୁମାର ମହାରଣା,ଏସଆଇ ବିଶ୍ୱମ୍ବର କହଁର, ଏସଆଇ ସତ୍ୟଜିତ ବେଣିଆ, ବଡ ବଜାର ବ୍ୟବସାୟ ସଂଘର ସଭାପତି ସଞ୍ଜିତ କୁମାର ରାଉଳ, ସଂପାଦକ କେ.ରମେଶ ରାଓ, ମହାଶକ୍ତି ବଣିକ ସଂଘର ସଭାପତି କିଶୋର ସେନାପତି, ସଂପାଦକ କୈଳାଶ ନାୟକ, ଉପଦେଷ୍ଟା ବିରଞ୍ଚି ନାରାୟଣ ବେହେରା, ଅପର ବସଷ୍ଟାଣ୍ଡ ବ୍ୟବସାୟ ସଂଘର ସଭାପତି ବି.ରାଜିବାବୁ, ସଂପାଦକ ବିଭୂତି ଭୂଷଣ ପାଢ଼ୀ, ରିକାପଲ୍ଲୀ ବ୍ୟାଘ୍ରଦେବୀ ବ୍ୟବସାୟ ସଂଘର ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ସଂପାଦକ ଏନ.ମୋହନ ରାଓ, ଷ୍ଟେସନ ରୋଡର ବ୍ୟବସାୟ ସଂଘର ସଭାପତି ଇଜୁ ଅମିନ ଖାନ, ଉଠାଦୋକାନୀ ସଂଘର ସଂପାଦକ ଲାଛନା ରେଡି ପ୍ରମୁଖ ଉପସ୍ଥିତ ଥିଲେ ।

# ସମସ୍ୟା ଘେରରେ ଓଡିଆରପି କଲୋନୀ

ଗୋପାଳପୁର,୨୩।୯(ଡି.ଏନ୍.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ପାନାପଲୀ, ମେଣ୍ଟରାଜପୁର, ମେଲକଡୁରୁ, ଢେପ ନୂଆପଡ଼ା ଓ ନାକାରାମ ଗ୍ରାମ ଗୁଡ଼ିକରେ ଓଡିଆରପି କଲୋନୀରେ ରହୁଥିବା ଲୋକ ଦୀର୍ଘ ମାସ ହେଲା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଗଞ୍ଜାମ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଥାଏ। ଏନେଇ ଓଡିଆରପି ଯୋଜନାରେ ସମୁଦ୍ରକୂଳଠାରୁ ୫ କିମି ବ୍ୟାସାର୍ଦ୍ଧରେ କଚ୍ଚା ଘରେ ରହୁଥିବା ଲୋକଙ୍କୁ ପକ୍କାଘର ପ୍ରଦାନ କରାଯାଇଥିଲା। ଉକ୍ତ ଗ୍ରାମଗୁଡ଼ିକର ୧୫୦ରୁ ଊର୍ଦ୍ଧ୍ୱ ପରିବାର ଓଡିଆରପି କଲୋନୀରେ ରହୁଥିବା ବେଳେ ଦୀର୍ଘମାସ ହେଲା ଲୋକମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ସାମାନ୍ୟ ବର୍ଷାରେ କଲୋନୀ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହି ନିଷ୍କାସନ ହୋଇପାରୁ ନାହିଁ। ଏଥିସହ କଲୋନୀରେ ଡ୍ରେନ୍ ନିର୍ମାଣ ହୋଇନଥିବା ଯୋଗୁ ଦୂଷିତ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଫଳରେ ମଶା ମାଛି ବୃଦ୍ଧି ସହ ଓ ସରୀସୃପଙ୍କ ମଧ ଭୟ ରହୁଛି। ଗୁରୁତର ବିଷୟ ହେଲା ପାନାପଲୀ, ମେଣ୍ଟରାଜପୁର, ମେଲକଡୁରୁକୁ ପାନୀୟ ଜଳ ଯୋଗାଣ ପାଇଁ ମେଣ୍ଟରାଜପୁରଠାରେ ଗୋଟିଏ ଛୋଟ ଓଭରହେଡ୍ ଟ୍ୟାଙ୍କ ରହିଛି। ଫଳରେ ପାନାପଲୀ ଓ ମେଲକଡୁରୁ ଗ୍ରାମବାସୀଙ୍କୁ ଆବଶ୍ୟକ ପରିମାଣର ପାନୀୟ ଜଳ ମିଳିପାରୁନାହିଁ। ଏ ନେଇ ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।



ଓଡିଆରପି କଲୋନୀ।

# ବିଦ୍ୟୁତ୍ ସମସ୍ୟା ନ ସୁଧୁରିଲେ ଆନ୍ଦୋଳନ: ଓକିଲ ସଂଘ

## ଉପଭୋକ୍ତାଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ଚେଷ୍ଟା ଚାଲିଛି: ଏସ୍‌ଇ

ଭଞ୍ଜନଗର,୨୩।୯(ଡି.ଏନ.ଏ)

ରାଜ୍ୟରେ ଟାଟା ପାୱାର ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ନେବାପରଠାରୁ ଭଞ୍ଜନଗର ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ଅଘୋଷିତ ପାୱାର କଟ୍ ହେଉଥିବା ବେଳେ ଉପଭୋକ୍ତାଙ୍କ ଉପରେ ମନଇଚ୍ଛା ଜରିମାନା ପକାଯାଉଛି। ବକେୟା ବିଲ୍ ଥିଲେ ଗ୍ରାହକଙ୍କୁ ଇଏମ୍‌ଆଇ ଭାବେ ପରିଶୋଧ କରିବାକୁ ସୁଯୋଗ ନ ଦେଇ ଜୋରଜବରଦସ୍ତ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦିଆଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଛାତ୍ରୀଛାତ୍ରମାନେ ଅନଲାଇନ୍ ପରୀକ୍ଷା ଦେବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅଧିକାଂଶ ଅନ୍‌ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅଞ୍ଚଳରେ ବିଦ୍ୟୁତ୍ ସେବାରେ ସୁଧାର ଆଣିବା ପାଇଁ ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ଗୁରୁବାର ଦାବି କରାଯାଇଛି।

ଭଞ୍ଜନଗରଠାରେ ଏକ ଗ୍ରାହକ ସେବା କେନ୍ଦ୍ର ଖୋଲିବା, ଅଞ୍ଚଳର ମାମଲାଗୁଡ଼ିକ ବ୍ରହ୍ମପୁର ବଦଳରେ ଭଞ୍ଜନଗରରେ ବିଚାର କରିବା ପାଇଁ ସଂଘ ଦାବି କରିଛି। ମିଟର ରିଡ଼ିଂ ଭୁଲ ନିଆଯାଉଛି। ମିଟର ଭଡ଼ା ୫ ବର୍ଷ ନିଆଯିବା କଥା କିନ୍ତୁ ତାଠାରୁ ଅଧିକ ମାସ ନିଆଯାଉଛି। କମ୍ପାନୀର ମନମୁଖି ଶାସନ ଚାଲିବ ନାହିଁ । ଏଣିକି ବିଦ୍ୟୁତ୍ ବିଭାଗ ବିରୋଧରେ ମଧ୍ୟ ମାମଲା ହେବ ବୋଲି କେତେଜଣ ଆଇନଜୀବୀ କହିଥିଲେ। ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଭଞ୍ଜନଗର ବିଦ୍ୟୁତ୍ ବିଭାଗ ଅଧିକ୍ଷଣଯନ୍ତ୍ରୀ ଏନ.ଏନ.ପଣ୍ଡାଙ୍କୁ ଭେଟି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ସେବାରେ ସୁଧାର ନ ଆସିଲେ ବାର୍ ଆସୋସିଏଶନ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ। ଆବଶ୍ୟକ ପଡ଼ିଲେ କାର୍ଯ୍ୟାଳୟ ଅଚଳ କରି ଦିଆଯିବ ବୋଲି ଆଇନଜୀବୀମାନେ କହିଥିଲେ । ଏହି ସମୟରେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର, ବାର ଆସୋସିଏଶନ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହ ସମ୍ପାଦକ ଧିରେନ ସ୍ୱାଇଁ, ଉପ ସଭାପତି ରଜତ ଦାସ, ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ, ସନ୍ତୋଷ ତିଆଡ଼ି, ଦେବୀ ପ୍ରସାଦ ବିଷୋୟୀ,ରାଜେନ୍ଦ୍ର ପ୍ରଧାନ, ସମୀର ନାୟକ, ସୁଶାନ୍ତ ତ୍ରିପାଠୀ, ଛବିଲାଲ ପୃଷ୍ଟି, ରଞ୍ଜିତ ମିଶ୍ର, ସିତାରାମ ଗୌଡ଼, ପାର୍ଥସାରଥି ଗୌଡ଼, ମଧୁ ସୁଧନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅଧିକ୍ଷଣଯନ୍ତ୍ରୀ ପଣ୍ଡା ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ୧୧ କେଭି, ୩୩ କେଭି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତୁରନ୍ତ ଡ଼ାକି ଆବଶ୍ୟକ ପଦକ୍ଷେପ ନେବାପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।



ବୈଠକରେ ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

**ସଂକ୍ଷେପରେ**

## ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ
## ଜଳିଗଲା ୪୦ ହଜାର ଟଙ୍କାର ଉପକରଣ

**ନୟାଗଡ଼ ଅଫିସ,୨୩।୯:** ନୟାଗଡ଼ ତହସିଲ ଅଧୀନ ବାଲୁଗାଁ ପଞ୍ଚାୟତ କାଦୁଆ ଗାଁର ମହେଶ୍ୱର ବିଶ୍ୱାଳଙ୍କ ଘରେ ବୁଧବାର ରାତି ପ୍ରାୟ ୮ଟାରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ବହୁ ସାମଗ୍ରୀ ପୋଡ଼ି ଯାଇଛି । ଏଥିରେ ପ୍ରାୟ ୪୦ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି ବୋଲି ସୂଚନା ମିଳିଛି । ଏପରିକି ଛାତ ଘରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । ଖବର ପାଇ ନୟାଗଡ଼ ଦମକଳ ବାହିନୀ ନିଆଁକୁ ଆୟତ କରିଥିଲେ ।

## ନୂତନ କର୍ମକର୍ତ୍ତା ନିର୍ବାଚନ

**ନୟାଗଡ଼ ଅଫିସ,୨୩।୯:** ୟୁଥ୍ ଫର୍ ଆକ୍ସନ ପକ୍ଷରୁ ନୟାଗଡ଼ରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଭାପତି ଦେବାଶିଷ ନାୟକ, ଓଡ଼ିଶା କାର୍ଯ୍ୟକାରି ସଭାପତି ସୁଜିତ ସିଂ, ପୂର୍ବାଞ୍ଚଳ ଜୋନ୍ ସଭାପତି ରାଜେନ୍ଦ୍ର ନାୟକ, ପୂର୍ବାଞ୍ଚଳ ଉପ ସଭାପତି ତଥା ଜିଲା ପ୍ରଭାରୀ ସଞ୍ଜୟ କୁମାର ନାୟକ ଅତିଥି ରୂପେ ଯୋଗ ଦେଇଥିଲେ । ନୟାଗଡ଼ ଜିଲା ସଭାପତି ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲା ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜିଲା ପାଇଁ ୨୪ ଜଣିଆ କାର୍ଯ୍ୟକାରିଣୀ ଟିମ୍ ସହ ୮ ବ୍ଲକର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ୩ଟି ଏନଏସି ସହ ନୟାଗଡ଼ ମୁନିସିପାଲିଟି ଟିମ୍ ଘୋଷଣା କରାଯାଇଛି ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ: ୨ଗିରଫ

**ହିଞ୍ଜିଳିକାଟୁ,୨୩।୯(ଡି.ଏନ.ଏ):** ହିଞ୍ଜିଳି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର ଓ ଗାଳିଗୁଲଜ କରିଥିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ବଳାତ୍କାର ଅଭିଯୁକ୍ତ ହେଲେ ପୋଲସରା ଥାନା କଳମ୍ବ ଗ୍ରାମର ରାଜେଶ କୁମାର ପାଢ଼ୀ। ତାଙ୍କ ମାମୁ ଭଞ୍ଜନଗରର ରାମହରି ସାହୁ ଗାଳିଗୁଲଜ କରି ଗିରଫ ହୋଇଛନ୍ତି। ହିଞ୍ଜିଳି ଥାନାରେ ହୋଇଥିବା ମାମଲା ନଂ.୪୯୬/୨୧ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜେଶ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ଗ୍ରୁପ ଲୋନ ଦେବା ପ୍ରଲୋଭନ ଦେଖାଇ ସମ୍ପୃକ୍ତା ମହିଳାଙ୍କୁ ନେଇ ଫେରାର ହୋଇଯାଇଥିଲେ। ପରେ ବଳାତ୍କାର କରିଥିବା ନେଇ ମହିଳା ଜଣକ ଥାନାରେ ବୁଧବାର ଅଭିଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଗଞ୍ଜାମ,୨୩।୯(ଡି.ଏନ.ଏ):** ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ ଠାକୁରଙ୍କୁ ଦର୍ଶନ କରି ଫେରୁଥିବା ବେଳେ ଦୁର୍ଘଟଣାରେ ଗଞ୍ଜାମ ସହର ୪ ନମ୍ବର ୱାର୍ଡର ଚନ୍ଦନ ମହାରଣା(୨୫)ଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଚନ୍ଦନ ଓ ତାଙ୍କ ଭାଇ ରାଜା ବାଇକ୍‌ରେ ସୀମାଞ୍ଚଳଙ୍କୁ ଦର୍ଶନ କରି ଫେରୁଥିଲେ। ବଡ଼ଭାଇ ଚନ୍ଦନ ବାଇକ ଚଳାଉଥିବା ବେଳେ ବିଜାନଗର ନିକଟରେ ଏକ ଟ୍ରକ ସହ ଧକ୍କା ହେବାରୁ ଦୁଇ ଭାଇ ଛିଟିକି ପଡ଼ିଥିଲେ।

# ଶିଶୁଙ୍କ ଜୀବନ ସହ ଖେଳ

- ପୋକା ଚାଉଳ ସହ ପଚା ଆଳୁ,ଅଣ୍ଡା ବଣ୍ଟନ
- ହରଡ଼ ବଦଳରେ ଦିଆଯାଇଛି ବୁଟ ଡାଲି
- ପୁଷ୍ଟିକର ଖାଦ୍ୟର ଗୁଣବତ୍ତା ନେଇ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ,୨୩।୯**


ପିଲାଙ୍କୁ ଦିଆଯାଇଥିବା ପୋକରା ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ।

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ପୋକା ଚାଉଳ, ପଚା ଆଳୁ ଓ ପିଆଜ ସହ ଅଣ୍ଡା ବଣ୍ଟନ କରାଯାଇଛି। ହରଡ଼ ବଦଳରେ ବୁଟ ଡାଲି ଦିଆଯାଇଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ସିଡିପିଓ, ନୟାଗଡ଼ ବିଡିଓ, ଜିଲାପାଳଙ୍କୁ ଅବଗତ କରାଇ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି । ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ବଣ୍ଟନ ହୋଇଥିବା ଖାଦ୍ୟକୁ ଦେଖିଲେ ତାହା କି ପ୍ରକାରର ପୁଷ୍ଟିକର ଖାଦ୍ୟ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ।

ଏନେଇ ଜାମୁସାହିର ଡମ୍ବରୁଧର ରାଉତ କୁହନ୍ତି, ଶିଶୁମାନଙ୍କୁ ପୋକରା ଚାଉଳ ବଣ୍ଟନ କରାଗଲା। ଚାଉଳରେ ପୋକ ଚାଲୁଥିବା ଦେଖିବା ପରେ ଗ୍ରାମବାସୀ ପ୍ରତିବାଦ କଲେ। ହେଲେ ଚାଉଳ ନ ବଦଳାଇ ପୁଣି ପଚା ଅଣ୍ଡା, ପଚା ପିଆଜ ଓ ଆଳୁ ଦିଆଗଲା। ପୁଣି ହରଡ଼ ବଦଳରେ ବୁଟ ଡାଲି ଦେଲେ। ପ୍ରତିବାଦ କରିବାରୁ ଅଙ୍ଗନୱାଡ଼ି କର୍ମୀ କହିଲେ ମନ ପାଇଲେ ନିଅ ନ ହେଲେ ଚାଲିଯାଅ। ସରକାର ଆମକୁ ଏପରି ଖାଦ୍ୟ ଦେଉଛନ୍ତି। ଆମେ ତମକୁ ଭଲ ଖାଦ୍ୟ କେଉଁଠୁ ଦେବୁ । ଯାହା ଅଭିଯୋଗ କରିବା କଥା, ସରକାରଙ୍କ ପାଖରେ କରନ୍ତୁ। ଖୁଣ୍ଟୁବନ୍ଧ ସରପଞ୍ଚ ସତ୍ୟବାନ ନାୟକ କୁହନ୍ତି, ପିଲାଙ୍କୁ ପୁଷ୍ଟିକର ଓ ସୁସ୍ୱାଦୁ ଖାଦ୍ୟ ସରକାର ବଣ୍ଟନ କରୁଛନ୍ତି। ହେଲେ ସରକାରଙ୍କ ନାଁରେ ମିଛ କହି ଏଠାକାର ଅଙ୍ଗନୱାଡି କର୍ମୀ ପଚା ଅଣ୍ଡା, ପିଆଜ ଓ ଆଳୁ ଦେବା ଠିକ୍ ନୁହେଁ। ଅଭିଯୋଗ କଲେ ନାଲି ଆଖି ଦେଖାଉଛନ୍ତି। ଏହା ଦ୍ୱାରା ସରକାର ବଦନାମ ହେବେ। ଏହାର ତଦନ୍ତ କରି ଆଇନଗତ ପଦକ୍ଷେପ ନିଆଯାଉ। ଜାମୁସାହିର ଜଣେ ମହିଳା ନିଜ ନାମ ଗୋପନ ରଖି କହିଛନ୍ତି, ଖାଦ୍ୟ ଉପରେ କିଛି କହିଲେ ଅଙ୍ଗନୱାଡ଼ି କର୍ମୀ ବ୍ୟବହାର ଖରାପ କରି କହୁଛନ୍ତି । ଆମେ ନିମ୍ନମାନର ଖାଦ୍ୟ କାହିଁକି ଆଣିବୁ। ଆମକୁ ଯଦି ଖରାପ ବ୍ୟବହାର କରାଯାଉଛି ଆମ ପିଲାମାନେ ପାଠ ପଢ଼ି ଗଲେ ସେମାନଙ୍କୁ ବି ଖରାପ ବ୍ୟବହାର କରିବେ।

ଅଭିଯୋଗ କଲେ କେବଳ ଉପର ଦେଖାଣିଆ ତଦନ୍ତ କରାଯାଉଛି । ଅଙ୍ଗନୱାଡି କର୍ମୀଙ୍କୁ ସୁରକ୍ଷା ଦିଆଯାଉଛି ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ।

ଏନେଇ ନୟାଗଡ଼ ସିଡିପିଓ ଲକ୍ଷ୍ମୀ ଦାଶ କୁହନ୍ତି, ଜାମୁସାହି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ବଣ୍ଟନ କରାଯାଇଥିବା ଚାଉଳରେ ପୋକ, ମିଳା ଆଳୁ, ପିଆଜ ଓ ଅଣ୍ଡା ଦିଆଯାଉଥିବାର ଅଭିଯୋଗ ମିଳିଛି। ଏହାର ତଦନ୍ତ ଚାଲିଛି। ଅଙ୍ଗନୱାଡି କର୍ମୀଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ଅଙ୍ଗନୱାଡି କର୍ମୀ ୨ କୁଇଣ୍ଟାଲ ଚାଉଳ ଅଧିକ ଷ୍ଟକ ରଖିଦେବାରୁ ଚାଉଳରେ ପୋକ ହୋଇଯାଇଛି। ଆମକୁ ନ ଜଣାଇ ଅଧିକ ଚାଉଳ ଷ୍ଟକ ରଖିବା ଠିକ୍ ନୁହେଁ । ପୁଣି ମିଳା ପିଆଜ, ଅଣ୍ଡା ଓ ଆଳୁ ଦେବା ମଧ୍ୟ ଠିକ୍ ନୁହେଁ। ସେହିପରି ଅନ୍ୟ ଏକ ଭୁଲ ହରଡ଼ ଡାଲି ବଦଳରେ ବୁଟ ଡାଲି ଦିଆଯାଇଛି। ଲୋକଙ୍କର ଅଭିଯୋଗ ଠିକ୍ ଅଛି । ଏଣୁ ସେପ୍ଟେମ୍ବରରେ ବଣ୍ଟନ ହୋଇଥିବା ଖାଦ୍ୟ ସାମଗ୍ରୀ ଫେରାଇ ଆଣି ନୂଆ ଦିଆଯିବ। ସୁପରଭାଇଜରଙ୍କ ଉପସ୍ଥିତିରେ ଖାଦ୍ୟ ବଣ୍ଟନ ହେବ । ଆଗାମୀ ଦିନରେ ବି ସୁପରଭାଇଜରଙ୍କ ଉପସ୍ଥିତିରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯିବ। ତଦନ୍ତ ରିପୋର୍ଟ ଓ କାରଣଦର୍ଶାଅ ନୋଟିସ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଜାମୁସାହି ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଇଥିବା ପୋକରା ଚାଉଳ, ପଚା ଅଣ୍ଡା, ମିଳା ପିଆଜ ଓ ଆଳୁ ବଣ୍ଟନ ସଂକ୍ରାନ୍ତରେ ଅଭିଯୋଗ ପାଇଛି। ଏନେଇ ତଦନ୍ତ ଚାଲିଛି । ଅଙ୍ଗନୱାଡି କର୍ମୀଙ୍କୁ କାରଣଦର୍ଶାଅ ନୋଟିସ୍ ହୋଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ୫.୪୭୦ ଗ୍ରାମ ବ୍ରାଉନସୁଗାର ଜବତ


ବ୍ରାଉନସୁଗାର କାରବାର ଘଟଣାରେ ଗିରଫ ୨ ଅଭିଯୁକ୍ତ ।

**ଖଣ୍ଡପଡ଼ା,୨୩।୯ (ସ୍ୱ.ପ୍ର.)**

- ପାନ ଦୋକାନରୁ ମିଳିଲା ୬୦ ବୋତଲ ବିଦେଶୀ ମଦ
- ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଖଣ୍ଡପଡ଼ା ସହରାଞ୍ଚଳରୁ ପୋଲିସ ୫.୪୭୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହି ଘଟଣାରେ ୨ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗଡ଼ଭିତର ସାହିର ନବୀନା ପ୍ରଧାନ(୨୩) ଓ ଚିନିକଳ ସାହିର ଅବଦୁଲ ଗଫୁର ଖାନ(୨୯) । ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମ ନିକଟରୁ ସ୍ଥାନୀୟ ପୋଲିସ ବିଦେଶୀ ମଦ ଚୋରା କାରବାର ଅଭିଯୋଗରେ ସହଦେବ ବାରିକ(୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସହଦେବ ପାନ ଦୋକାନରେ ବିଦେଶୀ ମଦ ବିକ୍ରୀ କରୁଥିବା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇଥିଲା । ବୁଧବାର ଏଏସଆଇ ଯୁଗଳ କିଶୋର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଦୋକାନରେ ଚଢାଉ କରି ୬୦ ବୋତଲ ବିଦେଶୀ ମଦ ଜବତ କରିଛି। ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବ୍ରାଉନସୁଗାର ଓ ଦେଶୀ,ବିଦେଶୀ ମଦ ବିକ୍ରି ବୃଦ୍ଧି ପାଉଥିବାରୁ ଅବକାରୀ ବିଭାଗ ଓ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଏସିଡ୍ ମାଡ଼ର ନିରାକରଣ ଉପରେ ସଚେତନତା

**ଖଣ୍ଡପଡ଼ା,୨୩।୯ (ସ୍ୱ.ପ୍ର.)**

ସାଂପ୍ରତିକ ପରିସ୍ଥିତିରେ ଦୁର୍ବୃତ୍ତମାନେ ଯୁବତୀ ଓ ମହିଳାମାନଙ୍କୁ ବିଭିନ୍ନ କାରଣରୁ ଏସିଡ୍ ମାଡ଼ କରୁଛନ୍ତି । ଏହାର ନିରାକରଣ ଓ ମହିଳାଙ୍କ ସୁରକ୍ଷା ଉପରେ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭୁଦତ୍ତ ନାୟକ ସବଜଜ୍, ବରିଷ୍ଠ ଦେୱାନୀ ଜଜ୍ ଖଣ୍ଡପଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ ସାଥୁଆ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଯୁଧିଷ୍ଠିର ସାହୁ, ଚିତ୍ତରଞ୍ଜନ ଶତପଥୀ, ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଆଇନଜୀବୀ ଓ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ଅଧ୍ୟାପକ ଡ. ଅଜିତ କୁମାର ବସନ୍ତରାୟ ପ୍ରମୁଖ ଯୋଗଦେଇ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦୁଃଖଦ ଘଟଣାରେ ଦଣ୍ଡବିଧିର ଆଇନ ଓ କ୍ଷତିପୂରଣ ସମ୍ପର୍କରେ ବିଶଦ୍ ଭାବେ ବୁଝାଇଥିଲେ । ଆଇନ ସମ୍ପର୍କରେ ସମସ୍ତେ ଅବଗତ ହେବା ସହ ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ।

**କନଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ ଘଟଣା**

## ଘଟଣାସ୍ଥଳରେ ଏସ୍‌ପିଙ୍କ ତଦନ୍ତ

**ବ୍ରହ୍ମପୁର ଅଫିସ,୨୩।୯**

ବ୍ରହ୍ମପୁର ପୋଲିସ ଜିଲାର କନଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ ଘଟଣା ଉପରୁ ଖୁବଶୀଘ୍ର ପରଦା ହଟିବ। ପୋଲିସ ତଦନ୍ତରେ କେତେକ ପ୍ରମାଣ ପାଇଥିବା ସୂଚନା ମିଳିଛି। ପ୍ରକୃତରେ କନଷ୍ଟେବଳ ଜଗନ୍ନାଥ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଛି ନା ତାଙ୍କର କିଛି ଦୁର୍ଘଟଣା ଘଟିଥିଲା ତାହା ପୋଲିସ ସ୍ୱଷ୍ଟ କରିବ। ଜଗନ୍ନାଥଙ୍କ ଚେତା ଫେରି ନ ଥିବାରୁ ସେ ଘଟଣା ସମ୍ପର୍କରେ କିଛି କହିପାରୁ ନାହାନ୍ତି। ଏଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଜାରି ରଖିଛି। ଗୁରୁବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି।

**ମୋବାଇଲ କାଳ ହେଲା**

## ସପ୍ତମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ଆସିକା, ୨୩।୯(ଡି.ଏନ.ଏ.)**

ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମର ଗୁରୁବାର ଜଣେ ସପ୍ତମ ଶ୍ରେଣୀର ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି । ଅଧିକାଂଶ ସମୟରେ ମୋବାଇଲ ବ୍ୟବହାର କରୁଥିବାରୁ ମାଆ ପୁଅକୁ ତାଗିଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାବାଳକ ଜଣକ ଏଭଳି କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ସରକାରୀ ସହାୟତାରୁ ବଞ୍ଚିତ ମାଷ୍ଟର କଳାକାର

- କରୋନା କଟକଣା ଯୋଗୁ ହାତବାନ୍ଧି ବସିଛନ୍ତି
- ଦୁଃଖକଷ୍ଟରେ କଟୁଛି ସମୟ

**ଖଣ୍ଡପଡ଼ା,୨୩।୯(ସ୍ୱ.ପ୍ର.)**


ପବିତ୍ର କୁମାର ରଣା

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ପଞ୍ଚାୟତ ରାମଚଣ୍ଡୀ ସାହିର ମାଷ୍ଟର କଳାକାର ପବିତ୍ର କୁମାର ରଣା । ବୟସ ୫୭ । ୧୦ମ ଶ୍ରେଣୀ ଯାଏ ପାଠ ପଢ଼ିଥିବା ପବିତ୍ର ଦୀର୍ଘ ୩୫ ବର୍ଷ ହେଲା ରାମଲୀଳା, ଦଣ୍ଡଯାତ୍ରା, ସଂକୀର୍ତ୍ତନ ଓ ସାମାଜିକ ନାଟକରେ ନୃତ୍ୟଗୁରୁ ଓ ନିର୍ଦ୍ଦେଶକ ଭାବେ କାମ କରି ନିଜ ପରିବାର ଚଳାଇ ଆସୁଥିଲେ । ଫୁଲବାଣୀ, ଦଶପଲ୍ଲା, ଟାକେରା, ବୁଗୁଡା, ନୟାଗଡ଼ ଜିଲା ସମେତ କଟକ ଜିଲା ଅଧୀନ ନରସିଂହପୁର, କୋକଳବା, ବଡମ୍ବା ଅଞ୍ଚଳରେ ସେ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବେ ବେଶ ପରିଚିତ। ଗତ ୨ ବର୍ଷ ହେବ କରୋନା କଟକଣା ଯୋଗୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ପରିବାର ପ୍ରତିପୋଷଣ ତାଙ୍କ ପାଇଁ କଷ୍ଟକର ହୋଇପଡିଛି । କଳାକାର ଭତ୍ତା ପବିତ୍ରଙ୍କ ପାଇଁ ସ୍ୱପ୍ନ ହୋଇଛି । ଜଣେ ଯୋଗ୍ୟ ହିତାଧିକାରୀ ଭାବେ ବାରମ୍ବାର ସେ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ । ଏହାଛଡ଼ା କଳାକାରମାନଙ୍କୁ ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ସେ ବଞ୍ଚିତ ହୋଇଛନ୍ତି । ପବିତ୍ର ପିଲାଟି ଦିନରୁ ନିଜ ବାପାଙ୍କଠାରୁ କଳା, ଅଭିନୟ ତାଲିମ ପାଇଥିଲେ । ବୟସ ବଢ଼ିବା ସହ ସେ ଖଣ୍ଡପଡ଼ାର ବିଭିନ୍ନ ଅଞ୍ଚଳରେ ସାମାଜିକ ନାଟକ, ଦଣ୍ଡଯାତ୍ରା, ରାମଲୀଳା କଳାକାରଙ୍କୁ ନିର୍ଦ୍ଦେଶନା ଦେଉଥିଲେ। ଜଣେ ସଂକୀର୍ତ୍ତନ ଗୁରୁ ଭାବେ ସେ ପରିଚିତ ଥିଲେ । ଅପରପକ୍ଷେ ସେ ନିଜ ଗ୍ରାମରେ ଅନେକ ନାଟକ ଓ ଦଣ୍ଡନୃତ୍ୟରେ ଅଭିନୟ କରି ବେଶ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିବା ବିଭିନ୍ନ ନାଟକ ଦର୍ଶକମାନଙ୍କ ମନକୁ ଛୁଇଁଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଏଭଳି ଜଣେ ଯୋଗ୍ୟ କଳାକାର,ନାଟ୍ୟଗୁରୁ ଓ ନିର୍ଦ୍ଦେଶକଙ୍କୁ କଳାକାର ଭତ୍ତା ପ୍ରଦାନ ସହିତ କରୋନା ସହାୟତା ଯୋଗାଇ ଦେବାକୁ ବାଣପୁର ସରପଞ୍ଚ ପ୍ରଦୀପ କୁମାର କରଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜଙ୍ଗଲ ଅଧିକାର ଆଇନକୁ ନେଇ କର୍ମଶାଳା

**ଦଶପଲ୍ଲା,୨୩।୯(ଡି.ଏନ.ଏ.)**

ପାରମ୍ପରିକ ବନବାସୀ, ଯେଉଁମାନେ ଶତାଧିକ ବର୍ଷ ଧରି ଜଙ୍ଗଲରେ ବସବାସ କରିବା ସହ ତାକୁ ସୁରକ୍ଷା ଦେଇ ଆସୁଛନ୍ତି , ସେମାନଙ୍କୁ ସେହି ଜଙ୍ଗଲକୁ ବ୍ୟବହାର କରିବାକୁ ଅଧିକାର ଦେବା ପାଇଁ ସରକାର ୨୦୦୬ରେ ଏକ ଆଇନ ପ୍ରଣୟନ କରିଥିଲେ । ସମୟାନୁକ୍ରମେ ସେ ଆଇନର ତର୍ଜମା କରାଯାଇ ପୁନଶ୍ଚ ୨୦୧୨ରେ ସରକାର ତାର ସଂଶୋଧିତ ଆଇନ ଲାଗୁ କରିଛନ୍ତି । ସେଥିରେ ବନବାସୀମାନେ ତା'ର ସୁଫଳ ପାଇ ପାରିବେ ବୋଲି ଜଙ୍ଗଲ ଅଧିକାର ଆଇନ ଉପରେ କାର୍ଯ୍ୟ କରୁଥିବା ବସୁନ୍ଧରା ଅନୁଷ୍ଠାନ ପକ୍ଷରୁ ନୀଳମଣି ମହାପାତ୍ର କହିଛନ୍ତି।

ଚଢ଼େୟାପଲ୍ଲୀ ପଞ୍ଚାୟତ ଡିମିରିତାଡି ଅଙ୍ଗନୱାଡ଼ି କେନ୍ଦ୍ରରେ ଅନୁଷ୍ଠିତ ଏହି କର୍ମଶାଳାରେ ସମିତିସଭ୍ୟ ଦଣ୍ଡଧର ମଳିକ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଶୋକ ପରିଡ଼ା ଏବଂ ନିଳମଣୀ ମହାପାତ୍ର ଯୋଗଦେଇ ଲୋକମାନେ କିପରି ନିଜ ଗ୍ରାମ୍ୟ ଜଙ୍ଗଲର ଅଧିକାର ପାଇବେ ସେ ସମ୍ପର୍କରେ ବୁଝାଇ ଥିଲେ । ନିତ୍ୟାନନ୍ଦ ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।


କର୍ମଶାଳାରେ ସାମିଲ ହୋଇଥିବା ବନବାସୀ ।

# ଜିଜିଆ କରକୁ ବଳିଗଲା ହୋଲ୍ଡିଂ ଟ୍ୟାକ୍ସ

**ନୟାଗଡ଼ ଅଫିସ,୨୩।୯**

- ନୟାଗଡ଼ ମ୍ୟୁନିସିପାଲିଟି ଟିକସ ବୋଝକୁ ନେଇ ଉଠିଲା ପ୍ରଶ୍ନ
- ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଚେତାବନୀ

ନୟାଗଡ଼ ମ୍ୟୁନିସିପାଲିଟିର ବର୍ଦ୍ଧିତ ହୋଲ୍ଡିଂ ଟିକସକୁ ନେଇ ବିଭିନ୍ନ ରାଜନୈତିକ ଦଳ, ଅନୁଷ୍ଠାନ ଓ ଜନସାଧାରଣ ସମାଲୋଚନା କରିଛନ୍ତି। ସେହି ଟିକସକୁ ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି ହୋଇଛି । ନୟାଗଡ଼ ଏନଏସିରୁ ମ୍ୟୁନିସିପାଲିଟି ହେବା ପରେ ଲୋକଙ୍କୁ ଅଯଥାରେ ଟିକସ ବୋଝରେ ଲଦି ଦେବା ଠିକ୍ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନୂଆ ଟିକସ ଲାଗୁ ହେଲେ ଏହା ଜିଜିଆ କରକୁ ବଳି ଯିବ ବୋଲି ଅଭିଯୋଗ ଉଠିଛି । ଏନେଇ ନିର୍ବାହୀ ଅଧିକାରୀ ବିଭିନ୍ନ ସଫେଇ ଦେଇଥିଲେ ମଧ୍ୟ ତାହା ସହରବାସୀଙ୍କୁ ଆଶ୍ୱସ୍ତି କରିପାରିନାହିଁ । ଏହି ଅଜବ ନିଷ୍ପତ୍ତି ବିରୋଧରେ ସହରବାସୀ ଏକାଠି ହୋଇଛନ୍ତି ।

ଏନେଇ ସିପିଏମ୍ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ମ୍ୟୁନିସିପାଲିଟକୁ ପ୍ରମୋଶନ ପରେ ସହରବାସୀ ଶାନ୍ତିରେ ରହିବା ବଦଳରେ ଅଣନିଃଶ୍ୱାସୀ ହୋଇ ପଡିଛନ୍ତି । ମ୍ୟୁନିସିପାଲିଟି ହୋଲଡିଂ ଟିକସ ସଂଶୋଧନ ଆଳରେ ଯେଉଁଭଳି ଟିକସକୁ ବହୁଗୁଣିତ କରାଯାଇଛି ତାହା ଜିଜିଆ କର ଠାରୁ ବଳିଯାଇଛି। ସହରବାସୀଙ୍କ ଉପରେ ଅତ୍ୟଧିକ ଟିକସର ବୋଝ ଲଦି ଦିଆଯିବାକୁ ବରଦାସ୍ତ କରାଯିବନାହିଁ। ଏହା ତୁରନ୍ତ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ । ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ମ୍ୟୁନିସିପାଲିଟିର ଟିକସ ବୋଝ ଧନୀଠାରୁ ଗରିବ ସମସ୍ତଙ୍କୁ କଷ୍ଟ ଦେବ। ସହରବାସୀ ବୁଝିବା ପରେ ପ୍ରତିବାଦର ସ୍ୱର ବଢ଼ିବାରେ ଲାଗିଛି । ସମୟ ଆସିବ ଜନବିରୋଧି ଟିକସକୁ ମ୍ୟୁନିସିପାଲିଟି ବାଧ ହୋଇ ପ୍ରତ୍ୟାହୃତ କରିନେବ । ନଚେତ୍ ଲୋକଙ୍କ ରୋଷର ଶିକାର ହେବାକୁ ପଡିବ । ମ୍ୟୁନିସିପାଲିଟି ପକ୍ଷରୁ ଜନ ବିରୋଧି ଟିକସକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଭାଜପା ଆନ୍ଦୋଳନ କରିବ ବୋଲି ସେ ସୂଚନା ଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କହିଛନ୍ତି, ବର୍ଦ୍ଧିତ ହୋଲ୍ଡିଂ ଟିକସକୁ ନେଇ ପ୍ରଥମେ କଂଗ୍ରେସ ଲୋକଙ୍କ ପାଖକୁ ଯାଇ ବିରୋଧ କରିଥିଲା । ବର୍ଦ୍ଧିତ ହୋଲ୍ଡିଂ ଟିକସ ସମ୍ପୂର୍ଣ୍ଣ ବେଆଇନ। ମ୍ୟୁନିସିପାଲିଟି ଆଇନ କହୁଛି ପ୍ରତି ୫ ବର୍ଷରେ ଥରେ ହୋଲ୍ଡିଂ ଟିକସ ବଢ଼ିବ। ହେଲେ ୩ ବର୍ଷ ତଳେ ବଢ଼ିଥିବା ଟିକସ ଏବେ କେଉଁ ଆଧାରରେ ବଢ଼ା ଯାଉଛି। ନୟାଗଡ଼ ସହରରୁ ୨ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖି ବର୍ଦ୍ଧିତ ଟିକସ ଲାଗୁ କରାଯାଇଛି । ଏହାରି ପଛରେ ବଡ ଷଡ଼ଯନ୍ତ୍ର ରହିଛି । ଏହା ବିରୋଧରେ କଂଗ୍ରେସ ଆନ୍ଦୋଳନ କରିବା ସହ ଆଇନର ଆଶ୍ରୟ ନେବ ବୋଲି ସେ କହିଛନ୍ତି । ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର କୁହନ୍ତି, କରୋନା ମାଡ଼ରେ ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଛି । ପୁଣି ମ୍ୟୁନିସିପାଲିଟିରେ ଜନପ୍ରତିନିଧି ନ ଥିବାବେଳେ ପ୍ରଶାସନ ହୋଲ୍ଡିଂ ଟିକସ ବଢ଼ାଇବା ଠିକ୍ ନୁହେଁ । ଟିକସ ପ୍ରତ୍ୟାହାର ନ ହେଲେ ଲୋକ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ । ସହରର ଜଣେ ମହିଳା ନିଜ ନାମ ଗୋପନ ରଖି କହିଛନ୍ତି ଏବେ ଯେଉଁ ହୋଲ୍ଡିଂ ଟିକସ ନିଆଯାଉଛି ସେଥିରେ ଉପଯୁକ୍ତ ସେବା ମିଳୁନି । ସହରରେ ଥାଇ ଗାଁରେ ରହିଲା ପରି ଲାଗୁଛି । ବିକାଶର ଡିଣ୍ଡିମ ପିଟା ଯାଉଛି। ବିକାଶକୁ ଖୋଜିଲେ ପିସି କାରବାର ଲୋକଲୋଚନକୁ ଆସୁଛି । ବିକାଶର କାର୍ଯ୍ୟକୁ ଅନୁଧ୍ୟାନ କଲେ ବିଭିନ୍ନ ପ୍ରକଳ୍ପର ସ୍ଥାୟିତ୍ୱ ରହୁନି । ମାସକ ତଳେ ହୋଇଥିବା ସଡ଼କ ଓ ଡ୍ରେନ ଫାଟି ଆଁ କରିଛି । ନୂଆ ଛାତ ଓ କାନ୍ଥ ଫାଟି ପାଣି ଗଳିଲାଣି । ବମ୍ବେ, ଦିଲ୍ଲୀ ପରି ଢ଼ାଞ୍ଚାରେ ନୟାଗଡ଼ରେ ବର୍ଦ୍ଧିତ ଟିକସ ଲାଗୁ କରିବା ଠିକ୍ ନୁହେଁ । ସମୟ ଆସିବ ଲୋକେ ଆନ୍ଦୋଳନ କରି ଟିକସ ଦେବାକୁ ଭୁଲିଯିବେ । ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ କୁହନ୍ତି, ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବର୍ଦ୍ଧିତ ହୋଲ୍ଡିଂ ଟିକସ ଲାଗୁ ହେବାର ଥିବା ମୁଁ ଜାଣି ନ ଥିଲି । ବର୍ଦ୍ଧିତ ଟିକସ ଜନବିରୋଧି ହୋଇଥିଲେ ଏହାକୁ ବିରୋଧ କରାଯିବ। ଏନେଇ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।